ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଗ୍ରାମାଞ୍ଚଳ ବିକାଶ

ପାଠ୍ୟକ୍ରମ -୨

ଭାରତରେ ଗ୍ରାମାଞ୍ଚଳ ବିକାଶ

ବ୍ଲକ୍

## ୨ ଗ୍ରାମାଞ୍ଚଳ ବିକାଶ ଓ ଆଞ୍ଚଳିକ ବୈଷମ୍ୟ

ପ୍ରଥମ ଏକକ :
ସମସ୍ୟା, ଚାହିଦା ଓ ତତ୍ତ୍ୱ : ଯୋଗାଣ ଆଧାରିତ ଗ୍ରାମାଞ୍ଚଳ ବିକାଶ, ପରିପୋଷକ ଗ୍ରାମାଞ୍ଚଳ ବିକାଶ, ସହଭାଗୀ ଗ୍ରାମାଞ୍ଚଳ ବିକାଶ

ଦ୍ୱିତୀୟ ଏକକ :
ବିକାଶର ଗାନ୍ଧୀଢାଞ୍ଚା ଓ ବିକାଶର ସମାଜବାଦୀ ଢ଼ାଞ୍ଚା

ତୃତୀୟ ଏକକ :
ଭାରତରେ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମାଞ୍ଚଳ ବିକାଶ

## ବିଶେଷଜ୍ଞ କମିଟି

୧. ଶ୍ରୀ ଜଗଦାନନ୍ଦ — ଅଧ୍ୟକ୍ଷ
ପୂର୍ବତନ ରାଜ୍ୟ ସୁଚନା ଆୟୁକ୍ତ ଏବଂ ସହ ଉଦ୍ୟୋଗୀ,
ସି.ଓ୍ୱାଇ ଏସ୍.ଡ଼ି., ଭୁବନେଶ୍ୱର, ଓଡ଼ିଶା

୨. ଡ଼କ୍ଟର ଶ୍ରୁତି ମହାପାତ୍ର — ସଭ୍ୟା
ମୁଖ୍ୟ ନିର୍ବାହୀ,
ସ୍ୱାଭିମାନ, ଭୁବନେଶ୍ୱର

୩. ଡ଼କ୍ଟର ଧର୍ମବ୍ରତ ମହାପାତ୍ର, — ସଭ୍ୟ
ବିଭାଗୀୟ ମୁଖ୍ୟ, ଗ୍ରାମ୍ୟ ବିକାଶ,
ସ୍ନାତକୋତ୍ତର ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

୪. ଡ଼କ୍ଟର ଏମ୍. ଜି. ବାଗେ — ସଭ୍ୟ
ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୫. ଶ୍ରୀମତୀ ଦୀପ୍ତି ରାୟ, — ସଭ୍ୟା
ସହ-ପ୍ରାଧ୍ୟାପିକା, ଗ୍ରାମ୍ୟ ପରିଚାଳନା ବିଭାଗ,
ନିଶ୍ୱାସ, ଭୁବନେଶ୍ୱର

୬. ଡ଼କ୍ଟର ରବିନ୍ଦ୍ର ଗାରାଡ଼େ — ସଭ୍ୟ
ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୭. ଡକ୍ଟର ଏସ୍.ଟି. ରେହମାନ — ସଂଯୋଜକ
ଶିକ୍ଷଣ ପରାମର୍ଶଦାତା,
ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

| **ଲେଖକ :** | **ସଂଯୋଜନା :** | **ଅନୁବାଦକ :** | ସଂପାଦକ |
|---|---|---|---|
| **ଡକ୍ଟର ଏସ୍. ଟି. ରେହମାନ** | **ଡକ୍ଟର ପ୍ରଦୀପ କୁମାର ପରିଡ଼ା** | **ବିଷ୍ଣୁ ଚରଣ ପ୍ରଧାନ,** | **ମହେନ୍ଦ୍ର ପ୍ରସାଦ ମିଶ୍ର** |
| ଶିକ୍ଷଣ ପରାମର୍ଶଦାତା, | ସହ - ପ୍ରଫେସର, | **ଅଧ୍ୟାପକ,** ରାଜନୀତି ବିଜ୍ଞାନ | ଭାରପ୍ରାପ୍ତ ଅଧିକାରୀ |
| ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟ | ଗ୍ରାମୀଣ ବିକାଶ ବିଭାଗ, | ବିଭାଗ, ପବିତ୍ର ମୋହନ ସ୍ମାରକୀ | ଆଞ୍ଚଳିକ କାର୍ଯ୍ୟାଳୟ,ଜୟପୁର |
| ସମ୍ବଲପୁର, ଓଡ଼ିଶା | ଭାରତ ଯୋଜନା ଓ | ସ୍ନାତକ ମହାବିଦ୍ୟାଳୟ | ଓଡ଼ିଶା ରାଜ୍ୟ ମୁକ୍ତ ବିଶବିଦ୍ୟାଳୟ |
| | ପ୍ରଶାସନ ପ୍ରତିଷ୍ଠାନ, ନୂଆଦିଲ୍ଲୀ | ରେଙ୍ଗାଳି, ଅନୁଗୋଳ | |

### Material Production

**Dr. Jayanta Kar Sharma**
Registrar
**Odisha State Open University, Sambalpur**

*© OSOU, 2019. ଗ୍ରାମାଞ୍ଚଳ ବିକାଶ ଓ ଆଞ୍ଚଳିକ ବୈଷମ୍ୟ is made available under Creative Commons Attribution-ShareAlike4.0http://creativecommons.org/licences/by-sa/4.0*
*Printed by : Sri Mandir Publication, Sahid Nagar, Bhubaneswar*

# ପ୍ରଥମ ଏକକ :
# ସମସ୍ୟା, ଚାହିଦା ଓ ତତ୍ତ୍ୱ : ଯୋଗାଣ ଆଧାରିତ ଗ୍ରାମାଞ୍ଚଳ ବିକାଶ, ପରିପୋଷକ ଗ୍ରାମାଞ୍ଚଳ ବିକାଶ, ସହଭାଗୀ ଗ୍ରାମାଞ୍ଚଳ ବିକାଶ

## ସୂଚୀପତ୍ର :


୧.୦ ପଠନର ଉଦ୍ଦେଶ୍ୟ

୧.୧ ଗ୍ରାମାଞ୍ଚଳ ବିକାଶ : ପରିଚିତି

୧.୨ ଗ୍ରାମାଞ୍ଚଳ ବିକାଶର ଉଦ୍ଦେଶ୍ୟ

୧.୩ ଗ୍ରାମାଞ୍ଚଳ ବିକାଶର ପରିସର ଓ ଗୁରୁତ୍ୱ

୧.୪ ଗ୍ରାମାଞ୍ଚଳ ବିକାଶର ଚାହିଦା ଓ ଗୁରୁତ୍ୱ

୧.୫ ଭାରତରେ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଥିବା ସମସ୍ୟା

୧.୬ ଗ୍ରାମଞ୍ଚଳ ବିକାଶ କାର୍ଯ୍ୟକ୍ରମ

୧.୭ ଗ୍ରାମାଞ୍ଚଳ ବିକାଶର ବିଭିନ୍ନ ତତ୍ତ୍ୱ

୧.୮ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ (CDP)

୧.୯ ପଞ୍ଚାୟତିରାଜ ବ୍ୟବସ୍ଥା

୧.୧୦ ଯୋଗାଣ ଭିତ୍ତିକ ଗ୍ରାମାଞ୍ଚଳ ବିକାଶ

୧.୧୧ ପରିପୋଷକ ଗ୍ରାମାଞ୍ଚଳ ବିକାଶ

୧.୧୨ ସହଭାଗୀ ଗ୍ରାମାଞ୍ଚଳ ବିକାଶ

୧.୧୩ ସାରାଂଶ

୧.୧୪ ପ୍ରମୁଖ ଶବ୍ଦାବଳୀ

୧.୧୫ ସହାୟକ ଗ୍ରନ୍ଥସୂଚୀ


## ୧.୦ ପଠନର ଉଦ୍ଦେଶ୍ୟ

- ଜାତୀୟ ବିକାଶ ଆଧାରରେ ଗ୍ରାମାଞ୍ଚଳ ବିକାଶର ସଂଜ୍ଞା ନିରୂପଣ କରିବା ।
- ଭାରତରେ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଥିବା ସମସ୍ୟା ଗୁଡ଼ିକୁ ବର୍ଣ୍ଣନା କରିବା ।
- ଗ୍ରାମାଞ୍ଚଳ ବିକାଶର ବିଭିନ୍ନ ତତ୍ତ୍ୱ ମଧ୍ୟରେ ଥିବା ପାର୍ଥକ୍ୟ ନିର୍ଦ୍ଧାରଣ କରିବା ।

## ୧.୧ ଗ୍ରାମାଞ୍ଚଳ ବିକାଶ : ପରିଚିତି

ମହାତ୍ମା ଗାନ୍ଧୀ କହିଥିଲେ, "ଭାରତ ତାର ଗ୍ରାମରେ ବାସକରେ। ଯଦି ଗ୍ରାମ ଗୁଡ଼ିକ ଧ୍ୱଂସ ହୋଇଯାଏ, ଭାରତ ମଧ୍ୟ ଧ୍ୱଂସ ହୋଇଯିବ।" ଗ୍ରାମାଞ୍ଚଳର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବିକାଶ ସଂକ୍ରାନ୍ତୀୟ ଏହି ସତ୍ୟ ପ୍ରମାଣିତ କର ଯେ, ଭାରତ ମୁଖ୍ୟତଃ ଏକ କୃଷିଭିତ୍ତିକ ରାଷ୍ଟ୍ର। ଏହାର ସମୁଦାୟ ଜନସଂଖ୍ୟାର ପ୍ରାୟ ୭୨ ପ୍ରତିଶତ ଲୋକ ଅର୍ଥାତ ପ୍ରାୟ ୮୦ କୋଟି ଲୋକ ୫ ଲକ୍ଷରୁ ଅଧିକ ଗ୍ରାମରେ ବାସ କରନ୍ତି। କୃଷି ହେଉଛି ଜୀବିକାନିର୍ବାହର ମୁଖ୍ୟ ବୃତ୍ତି। ମୁଖ୍ୟତଃ କ୍ଷୁଦ୍ର ଓ ନାମମାତ୍ର କୃଷକ, କୃଷି ଶ୍ରମିକ, ହସ୍ତଶିଳ୍ପୀ ଓ ତଫସିଲଭୁକ୍ତ ଜାତି ତଥା ଉପଜାତିଙ୍କୁ ନେଇ ଗ୍ରାମାଞ୍ଚଳ ଜନ ସଂଖ୍ୟା ଗଠିତ। ଏହି ଗ୍ରାମାଞ୍ଚଳ ଜନସଂଖ୍ୟାର ଏକ ବୃହତ ଅଂଶ (୨୦୦ ନିୟୁତରୁ ଅଧିକ) ଏବେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରନ୍ତି ଓ ଏମାନେ ହିଁ ଗ୍ରାମାଞ୍ଚଳ ବିକାଶ ଯୋଜନାର କେନ୍ଦ୍ର ବିନ୍ଦୁ। ମହାତ୍ମା ଗାନ୍ଧୀଙ୍କର ପ୍ରାକ୍‌ସ୍ୱାଧୀନତା ସମୟ ଓ ୧୯୪୭ ମସିହାରେ ଦେଶ ସ୍ୱାଧୀନତା ପ୍ରାପ୍ତି ପରଠାରୁ ଆଜିପର୍ଯ୍ୟନ୍ତ ପ୍ରତ୍ୟେକ ସରକାର ଗ୍ରାମାଞ୍ଚଳର ବିକାଶ ନିମନ୍ତେ ପ୍ରତିଶ୍ରୁତି ବଦ୍ଧ।

**ଗ୍ରାମାଞ୍ଚଳ :** ୱେବଷ୍ଟର ଶବ୍ଦକୋଷ ଅନୁସାରେ ଗ୍ରାମାଞ୍ଚଳ କହିଲେ "ଖୋଲା ଜାଗା ବା ଅଞ୍ଚଳକୁ'' ବୁଝାଏ। ଠିକ୍ ସେହିପରି ଯୁକ୍ତରାଷ୍ଟ୍ର ଆମେରିକାର ଜନଗଣନା ଅନୁସାରେ ଗ୍ରାମାଞ୍ଚଳ କହିଲେ ସହରାଞ୍ଚଳ ବାହାରେ ବସବାସ କରୁଥିବା ଓ କୃଷି ଉପରେ ନିର୍ଭର କରୁଥିବା ସମସ୍ତ ବ୍ୟକ୍ତି ମାନଙ୍କୁ ଗ୍ରାମୀଣ କୁହାଯାଏ। ତେଣୁ ଗ୍ରାମାଞ୍ଚଳ ହେଉଛି ଏକ ଅଞ୍ଚଳ ଯେଉଁଠାରେ ଲୋକମାନେ ମୁଖ୍ୟତଃ ପ୍ରାଥମିକ ଶିଳ୍ପରେ ନିୟୋଜିତ ହୋଇ ଥାଆନ୍ତି। ଏହାକୁ ଏଥିପାଇଁ କୁହାଯାଏ ଯେ, ଶ୍ରୀନିବାସନ୍‌ଙ୍କ ମତାନୁସାରେ ଏହି ଲୋକମାନେ ପ୍ରକୃତିର ସହାୟତାରେ ପ୍ରଥମେ ସିଧାସଳଖ ଦ୍ରବ୍ୟ ଉତ୍ପାଦନ କରନ୍ତି।

ଗ୍ରାମାଞ୍ଚଳ ଗୁଡ଼ିକ ବଡ଼ବଡ଼ ସହର ଓ ନଗରୀର ପ୍ରଭାବରୁ ମୁକ୍ତ ହେବା ସହ ବିକ୍ଷିପ୍ତ ଭାବରେ ଦେଖିବାକୁ ମିଳେ। ଅଧିକ ଘନତ୍ୱ ବିଶିଷ୍ଟ ସହର ଓ ଅର୍ଦ୍ଧନଗରୀ ତଥା ଅଣ ଜନଜସତି ସମ୍ପନ୍ନ ଅଞ୍ଚଳ ଯଥା କୃଷି ଅନୁପଯୋଗୀ ବା ହିଂସ୍ରଜନ୍ତୁ ଆତଯାତ ଅଞ୍ଚଳ ଗୁଡ଼ିକ ଠାରୁ ଏହି ଅଞ୍ଚଳ ଗୁଡ଼ିକ ସମ୍ପୂର୍ଣ୍ଣ ପୃଥକ। ଲୋକମାନେ ଗାଁ ରେ, କୃଷିକ୍ଷେତ୍ରରେ ଓ ଅନ୍ୟାନ୍ୟ ବିଛିନ୍ନ ହୋଇ ରହିଥିବା ଘର ଗୁଡ଼ିକରେ ବାସ କରନ୍ତି। ଗ୍ରାମାଞ୍ଚଳରେ କୃଷିର ପ୍ରାଧାନ୍ୟ ରହିଥିଲେ ମଧ୍ୟ କେତେକ ଅଞ୍ଚଳର ଅର୍ଥନୀତି ମତ୍ସ୍ୟଚାଷ, ଖଣିଖାଦାନ, ତୈଳ ଓ ବାଷ୍ପ ଉତ୍ତୋଳନ ଅଥବା ପର୍ଯ୍ୟଟନ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଜୀବନ ଶୈଳୀ ସହରାଞ୍ଚଳ ଲୋକ ମାନଙ୍କଠାରୁ ଅଲଗା। କାରଣ ଗ୍ରାମାଞ୍ଚଳରେ ସୀମିତ ସମ୍ବଳ ଓ ସୁବିଧା ସୁଯୋଗ ଉପଲବ୍ଧ ହୋଇଥାଏ। ଆଇନ ପ୍ରବର୍ତ୍ତନ, ବିଦ୍ୟାଳୟ, ଅଗ୍ନିଶମ ବିଭାଗ ତଥା ପାଠାଗାର ଇତ୍ୟାଦି ସରକରୀ ସୁବିଧା ସୁଯୋଗ ଓ ସେବା ଏଠାରେ ଅପହଞ୍ଚ ହୋଇଥାଏ ବା ସୀମିତ ହୋଇଥାଏ। ଜଳ,ପରିମଳ,ଜଳ ନିଷ୍କାସନ, ପଥପାର୍ଶ୍ୱ ଆଲୋକ ବ୍ୟବସ୍ଥା ଓ ଅଳିଆ ଆବର୍ଜନା ସଂଗ୍ରହ ଇତ୍ୟାଦି ସୁବିଧା ଗୁଡ଼ିକ ଏଠାରେ ଉପଲବ୍ଧ ହୋଇନଥାଏ। ସାଧାରଣ ପରିବହନ ବେଳେବେଳେ ଉପଲବ୍ଧ ହୋଇ ନଥାଏ ବା ଖୁବ୍ ସୀମିତ ହୋଇଥାଏ। ଲୋକମାନେ ନିଜ ଯାନବାହନ ବ୍ୟବହାର କରନ୍ତି ବା ପାଦରେ ଚାଲିଚାଲି ବା ପଶୁମାନଙ୍କ ପିଠିରେ ଚଢ଼ି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯା'ଆସ କରନ୍ତି।

ଜନସଂଖ୍ୟାର ଘନତ୍ୱର ସ୍ୱଳ୍ପତା, ସ୍ୱଳ୍ପ ସାମାଜିକ ବିବିଧତା, ସ୍ୱଳ୍ପ ସାମାଜିକ ଗତିଶୀଳତା, ସାମାଜିକ ପରିବର୍ତ୍ତନର ମନ୍ଥରତାକୁ ଆଧାରକରି କୌଣସି ଏକ ସମାଜ ବା ଗୋଷ୍ଠୀକୁ ଗ୍ରାମୀଣ ବା ଗ୍ରାମାଞ୍ଚଳ ବୋଲି ଅଭିହିତ କରାଯାଇପାରିବ । ଗ୍ରାମାଞ୍ଚଳରେ କୃଷି ହିଁ ଜୀବିକା ନିର୍ବାହର ପ୍ରମୁଖ ବୃତ୍ତି ।

**ବିକାଶ :** ଏହା ଅଭିବୃଦ୍ଧି, ବିବର୍ତ୍ତନ ଓ ପ୍ରବର୍ତ୍ତନର ବିଭିନ୍ନ ସ୍ତର ବା ପ୍ରଗତିକୁ ବୁଝାଇ ଥାଏ । ଏହି ପ୍ରଗତି ବା ଅଭିବୃଦ୍ଧିର ବେଗ ଖୁବ୍ ମନ୍ଥର ଓ ଏହା ବିଭିନ୍ନ ଅନୁକ୍ରମିକ ସ୍ତର ଦେଇ ଗତିକରିଥାଏ । ଏଥିରେ ସବୁବେଳେ ବିବିଧତା ବୃଦ୍ଧି ପାଇଥାଏ । ଏହା ମଧ୍ୟ ଅଧିକରୁ ଅଧିକ କାର୍ଯ୍ୟଦକ୍ଷତା ଓ ଜଟିଳ ପରିସ୍ଥିତି ଆଡ଼କୁ ସାମଗ୍ରିକ ଗତିକୁ ବୁଝାଇଥାଏ ।

**ଗ୍ରାମାଞ୍ଚଳ ବିକାଶ :** ଏନ୍‌ସ୍‌ମିଙ୍ଗର (Ensminger,1974) ଙ୍କ ମତାନୁସାରେ, ଗ୍ରାମାଞ୍ଚଳ ବିକାଶ ହେଉଛି ପରିବର୍ତ୍ତନର ଏକ ପ୍ରକ୍ରିୟା । ଏଥିରେ ପରମ୍ପରା ଆଧାରିତ ଗ୍ରାମୀଣ ସଂସ୍କୃତି, ବିଜ୍ଞାନ ଓ ଶିଳ୍ପଶାସ୍ତ୍ରକୁ ଆଧାର କରି ଗ୍ରହଣୀୟ ଓ ନିର୍ଭରଯୋଗ୍ୟ ହୋଇଥାଏ । ଲୀଲା, (Leela,1975)୧୯୭୫ ଗ୍ରାମାଞ୍ଚଳ ବିକାଶର ସଂଜ୍ଞା ଦେବାକୁ ଯାଇ କହନ୍ତି ଯେ ଗ୍ରାମାଞ୍ଚଳରେ ବାସ କରୁଥିବା ସ୍ୱଳ୍ପ ଆୟକାରୀ ଲୋକମାନଙ୍କର ଜୀବନ ଧାରଣର ମାନବୃଦ୍ଧି କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାର ପ୍ରକ୍ରିୟା ହେଉଛି ଗ୍ରାମାଞ୍ଚଳ ବିକାଶ । ଅଗ୍ରୱାଲ (୧୯୮୯) ଙ୍କ ମତରେ ଗ୍ରାମାଞ୍ଚଳ ଦରିଦ୍ର ଭଳି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନଙ୍କର ଆର୍ଥିକ ଓ ସାମାଜିକ ଜୀବନରେ ଉନ୍ନତି ଆଣିବା ପାଇଁ ଉଦ୍ଦିଷ୍ଟ ପଦକ୍ଷେପକୁ ଗ୍ରାମାଞ୍ଚଳ ବିକାଶ କୁହାଯାଏ । ବିଭିନ୍ନ ଢଙ୍ଗରେ ଗ୍ରାମାଞ୍ଚଳ ବିକାଶର ସଂଜ୍ଞା ନିରୂପଣ କରାଯାଇପାରେ । କିନ୍ତୁ ସମସ୍ତ ଦୃଷ୍ଟି କୋଣରୁ ଏହା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଆର୍ଥିକ ବିକାଶରେ ସହାୟତାକୁ ବୁଝାଇଥାଏ । ଏଣୁ ଏତିକି କୁହାଯାଇ ପାରିବ ଯେ, ଭାରତ ଭଳି ଏକ କୃଷି ପ୍ରଧାନ ରାଷ୍ଟ୍ରରେ ଗ୍ରାମାଞ୍ଚଳ ବିକାଶ ଅତ୍ୟନ୍ତ ଜରୁରୀ । ଗ୍ରାମଞ୍ଚଳ ବିକାଶ ବିନା କୌଣସି ନିରନ୍ତର ବା ପରିପୋଷକ ବିକାଶ ହୋଇପାରିବ ନାହିଁ। ବିଶ୍ୱ ବ୍ୟାଙ୍କ୍ (୧୯୯୭)ର ତଥ୍ୟ ଅନୁସାରେ, ''ଦାରିଦ୍ର୍ୟ ହ୍ରାସର ଚାରୋଟି ମୁଖ୍ୟ ଲକ୍ଷ୍ୟ ଯଥା – ଅଧିକରୁ ଅଧିକ ଭାଗିଦାରୀ ବୃଦ୍ଧି, ପରିବାର, ଜାତୀୟ ଓ ବିଶ୍ୱ ଖାଦ୍ୟ ସୁରକ୍ଷା ଏବଂ ପ୍ରାକୃତିକ ସମ୍ବଳର ନିରନ୍ତର ପରିଚାଳନା ନିମନ୍ତେ ନିରନ୍ତର ଗ୍ରାମାଞ୍ଚଳ ବିକାଶର ଗୁରୁତ୍ୱପୂର୍ଣ୍ଣ ଅବଦାନ ।''

**" ଗ୍ରାମାଞ୍ଚଳ ବିକାଶ" ଉପରେ ମିଳିତ ଜାତିସଂଘର ସଂଜ୍ଞା :** ଗ୍ରାମାଞ୍ଚଳ ବିକାଶ ହେଉଛି ପରିବର୍ତ୍ତନର ଏକ ପ୍ରକ୍ରିୟା । ଏହାଦ୍ୱାରା ଲୋକମାନେ ନିଜେ ନିଜେ ମିଳିମିଶି ସରକାରୀ କର୍ତ୍ତୃପକ୍ଷଙ୍କ ସହାୟତାରେ ସେମାନଙ୍କର ଆର୍ଥିକ, ସାମାଜିକ ଓ ସମାଜର ସାଂସ୍କୃତିକ ଅବସ୍ଥାରେ ଉନ୍ନତି ଆଣି ଜାତୀୟଜୀବନ ସହ ନିଜକୁ ସାମିଲ କରିଥାନ୍ତି ଓ ଜାତୀୟ କାର୍ଯ୍ୟକ୍ରମରେ ସଂପୂର୍ଣ୍ଣ ସହାୟତା ପ୍ରଦାନ ନିମନ୍ତେ ସକ୍ଷମ ହୋଇଥାଆନ୍ତି । ତେଣୁ ଗ୍ରାମାଞ୍ଚଳର ଲୋକମାନଙ୍କର ପାରମ୍ପରିକ ଜୀବନଶୈଳୀର ପରିବର୍ତ୍ତନ ଆଣି ପ୍ରଗତିଶୀଳ କରିବା ନିମନ୍ତେ ଗ୍ରାମାଞ୍ଚଳ ବିକାଶ ଏକପ୍ରକ୍ରିୟା । ଏହାକୁ ମଧ୍ୟ ପ୍ରଗତି ନିମନ୍ତେ ଏକ ଆନ୍ଦୋଳନ ବୋଲି ଅଭିହିତ କରାଯାଇଥାଏ ।

## ୧.୨ ଗ୍ରାମାଞ୍ଚଳ ବିକାଶର ଉଦ୍ଦେଶ୍ୟ

ଆର୍ଥିକ ବିକାଶର ପରିସ୍ରାବଣ ତତ୍ତ୍ୱ (Percolation Theory) ର ଉପଯୋଗର ଅଭାବତା, ସହରାଞ୍ଚଳ ଭିତ୍ତିକ ବିକାଶ ଓ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଏବଂ ବେକାରୀ କାରଣରୁ ଗ୍ରାମାଞ୍ଚଳ ବିକାଶ ଏକ ପ୍ରସଙ୍ଗ ଭାବେ ସୃଷ୍ଟି ହୋଇଥିବାର ଜଣାଯାଏ।

**ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟଗୁଡ଼ିକ ହେଉଛି :-**

- ଗ୍ରାମାଞ୍ଚଳରେ ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବୃଦ୍ଧି କରିବା।
- ବଡ଼ଧରଣର ସାମାଜିକ ଓ ଆର୍ଥିକ ସମତା ଆଣିବା।
- ସାମାଜିକ ଓ ଆର୍ଥିକ ବିକାଶରେ ବଡ଼ଧରଣର ସନ୍ତୁଳନତା ଆଣିବା।
- ପ୍ରାକୃତିକ ପରିବେଶରେ ଅଭିବୃଦ୍ଧି ଆଣିବା ଯେପରି ଏହା ଉନ୍ନତି ଓ ସୁଖଶାନ୍ତି ଆଣିବା ନିମନ୍ତେ ସହାୟକ ହେବ।
- ବିକାଶ ପ୍ରକ୍ରିୟାରେ ସଂଘବଦ୍ଧ ସହଭାଗୀତା ବୃଦ୍ଧି କରିବା।

## ୧.୩ ଗ୍ରାମାଞ୍ଚଳ ବିକାଶର ପରିସର ଓ ଗୁରୁତ୍ୱ

ଗ୍ରାମାଞ୍ଚଳ ବିକାଶ ଏକ ଶକ୍ତିଶାଳୀ ପ୍ରକ୍ରିୟା। ଏହା ସାଧାରଣତଃ ଗ୍ରାମାଞ୍ଚଳ ସହିତ ସଂଶ୍ଲିଷ୍ଟ। କୃଷି ଉତ୍ପାଦନ ବୃଦ୍ଧି, ଅର୍ଥନୈତିକ ଓ ସାମାଜିକ ଭିତ୍ତିଭୂମିର ପ୍ରସାର, ଉପଯୁକ୍ତ ମଜୁରୀ, ଗୃହହୀନ ମାନଙ୍କ ନିମନ୍ତେ ଗୃହ ନିର୍ମାଣ ଓ ଗୃହ ନିର୍ମାଣ ନିମନ୍ତେ ଜମି, ଗ୍ରାମ୍ୟ ଯୋଜନା, ସାଧାରଣ ସ୍ୱାସ୍ଥ୍ୟ, ଶିକ୍ଷା, ସାକ୍ଷରତା ଓ ଯୋଗାଯୋଗ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ। ଗ୍ରାମାଞ୍ଚଳ ବିକାଶ ଏକ ଜାତୀୟ ଆବଶ୍ୟକତା ଓ ନିମ୍ନଲିଖିତ କାରଣ ନିମନ୍ତେ ଭାରତ ପାଇଁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି।

୧. ଭାରତର ସମୁଦାୟ ଜନସଂଖ୍ୟାର ପ୍ରାୟ ତିନି – ଚତୁର୍ଥାଂଶ ଗ୍ରାମାଞ୍ଚଳର ବାସ କରନ୍ତି। ତେଣୁ ସାମଗ୍ରୀକ ଭାବରେ ଦେଶର ବିକାଶ ନିମନ୍ତେ ଗ୍ରାମାଞ୍ଚଳର ବିକାଶ ଆବଶ୍ୟକ।

୨. ଦେଶର ଜାତୀୟ ଆୟର ପ୍ରାୟ ଅର୍ଦ୍ଧେକ କୃଷିରୁ ଆସିଥାଏ ଓ ଏହାହିଁ ଗ୍ରାମୀଣ ଭାରତର ମୁଖ୍ୟ ବୃତ୍ତି।

୩. ଭାରତର ସମୁଦାୟ ଜନସଂଖ୍ୟାର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ମାଧ୍ୟମରେ ନିଯୁକ୍ତି ପାଇଥାଆନ୍ତି।

୪. କଳ କାରଖାନାରେ ବ୍ୟବହୃତ କଞ୍ଚାମାଲର ସିଂହଭାଗ କୃଷି ଓ ଗ୍ରାମାଞ୍ଚଳ କ୍ଷେତ୍ରରୁ ଆସିଥାଏ।

୫. ଗ୍ରାମାଞ୍ଚଳ ଲୋକମାନଙ୍କର ଆଗ୍ରହ ଓ ଶିଳ୍ପଜାତ ଦ୍ରବ୍ୟ ଗୁଡ଼ିକୁ କିଣିବା ନିମନ୍ତେ କ୍ରୟଶକ୍ତି ବୃଦ୍ଧି ଯୋଗୁଁ ଶିଳ୍ପାଞ୍ଚଳ ଜନସଂଖ୍ୟା ବୃଦ୍ଧି ପାଇଥାଏ।

୬. ସହରାଞ୍ଚଳର ମୁଷ୍ଟିମେୟ ଲୋକ ଓ ଗ୍ରାମାଞ୍ଚଳର ଗରିବଙ୍କ ମଧ୍ୟରେ ପାର୍ଥକ୍ୟ ବୃଦ୍ଧି ଯୋଗୁଁ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇଥାଏ। ଗ୍ରାମାଞ୍ଚଳର ଲୋକମାନଙ୍କର ଆର୍ଥିକ ଓ ସାମାଜିକ ସ୍ତର ବୃଦ୍ଧି କରିବା ହେଉଛି ଗ୍ରାମାଞ୍ଚଳ ବିକାଶର ମୁଖ୍ୟଲକ୍ଷ୍ୟ।

ନିର୍ଦ୍ଦିଷ୍ଟ ଲକ୍ଷ୍ୟ : -

୧) କୃଷିକ୍ଷେତ୍ର, ଗୃହ, ସାଧାରଣ ସେବା ଓ ଗ୍ରାମ୍ୟସମାଜର ବିକାଶ କରିବା।

୨) ଶସ୍ୟ ଉତ୍ପାଦନ ଓ ପଶୁ ମାନଙ୍କର ବାସସ୍ଥାନର ଅବସ୍ଥାରେ ଉନ୍ନତି ଆଣିବା।

୩) ଗ୍ରାମାଞ୍ଚଳ ଲୋକମାନଙ୍କର ସ୍ୱାସ୍ଥ୍ୟ ଓ ଶିକ୍ଷାର ଅବସ୍ଥାରେ ଉନ୍ନତି ଆଣିବା।

୪) ଗ୍ରାମବାସୀଙ୍କ ଉଦ୍ୟମରେ ସେମାନଙ୍କର ଉନ୍ନତି କରିବା।

୫) ଗ୍ରାମାଞ୍ଚଳରେ ଗମନାଗମନରେ ଉନ୍ନତି ଆଣିବା।

## ୧.୪ ଗ୍ରାମାଞ୍ଚଳ ବିକାଶର ଚାହିଦା ଓ ଗୁରୁତ୍ୱ

ଗ୍ରାମାଞ୍ଚଳ ବିକାଶ ଏକ ଧାରଣା, ଏକ ପ୍ରସଙ୍ଗ, ଏକ କୌଶଳ ଓ ଏକ ପଠନ ଶୃଂଖଳା। ଏକ ଧାରଣା ହିସାବରେ ,ଗ୍ରାମାଞ୍ଚଳ ଲୋକମାନଙ୍କର ଜୀବନ ଧାରଣର ମାନରେ ଉନ୍ନତିକୁ ଆଖି ଆଗରେ ରଖି ଏହା ଗ୍ରାମାଞ୍ଚଳର ସାମଗ୍ରିକ ବିକାଶକୁ ସୂଚୀତ କରେ। ଏହି ଦୃଷ୍ଟିରୁ ଏହା ଏକ ବ୍ୟାପକ ଓ ବହୁମୁଖୀ ପ୍ରସଙ୍ଗ। ଏହା କୃଷିର ବିକାଶ ସହ କେତେକ ସହାୟକ କାର୍ଯ୍ୟ, ଯଥା – ଗ୍ରାମ୍ୟ ଓ କୁଟୀର ଶିଳ୍ପ, ହସ୍ତ ଶିଳ୍ପ, ସାମାଜିକ ତଥା ଅର୍ଥନୈତିକ ଭିତ୍ତିଭୂମି, ସାମାଜିକ ସେବା ଓ ସୁବିଧା ସୁଯୋଗ ଏବଂ ସର୍ବୋପରି ଗ୍ରାମାଞ୍ଚଳର ମାନବ ସମ୍ବଳର ବିକାଶକୁ ବୁଝାଇଥାଏ।

ଏକ ପ୍ରସଙ୍ଗ ହିସାବରେ,ଏହା ବିଭିନ୍ନ ପ୍ରକାର ପ୍ରାକୃତିକ, ବୈଷୟିକ, ଆର୍ଥିକ, ସାମାଜିକ, ସାଂସ୍କୃତିକ ଓ ଆନୁଷ୍ଠାନିକ ଉପାଦାନର ପାରସ୍ପରିକ ପ୍ରକ୍ରିୟାର ପ୍ରତିଫଳନ। ଏକ କୌଶଳ ହିସାବରେ, ଏହା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକଯଥା ଗ୍ରାମାଞ୍ଚଳ ଲୋକମାନଙ୍କର ଆର୍ଥିକ ଓ ସାମାଜିକ ଅବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଉଦ୍ଦିଷ୍ଟ। ପଠନର ଏକ ବିଭାଗ ହିସାବରେ ଏହା ପ୍ରକୃତି ଦୃଷ୍ଟିକୋଣରୁ ବହୁମୁଖୀ। ଏହା କୃଷି, ସାମାଜିକ, ବ୍ୟବହାରିକ, ଯାନ୍ତ୍ରିକ ଓ ପରିଚାଳନା ବିଜ୍ଞାନର ଏକ ସମ୍ମିଳନ।

ଗ୍ରାମାଞ୍ଚଳ ବିକାଶ ଏକ ଜାତୀୟ ଆବଶ୍ୟକତା ଓ ନିମ୍ନଲିଖିତ କାରଣ ଯୋଗୁଁ ଭାରତରେ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି।

୧) ଗ୍ରାମାଞ୍ଚଳ ସଂସ୍କୃତି, ସମାଜ, ଅର୍ଥନୀତି, ବୈଷୟିକ ଜ୍ଞାନ ଓ ସ୍ୱାସ୍ଥ୍ୟର ସାମଗ୍ରିକ ଭାବରେ ବିକାଶ ସାଧନ କରିବା।

୨) ଗ୍ରାମାଞ୍ଚଳ ଲୋକମାନଙ୍କର ଜୀବନଧାରଣର ବିକାଶ କରିବା।

୩) ଗ୍ରାମାଞ୍ଚଳରେ ଯୁବକ, ଶିଶୁ ଓ ମହିଳା ମାନଙ୍କର ବିକାଶକରିବା।

୪) ଗ୍ରାମାଞ୍ଚଳର ମାନବ ସମ୍ବଳର ମନୋବିଜ୍ଞାନ, କୌଶଳ, ଜ୍ଞାନ, ମାନସିକତା ଓ ଅନ୍ୟାନ୍ୟ ଦକ୍ଷତାର ବିକାଶ ଓ ସଶକ୍ତିକରଣ କରିବା।

୫) ଗ୍ରାମାଞ୍ଚଳରେ ଭିତ୍ତିଭୂମି ସୁବିଧା ସୁଯୋଗର ବିକାଶ କରିବା।

୬) ଗ୍ରାମାଞ୍ଚଳର ଲୋକମାନଙ୍କୁ ପାନୀୟଜଳ, ଶିକ୍ଷା, ପରିବହନ, ବିଦ୍ୟୁତଶକ୍ତି ଓ ଯୋଗାଯୋଗ ଭଳି ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇବା।

୭) ଗ୍ରାମାଞ୍ଚଳ ଅନୁଷ୍ଠାନ ଯଥା ଗ୍ରାମପଞ୍ଚାୟତ,ସମବାୟ ଅନୁଷ୍ଠାନ, ପୋଷ୍ଟ ଅଫିସ, ବ୍ୟାଙ୍କ୍ ଓ ଋଣ ପ୍ରଦାନକାରୀ ସଂସ୍ଥା ଗୁଡ଼ିକର ବିକାଶ ସାଧନ କରିବା।

୮) ଗ୍ରାମାଞ୍ଚଳ କାରିଗର ଓ ହସ୍ତଶିଳ୍ପୀ ମାନଙ୍କର ଉନ୍ନତି ଏବଂ କୃଷକ, ଅଣକୁଶଳୀ କୃଷି ଶ୍ରମିକ, ଛୋଟବଡ଼ ଉଦ୍ୟୋଗୀ ମାନଙ୍କର ଆର୍ଥିକ ବିକାଶ ନିମନ୍ତେ ସହାୟତା ପ୍ରଦାନ କରିବା।

୯) ହସ୍ତଶିଳ୍ପ, କ୍ଷୁଦ୍ରଶିଳ୍ପ, ଗ୍ରାମ୍ୟ ଶିଳ୍ପ, ଗ୍ରାମାଞ୍ଚଳ ଶିଳ୍ପ ବିଦ୍ୟା, କୁଟୀର ଶିଳ୍ପ ଓ ଗ୍ରାମାଞ୍ଚଳରେ କାର୍ଯ୍ୟକ୍ଷମ ଅନ୍ୟାନ୍ୟ ସଂଶ୍ଳିଷ୍ଟ ଆର୍ଥିକ କାରାବାରର ବିକାଶ ମାଧ୍ୟମରେ ଗ୍ରାମାଞ୍ଚଳ ଶିଳ୍ପର ବିକାଶ ସାଧନ କରିବା।

୧୦) କୃଷି, ପଶୁ ସମ୍ପଦ ଓ ଅନ୍ୟାନ୍ୟ କୃଷି ବିଜଡ଼ିତ କ୍ଷେତ୍ରର ବିକାଶ ସାଧନ କରିବା।

୧୧) ଅଣକୃଷି ଜମିର ପୁନରୁଦ୍ଧାର, ଜଳ ସେଚନ ସୁବିଧା ପ୍ରଦାନ, ଉନ୍ନତ ବିହନ ଓ ସାର ବ୍ୟବହାର ନିମନ୍ତେ କୃଷକ ମାନଙ୍କୁ ପ୍ରୋତ୍ସାହନ, ଉନ୍ନତ ପ୍ରଣାଳୀରେ ଫସଲ ଚାଷ ଓ ମୃତ୍ତିକା ସଂରକ୍ଷଣର ପଦ୍ଧତି ସମ୍ପର୍କରେ ପରାମର୍ଶ ପ୍ରଦାନ।

୧୨)ଗ୍ରାମାଞ୍ଚଳର ଲୋକମାନଙ୍କର ଆମୋଦପ୍ରମୋଦ ଓ ଚିତ୍ତବିନୋଦନ ସୁବିଧା ସୁଯୋଗରେ ଉନ୍ନତି ଆଣିବା।

୧୩) ଗ୍ରାମାଞ୍ଚଳରେ ନେତୃତ୍ୱ ନେବାର ଗୁଣର ବିକାଶ କରିବା।

୧୪) ଗ୍ରାମାଞ୍ଚଳର ବିପଣନ ସୁବିଧାରେ ଉନ୍ନତି ଆଣିବା।

୧୫) ସହରାଞ୍ଚଳର ଓ ଗ୍ରାମାଞ୍ଚଳରେ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗ ଗୁଡ଼ିକ ମଧ୍ୟରେ ଥିବା ତାରତମ୍ୟକୁ ହ୍ରାସ କରିବା।

୧୬) ସାମଗ୍ରିକ ଭାବରେ ରାଜ୍ୟ ଓ ଦେଶର ବିକାଶରେ ଗ୍ରାମାଞ୍ଚଳ ଲୋକମାନଙ୍କର ସହଭାଗୀତାରେ ଉନ୍ନତି ଆଣିବା।

୧୭) ଗ୍ରାମାଞ୍ଚଳ ଲୋକମାନଙ୍କ ନିମନ୍ତେ ନିଯୁକ୍ତିର ପରିସରକୁ ବୃଦ୍ଧିକରିବା।

୧୮) ଗ୍ରାମାଞ୍ଚଳର ନିରନ୍ତର ବିକାଶ ସାଧନ।

୧୯) ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ।

୨୦) ନିଜର ବିକାଶ ନିମନ୍ତେ ଗ୍ରାମାଞ୍ଚଳ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକର ସମାଧାନ କରିବା।

## ୧.୫ ଭାରତରେ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଥିବା ସମସ୍ୟା

**୧) ମାନବ ସୃଷ୍ଟ ସମସ୍ୟା :**

(କ) ପାରମ୍ପରିକ ଚିନ୍ତାଧାରା

(ଖ) ବିକାଶମୂଳକ ଉଦ୍ୟମ ଓ ନୂତନ ଜ୍ଞାନକୌଶଳକୁ ବୁଝିବା ନିମନ୍ତେ ନିମ୍ନ ମାନର ଶିକ୍ଷା।

(ଗ) ମନୋବିଜ୍ଞାନ ଓ ବୈଜ୍ଞାନିକ ଚିନ୍ତାଧାରାର ଅଭାବ।

(ଘ) ଆତ୍ମବିଶ୍ୱାସର ଅଭାବ।

(ଙ) ଦୁର୍ବଳ ସଚେତନତା।

**୨) କୃଷିଭିତ୍ତିକ ସମସ୍ୟା :**

(କ) ଆଶାଜନକ ସଚେତନତା, ଜ୍ଞାନ, କୌଶଳ ଓ ମାନସିକତାର ଅଭାବ।

(ଖ) ଉତ୍ପାଦନ ଲାଗି ନିୟୋଜିତ ଯନ୍ତ୍ର ଓ ଶକ୍ତିର ଅଭାବ।

(ଗ) ଦୁର୍ବଳ ବିପଣନ ସୁବିଧା।

(ଘ) ସଂପ୍ରସାରଣ କର୍ମଚାରୀ ଓ ସେବାର ଅଭାବ।

(ଙ) ସଂପ୍ରସାରଣ କର୍ମଚାରୀମାନଙ୍କୁ ବହୁମୁଖୀ କାର୍ଯ୍ୟ ପ୍ରଦାନ।

(ଚ) କ୍ଷୁଦ୍ରାକୃତି ଚାଷଜମି।

(ଛ) ଜମି ବିଭାଜନ।

(ଜ) କାମ କରିବା ନିମନ୍ତେ ଅନାଗ୍ରହ ଓ ଗ୍ରାମାଞ୍ଚଳରେ ବସବାସ।

**(୩) ଭିତ୍ତିଭୂମି ସମସ୍ୟା :**

ଦୁର୍ବଳ ଭିତ୍ତିଭୂମି ସୁବିଧା ଯଥା – ଜଳ, ବିଦ୍ୟୁତଶକ୍ତି, ପରିବହନ, ଶିକ୍ଷାନୁଷ୍ଠାନ, ଯୋଗାଯୋଗ, ସ୍ୱାସ୍ଥ୍ୟ, ସଂରକ୍ଷଣ ସୁବିଧା ଇତ୍ୟାଦିର ଅଭାବ।

**(୪) ଆର୍ଥିକ ସମସ୍ୟା :**

(କ) ଉନ୍ନତଧରଣର ଜ୍ଞାନ କୌଶଳର ପ୍ରୟୋଗ ନିମନ୍ତେ ପ୍ରତିକୂଳ ଆର୍ଥିକ ବ୍ୟବସ୍ଥା।

(ଖ) ଉତ୍ପାଦନ ଲାଗି ନିୟୋଜିତ ଯନ୍ତ୍ରପାତି ଓ ଶକ୍ତିର ଅତ୍ୟଧିକ ଦର।

(ଗ) ନିମ୍ନ ମାନର ଗ୍ରାମ୍ୟ ଶିଳ୍ପ

**(୫) ସାମାଜିକ ଓ ସାଂସ୍କୃତିକ ସମସ୍ୟା :**

(କ) ସାଂସ୍କୃତିକ ନୀତି ନିୟମ ଓ ପରମ୍ପରା ।

(ଖ) ଗୋଷ୍ଠୀ, ଜାତି, ଧର୍ମ, ଅଞ୍ଚଳ ଓ ଭାଷା ଇତ୍ୟାଦି ମଧ୍ୟରେ ବିବାଦ ଓ ଆନ୍ତଃ ବିବାଦ।

**(୬) ପ୍ରଶାସନିକ ସମସ୍ୟା :**

(କ) ଆଗରୁ ଅଧିକାଂଶ କାର୍ଯ୍ୟକ୍ରମ ଉପରୁ ତଳ ପର୍ଯ୍ୟନ୍ତ ଯୋଜନା ଭିତ୍ତିକ ସହ ଲକ୍ଷ୍ୟ ଧାର୍ଯ୍ୟ ଉଦ୍ଦିଷ୍ଟ ଥିଲା।

(ଖ) ରାଜନୈତିକ ହସ୍ତକ୍ଷେପ।

(ଗ) ପ୍ରୋତ୍ସାହନ ଓ ଆଗ୍ରହର ଅଭାବ।

(ଘ) ଗ୍ରାମାଞ୍ଚଳରେ କାର୍ଯ୍ୟ କରିବା ନିମନ୍ତେ ଅନାଗ୍ରହ।

(ଙ) ବଜେଟ୍‌ର ଅପବ୍ୟବହାର।

## ୧.୬ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ

| କ୍ରମିକ ସଂଖ୍ୟା | କାର୍ଯ୍ୟକ୍ରମର ନାମ | ଆରମ୍ଭ କରିଥିବା ବ୍ୟକ୍ତି | ବର୍ଷ (ମସିହା) |
|---|---|---|---|
| ପ୍ରାକ୍‌ସ୍ୱାଧୀନତା | | | |
| ୦୧. | ଶ୍ରୀନିକେତନ ପ୍ରକଳ୍ପ | ଶ୍ରୀ ରବିନ୍ଦ୍ରୀନାଥ ଟାଗୋର | ୧୯୧୪ |
| ୦୨. | ମାର୍ଥାନ୍‌ଡ୍ୟାମ୍‌ପ୍ରକଳ୍ପ | ଡ.ସ୍ପେନ୍‌ସର ହ୍ୟାଚ୍‌ | ୧୯୨୧ |
| ୦୩. | ଗୁର୍‌ଗାଓଁ ପରୀକ୍ଷା | ଏଫ୍‌.ଏଲ୍‌.ବ୍ରେନ୍‌ | ୧୯୨୮ |
| ୦୪. | ସର୍ବୋଦୟ କାର୍ଯ୍ୟକ୍ରମ | ଶ୍ରୀ ବିନୋବା ଭାବେ | ୧୯୪୮-୪୯ |
| ସଦ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟ | | | |
| ୦୧. | ଫିର୍କା ବିକାଶ | ମାଡ୍ରାସ ସରକାର | ୧୯୪୮ |
| ୦୨. | ଏଟ୍‌ୱା ପାଇଲଟ୍‌ ପ୍ରକଳ୍ପ | ଆଲବର୍ଟ ମେୟର | ୧୯୪୮ |
| ୦୩. | ନିଳୋଖେରୀ ପରୀକ୍ଷା | ଏସ୍‌.କେ.ଦେଓ | ୧୯୪୮ |
| ୦୪. | ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ **(CDP)** | ଭାରତ ସରକାର | ୧୯୫୨ |
| ୦୫. | ଜାତୀୟ ସଂପ୍ରସାରଣ ସେବା **(NES)** | ଭାରତ ସରକାର | ୧୯୫୩ |

**ଗ୍ରାମାଞ୍ଚଳ ବିକାଶ ଉଦ୍ୟମ / ସ୍ୱାଧୀନୋତ୍ତର କାର୍ଯ୍ୟକ୍ରମ :**

| କ୍ରମିକ ସଂଖ୍ୟା | ବର୍ଷ | କାର୍ଯ୍ୟକ୍ରମର ନାମ | |
|---|---|---|---|
| ୦୧. | ୧୯୪୮ | **GMFC** | **Grow More Food Campaign**<br>ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦନ ଅଭିଯାନ |
| ୦୨. | ୧୯୫୦ | **JMPC** | **Japanese Method of Paddy Cultivation**<br>ଜାପାନୀ ପ୍ରଣାଳୀ ଧାନ ଚାଷ |
| ୦୩. | ୧୯୫୨ | **CDP** | **Community Development Programme**<br>ଗୋଷ୍ଠୀ ସାଧନ କାର୍ଯ୍ୟକ୍ରମ |
| ୦୪. | ୧୯୫୩ | **NES** | **National Extension Service**<br>ଜାତୀୟ ସଂପ୍ରସାରଣ ସେବା |

| | | | |
|---|---|---|---|
| ୦୫. | ୧୯୬୧ | **IADP** | **Intensive Agriculture District Programme**<br>ପ୍ରଗାଢ଼ତା ସୂଚକ କୃଷିଜିଲ୍ଲା କାର୍ଯ୍ୟକ୍ରମ |
| ୦୬. | ୧୯୬୩ | **ANP** | **Applied Nutrition Programme**<br>ପ୍ରୟୋଗାତ୍ମକ ପୁଷ୍ଟିସାଧନ କାର୍ଯ୍ୟକ୍ରମ |
| ୦୭. | ୧୯୬୪-୬୫ | **IAAP** | **Integrated Agricultural Area Programme**<br>ସମନ୍ୱିତ କୃଷି ଅଞ୍ଚଳ କାର୍ଯ୍ୟକ୍ରମ |
| ୦୮. | ୧୯୬୪ | **ICDP** | **Intergrated Cattle Development Programme**<br>ସମନ୍ୱିତ ଗୋବିକାଶ କାର୍ଯ୍ୟକ୍ରମ |
| ୦୯. | ୧୯୬୫ | **NDP** | **National Demonstration Project**<br>ଜାତୀୟ ପ୍ରଦର୍ଶନ ପ୍ରକଳ୍ପ |
| ୧୦. | ୧୯୬୬ | **ODP** | **Oilseed Development Programme**<br>ତୈଳବୀଜ ଉନ୍ନୟନ କାର୍ଯ୍ୟକ୍ରମ |
| ୧୧. | ୧୯୬୬-୬୭ | **HYVP** | **High Yielding Varieties Programme**<br>ବିଭିନ୍ନ ପ୍ରକାର ଅଧିକ ଅମଳକ୍ଷମ ବୀଜ କାର୍ଯ୍ୟକ୍ରମ |
| ୧୨. | ୧୯୬୬ | **FTEP** | **Farmers Training and Education Programme**<br>କୃଷକ ତାଲିମ୍ ଓ ଶିକ୍ଷା କାର୍ଯ୍ୟକ୍ରମ |
| ୧୩. | ୧୯୬୬ | **FTC** | **Farmers Training Centre**<br>କୃଷକ ତାଲିମ୍ କେନ୍ଦ୍ର |

| | | | |
|---|---|---|---|
| ୧୪. | ୧୯୬୬ | **MCP** | **Multiple Crop Programme**<br>ବହୁମୁଖୀ ଫସଲ କାର୍ଯ୍ୟକ୍ରମ |
| ୧୫. | ୧୯୭୦ | **DPAP** | **Drought Prone Area Programme**<br>ମରୁଡ଼ି ଅଞ୍ଚଳ କାର୍ଯ୍ୟକ୍ରମ |
| ୧୬. | ୧୯୭୦ | **DFAP** | **Dry Framing Area Programme**<br>ଶୁଷ୍କ କୃଷି ଅଞ୍ଚଳ କାର୍ଯ୍ୟକ୍ରମ |
| ୧୭. | ୧୯୭୧ | **ICDP** | **Intergrated Cotton Development Programme**<br>ସମନ୍ୱିତ କପା ଉନ୍ନୟନ କାର୍ଯ୍ୟକ୍ରମ |
| ୧୮. | ୧୯୭୧ | **WVDP** | **Whole Village Development Programme**<br>ସମଗ୍ର ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମ |
| ୧୯. | ୧୯୭୧ | **SFDA** | **Small Farmers Development Agency**<br>କ୍ଷୁଦ୍ର କୃଷକ ବିକାଶ ସଂସ୍ଥା |
| ୨୦. | ୧୯୭୧ | **MFAL** | **Marginal Farmers and Agricultural Labour Agency**<br>ନାମମାତ୍ର କୃଷକ ଓ କୃଷିଶ୍ରମିକ ସଂସ୍ଥା |
| ୨୧. | ୧୯୭୧-୭୨ | **TADP** | **Tribal Area Development Programme**<br>ଆଦିବାସୀ ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ |
| ୨୨. | ୧୯୭୩ | **HADP** | **Hill Area Development Programme**<br>ପାର୍ବତ୍ୟାଞ୍ଚଳ ବିକାଶ କାର୍ଯ୍ୟକ୍ରମ |

| | | | |
|---|---|---|---|
| ୨୩. | ୧୯୭୪ | T&V | **Training and Visit System**<br>ତାଲିମ୍ ଓ ପରିଦର୍ଶନ ବ୍ୟବସ୍ଥା |
| ୨୪. | ୧୯୭୪ | KVK | **Krushi Vigyan Kendra**<br>କୃଷି ବିଜ୍ଞାନ କେନ୍ଦ୍ର |
| ୨୫. | ୧୯୭୪ | TDB | **Tribal Development Block**<br>ଆଦିବାସୀ ବିକାଶ ବ୍ଲକ୍ |
| ୨୬. | ୧୯୭୫ | CADP | **Comand Area Development Programme**<br>ଜଳସେଚିତ ଅଞ୍ଚଳ ଉନ୍ନୟନ ସଂସ୍ଥା କାର୍ଯ୍ୟକ୍ରମ |
| ୨୭. | ୧୯୭୬ | IRDP | **Intergraded Rural Development Programme**<br>ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ |
| ୨୮. | ୧୯୭୬ | ORP | **Operational Research Project**<br>କାର୍ଯ୍ୟକ୍ଷମ ଗବେଷଣା ପ୍ରକଳ୍ପ |
| ୨୯. | ୧୯୭୬ | SF | **Social Forestry**<br>ସାମାଜିକ ବନୀକରଣ |
| ୩୦. | ୧୯୭୭ | DDP | **Desert Development Programme**<br>ମରୁଭୂମି ବିକାଶ କାର୍ଯ୍ୟକ୍ରମ |
| ୩୧. | ୧୯୭୮ | LLP | **Lab-to-Land Programme**<br>ବିଜ୍ଞାନଗାର ରୁ ଜମି କାର୍ଯ୍ୟକ୍ରମ |
| ୩୨. | ୧୯୭୮ | NARP | **National Agricultural Research Project**<br>ଜାତୀୟ କୃଷି ଗବେଷଣା ପ୍ରକଳ୍ପ |
| ୩୩. | ୧୯୭୯ | TRYSEM | **Training of Rural Youth for Self Employment**<br>ଆତ୍ମ ନିଯୁକ୍ତି ନିମନ୍ତେ ଗ୍ରାମାଞ୍ଚଳ ଯୁବକଙ୍କୁ ତାଲିମ |
| ୩୪. | ୧୯୮୦ | NREP | **National Rural Employment Programme** |

ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ

୩୫. ୧୯୮୦ **DRDA** **District Rural Development Agency**

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା

୩୬. ୧୯୮୦-୮୧ **TUP** **Tribal Upliftment Project**

ଆଦିବାସୀ ଉନ୍ନୟନ ପ୍ରକଳ୍ପ

୩୭. ୧୯୮୧ **RLEGP** **Rural Landless Employment Guarantee Programme**

ଗ୍ରାମାଞ୍ଚଳ ଭୂମିହୀନ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା

୩୮. ୧୯୮୨ **DWCRA** **Development of Women and Children in Rural Areas**

ଗ୍ରାମାଞ୍ଚଳ ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ

୩୯. ୧୯୮୪-୮୫ **NAEP** **National Agricultral Extension Project**

ଜାତୀୟ କୃଷି ସଂପ୍ରସାରଣ ପ୍ରକଳ୍ପ

୪୦. ୧୯୮୬-୮୭ **NWDP** **National Watershed Development Project**

ଜାତୀୟ ଜଳଛାୟା ଉନ୍ନୟନ ପ୍ରକଳ୍ପ

୪୧. ୧୯୮୯ **JRY** **Jawahar Rojgar Yojana**

ଜବାହର ରୋଜଗାର ଯୋଜନା

୪୨. ୧୯୯୦-୯୧ **NWDPRA** **National Water Development Project for Rain fed Areas**

ବୃଷ୍ଟିପାତ ଅଞ୍ଚଳ ନିମନ୍ତେ ଜାତୀୟ ଜଳ ଉନ୍ନୟନ ପ୍ରକଳ୍ପ

୪୩. ୧୯୯୫-୯୬ **IAY** **Indira Awaas Yojana**

ଇନ୍ଦିରା ଆବାସ ଯୋଜନା

୪୪. ୧୯୯୮ **NATP** **National Agricultural Technology Project**

ଜାତୀୟ କୃଷି ଓ ବୈଷୟିକ ପ୍ରକଳ୍ପ

୪୫. ୧୯୯୮ **ATMA** **Agricultural Technology**

| | | | |
|---|---|---|---|
| | | | **Management Agency**<br>କୃଷି ଓ ବୈଷୟିକ ପରିଚାଳନା ସଂସ୍ଥା |
| ୪୬. | ୧୯୯୯ | **SGSY** | **Swarnajayanti Gram Swarozgar Yojana**<br>ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା |
| ୪୭. | ୧୯୯୯ | **TSC** | **Total Sanitation Campaign**<br>ସମ୍ପୂର୍ଣ୍ଣ ପରିମଳ କାର୍ଯ୍ୟକ୍ରମ |
| ୪୮. | ୨୦୦୦ | **PMGSY** | **Pradhan Mantri Gram Sadak Yojana**<br>ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା |
| ୪୯. | ୨୦୦୫ | **NAIP** | **National Agricultural Innovation Project**<br>ଜାତୀୟ ବୃଦ୍ଧି ଉଦ୍‌ଭାବନା ପ୍ରକଳ୍ପ |
| ୫୦. | ୨୦୦୬ | **NREGA** | **National Rural Employment Guarantee Act**<br>ଜାତୀୟ ଗ୍ରାମାଞ୍ଚଳ ନିଶ୍ଚିତ କର୍ମନିଯୁକ୍ତି ନିୟମ |
| ୫୧. | ୨୦୧୧ | **NRLM** | **National Rural Livelihoods Mission**<br>ଜାତୀୟ ଗ୍ରାମାଞ୍ଚଳ ଜୀବିକା ମିଶନ୍ |

## ୧.୭ ଗ୍ରାମାଞ୍ଚଳ ବିକାଶର ବିଭିନ୍ନ ତତ୍ତ୍ୱ

ଗ୍ରାମାଞ୍ଚଳ ବିକାଶର ସର୍ବସାଧାରଣ ଗ୍ରହଣୀୟ କୌଣସି ନିର୍ଦ୍ଦିଷ୍ଟ ତତ୍ତ୍ୱ ନାହିଁ । ସ୍ଥାନ, କାଳ ଓ ସଂସ୍କୃତିର ପ୍ରଭାବ ଅନୁସାରେ ଗ୍ରାମାଞ୍ଚଳ ଶବ୍ଦଟିକୁ ପସନ୍ଦ କରାଯାଇଥାଏ । ଗ୍ରାମାଞ୍ଚଳ ଲୋକମାନଙ୍କର ଜୀବନ ଧାରଣର ମାନରେ ଉନ୍ନତି ଆଣିବା ନିମନ୍ତେ ଏହି ଗ୍ରାମାଞ୍ଚଳ ବିକାଶ ଶବ୍ଦଟି ଗ୍ରାମାଞ୍ଚଳର ସାମଗ୍ରିକ ବିକାଶକୁ ବୁଝାଇଥାଏ । ଏହି ଦୃଷ୍ଟିରୁ ଏହା ଏକ ବ୍ୟାପକ ଓ ବହୁମୁଖୀ ପ୍ରସଙ୍ଗ । ଏହା ଗ୍ରାମାଞ୍ଚଳର କୃଷି ଓ ସହାୟକ କାର୍ଯ୍ୟକଳାପ, ଗ୍ରାମ୍ୟ ଓ କୁଟୀରଶିଳ୍ପ ଏବଂ ହସ୍ତଶିଳ୍ପ, ସାମାଜିକ - ଅର୍ଥନୈତିକ ଭିତ୍ତିଭୂମି, ଗୋଷ୍ଠୀ ସେବା ଓ ସୁବିଧା ସୁଯୋଗ ଏବଂ

ସର୍ବୋପରି ମାନବ ସମ୍ବଳର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥାଏ । ଏହି ଦୃଷ୍ଟିରୁ ଗ୍ରାମାଞ୍ଚଳ ବିକାଶର ନିମ୍ନଲିଖିତ ତତ୍ତ୍ୱଗୁଡ଼ିକ ଦୃଷ୍ଟିଗୋଚର ହୋଇଥାଏ ।

### ୧) ବିଭାଗ ବିକାଶ ତତ୍ତ୍ୱ : (Sectoral Approach)

ବ୍ୟକ୍ତି କ୍ଷେତ୍ରରେ ବିଭାଗ ଭିତ୍ତିକ ବିକାଶ ଯୋଜନା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ ଓ ସାମାଜିକ ନିରାପତ୍ତା ଇତ୍ୟାଦି ବିକାଶର ବିଭାଗ ତତ୍ତ୍ୱର ଅନ୍ତର୍ଭୁକ୍ତ । ଏହି ତତ୍ତ୍ୱ ବିଭିନ୍ନ କ୍ଷେତ୍ରରେ ବିକାଶର ପୃଥକୀକରଣକୁ ସମର୍ଥନ କରେ । ଯେପରିକି, ଏଗୁଡ଼ିକ ସଂପୂର୍ଣ୍ଣ ପୃଥକ୍ ବିଭାଗ ରୂପେ କାର୍ଯ୍ୟ କରିପାରିବେ ଓ ସେଗୁଡ଼ିକର ପରସ୍ପର ମଧ୍ୟରେ କୌଣସି ସଂପର୍କ ରହିବ ନାହିଁ । ଏହି ପୃଥକୀକରଣ ତତ୍ତ୍ୱରୁ ଏହାର ଅଭାବତା ସୃଷ୍ଟି ହୋଇଥାଏ । ସେଗୁଡ଼ିକୁ ପରସ୍ପର ସହିତ ସମନ୍ୱୟ ରକ୍ଷା କରିବା ନିମନ୍ତେ ସ୍ୱଚ୍ଛ ଉଦ୍ୟମ ହେବା ଆବଶ୍ୟକ ।

### ୨) ଅଞ୍ଚଳ ବିକାଶ ତତ୍ତ୍ୱ : (Area Development Approach)

କୌଣସି ଅଞ୍ଚଳର ବିକାଶ କେବଳ ଯଥେଷ୍ଟ ପରିମାଣର ଭିତ୍ତିଭୂମିର ବିକାଶ ଉପରେ ନିର୍ଭର କରେନାହିଁ ବୋଲି ଏହି ତତ୍ତ୍ୱ ମତପୋଷଣ କରେ । ଏହା ମଧ୍ୟ ଉତ୍ପାଦନର ଭିତ୍ତିଭୂମି ଦ୍ୱାରା ପରିଚାଳିତ ସ୍ଥାନୀୟ ଅର୍ଥନୀତିର ଉପାଦାନ ଉପରେ ନିର୍ଭର କରିଥାଏ । ଅନ୍ୟ ଅର୍ଥରେ କହିବାକୁ ଗଲେ, କୌଣସି ଏକ ଅଞ୍ଚଳର ବିକାଶ ନିମନ୍ତେ ଭୌତିକ ଓ ଆନୁଷ୍ଠାନିକ ସମନ୍ୱୟ ଏକାନ୍ତ ଆବଶ୍ୟକ । ଏଣୁ ଗ୍ରାମାଞ୍ଚଳ ବିକାଶ କେନ୍ଦ୍ର ଗୁଡ଼ିକ ଭିତ୍ତିଭୂମିର ସୁବିଧା ନିମନ୍ତେ ଆଦର୍ଶ ସ୍ଥାନ ପ୍ରଦାନ କରୁଥିବା ବେଳେ ଏହାର ଗ୍ରାମାଞ୍ଚଳ କେନ୍ଦ୍ରଗୁଡ଼ିକୁ କୌଣସି ଏକ ଅଞ୍ଚଳରେ ସମନ୍ୱିତ ବିକାଶ ହାସଲ କରିବାର ପ୍ରାଥମିକ କେନ୍ଦ୍ର ଭାବରେ ବିବେଚିତ କରାଯାଇଥାଏ । ଏହି ତତ୍ତ୍ୱ ଆଞ୍ଚଳିକ ଦାରିଦ୍ର୍ୟକୁ ବିଚାରକୁ ନେଉଥିବା ବେଳେ, ବିଭିନ୍ନ ପ୍ରକାର ବିଭାଗୀୟ କାର୍ଯ୍ୟ ଓ ଭୌତିକ ବିକାଶ ମଧ୍ୟ ସନ୍ତୁଳନତା ରକ୍ଷା କରିଥାଏ । ତେବେ ଏହା ଗ୍ରାମାଞ୍ଚଳର ସବୁ ଶ୍ରେଣୀ ଓ ସମ୍ପ୍ରଦାୟର ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିନଥାଏ ।

### ୩) ସମନ୍ୱିତ ବିକାଶ ତତ୍ତ୍ୱ : (Integrated Development Approach)

ଗ୍ରାମାଞ୍ଚଳର ଦାରିଦ୍ର୍ୟ ସମସ୍ୟାକୁ ପ୍ରତିହତ କରିବା ନିମନ୍ତେ ଉଦ୍ଦିଷ୍ଟ ଅଞ୍ଚଳ ବିକାଶ ତତ୍ତ୍ୱରେ ଥିବା ସମସ୍ୟା ପରିପ୍ରେକ୍ଷୀରେ ଏକ ନୂତନ କୌଶଳ ବିକାଶ ଲାଭ କରିଛି । ଏହାକୁ ସମନ୍ୱିତ ବିକାଶ ତତ୍ତ୍ୱ କୁହାଯାଏ । କାରଣ ଅଞ୍ଚଳ ବିକାଶ ତତ୍ତ୍ୱ ନିଯୁକ୍ତି, ରୋଜଗାର ଓ ସମ୍ପତ୍ତିର ବଣ୍ଟନ କ୍ଷେତ୍ରରେ ଥିବା ଅସମାନତା ପ୍ରଶ୍ନକୁ ସମାଧାନ କରିବାରେ ମୋଟାମୋଟି ଭାବେ ବିଫଳ ହୋଇଥିଲା । ଅଞ୍ଚଳ ବିକାଶ ତତ୍ତ୍ୱ ସହିତ ସ୍ଥଳ ବିଶେଷରେ ଏକ ସାଧାରଣ ଭୌଗଳିକ ଗୁରୁତ୍ୱ ସମସ୍ୟା ସମାଧାନ ନିମନ୍ତେ ଯଥେଷ୍ଟ ହୋଇ ନଥିବା ଦେଖାଯାଇଥିଲା । ଭାରତର ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥାରେ ଦୁର୍ବଳ ସ୍ୱାସ୍ଥ୍ୟବସ୍ଥା, ନିରକ୍ଷରତା, ଶୋଷଣ, ଜମି ଓ ଅନ୍ୟାନ୍ୟ ସମ୍ପତ୍ତି ବଣ୍ଟନ କ୍ଷେତ୍ରରେ ଅସମାନତା ଓ ଭିତ୍ତିଭୂମି ତଥା ରାସ୍ତାଘାଟ ଓ ଯୋଗାଯୋଗ ଭଳି ସାଧାରଣ ସେବାର

ଅଭାବ ଦେଖିବାକୁ ମିଳେ । ସ୍ପଷ୍ଟ ଭାବରେ କହିବାକୁ ଗଲେ ଏହି ସବୁ ସମସ୍ୟାଗୁଡ଼ିକୁ ସମାଧାନ କରିବା ନିମନ୍ତେ ଏକ ତତ୍ତ୍ୱର ଆବଶ୍ୟକତା ରହିଛି ଯାହା ଗ୍ରାମାଞ୍ଚଳ ବିକାଶକୁ ଆଗେଇ ନେବା ନିମନ୍ତେ ଏହି ସବୁ ଉପାଦାନ ଗୁଡ଼ିକୁ ବିଚାରକୁ ନେଇ ଏକ ବ୍ୟାପକ ପଦକ୍ଷେପ ନେବ । ଗ୍ରାମାଞ୍ଚଳ ଯୋଜନାକୁ ବହୁମୁଖୀ କରିବାର ଆବଶ୍ୟକତା ସ୍ୱରୂପ 'ସମନ୍ୱିତ ଗ୍ରାମାଞ୍ଚଳ ବିକାଶ' ତତ୍ତ୍ୱ ସୃଷ୍ଟି ହେଲା । ଗ୍ରାମୀଣ ଜୀବନକୁ ପ୍ରଭାବିତ କରୁଥିବା ଗ୍ରାମାଞ୍ଚଳ ବିକାଶର ବିଭିନ୍ନ ପ୍ରସଙ୍ଗ ଉପରେ ଏହି ତତ୍ତ୍ୱ ଗୁରୁତ୍ୱ ପ୍ରଦାନ କରିଥାଏ । ଏହି ପ୍ରସଙ୍ଗ ବା ବିଷୟ ଗୁଡ଼ିକ ପରସ୍ପର ସହିତ ସମ୍ପର୍କିତ ଓ ଏଗୁଡ଼ିକୁ ପୃଥକ୍ ପୃଥକ୍ ଭାବରେ ବିଚାରକୁ ନିଆଯାଇପାରିବ ନାହିଁ । ଏଥିପାଇଁ ଗ୍ରାମାଞ୍ଚଳ ବିକାଶ ନିମନ୍ତେ ଏକ ସମନ୍ୱିତ ତତ୍ତ୍ୱ ଏକାନ୍ତ ଆବଶ୍ୟକ । ଗ୍ରାମୀଣ ଜୀବନର ବିଭିନ୍ନ ଦିଗ ଯଥା କୃଷି ଓ ଏଥି ସହିତ ସଂପୃକ୍ତ ସହାୟକ କାର୍ଯ୍ୟର ଅଭିବୃଦ୍ଧି, ଗ୍ରାମାଞ୍ଚଳ ଶିଳ୍ପାୟନ, ଶିକ୍ଷା, ସ୍ୱାସ୍ଥ୍ୟ, ସାଧାରଣ କାର୍ଯ୍ୟ, ଦାରିଦ୍ର୍ୟ ନିରାକରଣ ଓ ଗ୍ରାମୀଣ ନିଯୁକ୍ତି ଇତ୍ୟାଦି ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଥିବା ସମସ୍ୟା ଗୁଡ଼ିକୁ ସମାଧାନ କରିବା ନିମନ୍ତେ ଏକ ସମନ୍ୱିତ ତତ୍ତ୍ୱର ଅଂଶ ହିସାବରେ କାର୍ଯ୍ୟ କରନ୍ତି ।

## ୪) ପ୍ରଗତି  କେନ୍ଦ୍ର ତତ୍ତ୍ୱ : (Growth Centre Approach)

ସମନ୍ୱିତ ଗ୍ରାମାଞ୍ଚଳ ବିକାଶର ଯୋଜନା ପ୍ରସ୍ତୁତି ନିମନ୍ତେ ଏହା ହେଉଛି ସର୍ବଶ୍ରେଷ୍ଠ ତତ୍ତ୍ୱ । "ସମାନ ସୁବିଧା ସୁଯୋଗ" ନୀତି ଉପରେ ପର୍ଯ୍ୟବେସିତ ଏହି ତତ୍ତ୍ୱ ଏ ସମସ୍ତ ସୁବିଧା,ସେବା ଓ ସ୍ଥାନୀୟ ପ୍ରଶାସନକୁ ଖୁବ୍ ସହଜରେ ଲୋକମାନଙ୍କ ପାଖରେ ପହଞ୍ଚାଇ ପାରିବ । ବିକାଶ କେନ୍ଦ୍ର ଗୁଡ଼ିକ ସମସ୍ତ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗଇ ଦେବେ ।

ଏଗୁଡ଼ିକ ହେଉଛି –

(କ) କୃଷି ଉତ୍ପାଦନ ଓ ଗ୍ରାମାଞ୍ଚଳ କୁଟୀର ଶିଳ୍ପ ତଥା କୃଷି ଭିତ୍ତିକ କଳକାରଖାନା ଗୁଡ଼ିକର ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ବ୍ୟାବହାରିକ ପ୍ରଶିକ୍ଷଣ ଓ ଦକ୍ଷତା ନିର୍ମାଣର ଆବଶ୍ୟକତା ରହିଛି । ଏଥିପାଇଁ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ।

(ଖ) କୃଷି ଓ ଶିଳ୍ପ କଳକାରଖାନାରେ ବ୍ୟବହୃତ ଯନ୍ତ୍ରପାତିର ତତ୍କାଳ ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ଭ୍ରାମ୍ୟମାଣ ପ୍ରଶିକ୍ଷଣ ତଥା ପ୍ରଦର୍ଶନ ଦଳ ପ୍ରତିଷ୍ଠା କରିବା ।

(ଗ) କୃଷି ଜାତ ଦ୍ରବ୍ୟ ଓ କୁଟୀର ଶିଳ୍ପ ଜାତ ଦ୍ରବ୍ୟଗୁଡ଼ିକର ସୁରକ୍ଷିତ ସଂରକ୍ଷଣ ଓ ବିପଣନକୁ ସୁଗମ କରିବା ନିମନ୍ତେ ବିପଣନ ତଥା ପଣ୍ୟାଗାରର ସୁବିଧା ।

(ଘ) ଫଳ, ଜାଳେଣି, ଗୋଖାଦ୍ୟ ଓ ଜଙ୍ଗଲ ସୁରକ୍ଷା ନିମନ୍ତେ କୃତ୍ରିମ ଜଙ୍ଗଲ ଓ ଘାସ ଚାରା ଉଦ୍ୟାନ ।

(ଙ) 'ପାଠପଢ଼ା ସମୟରେ ରୋଜଗାର' ନୀତି ଉପରେ ପର୍ଯ୍ୟବେସିତ ବିକାଶମୂଳକ ବିଦ୍ୟାଳୟ ଓ ମାନବ, ପଶୁ, ବୃକ୍ଷଲତା ଏବଂ ଭୂମିର ଯତ୍ନ କ୍ଷେତ୍ରରେ ଆତ୍ମ ନିଯୁକ୍ତ ଶ୍ରମିକ ସୃଷ୍ଟି କରିବା ଭଳି ବ୍ୟବସ୍ଥାର ବିକାଶ।

(ଚ) କାର୍ଯ୍ୟସ୍ଥଳୀ ଅଞ୍ଚଳରେ ଶ୍ରମିକମାନଙ୍କ ନିମନ୍ତେ ବାସପୋଯୋଗୀ ଗୃହ ନିର୍ମାଣ।

### (୫) ଗୋଷ୍ଠୀ ପରିଚାଳିତ ବିକାଶତତ୍ତ୍ୱ (Community – Driven Development)

ଏହି ତତ୍ତ୍ୱଟି ସମାଜଭିତ୍ତିକ ବିକାଶ ତତ୍ତ୍ୱରୁ ଆନୀତ। ଏହା ଏକ ବିକାଶ ମୂଳକ ଉଦ୍ୟମ ଯାହା ସିଧାସଳଖ ସାମାଜିକ ଗୋଷ୍ଠୀଗୁଡ଼ିକୁ ବିକାଶ ପ୍ରକ୍ରିୟା, ସମ୍ବଳ ଓ ନିଷ୍ପତ୍ତି ନିର୍ଦ୍ଧାରଣ କରିବାର କ୍ଷମତା ଉପରେ ନିୟନ୍ତ୍ରଣ କ୍ଷମତା ପ୍ରଦାନ କରିଥାଏ। ଗୋଷ୍ଠୀ ଗୁଡ଼ିକର ଜୀବନ ଓ ଜୀବନ ଜୀବିକା କିପରି ସମୃଦ୍ଧ ହୋଇପାରିବ, ତାର ବିଚାର ନିମନ୍ତେ ଗୋଷ୍ଠୀ ଗୁଡ଼ିକ ହିଁ ଶ୍ରେଷ୍ଠ ବିଚାରକ। ଏହା ହିଁ ଗୋଷ୍ଠୀ ପରିଚାଳିତ ବିକାଶ ତତ୍ତ୍ୱର ମୂଳମନ୍ତ୍ର। ଯଦି ସେହି ଗୋଷ୍ଠୀ ଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣର ସମ୍ବଳ ଓ ତଥ୍ୟ ପ୍ରଦାନ କରାଯାଏ,ତେବେ ସେମାନେ ସେମାନଙ୍କର ଜରୁରୀ ଆବଶ୍ୟକତା ଗୁଡ଼ିକୁ ପୂରଣକରିବା ନିମନ୍ତେ ନିଜେନିଜେ ସଂଗଠିତ ହୋଇପାରିବେ। ଆହୁରି ମଧ୍ୟ ଗୋଷ୍ଠୀ ପରିଚାଳିତ ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ ଲୋକମାନଙ୍କର ଆସ୍ଥା ଯୋଗୁଁ ଅଧିକ ଉତ୍ସାହଜନକ ହୋଇଥାଏ। ସେଥିପାଇଁ ବିକାଶ ପ୍ରକ୍ରିୟାରେ ଲୋକମାନେ ନିଜର ପରିବେଶକୁ ପରିବର୍ତ୍ତନ କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରିଥାନ୍ତି ବୋଲି ଏହା ମତପୋଷଣ କରେ। ବିଗତ ଅନୁଶୀଳନ ଗୁଡ଼ିକ ବିକାଶ ପ୍ରକ୍ରିୟାରେ ଗରିବ ଲୋକମାନଙ୍କୁ ଶ୍ରେଷ୍ଠ ସମ୍ବଳ ଓ ସହଭାଗୀ ବୋଲି ବିବେଚନା କରିଛନ୍ତି। କେନ୍ଦ୍ରସରକାରଙ୍କର ବେସରକାରୀ ସଂଗଠନ ଚାଳିତ କାର୍ଯ୍ୟକ୍ରମ ଗୁଡ଼ିକ ତୁଳନାରେ ଗୋଷ୍ଠୀ ଚାଳିତ ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ ସ୍ଥାନୀୟ ଆବଶ୍ୟକତା ପ୍ରତି ଯତ୍ନଶୀଳ, ବ୍ୟାପକ ଓ ସ୍ୱଳ୍ପବ୍ୟୟ ସମ୍ପନ୍ନ। ସାମାଜିକ ଗୋଷ୍ଠୀଗୁଡ଼ିକୁ ଶକ୍ତିଶାଳୀ କରିବା ସହ ଆର୍ଥିକ ପ୍ରୋତ୍ସାହନ ମାଧ୍ୟମରେ ଗୋଷ୍ଠୀ ପରିଚାଳିତ ବିକାଶକୁ ସମର୍ଥନ କରାଯାଇପାରେ। ଏହାବାଦ୍ ଏହି ଗୋଷ୍ଠୀ ଗୁଡ଼ିକୁ ବିଭିନ୍ନ ପ୍ରକାର ତଥ୍ୟ ଯୋଗାଣ ସହ ନୀତି ଓ ଆନୁଷ୍ଠାନିକ ସଂସ୍କାର ମାଧ୍ୟମରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରାଯାଇପାରିବ।

## ୧.୮ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ (Community Development Programme (CDP)

ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଭାରତର ପ୍ରଥମ ବୃହତ୍ ଗ୍ରାମ୍ୟବିକାଶ କାର୍ଯ୍ୟକ୍ରମ ଥିଲା। ଭାରତ ସ୍ୱାଧୀନତା ହାସଲ କରିବା ପରେ ୧୯୫୨ ମସିହା ଅକ୍ଟୋବର ମାସରେ ନିମ୍ନଲିଖିତ ଲକ୍ଷ୍ୟ ଗୁଡ଼ିକ ହାସଲ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମର ଅୟମାରମ୍ଭ ହୋଇଥିଲା।

୧) ଗ୍ରାମାଞ୍ଚଳରେ ଭୌତିକ ଓ ମାନବ ସମ୍ବଳର ସମୂହ ବିକାଶ ସାଧନ କରିବା ।

୨) ସ୍ଥାନୀୟ ନେତୃତ୍ୱ ଓ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ଗୁଡ଼ିକର ବିକାଶ ସାଧନ କରିବା ।

୩) ଖାଦ୍ୟ ଓ କୃଷି ଉତ୍ପାଦନର ଦ୍ରୁତ ବୃଦ୍ଧି ମାଧ୍ୟମରେ ଗ୍ରାମାଞ୍ଚଳ ଲୋକମାନଙ୍କର ଜୀବନ ଧାରଣର ମାନବୃଦ୍ଧି କରିବା ।

୪) ଲୋକମାନଙ୍କ ମଧ୍ୟରେ ଥିବା ମାନସିକତାରେ ପରିବର୍ତ୍ତନ ଆଣିବା ସହ ଉଚ୍ଚ ଧରଣର ଜୀବନ ଯାପନ ନିମନ୍ତେ ସେମାନଙ୍କ ମଧ୍ୟରେ ଧାରଣା ସୃଷ୍ଟି କରିବାକୁ ସୁନିଶ୍ଚିତ କରିବା ।

ଜାତି, ଧର୍ମ ଓ ଅର୍ଥନୈତିକ ବିବିଧତାକୁ ପଛରେ ପକାଇ ସାମଗ୍ରିକ ଭାବରେ ଗ୍ରାମାଞ୍ଚଳ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ଜୀବନରେ ପରିବର୍ତ୍ତନ ଆଣିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଏକ ଅସ୍ତ୍ର ରୂପେ କାର୍ଯ୍ୟ କରିବ ବୋଲି ବିବେଚନା କରାଯାଇ ଥିଲା । ପ୍ରାରମ୍ଭିକ ସ୍ତରରେ କୃଷି, ପଶୁ ସମ୍ପଦ, ଗ୍ରାମ୍ୟଶିକ୍ଷ, ଶିକ୍ଷା, ଗୃହ ନିର୍ମାଣ, ଗ୍ରାମାଞ୍ଚଳରେ ଯୋଗାଯୋଗ ଇତ୍ୟାଦିରେ ଉନ୍ନତି ଆଣିବା ନିମନ୍ତେ ଏହା ଅନେକ କାର୍ଯ୍ୟକ୍ରମ ସହ ୫୫ଟି ପ୍ରକଳ୍ପକୁ ହାତକୁ ନେଇଥିଲା । କିନ୍ତୁ ଖୁବ୍ ଶୀଘ୍ର ଜଣାଗଲା ଯେ, ଆବଶ୍ୟକୀୟ ଅର୍ଥ ଓ କର୍ମଚାରୀ ମାନଙ୍କର ଅଭାବ ଯୋଗୁଁ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମକୁ ସମଗ୍ର ଦେଶକୁ ପ୍ରସାରିତ କରିହେବ ନାହିଁ । ୧୯୫୩ ମସିହା ଅକ୍ଟୋବର ମାସରେ ଖୁବ୍ ଅଳ୍ପ ସଂଖ୍ୟକ କର୍ମଚାରୀ ଓ ଆବଶ୍ୟକୀୟ ଆର୍ଥିକ ବ୍ୟବସ୍ଥା ସହ ଜାତୀୟ ସଂପ୍ରସାରଣ ସେବା (National Extension Service) ଆରମ୍ଭ ହେଲା । ଏହା ଦ୍ୱାରା ସ୍ୱୟଂ ସହାୟକ ଉଦ୍ୟମରେ ବିକାଶ ମୂଳକ କାର୍ଯ୍ୟ ଆଗେଇ ଚାଲିଲା । ପ୍ରାରମ୍ଭିକ ସ୍ତରରେ ଏହି ଜାତୀୟ ସଂପ୍ରସାରଣ ସେବା ତିନିବର୍ଷ ପାଇଁ ଆରମ୍ଭ ହୋଇଥିଲା । ଏଥିରେ ପ୍ରତ୍ୟେକ ବ୍ଲକ୍ ନିମନ୍ତେ ୪.୫ ଲକ୍ଷ ଟଙ୍କାର ଆର୍ଥିକ ବ୍ୟବସ୍ଥା ହୋଇଥିଲା । ଏହି କାର୍ଯ୍ୟକ୍ରମରେ କୃଷି, ପଶୁ ସମ୍ପଦ, ଗ୍ରାମାଞ୍ଚଳରେ ଯୋଗଯୋଗ ଓ ସାମାଜିକ ଶିକ୍ଷା ଭଳି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଯେଉଁ ବ୍ଲକ୍ ଗୁଡ଼ିକ ଜାତୀୟ ସଂପ୍ରସାରଣ ସେବା ଅନ୍ତର୍ଭୁକ୍ତ ହୋଇଥିଲା, ସେଗୁଡ଼ିକ ତିନିବର୍ଷ ପରେ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ (CDP) ବ୍ଲକ୍‌ରେ ପରିଣତ ହେଲେ । କୃଷି ଓ ଅନ୍ୟାନ୍ୟ କ୍ଷେତ୍ର ଯଥା ସମବାୟ, ସ୍ୱାସ୍ଥ୍ୟ ଓ ପରିମଳ, ଗ୍ରାମ୍ୟ ଶିକ୍ଷ, ଗୃହ ନିର୍ମାଣ ଇତ୍ୟାଦିର ଅଧିକ ବ୍ୟାପକ ଭାବରେ ବିକାଶ ନିମନ୍ତେ ପ୍ରତ୍ୟେକ ବ୍ଲକ ନିମନ୍ତେ ତିନିବର୍ଷ ପାଇଁ ୧୫ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଥିଲା । ଆଶା କରାଯାଉଥିଲା ଯେ ପ୍ରଥମ ଦୁଇଟି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥିବା ବ୍ଲକ ଗୁଡ଼ିକ ଆବଶ୍ୟକୀୟ ଆତ୍ମ ନିର୍ଭରଶୀଳତା ହାସଲ କରିପାରିବେ । ତେଣୁ ସରକାରଙ୍କର ସ୍ୱତନ୍ତ୍ର ଅନୁଦାନକୁ ହ୍ରାସ କରାଯାଇପାରିବ । ଯୁକ୍ତରାଷ୍ଟ୍ର ଆମେରିକାର 'ବୈଷୟିକ ସହାୟତା' ନାମକ ଏକ ଯୋଜନା ମାଧ୍ୟମରେ ଏହାର ଅର୍ଦ୍ଧାଧିକ ଭାଗ ଆର୍ଥିକ ଓ ବୈଷୟିକ ସହାୟତା ମିଳିଥିଲା । ଗୋଷ୍ଠୀବିକାଶ କାର୍ଯ୍ୟକ୍ରମର କାର୍ଯ୍ୟକାରିତା କ୍ଷେତ୍ରରେ ହେଉଥିବା ସ୍ଥାନୀୟ ଖର୍ଚ୍ଚକୁ ଭରଣା କରିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ଅର୍ଥରାଶି ମିଳୁଥିଲା । ଗୋଷ୍ଠୀବିକାଶ କାର୍ଯ୍ୟକ୍ରମ (CDP) ଦ୍ୱାରା ନିମ୍ନଲିଖିତ ସଫଳତା ହାସଲ କରାଯାଇଥିଲା ।

ସର୍ବପ୍ରଥମଥର ପାଇଁ ଜାତୀୟ,ରାଜ୍ୟ,ଜିଲ୍ଲା, ବ୍ଲକ୍ ଓ ଗ୍ରାମ ସ୍ତରରେ ଏକ ସଙ୍ଗଠିତ ପ୍ରଶାସନିକ କଳ ପ୍ରତିଷ୍ଠା କରାଯାଇପାରିଥିଲା । ଏହାର ବିକାଶମୂଳକ କାର୍ଯ୍ୟ ଗୁଡ଼ିକ ପ୍ରଚଳିତ ପ୍ରଶାସନିକ କଳର ରାଜସ୍ୱ ସଂଗ୍ରହ କାର୍ଯ୍ୟଠାରୁ ସଂପୂର୍ଣ୍ଣ ଭାବରେ ଅଲଗା ଥିଲା ।

ବିକାଶକୁ ଜନତା କୈନ୍ଦ୍ରିକ ବୋଲି ବିବେଚନା କରାଯାଉଥିଲା । ଯୋଜନା ଓ ବିକାଶର ଆନ୍ତଃ – ବିଭାଗ ତତ୍ତ୍ୱକୁ ଉପଯୁକ୍ତ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ତାଲିମପ୍ରାପ୍ତ କର୍ମଚାରୀ ମାନଙ୍କର ନିଯୁକ୍ତି ଓ ଯାନ୍ତ୍ରିକ ଏବଂ ବୈଷୟିକ ସହାୟତାକୁ ମଧ୍ୟ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ପାରମ୍ପରିକ ଜ୍ଞାନ କୌଶଳ ଅପେକ୍ଷା ସେମାନେ ଅଧିକ ଭଲ ପ୍ରଦର୍ଶନ କରିପାରିବେ । ଏହାକୁ ପ୍ରଦର୍ଶନ କରିବା ନିମନ୍ତେ କୃଷି କ୍ଷେତ୍ରରେ ଆଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରଚଳନ କଲା । ଫଳତଃ କୃଷି ଋଣ ସମବାୟ, ପ୍ରାଥମିକ ବିଦ୍ୟାଳୟ, ଡାକ୍ତରଖାନା ଓ ଚିକିତ୍ସା କେନ୍ଦ୍ର, ମାତୃ ଓ ଶିଶୁ ମଙ୍ଗଳ କେନ୍ଦ୍ର ଇତ୍ୟାଦି ଅନୁଷ୍ଠାନ ଗୁଡ଼ିକ ପ୍ରତିଷ୍ଠା ହେଲା । ଉପରୋକ୍ତ ସମସ୍ତ ସଫଳତା ସତ୍ତ୍ୱେ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମରେ କେତେକ ତ୍ରୁଟି ପରିଲକ୍ଷିତ ହୋଇଥିଲା ।

୧) ଏହି କର୍ଯ୍ୟକ୍ରମରେ ଯେଉଁ ସୁବିଧା ସୁଯୋଗ ଗୁଡ଼ିକ ପ୍ରଦାନ କରାଯାଇଥିଲା, ଏଥିରେ ମୁଖ୍ୟତଃ ଧନୀ କୃଷକମାନେ ଉପକୃତ ହେଲେ । ଏହାନାମମାତ୍ର କୃଷକ ଓ କୃଷି ଶ୍ରମିକମାନଙ୍କର ଜୀବନ ଧାରଣର ମାନରେ ବିଶେଷ ପରିବର୍ତ୍ତନ ଆଣିପାରିଲା ନାହିଁ ।

୨) ଆତ୍ମ ନିର୍ଭରଶୀଳତା ଓ ଲୋକମାନଙ୍କର ସହଭାଗୀତାର ଯେଉଁ ଲକ୍ଷ୍ୟ ରଖାଯାଇଥିଲା, ତାହା ହାସଲ କରାଯାଇପାରିଲାନାହିଁ । ଦାୟିତ୍ୱବାନ୍ ନେତୃତ୍ୱର ବିକାଶ ନିମନ୍ତେ ଯଥେଷ୍ଟ ଧ୍ୟାନ ଦିଆଯାଇ ପାରି ନଥିଲା ।

୩) ଲୋକମାନଙ୍କର ଚିନ୍ତାଧାରା, ଦୃଷ୍ଟିଭଙ୍ଗୀ ଓ ଦୂରଦୃଷ୍ଟିରେ ପରିବର୍ତ୍ତନ ଆଣିବାରେ ଏହି କାର୍ଯ୍ୟକ୍ରମ ବିଫଳ ହୋଇଥିଲା । ସାମାଜିକ ଶିକ୍ଷା ସମ୍ପର୍କରେ ଅଧିକାଂଶ ଲୋକଙ୍କର କୌଣସି ଜ୍ଞାନ ନଥିଲା ।

୪) ଗ୍ରାମ୍ୟ ଶିଳ୍ପ ଓ ସମବାୟ ଗୁଡ଼ିକର ଉତ୍ଥାନ ନିମନ୍ତେ ହୋଇଥିବା ଉଦ୍ୟମ ସଫଳ ହୋଇପାରିନଥିଲା ।

୫) ପ୍ରଶାସନିକ ଦୁର୍ବଳତା, ଅମଲାତାନ୍ତ୍ରିକ ବିଳମ୍ବତା, ସମନ୍ୱୟ ଗତ ସମସ୍ୟା, ଆନ୍ତଃ ବିଭାଗ ବିବାଦ, ବିଭିନ୍ନ ସ୍ତରରେ ସ୍ପଷ୍ଟ କାର୍ଯ୍ୟକ୍ରମ ଦାୟିତ୍ୱବୋଧତାର ଅଭାବ ଇତ୍ୟାଦି ଏହି କାର୍ଯ୍ୟକ୍ରମର ଅନ୍ୟତମ ଦୁର୍ବଳତା ।

୬) ଏହି କାର୍ଯ୍ୟକ୍ରମରେ ହୋଇଥିବା ଯୋଜନାର ବ୍ୟୟରେ ଅନେକ ଗୁଡ଼ିଏ ପ୍ରକଳ୍ପ ଅନ୍ତର୍ଭୁକ୍ତ ହୋଇଥିଲା । ଫଳତଃ, ଏହି କାର୍ଯ୍ୟକ୍ରମର ପ୍ରଭାବ ଖୁବ୍ ସୀମିତ ହୋଇଥିଲା । ଏ ସମସ୍ତ ଦୋଷଦୁର୍ବଳତା ସତ୍ତ୍ୱେ ଗ୍ରାମାଞ୍ଚଳ ଅର୍ଥନୀତିର ବିକାଶର ମୂଳଦୂଆ ପକାଇବାରେ ଓ ଗ୍ରାମାଞ୍ଚଳ ବିକାଶର କୌଶଳ ଓ ତତ୍ତ୍ୱର ସଂଜ୍ଞା ନିର୍ଦ୍ଧାରଣ କରିବାରେ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା ।

## ୧.୯ ପଞ୍ଚାୟତିରାଜ ବ୍ୟବସ୍ଥା

ଗ୍ରାମୀଣ ଭାରତର ସମସ୍ୟା ଗୁଡ଼ିକୁ ସମାଧାନ କରିବା ନିମନ୍ତେ ପ୍ରଥମେ ୧୯୫୨ ମସିହାରେ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଓ ୧୯୫୩ ମସିହାରେ ଜାତୀୟ ସଂପ୍ରସାରଣ ସେବା ମାଧ୍ୟମରେ ସମ୍ମିଳିତ ଉଦ୍ୟମ କରାଯାଇଥିଲା । ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମର ପ୍ରଥମ ପାଞ୍ଚବର୍ଷ ପୂରଣ ହେବାପରେ ଯୋଜନା କମିଶନ ଗୁଜୁରାଟର ମୁଖ୍ୟମନ୍ତ୍ରୀ ବଳବନ୍ତ ରାଓ ମେହେଟାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଅନୁଧ୍ୟାନକାରୀ କମିଟି ଗଠନ କରିଥିଲେ । ଏହି କମିଟି ଏହି କାର୍ଯ୍ୟକ୍ରମର ଉଭୟ ସୁଫଳ ଓ କାର୍ଯ୍ୟକ୍ରମର କାର୍ଯ୍ୟକାରିତା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଓ ଅଭାବ ଖୋଜିବାହାର କରିଥିଲେ । ପରିଶେଷରେ ଏହି କମିଟି ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ ନିମନ୍ତେ ସୁପାରିଶ କରିଥିଲେ ।

ଏହି ଅନୁଧ୍ୟାନକାରୀ ଦଳ ଗୋଟିଏ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସହିତ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୁପାରିଶ କରିଥିଲା । କାର୍ଯ୍ୟକ୍ରମର କାର୍ଯ୍ୟକାରିତା ପାଇଁ ଏକ ପ୍ରଭାବଶାଳୀ ପ୍ରଶାସନିକ ବିକେନ୍ଦ୍ରୀକରଣ କରିବା ନିମନ୍ତେ ଏହା ସୁପାରିଶ କରିଥିଲା । ଏହି ବିକେନ୍ଦ୍ରୀକରଣ ପ୍ରଶାସନ ଚୟନ ହୋଇଥିବା ସମନ୍ୱିତ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଅଧୀନରେ ରହିବାର ବ୍ୟବସ୍ଥା ରହିଲା । ଗ୍ରାମ ସ୍ତରରୁ ବ୍ଲକ୍ ସ୍ତର ଓ ତାପରେ ଜିଲ୍ଲାସ୍ତର ପର୍ଯ୍ୟନ୍ତ ସାଧାରଣତଃ ଏହା ତ୍ରିସ୍ତର ବିଶିଷ୍ଟ ଥିଲା । ଏହି ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବ୍ୟବସ୍ଥା " ପଞ୍ଚାୟତିରାଜ" ନାମରେ ନାମିତ ହେଲା । ୧୯୫୭ ମସିହାର ପ୍ରାରମ୍ଭରେ ମାଡ୍ରାସ ରାଜ୍ୟ ଏହାକୁ ଏକ ଅଗ୍ରଣୀ ପ୍ରକଳ୍ପ (Pilot Project) ହିସାବରେ କାର୍ଯ୍ୟକାରୀ କଲା । ୧୯୫୮ ମସିହାରେ ଆନ୍ଧ୍ରପ୍ରଦେଶ ରାଜ୍ୟ ଏହି ଭଳି କୋଡ଼ିଏଟି ଅଗ୍ରଣୀ ପ୍ରକଳ୍ପ (Pilot Project) କୁ କାର୍ଯ୍ୟକାରୀ କଲା । ଏହି ପ୍ରକଳ୍ପ ଗୁଡ଼ିକର ସଫଳତାକୁ ଆଧାରକରି ରାଜସ୍ଥାନ ରାଜ୍ୟ ୧୯୫୯ ମସିହା ଅକ୍ଟୋବର ମାସ ୨ ତାରିଖରେ ସମଗ୍ର ରାଜ୍ୟରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରି ଦେଶର ଅଗ୍ରଦୂତ ରାଜ୍ୟର ମାନ୍ୟତା ପ୍ରାପ୍ତ ହେଲା । ୧୯୬୩ ମସିହା ଏପ୍ରିଲ୍ ୧ ତାରିଖରେ ଗୁଜୁରାଟରେ ଏହା କାର୍ଯ୍ୟକାରୀ ହୋଇଥିଲା ।

**ନିର୍ଦ୍ଦିଷ୍ଟ ଲକ୍ଷ୍ୟ :**

୧) ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସହାୟତା ପ୍ରଦାନ ।

୨) ସମାଜରେ ସଂଯୋଗ ଓ ସହଯୋଗୀ ସ୍ୱୟଂ ସହାୟତା ।

୩) ସମବାୟ ସଂସ୍ଥା ଗୁଡ଼ିକର ବିକାଶ ।

୪) ମାନବ ଶକ୍ତିର ଉପଯୋଗ ସମେତ ସ୍ଥାନୀୟ ସମ୍ବଳର ବିକାଶ ।

୫) ଯୋଜନାରେ କୃଷି ଉତ୍ପାଦନକୁ ସର୍ବାଧିକ ଗୁରୁତ୍ୱ।

୬) ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକର ଭୂମିକାକୁ ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ ସହ କର୍ତ୍ତୃପକ୍ଷ ଓ ଉଦ୍ୟମର ଉଭୟ ଭୂଲମ୍ବ ଓ ଶାୟିତ (Vertically and horizontally) ପ୍ରଗତିଶୀଳ ବିସ୍ତାରକରଣ।

୭) ଗ୍ରାମ୍ୟଶିଳ୍ପର ବିକାଶ।

୮) ବ୍ୟାପକ ପ୍ରଶିକ୍ଷଣ, ଶିକ୍ଷା ଓ କର୍ତ୍ତବ୍ୟ ତଥା ଦାୟିତ୍ୱର ସ୍ପଷ୍ଟ ସୀମା ନିର୍ଦ୍ଧାରଣ ମାଧମରେ ଲୋକପ୍ରତିନିଧି ଓ ଜନସେବକଙ୍କ ମଧ୍ୟରେ ବୁଝାମଣା ଓ ସମନ୍ୱୟ ପ୍ରତିଷ୍ଠା।

**ପଞ୍ଚାୟତିରାଜର ମୂଳତତ୍ତ୍ୱ /ଦର୍ଶନ (Philosophy of Panchayati Raj ) :**

ପଞ୍ଚାୟତିରାଜର ମୂଳତତ୍ତ୍ୱ ବା ଦର୍ଶନ ଗ୍ରାମୀଣ ଭାରତର ପରମ୍ପରା ଓ ସଂସ୍କୃତି ସହିତ ଗଭୀର ଭାବେ ଜଡ଼ିତ। ଏଣୁ ଏହା କୌଣସି ପ୍ରକାରେ ଏକ ନୂତନ ପ୍ରସଙ୍ଗ ନୁହଁ। ପଞ୍ଚାୟତିରାଜ ଗ୍ରାମ ସ୍ତରରେ ଏକ ସ୍ୱାୟତ ଶାସନ ବ୍ୟବସ୍ଥା ପ୍ରଦାନ କଲା। ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ସ୍ୱାୟତ ଶାସନର ତୃଣମୂଳ ସ୍ତରର ଏକକ। ଏଗୁଡ଼ିକୁ ଗ୍ରାମୀଣ ଭାରତର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନର ବାହନ ବୋଲି ଘୋଷଣା କରାଯାଇଛି। ଉଭୟ ପୁରୁଷ ଓ ମହିଳା ନାଗରିକ ମାନଙ୍କର ସକ୍ରିୟ ଅଂଶଗ୍ରହଣ, ସଂଶ୍ଳିଷ୍ଟତା ଓ ଅବଦାନ ଉପରେ ଏହି ଅନୁଷ୍ଠାନ ଗୁଡ଼ିକର ସଫଳ ଓ ଦକ୍ଷ କାର୍ଯ୍ୟକାରିତା ନିର୍ଭର କରେ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ ଦ୍ୱାରା ପ୍ରତ୍ୟେକ ଗ୍ରାମକୁ ଏକ ସାଧାରଣତନ୍ତ୍ର ଓ ପଞ୍ଚାୟତ ଗୁଡ଼ିକୁ କ୍ଷମତାଶାଳୀ କରିବାର ଲକ୍ଷ୍ୟ ପୂରଣ ହୋଇ ପାରିଛି। ଏହାବାଦ୍ ଗ୍ରାମାଞ୍ଚଳର ପୁନର୍ଗଠନରେ ଲୋକମାନଙ୍କର ଅଂଶ ଗ୍ରହଣକୁ ତାଲିକାଭୁକ୍ତ କରାଯାଇପାରିଛି।

**ପଞ୍ଚାୟତିରାଜର ତ୍ରିସ୍ତର :**

- ଗ୍ରାମ ସ୍ତରରେ ଗ୍ରାମ ପଞ୍ଚାୟତ
- ବ୍ଲକ୍ ସ୍ତରରେ ପଞ୍ଚାୟତ ସମିତି
- ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ

**ଗ୍ରାମ ପଞ୍ଚାୟତ :** ଗ୍ରାମ ପଞ୍ଚାୟତ ହେଉଛି ପଞ୍ଚାୟତିରାଜ ଅନୁଷ୍ଠାନ ବା ସ୍ଥାନୀୟ ସ୍ୱାୟତଶାସନର ପ୍ରାଥମିକ ଏକକ। ଅନ୍ୟ ଅର୍ଥରେ କହିଲେ ଗ୍ରାମ ପଞ୍ଚାୟତ ହେଉଛି ଭାରତୀୟ ସମ୍ବିଧାନର ରାଷ୍ଟ୍ର ନିୟାମକ ନୀତି ଅଧିନରେ ପ୍ରଥମ ଆନୁଷ୍ଠାନିକ ଗଣତାନ୍ତ୍ରିକ ଅନୁଷ୍ଠାନ। ଏହାର ସଦସ୍ୟମାନେ ଗ୍ରାମର ସାବଳକ ନାଗରିକ ମାନଙ୍କଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥାଆନ୍ତି। ଏହାକୁ ଗ୍ରାମର କ୍ୟାବିନେଟ୍ ବୋଲି କୁହାଯାଇଥାଏ। ଗ୍ରାମ ପଞ୍ଚାୟତ ଗୁଡ଼ିକ ସେମାନଙ୍କର ଆୟ, ଜନସଂଖ୍ୟା ଓ ଭୌଗୋଳିକ ଅଞ୍ଚଳକୁ ଭିତ୍ତି କରି ଗଠିତ ହୋଇଥାଏ। ଏଥିରେ

ମହିଳା ଓ ତଫସିଲ୍‌ଭୁକ୍ତ ଜାତି ଓ ତଫସିଲ୍‌ଭୁକ୍ତ ଉପଜାତି ନିମନ୍ତେ ଆସନ ସଂରକ୍ଷଣର ବ୍ୟବସ୍ଥା ଥାଏ। ଗ୍ରାମପଞ୍ଚାୟତର କାର୍ଯ୍ୟକାଳ ୫ବର୍ଷ ଓ ଏହା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ଅନୁଷ୍ଠାନ। ଏହାର ଆୟର ମୁଖ୍ୟ ଉତ୍ସ ହେଉଛି ବିଭିନ୍ନ ପ୍ରକାର କର ଓ ଖଜଣା ଏବଂ ସରକାରୀ ଅନୁଦାନ। ଏହି ଆୟକୁ ଆଧାର କରି ଏହା ତାରକାର୍ଯ୍ୟ ସମ୍ପାଦନ କରିଥାଏ।

**ଗ୍ରାମ ପଞ୍ଚାୟତର ମୁଖ୍ୟ କାର୍ଯ୍ୟାବଳୀ :**

୧) ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଗ୍ରାମ ଗୁଡ଼ିକର ବିକାଶ ନିମନ୍ତେ ବାର୍ଷିକ ଯୋଜନା ପ୍ରସ୍ତୁତି।

୨) ଗ୍ରାମ ପଞ୍ଚାୟତର ବାର୍ଷିକ ଆୟ ବ୍ୟୟ ଅଟକଳ ପ୍ରସ୍ତୁତି।

୩) ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ଯୋଗାଣ।

୪) ସର୍ବସାଧାରଣ ସମ୍ପତ୍ତି ଉପରେ ଥିବା ଜବରଦଖଲର ଉଚ୍ଛେଦ।

୫) ସ୍ୱେଚ୍ଛାସେବୀ ଶ୍ରମିକଙ୍କୁ ସଂଗଠିତ କରି ଗୋଷ୍ଠୀ ବିକାଶ କାର୍ଯ୍ୟ ଆୟୋଜନ।

୬) ଗ୍ରାମର ଅତ୍ୟାବଶ୍ୟକୀୟ ପରିସଂଖ୍ୟାନ ପରିଚାଳନା।

୭) ଦାୟିତ୍ୱ ଦିଆଯାଇଥିବା ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ସମ୍ପାଦନା।

୮) ସେବା ବା ବିକାଶମୂଳକ କାର୍ଯ୍ୟ, ଯଥା – ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିର ବିକାଶ।

୯) ପ୍ରତିନିଧିମୂଳକ କାର୍ଯ୍ୟ ଅର୍ଥାତ୍ ଜନମତକୁ ପ୍ରତିନିଧିତ୍ୱ କରିବା।

୧୦) ନିୟାମକ ଓ ପ୍ରାଶାସନିକ କାର୍ଯ୍ୟ ଅର୍ଥାତ୍ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଗୁଡ଼ିକର କାର୍ଯ୍ୟକଳାପ ବା ଚରିତ୍ରକୁ ନିୟନ୍ତ୍ରଣ କରିବା ଓ କରଖଜଣା ଆଦାୟ କରିବା।

**ତାଲୁକ ବା ବ୍ଲକ୍ ପଞ୍ଚାୟତ (ପଞ୍ଚାୟତ ସମିତି) :**

ବ୍ଲକ୍ ସ୍ତରରେ କାର୍ଯ୍ୟକରୁଥିବା ପଞ୍ଚାୟତିରାଜ ଅନୁଷ୍ଠାନକୁ ପଞ୍ଚାୟତ ସମିତି ବା ପଞ୍ଚାୟତ ୟୁନିୟନ କୁହାଯାଏ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଏହା ହେଉଛି ଦ୍ୱିତୀୟ ସ୍ତର। ତାଲୁକ୍ ଅଧକ୍ଷ ବା ପଞ୍ଚାୟତ ସମିତି ଅଧକ୍ଷ ହେଉଛନ୍ତି ଏହାର ମୁଖ୍ୟ। ଏହାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବି.ଡି.ଓ (BDO) ବା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁହାଯାଏ। ସେ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥାଆନ୍ତି। ସେ ବ୍ଲକ୍‌ର ମୁଖ୍ୟ ପରିଚାଳକ ଓ ତତ୍ତ୍ୱବଧାରକ।

ବ୍ଲକ୍‌ର ଯୋଜନା ପ୍ରସ୍ତୁତି, ଏହାର ପ୍ରଣୟନ ଓ ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମର ତଦାରଖ କରିବା ହେଉଛି ପଞ୍ଚାୟତ ସମିତିର ମୁଖ୍ୟ କାର୍ଯ୍ୟ। ଏହା ମଧ୍ୟ ଏହା ଅଧୀନରେ ଥିବା ଲୋକମାନଙ୍କ ମଧ୍ୟରେ ସ୍ୱୟଂ ସହାୟତା, ଉଦ୍ୟମ ଓ ଜୀବନ ଧାରଣର ମାନରେ ଉନ୍ନତି ଆଣିବାର ଅନୁଭବଶକ୍ତି ଜାଗ୍ରତ କରିଥାଏ। ବିକାଶମୂଳକ କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରିତାକୁ ଏହା ସମର୍ଥନ କରେ। କୃଷି, ପଶୁପାଳନ, ସ୍ୱାସ୍ଥ୍ୟ, ମଙ୍ଗଳକାରୀ ଓ ବିକାଶ ମୂଳକ କାର୍ଯ୍ୟ ସମ୍ପାଦନ କରିଥାଏ। ଏହା ଗ୍ରାମ୍ୟ ଗୃହ ନିର୍ମାଣ ପ୍ରକଳ୍ପ ଅର୍ଥରାଶି ଓ ଋଣକୁ ଖର୍ଚ୍ଚ କରିଥାଏ।

**ଜିଲ୍ଲା ପଞ୍ଚାୟତ ବା ଜିଲ୍ଲା ପରିଷଦ :**

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଥିବା ସଂସ୍ଥାକୁ ଜିଲ୍ଲା ପରିଷଦ କୁହାଯାଏ। ଏହା ହେଉଛି ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥାର ସର୍ବୋଚ୍ଚ ସ୍ତର। ଏହାକୁ ମଧ୍ୟ ଜିଲ୍ଲା ବିକାଶ ପରିଷଦ କୁହାଯାଏ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ହେଉଛନ୍ତି ଏହାର ମୁଖ୍ୟ। ଜିଲ୍ଲାପାଳ ହେଉଛନ୍ତି ଏହାର କାର୍ଯ୍ୟ ନିର୍ବାହୀ ଅଧିକାରୀ। ସେ ଜିଲ୍ଲାର ବିଭିନ୍ନ ବିଭାଗର ମୁଖ୍ୟମାନଙ୍କ ସହାୟତାରେ ଜିଲ୍ଲାର ବିକାଶମୂଳକ କାର୍ଯ୍ୟକୁ ଆଗେଇ ନିଅନ୍ତି।

**କାର୍ଯ୍ୟାବଳୀ :**

୧) ଏହା ବ୍ଲକ୍ ବା ପଞ୍ଚାୟତ ସମିତି ଗୁଡ଼ିକର ପରାମର୍ଶ ପ୍ରଦାନକାରୀ ସଂସ୍ଥା।

୨) ଏହା ବ୍ଲକ୍‌ର ଆୟବ୍ୟୟ ଅଟକଳ ଓ ଯୋଜନାକୁ ଅନୁମୋଦନ କରେ।

୩) ବ୍ଲକ୍ ମାନଙ୍କୁ ଅର୍ଥରାଶି ମଞ୍ଜୁର କରେ।

୪) ମାଧ୍ୟମିକ ଶିକ୍ଷା ପରିଚାଳନା କରେ।

୫) ଜିଲ୍ଲାର ଗ୍ରାମାଞ୍ଚଳ ବିକାଶ ସମ୍ପର୍କିତ ସମସ୍ତ ପ୍ରସଙ୍ଗରେ ସରକାରଙ୍କୁ ପରାମର୍ଶ ପ୍ରଦାନ କରେ।

୬) ଜିଲ୍ଲାରେ ଥିବା ସମସ୍ତ ବ୍ଲକ୍ ଗୁଡ଼ିକର ବିଭିନ୍ନ କାର୍ଯ୍ୟାବଳୀର ଫଳାଫଳକୁ ପର୍ଯ୍ୟାଲୋଚନା କରେ।

**ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣର ମୁଖ୍ୟ ବୈଶିଷ୍ଟ୍ୟ :**

୧) ଅଧିକାଂଶ କାର୍ଯ୍ୟ ଓ ଯୋଜନାର ଅନୁମୋଦନ କ୍ଷମତା ପଞ୍ଚାୟତ ସମିତି ଓ ସ୍ଥାୟୀ କମିଟି ହାତରେ ନ୍ୟସ୍ତ ଥାଏ।

୨) ଅଧିକାଂଶ କାର୍ଯ୍ୟ ପଞ୍ଚାୟତ ସମିତିର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟକାରୀ ହୋଇଥାଏ। ତେଣୁ ସମସ୍ତ ପ୍ରକାର ବିକାଶମୂଳକ କାର୍ଯ୍ୟ ନିମନ୍ତେ ବ୍ଲକ୍‌ସ୍ତରରେ ଗୋଟିଏ ଏକକ ସଂସ୍ଥା ରହିଥାଏ।

୩) ଜିଲ୍ଲା ପରିଷଦର ବିଭିନ୍ନ ପ୍ରକାର କାର୍ଯ୍ୟାବଳୀ ପଞ୍ଚାୟତ ସମିତି ଗୁଡ଼ିକ ମଧ୍ୟରେ ବଣ୍ଟନ କରାଯାଏ।

୪) ବ୍ଲକ୍ ସ୍ତରରେ ଆବଶ୍ୟକ ହେଉଥିବା ସମସ୍ତ ପ୍ରକାର ବୈଷୟିକ ସହାୟତା ପଞ୍ଚାୟତ ସମିତି ପାଖରେ ଥାଏ ।

୫) ପ୍ରାଥମିକ ଶିକ୍ଷା ହେଉଛି ପଞ୍ଚାୟତ ସମିତିର ମୁଖ୍ୟ ଦାୟିତ୍ୱ ।

୬) ବ୍ଲକ୍ ଓ ଗ୍ରାମାଞ୍ଚଳରେ କାର୍ଯ୍ୟକରୁଥିବା ସମସ୍ତ ଚିକିତ୍ସାଳୟ ଗୁଡ଼ିକ ପଞ୍ଚାୟତ ସମିତିର ପ୍ରଶାସନିକ ନିୟନ୍ତ୍ରଣରେ ରହିଥାଏ ।

୭) ପଞ୍ଚାୟତ ସମିତିର ସଦସ୍ୟ ମାନଙ୍କର ବ୍ଲକ୍ ଅଧୀନରେ ଥିବା ଅନୁଷ୍ଠାନ ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକାରର କାର୍ଯ୍ୟକୁ ତଦାରଖ କରିବାର ଅଧିକାର ଥାଏ । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଯେକୌଣସି ପ୍ରକାର କାର୍ଯ୍ୟର ଦକ୍ଷତା ଓ ଗୁଣବତ୍ତାକୁ ସୁନିଶ୍ଚିତ କରିବା ଓ କୌଣସି ପ୍ରକାର ତ୍ରୁଟି ଦୃଷ୍ଟିକୁ ଆସିଲେ ତାକୁ କାର୍ଯ୍ୟନିର୍ବାହୀଙ୍କ ଦୃଷ୍ଟି ଆକର୍ଷଣ କରିବ ।

୮) ବ୍ଲକ୍ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଏଭଳି ଏକତ୍ରିତ ହୋଇ ଯାଆନ୍ତି ଯେ ପଞ୍ଚାୟତ ସମିତି ଅଧୀନରେ ସେମାନେ ସମନ୍ୱିତ ଉପାୟରେ କାର୍ଯ୍ୟ କରନ୍ତି ।

୯) କ୍ଷୁଦ୍ର ଜଳସେଚନ କାର୍ଯ୍ୟର ପରିଚାଳନା ପଞ୍ଚାୟତ ସମିତିର ଦାୟିତ୍ୱ ।

୧୦) ପଞ୍ଚାୟତ ସମିତି ଏହା ଅଧୀନରେ ଥିବା ଗ୍ରାମ ପଞ୍ଚାୟତ ଗୁଡ଼ିକୁ ଉଭୟ ଆର୍ଥିକ ଓ ବୈଷୟିକ ସହାୟତା ପ୍ରଦାନ ସହ ଏହାର କାର୍ଯ୍ୟାବଳୀର ତଦାରଖ କରିଥାଏ ।

୧୧) ଗ୍ରାମପଞ୍ଚାୟତର ଯୋଜନାକୁ ଆଧାର କରି ବ୍ଲକ୍ ର ଯୋଜନା, ବ୍ଲକର ଯୋଜନାକୁ ଆଧାର କରି ଜିଲ୍ଲା ଯୋଜନା ଓ ଜିଲ୍ଲା ଯୋଜନାକୁ ଆଧାରକରି ରାଜ୍ୟ ଯୋଜନା ପ୍ରସ୍ତୁତ ହୋଇଥାଏ । ବାସ୍ତବରେ ଲୋକମାନଙ୍କର ଆବଶ୍ୟକତାକୁ ଆଖି ଆଗରେ ଏହି ଭଳି ଉପାୟରେ ଯୋଜନା ପ୍ରସ୍ତୁତ ହୋଇଥାଏ ।

୧୨) ଗ୍ରାମପଞ୍ଚାୟତ ଗୁଡ଼ିକ ନିର୍ଦ୍ଧାରଣ କରିଥିବା ଶୁଳ୍କ ଉପରେ ଅତିରିକ୍ତ ଶୁଳ୍କ ଲାଗୁକରିବାର କ୍ଷମତା ପଞ୍ଚାୟତ ସମିତିକୁ ପ୍ରଦାନ କରାଯାଇଛି । ଏହା ପଞ୍ଚାୟତ ସମିତି ଗୁଡ଼ିକୁ ସେମାନଙ୍କର ସମ୍ବଳ ସୃଷ୍ଟି କରିବା ନିମନ୍ତେ ସହାୟକ ହୋଇଥାଏ ।

୧୩) ସ୍ୱୟଂସହାୟତା ଓ ପାରସ୍ପରିକ ସହଯୋଗ ଭଳି ଦ୍ୱୈତ ନୀତି ସାହାଯ୍ୟରେ ଗ୍ରାମାଞ୍ଚଳ ବିକାଶର ଯୋଜନା ପ୍ରସ୍ତୁତି ଓ ସମସ୍ତ ଯୋଜନାର କାର୍ଯ୍ୟକାରିତା ଏହି ଲୋକପ୍ରିୟ ଅନୁଷ୍ଠାନ ଗୁଡ଼ିକର ମୁଖ୍ୟ କାର୍ଯ୍ୟ ।

ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା, ଯୋଗାଯୋଗ, କୃଷି ସଂପ୍ରସାରଣ ସମବାୟ, ସ୍ୱାସ୍ଥ୍ୟ ଇତ୍ୟାଦି କ୍ଷେତ୍ରରେ ପଞ୍ଚାୟତିରାଜ ବ୍ୟବସ୍ଥା ଉଲ୍ଲେଖନୀୟ ଅଗ୍ରଗତି ପ୍ରଦାନ କଲା । ଲୋକମାନେ ପାନୀୟ ଜଳ ପାଇ ପାରିଲେ । କେତେକ ସ୍ଥାନରେ ଲୋକମାନେ ଜଳ ଯୋଗାଣ, ଗ୍ରାମ୍ୟ ରାସ୍ତା, ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା, ଗ୍ରାମ୍ୟ ପରିମଳ

ଇତ୍ୟାଦିର ରକ୍ଷଣାବେକ୍ଷଣ କଲେ । ଏଥିନିମନ୍ତେ ପର୍ଯ୍ୟାପ୍ତ ପରିମାଣର ସମ୍ବଳ ଯୋଗାଇ ଦିଆଗଲା । ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ଗ୍ରାମୀଣ ଚେତନା ଜାଗ୍ରତ ହେଲା । ଫଳ ସ୍ୱରୂପ, ଗ୍ରାମବାସୀମାନେ ନିଜର ଅଧିକାର ସମ୍ପର୍କରେ ସଚେତନ ହେଲେ ଓ ସେମାନଙ୍କର ଜୀବନ ଧାରଣ ମାନ ବୃଦ୍ଧି କଲେ ।

## ୧.୧୦ ଯୋଗାଣ ଭିତ୍ତିକ ଗ୍ରାମାଞ୍ଚଳ ବିକାଶ (Supply Driven Rural Development )

ଯୋଗାଣ ଭିତ୍ତିକ ବଦଳରେ ଚାହିଦା ଭିତ୍ତିକ : ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ ଯୋଗାଣ ଆଧାରିତ ହେବା ବଦଳରେ ଚାହିଦା ଭିତ୍ତିକ ହେବା ଆବଶ୍ୟକ । ଭାରତରେ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ ଲୋକମାନଙ୍କର ଚାହିଦା ଭିତ୍ତିକ ହେବା ବଦଳରେ ଯୋଗାଣ ଭିତ୍ତିକ ହୋଇଥାଏ । ଏହା ହିଁ ସବୁଠାରୁ ବଡ଼ ତ୍ରୁଟି । ବେଳେବେଳେ ଦେଖାଯାଏ ଯେ, ଲୋକମାନେ ଯାହା ଚାହାଁନ୍ତି, ତାହା ପାଇପାରନ୍ତି ନାହିଁ । କାର୍ଯ୍ୟକାରୀ ହେବାକୁ ଥିବା ଯୋଜନା ଗୁଡ଼ିକର ପ୍ରସ୍ତୁତି, ପରାମର୍ଶ ଓ ନିୟନ୍ତ୍ରଣ ଏବଂ ମୂଲ୍ୟାୟନ ଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ଲୋକମାନଙ୍କର ସହଭାଗୀତାକୁ ସୁନିଶ୍ଚିତ କରାଯିବା ଆବଶ୍ୟକ । ଏହାଦ୍ୱାରା ସେମାନଙ୍କ ନିମନ୍ତେ ଯେକୌଣସି ପ୍ରକାର ବିକାଶମୂଳକ କାର୍ଯ୍ୟ ହାତକୁ ନେବା ବେଳେ ସେମାନଙ୍କର ବିଭିନ୍ନ ପ୍ରକାର ଆବଶ୍ୟକତା ଓ ଚାହିଦା ଗୁଡ଼ିକ ଏକତ୍ରୀକରଣ ହୋଇପାରିବ । ଉଦାହରଣ ସ୍ୱରୂପ - ଜଣେ ଲୋକର ଖାଦ୍ୟାଭାବ ଅଛି । ଆମେ ତାର ନାମକୁ ଗ୍ରାମାଞ୍ଚଳ ଗୃହ ନିର୍ମାଣ ହିତାଧିକାରୀ ତାଲିକାରେ ସଂଶ୍ଳିଷ୍ଟ କରିବା । ତାର ସମସ୍ୟା ସମାଧାନ ହୋଇପାରିବ ନାହିଁ । ତେଣୁ ଏ କ୍ଷେତ୍ରରେ ଯୋଗାଣ ଭିତ୍ତିକ ଗ୍ରାମାଞ୍ଚଳ ବିକାଶ ବଦଳରେ ଚାହିଦା ଭିତ୍ତିକ ଗ୍ରାମାଞ୍ଚଳ ବିକାଶ ସୃଷ୍ଟି କରିବା ନିମନ୍ତେ ଉଭୟ ସରକାରୀ କଳ ଓ ହିତାଧିକାରୀଙ୍କୁ ସାମିଲ୍ କରିବାର ଆବଶ୍ୟକତା ରହିଛି ।

## ୧.୧୧ ପରିପୋଷକ ଗ୍ରାମାଞ୍ଚଳ ବିକାଶ : (Sustainable Rural Development)

ପରିପୋଷକ ବା ନିରନ୍ତର ଗ୍ରାମାଞ୍ଚଳ ବିକାଶ ହେଉଛି ସାଧାରଣତଃ ଏକ ବିକାଶ ଯାହା ଗ୍ରାମାଞ୍ଚଳ ଲୋକମାନଙ୍କର ବର୍ତ୍ତମାନ ପିଢ଼ିର ଆବଶ୍ୟକତା ପୂରଣ କରିଥାଏ । ଏହା ଭବିଷ୍ୟତ ପିଢ଼ି ମାନଙ୍କର ଚାହିଦା ପୂରଣର ଦକ୍ଷତା ସହିତ କୌଣସି ସାଲିସ କରିନଥାଏ । ଗ୍ରାମାଞ୍ଚଳ ଲୋକମାନଙ୍କର ଜୀବନ ଧାରଣର ମାନ ବୃଦ୍ଧି ନିମନ୍ତେ ଏହା ପରିପୋଷକ ବା ନିରନ୍ତର ଉଦ୍ୟମର ଅକ୍ଷୁର୍ଣ୍ଣ ଅଧିକାର ପ୍ରଦାନ କରିଥାଏ । ଭାରତ ସମେତ ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ର ଗୁଡ଼ିକ ସମ୍ବଳ ବିକାଶ ଓ ଉପଯୋଗ ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରି ସେମାନଙ୍କର ସହରାଞ୍ଚଳ – ଗ୍ରାମାଞ୍ଚଳ ପାର୍ଥକ୍ୟକୁ ହ୍ରାସ କରିବା ନିମନ୍ତେ ଗ୍ରାମାଞ୍ଚଳର ବିକାଶ ପାଇଁ ଯଥେଷ୍ଟ ଉଦ୍ୟମ କରି ଆସୁଛନ୍ତି । ଏଥିପାଇଁ ଉପଲବ୍ଧ ହେଉଥିବା ସମ୍ବଳର ସଦ୍ ବିନିଯୋଗ ନିମନ୍ତେ ଲୋକମାନଙ୍କର ଜ୍ଞାନ, କୌଶଳ ଓ ଦକ୍ଷତାର ବିକାଶ କରି ଆସୁଛନ୍ତି ।

## ୧.୧୨ ସହଭାଗୀ ଗ୍ରାମାଞ୍ଚଳ ବିକାଶ : (Participatory Rural Development)

ସହଭାଗୀ ଗ୍ରାମାଞ୍ଚଳ ବିକାଶ ସହଭାଗୀ ଗ୍ରାମାଞ୍ଚଳ ମୂଲ୍ୟାୟନ ତତ୍ତ୍ୱରୁ ଆନୀତ । ଏହା ଗ୍ରାମାଞ୍ଚଳ ଲୋକମାନଙ୍କୁ ନିଜର ଜୀବନ ଓ ଅବସ୍ଥା ସମ୍ପର୍କିତ ଜ୍ଞାନର ପରିପ୍ରକାଶ, ବୃଦ୍ଧି ଓ ବିଶ୍ଳେଷଣ, ଯୋଜନା ପ୍ରସ୍ତୁତି ଓ ଏହାର କାର୍ଯ୍ୟକାରିତା, ନିୟନ୍ତ୍ରଣ ଓ ମୂଲ୍ୟାୟନ ନିମନ୍ତେ ସକ୍ଷମ କରାଯାଇଥାଏ । ତେଣୁ ଏହା ଏକ କ୍ରମବର୍ଦ୍ଧିଷ୍ଣୁ ତତ୍ତ୍ୱ ଓ ପଦ୍ଧତିର ସମ୍ମିଶ୍ରଣ । ଏଥିରେ ଜଣେ ବାହ୍ୟବ୍ୟକ୍ତି ସମାଜ ହିତରେ ଜଣେ ପରିବର୍ତ୍ତନକାରୀ ଓ ଜଣେ ସୁବିଧା ସୁଯୋଗ ପ୍ରଦାନକାରୀର ଭୂମିକା ନିର୍ବାହ କରିଥାଏ । ଏହା ସେମାନଙ୍କର ଅବସ୍ଥା ପରିବର୍ତ୍ତନ କରିବା ନିମନ୍ତେ ପ୍ରସ୍ତୁତ ହୋଇଥାଏ । ରବର୍ଟ ଚାମ୍ବରସ (Robert Chambers) ଙ୍କ ମତରେ ସହଭାଗୀ ଗ୍ରାମାଞ୍ଚଳ ମୂଲ୍ୟାୟନ (Participatory Rural Appraisal) ବିକାଶମୂଳକ ଯୋଜନାର ଏକ ତତ୍ତ୍ୱ ଓ ଅନୁସନ୍ଧାନର ଏକ ପଦ୍ଧତି ହିସାବରେ ବିଭିନ୍ନ ସୂତ୍ରରୁ ଉତ୍ପତ୍ତିଲାଭ କରିଛି । ସହଭାଗୀ ଢାଞ୍ଚାରେ ବା ଉପାୟରେ ବ୍ୟବହାର ଉପଯୋଗୀ ହେବା ନିମନ୍ତେ କେତେକ ଉତ୍ସରେ ପରିବର୍ତ୍ତନ ଆସିଛି ଓ ଆଉ କେତେକକୁ ଅନୁସନ୍ଧାନ ଓ ଯୋଜନା ପ୍ରଣୟନ ନିମନ୍ତେ ବ୍ୟବହାର କରାଯାଇଛି ।

### ଆତ୍ମ ପରୀକ୍ଷଣ ପ୍ରଶ୍ନ 'କ'

ଟିପ୍ପଣୀ – (କ) ଉତ୍ତର ପାଇଁ ଉଦ୍ଦିଷ୍ଟ ଖାଲି ସ୍ଥାନକୁ ବ୍ୟବହାର କରନ୍ତୁ ।

(ଖ) ଏକକର ଶେଷରେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର ସହିତ ନିଜର ଉତ୍ତରକୁ ମିଳାନ୍ତୁ ।

(୧) ଭାରତରେ ଗ୍ରାମାଞ୍ଚଳ ବିକାଶ କାହିଁକି ଗୁରୁତ୍ୱପୂର୍ଣ୍ଣ ?

ଉତ୍ତର :________________________________________

(୨) ଭାରତରେ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଥିବା ସମସ୍ୟା ଗୁଡ଼ିକ କ'ଣ ?

ଉତ୍ତର :________________________________________

(୩) ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ କହିଲେ ତୁମେ କ'ଣ ବୁଝ ?

ଉତ୍ତର :

(୪) ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥାର ବିଭିନ୍ନ ସ୍ତରଗୁଡ଼ିକ କ'ଣ ?

ଉତ୍ତର :

## ୧.୧୩ ସାରାଂଶ

ବିଭିନ୍ନ ଭାବରେ ଗ୍ରାମାଞ୍ଚଳ ବିକାଶର ସଂଜ୍ଞା ନିରୂପଣ କରାଯାଇପାରେ । କିନ୍ତୁ ବାସ୍ତବ ଦୃଷ୍ଟିରୁ ଦେଖିଲେ ଏହା ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଲୋକମାନଙ୍କୁ ସେମାନଙ୍କ ଆର୍ଥିକ ବିକାଶରେ ସହାୟତାକୁ ବୁଝାଇଥାଏ । ତେଣୁ ଏତିକି କୁହାଯାଇପାରିବ ଯେ, ଭାରତ ଭଳି ଏକ କୃଷିପ୍ରଧାନ ଦେଶରେ ପ୍ରାଥମିକ ଗୁରୁତ୍ୱ ହେଉଛି ଗ୍ରାମାଞ୍ଚଳ ବିକାଶ । ଗ୍ରାମାଞ୍ଚଳର ବିକାଶ ବିନା କୌଣସି ପରିପୋଷକ ବା ନିରନ୍ତର ବିକାଶ ନାହିଁ ।

ଗ୍ରାମାଞ୍ଚଳ ବିକାଶର ସାର୍ବଜନୀନ ଭାବରେ ଗ୍ରହଣୀୟ ହେଲାଭଳି କୌଣସି ତତ୍ତ୍ୱ ନାହିଁ । ସମୟ, ସ୍ଥାନ ଓ ସଂସ୍କୃତିର ପ୍ରଭାବ ଅନୁସାରେ ଏହାକୁ ପସନ୍ଦ କରାଯାଇଥାଏ । ଗ୍ରାମାଞ୍ଚଳ ବିକାଶ ଶବ୍ଦଟି ଗ୍ରାମାଞ୍ଚଳ ଲୋକମାନଙ୍କର ଜୀବନ ଧାରଣର ମାନ ବୃଦ୍ଧି ନିମନ୍ତେ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶକୁ ବୁଝାଇଥାଏ । ଏହି ଦୃଷ୍ଟିରୁ ଏହା ଏକ ବ୍ୟାପକ ଓ ବହୁମୁଖୀ ପ୍ରସଙ୍ଗ । ଏହା କୃଷି ସହ ଏହା ଆନୁସଙ୍ଗିକ କାର୍ଯ୍ୟାବଳୀ, ଗ୍ରାମ୍ୟ ଓ କୁଟୀର ଶିଳ୍ପ ତଥା ହସ୍ତଶିଳ୍ପ, ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମି, ଗୋଷ୍ଠୀ ସେବା ଓ ସୁବିଧା ସୁଯୋଗ ପ୍ରଦାନ ସର୍ବୋପରି ଗ୍ରାମାଞ୍ଚଳର ମାନବ ସମ୍ବଳର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ତେଣୁ ଗ୍ରାମାଞ୍ଚଳ ବିକାଶର ବିଭାଗ ତତ୍ତ୍ୱ, ଅଞ୍ଚଳ ବିକାଶ ତତ୍ତ୍ୱ, ସମନ୍ୱିତ ବିକାଶତତ୍ତ୍ୱ, ବିକାଶକେନ୍ଦ୍ର ତତ୍ତ୍ୱ ଓ ଗୋଷ୍ଠୀ ଭିତ୍ତିକ ବିକାଶ (CDD) ତତ୍ତ୍ୱ ଭଳି ଅନେକ ତତ୍ତ୍ୱ ରହିଛି ।

ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମର ପ୍ରଥମ ପାଞ୍ଚବର୍ଷ ପୂରଣ ହେବା ପରେ ଭାରତର ଯୋଜନା ଆୟୋଗ ଗୁଜୁରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବଳବନ୍ତ ରାଓ ମେହେଟାଙ୍କ ନେତୃତ୍ୱରେ ଏକ ଉଚ୍ଚଧରଣର ଅନୁଧ୍ୟାନକାରୀ କମିଟି ଗଠନ କରିଥିଲେ । ଏହି କମିଟି ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତାର ଉଭୟ ସୁଫଳ ଓ ଅଭାବତା ନିରୂପଣ କରିଥିଲେ । ଏହି କମିଟି ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ ନିମନ୍ତେ ସୁପାରିଶ କରିଥିଲେ ଯାହାକି ଭାରତର ରାଜନୈତିକ ବ୍ୟବସ୍ଥାର ଭିତ୍ତିଭୂମି ଓ ସରକାରଙ୍କର ବିକେନ୍ଦ୍ରିକରଣ । ଏଥିରେ ପ୍ରତ୍ୟେକଟି ଗ୍ରାମ ନିଜର ବ୍ୟାପାର ନିମନ୍ତେ ଦାୟୀ ରହିବାର ବ୍ୟବସ୍ଥା ହୋଇଥିଲା ।

## ୧.୧୪ ପ୍ରମୁଖ ଶବ୍ଦାବଳୀ

- **ପଞ୍ଚ :** ଏହା ହେଉଛି ବରିଷ୍ଠ ନାଗରିକ ମାନଙ୍କର ଏକ ସମ୍ମିଳନୀ ଯିଏ ଜାତି ଓ ପରମ୍ପରାର ସୀମାରେଖା ମଧ୍ୟରେ ବିବାଦ ଗୁଡ଼ିକର ସମାଧାନ କରିଥାଏ ।

- **ଗ୍ରାମପଞ୍ଚାୟତ :** ଏହା ହେଉଛି ଗ୍ରାମର ନିର୍ବାଚିତ ପ୍ରତିନିଧି ମାନଙ୍କର ଏକ ସମ୍ମିଳନୀ । ଏହି ଗ୍ରାମ ସଂଗଠନ ଗ୍ରାମକୁ ପ୍ରଭାବିତ କଲାଭଳି ପ୍ରସଙ୍ଗ ଉପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଯୋଗସୂତ୍ର ରକ୍ଷା କରେ ।

- **ଗଣତନ୍ତ୍ର :** ଏହି ଶବ୍ଦଟି ଗ୍ରୀକ୍ ଶବ୍ଦ ଡେମସ (Demos) ଓ କ୍ରାଟିଆ (Cratia) ରୁ ଆନୀତ । ଡେମସ୍ କହିଲେ ଗଣ ବା ଲୋକ ଓ କ୍ରାଟିଆ କହିଲେ ଶାସନ ତନ୍ତ୍ରକୁ ବୁଝାଏ । ତେଣୁ ଗଣତନ୍ତ୍ର କହିଲେ ଲୋକମାନଙ୍କର ଶାସନ । ଏହା ଏକ ଶାସନ ଯାହା ଲୋକ ମାନଙ୍କର, ଲୋକ ମାନଙ୍କ ପାଇଁ ଓ ଲୋକମାନଙ୍କ ଦ୍ୱାରା ।

- **ବିକେନ୍ଦ୍ରୀକରଣ :** ସର୍ବନିମ୍ନ ସ୍ତରରେ କାର୍ଯ୍ୟକରୁଥିବା ସ୍ଥାନୀୟ ଏକକ ଗୁଡ଼ିକ ମାଧ୍ୟରେ କେନ୍ଦ୍ରୀୟ କ୍ଷମତାର ବଣ୍ଟନକୁ ବିକେନ୍ଦ୍ରୀକରଣ କୁହାଯାଏ ।

- **ଗଣତାନ୍ତ୍ରୀକ ବିକେନ୍ଦ୍ରୀକରଣ :** ଲୋକମାନଙ୍କ ଅନୁଷ୍ଠାନ ଦ୍ୱାରା ବିକାଶ ଲାଭ କରିଥିବା କର୍ତ୍ତୃପକ୍ଷ ସ୍ଥାନୀୟ ସ୍ୱାୟତ୍ତ ଶାସନର କାର୍ଯ୍ୟ ସମ୍ପାଦନ କଲେ ଏହାକୁ ଗଣତନ୍ତ୍ରିକ ବିକେନ୍ଦ୍ରୀକରଣ କୁହାଯାଏ ।

## ୧.୧୫ ସହାୟକ ଗ୍ରନ୍ଥସୂଚୀ


୧. ସତ୍ୟ ସୁନ୍ଦରମ୍ . ଆଇ (୧୯୭୭) – Rural Development, Himalaya Publishing House, New Delhi.

୨. କତାର ସିଂ (୧୯୮୬) – Rural Development – Principles, Policies and Management, SAGE Publications, New Delhi.

୩. ଭେଙ୍କଟ ରେଡ୍ଡି. କେ.(୧୯୯୨) – Rural Develement in India-Poverty and Development, Himalaya Publishing House, New Delhi.

୪. ସୁନ୍ଦରମ୍ କେ.ଭି. (୧୯୯୯) – Decentralised Multilevel Planning, Concept Publishing Company, New Delhi.

# ଦ୍ୱିତୀୟ ଏକକ :
# ବିକାଶର ଗାନ୍ଧିବାଦୀ ଢାଞ୍ଚା ଓ ବିକାଶର ସମାଜବାଦୀ ଢ଼ାଞ୍ଚା

## ସୂଚୀପତ୍ର :


୨.୦ ପଠନର ଉଦ୍ଦେଶ୍ୟ

୨.୧ ବିକାଶର ଗାନ୍ଧିବାଦୀ ଢାଞ୍ଚା ଓ ବିକାଶର ସମାଜବାଦୀ ଢ଼ାଞ୍ଚା – ପରିଚିତି

୨.୨ ବିକାଶର ବିଭିନ୍ନ ଢାଞ୍ଚା

୨.୩ ବିକାଶର ଗାନ୍ଧିବାଦୀ ଢାଞ୍ଚା

୨.୩.୧ .ଆଦର୍ଶ ଗ୍ରାମ

୨.୩.୨ ବିକେନ୍ଦ୍ରୀକରଣ

୨.୩.୩ ଆତ୍ମନିର୍ଭରଶୀଳତା

୨.୩.୪ ଶିଳ୍ପାୟନ

୨.୩.୫ ନ୍ୟାସ ବ୍ୟବସ୍ଥା

୨.୪ ବିକାଶର ସମାଜବାଦୀ ଢାଞ୍ଚା

୨.୫ ପରିପୋଷକ ବିକାଶ ଢାଞ୍ଚା

୨.୫.୧ ପରିପୋଷକ ବିକାଶ : ଏକ ପ୍ରବେଶପଥ

୨.୫.୨ ପରିପୋଷକ ବିକାଶର ମୁଖ୍ୟ ଦିଗ : ତତ୍ତ୍ୱ

୨.୬ ସାରାଂଶ

୨.୭ ପ୍ରମୁଖ ଶବ୍ଦାବଳୀ

୨.୮ ସହାୟକ ଗ୍ରନ୍ଥସୂଚୀ


## ୨.୦ ପଠନର ଉଦ୍ଦେଶ୍ୟ

- ଜାତୀୟ ବିକାଶର ସୀମାରେଖା ମାଧ୍ୟରେ ଗ୍ରାମାଞ୍ଚଳ ବିକାଶର ସଂଜ୍ଞା ନିରୂପଣ କରିବା ।
- ବିକାଶର ଗାନ୍ଧିବାଦୀ ଢାଞ୍ଚାର ନୈତିକ ମୂଲ୍ୟବୋଧ ବର୍ଣ୍ଣନା କରିବା ।
- ବିକାଶର ବିଭିନ୍ନ ପ୍ରକାର ଢାଞ୍ଚା ମାଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିବା ।

## ୨.୧ ବିକାଶର ଗାନ୍ଧିବାଦୀ ଢାଞ୍ଚା ଓ ସମାଜବାଦୀ ଢାଞ୍ଚା : ପରିଚିତି

ଅପକ୍ୱ / ଅପୁଷ୍ଟ ଅବସ୍ଥାର ପରିବର୍ତ୍ତନ ଆଣି ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାକୁ ବିକାଶ କୁହାଯାଏ । ସଙ୍ଗଠିତ ଓ ଯୋଜନା ବଦ୍ଧ ଭାବରେ ଏହାକୁ ହାସଲ କରାଯାଇଥାଏ । ଦାରିଦ୍ର୍ୟ, କ୍ଷୁଧା, ରୋଗ, ନିରକ୍ଷରତା ଓ ଆର୍ଥିକ ତଥା ଅପକ୍ୱ ବା ଅପପୁଷ୍ଟିକୁ ନିୟନ୍ତ୍ରଣ କରିବା ଏହାର ଲକ୍ଷ୍ୟ । ଏହା ଏକ ଜଟିଳ ପ୍ରକ୍ରିୟା । ଏହାର ଅନେକ ଗୁଡ଼ିଏ ଦିଗ ରହିଥାଏ, ଯେଉଁ ଗୁଡ଼ିକ ପରସ୍ପର ସମ୍ବନ୍ଧିତ, ନିର୍ଭରଶୀଳ, କିନ୍ତୁ ପ୍ରତ୍ୟେକଟି ଅନ୍ୟମାନଙ୍କଠାରୁ ଅଲଗା ।

## ୨.୨ ବିକାଶର ବିଭିନ୍ନ ଢାଞ୍ଚା

ବିକାଶର ଅନେକ ଗୁଡ଼ିଏ ଢାଞ୍ଚା ଅଛି । ବାସ୍ତବ କଥାଟି ହେଉଛି ଯେ ଏଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏବି ଢାଞ୍ଚା ସାର୍ବଜନୀନ ଭାବରେ ଗ୍ରହଣୀୟ ନୁହଁ । ଆହୁରି ମଧ୍ୟ,ବିକାଶ ପ୍ରସଙ୍ଗଟି ନିୟମିତ ଭାବରେ ପରିବର୍ତ୍ତନ ହେବାରେ ଲାଗିଛି । ପ୍ରାରମ୍ଭରେ,ପାଶ୍ଚାତ୍ୟ ଢାଞ୍ଚାର ସ୍ୱତନ୍ତ୍ରତା, ଅର୍ଥନୈତିକ ଅଭିବୃଦ୍ଧି ଓ ଆଧୁନିକକରଣକୁ ଅନେକ ରାଷ୍ଟ୍ର କାର୍ଯ୍ୟକାରୀ କରିଥିଲେ । ତାପରେ କେତେକ ରାଷ୍ଟ୍ର ବିକାଶର ସମାଜବାଦୀ ଢାଞ୍ଚାକୁ କାର୍ଯ୍ୟକାରୀ କରିବାକୁ ଆଗେଇ ଆସିଲେ । ଗ୍ରାମାଞ୍ଚଳ ବିକାଶକୁ ବିକାଶର ଏକ ମୁଖ୍ୟ ଦିଗ ହିସାବରେ ବିଚାର କରୁଥିବା ଭାରତ ଭଳି ଆଉ କେତେକ ଦେଶ ବିକାଶର ଗାନ୍ଧିବାଦୀ ଢାଞ୍ଚା ଓ ବିକାଶର ସମାଜବାଦୀ ଢାଞ୍ଚାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସ୍ଥିରକଲେ । ବର୍ତ୍ତମାନ ବିଶ୍ୱ ପରିପୋଷକ ବିକାଶ ଢାଞ୍ଚାକୁ ଦୃଢ଼ ଭାବରେ ସମର୍ଥନ କରୁଛି । ଆମେ ବିକାଶର ଲୋକପ୍ରିୟ ଢାଞ୍ଚା ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରିବା ।

## ୨.୩ ବିକାଶର ଗାନ୍ଧୀବାଦୀ ଢାଞ୍ଚା (Gandhian Model of Development)

ଭାରତ ପରିପ୍ରେକ୍ଷୀରେ ଗ୍ରାମ ଓ କୁଟୀର ଶିଳ୍ପ ଉପରେ ଅଗ୍ରାଧିକାର ଦେଇ ଗ୍ରାମ୍ୟଶିଳ୍ପର ବିକାଶ ସମେତ କୃଷି ଉତ୍ପାଦନ ଓ ଗ୍ରାମାଞ୍ଚଳର ସହାୟକ କାର୍ଯ୍ୟକଳାପ ବୃଦ୍ଧିକୁ ଗ୍ରାମାଞ୍ଚଳ ବିକାଶ କୁହାଯାଇଥାଏ । ଗ୍ରାମାଞ୍ଚଳରେ ମୁଖ୍ୟତଃ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସେମାନଙ୍କର ଜୀବନ ଧାରଣର ମାନବୃଦ୍ଧି ନିମନ୍ତେ ସକ୍ଷମ କରାଇବା ନିମନ୍ତେ ଯଥା ସମ୍ଭବ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଏହା ଗୁରୁତ୍ୱ ପ୍ରଦାନ କରେ । ଗ୍ରାମାଞ୍ଚଳ ବିକାଶ ଯୋଜନାରେ ପାନୀୟଜଳ, ବିଦ୍ୟୁତ, ବଜାରକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତା, ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ସୁବିଧା ସୁଯୋଗ ଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ତାଲିକାଭୁକ୍ତ ହୋଇଥାଏ ।

ତାତ୍ତ୍ୱିକ ଦୃଷ୍ଟିରୁ ଗ୍ରାମାଞ୍ଚଳ ବିକାଶର ଗାନ୍ଧୀବାଦୀ ଢାଞ୍ଚାକୁ "ଆଦର୍ଶବାଦୀ" ବୋଲି ବିବେଚନା କରାଯାଇ ପାରିବ । ଏହା ନୈତିକ ମୂଲ୍ୟବୋଧକୁ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରିଥାଏ ଓ ବସ୍ତୁଗତ ଅବସ୍ଥା ଅପେକ୍ଷା ନୈତିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଇଥାଏ । ସାଧାରଣ ଭାବରେ ଧର୍ମ ଓ ନିର୍ଦ୍ଦିଷ୍ଟ ଭାବରେ ହିନ୍ଦୁ ଧର୍ମଗ୍ରନ୍ଥ ଯଥା ଉପନିଷଦ ଓ ଗୀତା ହେଉଛି ନୈତିକ ମୂଲ୍ୟବୋଧର ଉତ୍ସ ବୋଲି ଗାନ୍ଧିବାଦୀମାନେ ବିଶ୍ୱାସ କରନ୍ତି । ଗାନ୍ଧିଜୀଙ୍କ

ପରିକଳ୍ପିତ ଆଦର୍ଶ ସାମାଜିକ ବ୍ୟବସ୍ଥାର ମୂଳଭିତ୍ତି ହେଉଛି 'ରାମରାଜ୍ୟ' ପ୍ରସଙ୍ଗ । ଗାନ୍ଧିଜୀଙ୍କ ମତରେ, ନୈତିକ କର୍ତ୍ତୃତ୍ୱ ଉପରେ ପର୍ଯ୍ୟବେସିତ ଜନତାଙ୍କ ସାର୍ବଭୌମତ୍ୱ ହେଉଛି ରାମରାଜ୍ୟ । ସେ ରାମଙ୍କୁ ଜଣେ ରାଜା ଓ ଲୋକମାନଙ୍କୁ ତାଙ୍କର ପ୍ରଜାବୋଲି ଚିତ୍ରଣ କରିନଥିଲେ । ଗାନ୍ଧିଜୀଙ୍କ ମତରେ 'ରାମ' ହେଉଛନ୍ତି ଭଗବାନଙ୍କର ପ୍ରତୀକ ବା ଜଣଙ୍କର ନିଜର ଅନ୍ତଃସ୍ୱର । ଗାନ୍ଧି ଗଣତାନ୍ତ୍ରିକ ସାମାଜିକ ବ୍ୟବସ୍ଥାରେ ବିଶ୍ୱାସ କରୁଥିଲେ । ଏଥିରେ ଲୋକମାନେ ହେଉଛନ୍ତି ସାର୍ବଭୌମ । କିନ୍ତୁ ସେମାନଙ୍କର ସାର୍ବଭୌମତ୍ୱ ଅଖଣ୍ଡ ବା ଅସୀମ ନୁହଁ । ଏହା ନୈତିକ ମୂଲ୍ୟବୋଧର ଅଧୀନ ଅଟେ ।

## ୨.୩.୧ ଆଦର୍ଶ ଗ୍ରାମ

ଗାନ୍ଧିଜୀଙ୍କ ଆଦର୍ଶ ସାମାଜିକ ବ୍ୟବସ୍ଥାର ମୌଳିକ ଏକକ ହେଉଛି ଗ୍ରାମ । ଗାନ୍ଧିଜୀ ଦୃଢ଼ କଣ୍ଠରେ କହିଥିଲେ, "ଯଦି ଗାଁ ଧ୍ୱଂସ ହୋଇଯାଏ, ତେବେ ଭାରତ ମଧ୍ୟ ଧ୍ୱଂସ ହୋଇଯିବ । ସର୍ବପ୍ରାଚୀନ ଗ୍ରାମବହୁଳ ଭାରତ ଓ ବିଦେଶୀମାନଙ୍କ ପ୍ରଭାବରୁ ସୃଷ୍ଟ ସହରଭିତ୍ତିକ ଭାରତ ମଧ୍ୟରୁ ଆମକୁ ଗୋଟିକୁ ବାଛିବାକୁ ପଡ଼ିବ ।" ଗାନ୍ଧିଜୀଙ୍କ ଆଦର୍ଶ ଗ୍ରାମ କହିଲେ ଇଂରେଜମାନଙ୍କ ଯୁଗର ପୂର୍ବ ଅବସ୍ଥାକୁ ବୁଝାଏ । ସେତେବେବେଳେ ଗ୍ରାମଗୁଡ଼ିକ ସ୍ୱୟଂ ଶାସିତ ସାଧାରଣତନ୍ତ୍ରର ସଂଘ ଗଠନ କରୁଥିଲେ ।

ଗାନ୍ଧିଜୀଙ୍କ ମତରେ ଏହି ସଂଘ ବଳ ପ୍ରୟୋଗ ମାଧ୍ୟମରେ ନୁହଁ କିମ୍ବା ବାଧ୍ୟତାମୂଳକ ଭାବରେ ନୁହଁ, ବରଂ ସ୍ୱେଚ୍ଛାକୃତ ଭାବେ ଏହି ସଂଘରେ ଯୋଗଦାନ କରିବା ପାଇଁ ଆହ୍ୱାନ କରିବ । କେନ୍ଦ୍ରୀୟ କର୍ତ୍ତୃପକ୍ଷ କେବଳ ବିଭିନ୍ନ ଗ୍ରାମ୍ୟ ସାଧାରଣତନ୍ତ୍ର ଗୁଡ଼ିକର କାର୍ଯ୍ୟର ସମନ୍ୱୟ ରକ୍ଷା କରିବ । ଏହା ବ୍ୟତୀତ ଏହା ସାଧାରଣ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ, ଯଥା – ଶିକ୍ଷା, ମୌଳିକ ଶିଳ୍ପ, ସ୍ୱାସ୍ଥ୍ୟ, ମୁଦ୍ରା ଓ ବ୍ୟାଙ୍କିଙ୍ଗ୍ ଇତ୍ୟାଦିର ତଦାରଖ ଓ ପରିଚାଳନା କରିବ । ନୈତିକ ଚାପ ବା ପ୍ରବର୍ତ୍ତାଇବାର କ୍ଷମତା ପ୍ରୟୋଗ ବ୍ୟତୀତ ଅନ୍ୟ କୌଣସି ବି ଉପାୟରେ କେନ୍ଦ୍ରୀୟ କର୍ତ୍ତୃପକ୍ଷ ଗ୍ରାମ୍ୟ ସାଧାରଣତନ୍ତ୍ର ଉପରେ ନିଜର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ବଳପ୍ରୟୋଗ କରିପାରିବ ନାହିଁ । ବ୍ରିଟିଶ ମାନଙ୍କ ଦ୍ୱାରା ପ୍ରଚଳିତ ଅର୍ଥନୈତିକ ବ୍ୟବସ୍ଥା ଓ ପରିବହନ ବ୍ୟବସ୍ଥା ଗ୍ରାମଗୁଡ଼ିକର "ସାଧାରଣତନ୍ତ୍ର" ଧର୍ମକୁ ନଷ୍ଟ କରି ଦେଇଛି ।

ପ୍ରାଚୀନ କାଳରେ ସାମନ୍ତତନ୍ତ୍ର ମୁଖିଆମାନେ ପ୍ରକୃତରେ ସ୍ୱେଚ୍ଛାଚାରିତା ଓ ଅତ୍ୟାଚାର କରୁଥିବା କଥାକୁ ଅବଶ୍ୟ ଗାନ୍ଧିଜୀ ସ୍ୱୀକାର କରୁଥିଲେ । କିନ୍ତୁ ବିକୃତ ଲୋକଗୁଡ଼ିକ ଯଥାଯଥ ବା ଶାନ୍ତ ଥିଲେ । ଆଜିକାଲି ବିକୃତ ଲୋକମାନଙ୍କର ସଂଖ୍ୟା ଖୁବ୍ ଯଥେଷ୍ଟ । ସେମାନେ ଅତ୍ୟନ୍ତ ନୀତିଭଙ୍ଗକାରୀ ବା ଭ୍ରଷ୍ଟାଚାରୀ । ଏହି ଭଳି ଭାବରେ ଗାନ୍ଧିଜୀଙ୍କ ପରିକଳ୍ପନାରେ 'ପ୍ରାଚୀନ ସାଧାରଣତନ୍ତ୍ର' ଅର୍ଥାତ୍ ଭାରତରେ ଗୋଟିଏ ଗ୍ରାମ ବିନା ସ୍ୱେଚ୍ଛାଚାରିତା ଓ ବିନା ଶୋଷଣରେ ଏକ ଆଦର୍ଶ ଏକକ ହିସାବରେ କାର୍ଯ୍ୟ ସମ୍ପାଦନ କରେ ।

## ୨.୩.୨ ବିକେନ୍ଦ୍ରୀକରଣ

କେବଳ ସାମାଜିକ ଓ ରାଜନୈତିକ କ୍ଷମତାର ବିକେନ୍ଦ୍ରୀକରଣ ଦ୍ୱାରା ଗ୍ରାମ ସାଧାରଣତନ୍ତ୍ର ପ୍ରତିଷ୍ଠା କରାଯାଇ ପାରିବ ବୋଲି ଗାନ୍ଧିଜୀଙ୍କର ଗଭୀର ବିଶ୍ୱାସ ଥିଲା। ଏହିଭଳି ବ୍ୟବସ୍ଥାରେ ରାଜ୍ୟ ବା ଦେଶର ରାଜଧାନୀ ବଦଳରେ ଗ୍ରାମପଞ୍ଚାୟତ ହାତରେ ନିଷ୍ପତ୍ତି ନିର୍ଦ୍ଧାରଣ କ୍ଷମତା ରହିବ। ଏହାର ପ୍ରତିନିଧିମାନେ ସାବାଳକ ମାନଙ୍କର ଦ୍ୱାରା ନିର୍ଦ୍ଧାରିତ ପାଞ୍ଚବର୍ଷ ପାଇଁ ନିର୍ବାଚିତ ହେବେ। ଏହି ନିର୍ବାଚିତ ପ୍ରତିନିଧିମାନେ ଏକ ପରିଷଦ ଗଠନ କରିବେ। ଏହା ହେଉଛି ପଞ୍ଚାୟତ।

ଏହି ପଞ୍ଚାୟତ ହାତରେ ବ୍ୟବସ୍ଥାପକ, କାର୍ଯ୍ୟପାଳିକା ଓ ନ୍ୟାୟିକ କ୍ଷମତା ରହିବ। ଏହା ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ଦାୟିତ୍ୱ ନେବ। ଅସ୍ପୃଶ୍ୟ ଓ ଅନ୍ୟାନ୍ୟ ଗରିବ ଲୋକମାନଙ୍କର ସୁରକ୍ଷା ଓ ଉନ୍ନତିର ଦାୟିତ୍ୱ ପଞ୍ଚାୟତ ହାତରେ ରହିବ। ଗାନ୍ଧିଜୀଙ୍କ ପରିକଳ୍ପନାନୁସାରେ ଗ୍ରାମର ସମସ୍ତ ବ୍ୟାପାରର ପରିଚାଳନା ନିମନ୍ତେ ଗ୍ରାମଗୁଡ଼ିକରୁ ସମ୍ବଳ ସଂଗୃହୀତ ହେବ। ସମସ୍ତ ପ୍ରକାର ବିବାଦ ଗ୍ରାମ ମଧ୍ୟରେ ସମାଧାନ ହେବ। କୌଣସି ଗୋଟିଏ ଏକ ମୋକଦ୍ଦମାକୁ ଗ୍ରାମ ବାହାରେ ଥିବା ନ୍ୟାୟାଳୟକୁ ପ୍ରେରଣ ନ କରିବା ନିମନ୍ତେ ଯଥା ସମ୍ଭବ ପ୍ରୟାସ କରାଯିବ। ଗ୍ରାମ ପୁର୍ନଗଠନ ନିମନ୍ତେ ଗ୍ରାମାଞ୍ଚଳ ଲୋକମାନଙ୍କ ମଧ୍ୟରେ ନୈତିକ ଓ ଆଧାତ୍ମିକ ମୂଲ୍ୟବୋଧର ପ୍ରଚାର ଓ ପ୍ରସାର ନିମନ୍ତେ ପଞ୍ଚାୟତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଗ୍ରାମର ସମସ୍ତ ସମସ୍ୟା ଓ ପ୍ରସଙ୍ଗ ପରିଚାଳନାଠାରୁ ଆରମ୍ଭକରି ଯେକୌଣସି ପ୍ରକାର ଶତ୍ରୁ ଆକ୍ରମଣରୁ ଏହାକୁ ସୁରକ୍ଷା ପ୍ରଦାନ ପର୍ଯ୍ୟନ୍ତ କାର୍ଯ୍ୟ ନିମନ୍ତେ ଗ୍ରାମଟି ସକ୍ଷମ ହୋଇପାରିବ। ଗ୍ରାମକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ଅହିଂସା ଶାନ୍ତି ବାହିନୀ ଗଠିତ ହେବ। ସାଧାରଣ ସାମରିକ ବାହିନୀ ଗଠନଠାରୁ ଏହି ଗୋଷ୍ଠୀଟି ପୃଥକ ହେବ।

## ୨.୩.୩ ଆତ୍ମନିର୍ଭରଶୀଳତା

ଏହି ଧରଣର ବିକେନ୍ଦ୍ରୀକରଣ ରାଜନୀତି ବିକେନ୍ଦ୍ରୀକରଣ ଅର୍ଥନୀତିକୁ ସୂଚୀତ କରେ। ଗ୍ରାମ ସ୍ତରରେ ଆତ୍ମ ନିର୍ଭରଶୀଳତା ମାଧ୍ୟମରେ ଏହାକୁ ହାସଲ କରାଯାଇପାରିବ। ଖାଦ୍ୟ, ବସ୍ତ୍ର, ବାସଗୃହ ତଥା ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଉପାଦାନ ବା ମୌଳିକ ଆବଶ୍ୟକତା ପୂରଣ କରିବାରେ ଗ୍ରାମଟି ଆତ୍ମନିର୍ଭରଶୀଳ ବା ସ୍ୱାବଲମ୍ବୀ ହେବା ଆବଶ୍ୟକ। ଗ୍ରାମରେ ଉତ୍ପାଦନ ହେଉନଥିବା ଦ୍ରବ୍ୟଗୁଡ଼ିକୁ ଗ୍ରାମକୁ ଅମଦାନୀ କରିବାକୁ ପଡ଼ିବ। "ଆମେ ଯାହା ଉତ୍ପାଦନ କରିବା, ତାକୁ ଅଧିକରୁ ଅଧିକ ଉତ୍ପାଦନ କରିବା। ଏହାଦ୍ୱାରା ଉତ୍ପାଦନ କରିପାରୁ ନଥିବା, କିନ୍ତୁ ଆବଶ୍ୟକ ହେଉଥିବା ଦ୍ରବ୍ୟ ସହିତ ପଣ୍ୟ ବିନିମୟ କରିପାରିବା।''

ଗ୍ରାମ ଗୁଡ଼ିକ ସେମାନଙ୍କର ଚାହିଦା ପୂରଣ ନିମନ୍ତେ ଖାଦ୍ୟଶସ୍ୟ ଓ ତୁଳା ଉତ୍ପାଦନ କରିବେ। କିଛି ଭୂମି ଗାଈଗୋରୁଙ୍କ ଚାରଣ ନିମନ୍ତେ ଓ ଆଉ କିଛି ବୟସ୍କ ଓ ପିଲାମାନଙ୍କ ଖେଳପଡ଼ିଆ ନିମନ୍ତେ ଚିହ୍ନଟ ଓ ସଂରକ୍ଷିତ

ହୋଇ ରହିବ । ତଥାପି ଯଦି କିଛି ବଳକା ଜମି ରହିଯାଏ, ତେବେ ତାକୁ ଧୂଆଁପତ୍ର, ଅଫିମ ଇତ୍ୟାଦି ଅର୍ଥକାରୀ ଫସଲ ଚାଷ ନିମନ୍ତେ ବ୍ୟବହୃତ କରାଯାଇ ପାରିବ । ଏହାଦ୍ୱାରା ପଣ୍ୟବିନିମୟ ମାଧ୍ୟମରେ ଗ୍ରାମରେ ଉତ୍ପାଦନ ହୋଇପାରୁନଥିବା କିମ୍ବା ଆବଶ୍ୟକତାଠାରୁ କମ୍ ଉତ୍ପାଦନ ହେଉଥିବା ଖାଦ୍ୟଶସ୍ୟ ହାସଲ କରାଯାଇ ପାରିବ ।

ଗ୍ରାମର ସମସ୍ତ ସାବାଳକଙ୍କୁ ପୂର୍ଣ୍ଣ ମାତ୍ରାରେ ନିଯୁକ୍ତି ପ୍ରଦାନକୁ ଆଖି ଆଗରେ ରଖି ଗ୍ରାମ୍ୟ ଅର୍ଥନୀତିର ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ । ନିଜର ମୌଳିକ ଆବଶ୍ୟକତା ପୂରଣ ନିମନ୍ତେ ସକ୍ଷମ କରାଇବା ନିମନ୍ତେ ଗ୍ରାମର ପ୍ରତ୍ୟେକଟି ବ୍ୟକ୍ତିକୁ ନିଶ୍ଚିତ କର୍ମନିଯୁକ୍ତି ପ୍ରଦାନ କରାଯିବା ଆବଶ୍ୟକ । ଏହାଦ୍ୱାରା ସେମାନେ ସହରକୁ ଦେଶାନ୍ତର ଗମନ ନିମନ୍ତେ ବାଧ ହେବାରୁ କ୍ଷାନ୍ତ ହେବେ । ପରିଶେଷରେ ସମ୍ପୂର୍ଣ୍ଣ ନିଯୁକ୍ତିକୁ ସମାନତା ସହ ଯୋଗାଯାଇ ପାରିବ ।

ଗାନ୍ଧିଜୀଙ୍କ ଆତ୍ମନିର୍ଭରଶୀଳ ଗ୍ରାମ ତତ୍ତ୍ୱରେ ଶାରୀରିକ ପରିଶ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ । ଏହି ପ୍ରସଙ୍ଗରେ ସେ ରସ୍କିନ୍ ଓ ଟଲ୍‌ଷ୍ଟୟଙ୍କ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ଗାନ୍ଧିଜୀଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତି ନିଜର ଗୁଜୁରାଣ ମେଣ୍ଟାଇବା ନିମନ୍ତେ ଶାରୀରିକ ପରିଶ୍ରମ କରିବା ଆବଶ୍ୟକ । ନୈତିକ ଶୃଙ୍ଖଳା ଓ ମସ୍ତିଷ୍କର ସୁସ୍ଥ ବିକାଶ ନିମନ୍ତେ ଶାରୀରିକ ପରିଶ୍ରମ ଆବଶ୍ୟକ । କେବଳ ଆତ୍ମସନ୍ତୋଷ ନିମନ୍ତେ ବୌଦ୍ଧିକ ପରିଶ୍ରମ ଦରକାର ଓ ଏଥିପାଇଁ କେହି ଅର୍ଥ ଦାବି କରିବା ଉଚିତ ନୁହଁ । କେବଳ ଶରୀର ହିଁ ଶରୀରର ଚାହିଦା ଯୋଗାଇବା ଉଚିତ । ଗାନ୍ଧିଜୀଙ୍କ ମତରେ, "ଯଦି ସମସ୍ତେ ସେମାନଙ୍କର ଖାଦ୍ୟ ପାଇଁ ପରିଶ୍ରମ କରନ୍ତି, ତେବେ ସମସ୍ତଙ୍କ ପାଇଁ ଯଥେଷ୍ଟ ପରିମାଣର ଖାଦ୍ୟ ଓ ଅବସର ହାସଲ କରାଯାଇ ପାରିବ ।" ଶ୍ରୀମନ୍ ନାରାୟଣ ଯଥାର୍ଥରେ କହିଥିଲେ, "ଗାନ୍ଧିଜୀ କଠିନ ପରିଶ୍ରମକୁ ଏକ ଅଭିଶାପ ଭାବରେ ସ୍ୱୀକୃତି ଦେଇ ନ ଥିଲେ । ଏହା ହେଉଛି ଜୀବନର ଆନନ୍ଦମୟ ବସ୍ତୁ । କାରଣ ଏହାର ମଣିଷକୁ ସ୍ୱାସ୍ଥ୍ୟବାନ୍, ଆନନ୍ଦମୟ, ଯୋଗ୍ୟ ଓ ଦୟାଳୁ କରିବାର କ୍ଷମତା ଅଛି ।"

## ୨.୩.୪ ଶିଳ୍ପାୟନ

ଶିଳ୍ପାୟନ ଅଳ୍ପ କିଛି ଲୋକଙ୍କୁ ସହାୟକ ହେବ ଓ ଏହା ଆର୍ଥିକ କ୍ଷମତାର କେନ୍ଦ୍ରୀକରଣ ସୃଷ୍ଟି କରିବ । ଶିଳ୍ପାୟନ ଗ୍ରାମଗୁଡ଼ିକୁ ନିଷ୍କ୍ରିୟ ବା ସକ୍ରିୟ ଭାବରେ ଶୋଷଣ କରିବ । ଏହା ପ୍ରତିଯୋଗିତାକୁ ଉତ୍ସାହିତ କରେ । ବହୁଳ ପରିମାଣର ଉତ୍ପାଦନ ବିପଣନ ବା କିଣାବିକା ଆବଶ୍ୟକ କରେ । ଶୋଷଣ ମନୋବୃତ୍ତି ମାଧ୍ୟମରେ ଲାଭ କରିବାକୁ ବିପଣନ ବା ମାର୍କେଟିଂ କୁହାଯାଏ । ଆହୁରି ମଧ୍ୟ, ଶିଳ୍ପାୟନ ମାନବଶକ୍ତିକୁ ହଟାଇ ଦିଏ । ଏହାଦ୍ୱାରା ବେକାରୀ ସୃଷ୍ଟି ହୁଏ । ଭାରତ ଭଳି ଦେଶରେ ଗ୍ରାମ ଗୁଡ଼ିକରେ ବାସ କରୁଥିବା ନିୟୁତ ନିୟୁତ ଶ୍ରମିକ ବର୍ଷରେ ପ୍ରାୟ ଛଅମାସ କୌଣସି କାମ ପାଆନ୍ତି ନାହିଁ । ଏହା ଶ୍ରମିକ ମାନଙ୍କୁ ସହରାଞ୍ଚଳକୁ ଦେଶାନ୍ତର ଗମନ ନିମନ୍ତେ ବାଧ କରିବ ଓ ଗ୍ରାମ ଗୁଡ଼ିକୁ ଧ୍ୱଂସ କରିଦେବ । ଏହିଭଳି ଏକ ବିପର୍ଯ୍ୟୟକୁ ଏଡ଼ାଇବା ନିମନ୍ତେ ଗ୍ରାମ୍ୟ ଓ କୁଟୀର ଶିଳ୍ପକୁ ପୁନର୍ଜୀବିତ କରିବାକୁ ହେବ । ଗ୍ରାମବାସୀ ମାନଙ୍କର ଚାହିଦାକୁ ପୂରଣ କରିବା ନିମନ୍ତେ ଏହା ସେମାନଙ୍କୁ

ନିଯୁକ୍ତି ସୁଯୋଗ ଦେଇଥାଏ ଓ ଗ୍ରାମଗୁଡ଼ିକୁ ଆତ୍ମ ନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବାର ପଥ ସୁଗମ କରିଥାଏ। ଯଦି ଆତ୍ମ ନିର୍ଭରଶୀଳତା ଓ ସମ୍ପୂର୍ଣ୍ଣ ନିଯୁକ୍ତି ଭଳି ଦୁଇଟି ଲକ୍ଷ୍ୟ ପୂରଣ ହୁଏ, ତେବେ ଗାନ୍ଧିବାଦୀମାନେ ଯନ୍ତ୍ରପାତି ଓ କଳକବ୍‌ଜାର ବ୍ୟବହାରକୁ ବିରୋଧ କରନ୍ତି ନାହିଁ। ଗାନ୍ଧିଜୀଙ୍କ ମତରେ, ଯଦି ଗ୍ରାମବାସୀମାନେ ଆଧୁନିକ ଯନ୍ତ୍ରପାତି ତିଆରି କରିପାରିବେ ଓ ଏହାକୁ ବ୍ୟବହାର କରିବା ନିମନ୍ତେ ଆର୍ଥିକ ଦୃଷ୍ଟିରୁ ସକ୍ଷମ ହୋଇପାରିବେ, ତେବେ ଗ୍ରାମବାସୀ ମାନଙ୍କୁ ଏହାର ବ୍ୟବହାର ନିମନ୍ତେ ବାରଣ କରାଯାଇ ପାରିବ ନାହିଁ। ଅନ୍ୟକୁ ଶୋଷଣ କରିବାର ମାଧ୍ୟମ ଭାବରେ ଏଗୁଡ଼ିକୁ ବ୍ୟବହାର କରାଯାଇ ପାରିବ ନାହିଁ।

## ୨.୩.୫ ନ୍ୟାସ ବ୍ୟବସ୍ଥା (Trusteeship )

ଗାନ୍ଧିଜୀ ବ୍ୟକ୍ତିଗତ ସମ୍ପତ୍ତିକୁ ବିରୋଧ କରୁନଥିଲେ। କିନ୍ତୁ ଏକ ସମ୍ମାନଜନକ ଜୀବନଯାପନ ନିମନ୍ତେ ଯେତିକି ସମ୍ପତ୍ତି ଦରକାର ସେଥିରେ ପ୍ରତିବନ୍ଧକ ଲଗାଇବାକୁ ବା ନିୟନ୍ତ୍ରଣ ରଖିବାକୁ ସେ ଚାହୁଁଥିଲେ। ଏହାଠାରୁ ଅଧିକ ସମ୍ପତ୍ତି ନିମନ୍ତେ ସେ ନ୍ୟାସ ବ୍ୟବସ୍ଥା ସୃଷ୍ଟି ନିମନ୍ତେ ସୁପାରିଶ କରିଥିଲେ।

ଗାନ୍ଧିଜୀ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାସ ବ୍ୟବସ୍ଥା ପ୍ରତିଷ୍ଠା ଉପରେ ଗୁରୁତ୍ୱ ଆରୋପ କରିଥିଲେ ସମସ୍ତ ସାମାଜିକ ସମ୍ପତ୍ତି ନ୍ୟାସ ନିକଟରେ ରହିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ପୁଞ୍ଜିପତି ମାନେ କେବଳ ତାଙ୍କର ନୁହଁ ଅନ୍ୟମାନଙ୍କର ମଧ୍ୟ ଯତ୍ନ ଓ ଦାୟିତ୍ୱ ନେବା ଆବଶ୍ୟକ। ସେମାନଙ୍କର ଉଦ୍‌ବୃତ୍ତ ସମ୍ପତ୍ତିର କିଛି ଅଂଶ ସମାଜର ଅବଶିଷ୍ଟ ଲୋକଙ୍କ ନିମନ୍ତେ ବ୍ୟବହାର ହେବା ଉଚିତ୍। ନ୍ୟାସ ବ୍ୟବସ୍ଥାରେ ଗରିବ ଶ୍ରମିକମାନେ ପୁଞ୍ଜିପତି ମାନଙ୍କୁ ସେମାନଙ୍କର ହିତକାରୀ ଭାବେ ବିବେଚନା କରିବେ ଓ ସେମାନଙ୍କର ମହତ୍ ଉଦ୍ଦେଶ୍ୟ ଉପରେ ଆସ୍ଥା ପ୍ରକଟ କରିବେ। ଯଦି ଏଭଳି ନ୍ୟାସ ବ୍ୟବସ୍ଥା ପ୍ରଚଳନ କରାଯାଏ, ତେବେ ଶ୍ରମିକ ମାନଙ୍କର ସୌଭାଗ୍ୟ ବୃଦ୍ଧି ହେବା ସହ ଶ୍ରମିକ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ବିବାଦକୁ ଏଡ଼ାଇ ଦିଆଯାଇ ପାରିବ ବୋଲି ଗାନ୍ଧିଜୀ ଅନୁଭବ କରିଥିଲେ। ନ୍ୟାସ ବ୍ୟବସ୍ଥା ନିଶ୍ଚିତ ଭାବରେ ପୃଥିବୀ ପୃଷ୍ଠରେ ସମାନତା ସୃଷ୍ଟି କରିବାରେ ସହାୟକ ହେବ।

ଭୂମି କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ମାଲିକାନାରେ ରହିବ ନାହିଁ ବୋଲି ଗାନ୍ଧିଜୀ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ। ଭୂମି ହେଉଛି ଭଗବାନଙ୍କର। ଏଠାରେ ଭୂମିର ବ୍ୟକ୍ତିଗତ ମାଲିକାନା ସତ୍ତ୍ୱକୁ ପରିହାର କରାଯିବା ଆବଶ୍ୟକ। ଏଥିପାଇଁ ନିଜ ଜମିର ନ୍ୟାସ ହେବା ନିମନ୍ତେ ଭୂମି ମାଲିକଙ୍କୁ ପ୍ରରୋଚିତ କରାଯିବା ଆବଶ୍ୟକ। ସେ ଯେଉଁ ଭୂମିର ମାଲିକ, ସେ ଭୂମି ତାଙ୍କର ନୁହଁ ବୋଲି ତାଙ୍କୁ ପ୍ରରୋଚିତ କରାଯିବା ଦରକାର। ଭୂମି ହେଉଛି ସମାଜର ଓ ଏହା ସମାଜର କଲ୍ୟାଣ ନିମନ୍ତେ ବ୍ୟବହାର ହେବା ଆବଶ୍ୟକ। ସେମାନେ କେବଳ ଏହାର ନ୍ୟାସ। ପ୍ରରୋଚନା ଦ୍ୱାରା ଭୂମି ମାଲିକମାନଙ୍କ ହୃଦୟରେ ପରିବର୍ତ୍ତନ ଆସିବ ଓ ସେମାନେ ସ୍ୱତଃପ୍ରବୃତ୍ତ ଭାବରେ ସେମାନଙ୍କର ଭୂମି ଦାନ କରିବା ନିମନ୍ତେ ଆଗେଇ ଆସିବେ।

ଯଦି ଭୂମି ମାଲିକମାନେ ଏଥିରେ ସହମତି ନ ହୁଅନ୍ତି ଓ ଗରିବ ଶ୍ରମିକମାନଙ୍କୁ ଶୋଷଣ ଜାରି ରଖନ୍ତି, ତେବେ ଶ୍ରମିକମାନେ ସେମାନଙ୍କ ବିରୁଦ୍ଧରେ ଅହିଂସା, ଅସହଯୋଗ ଓ ଆଇନ୍ ଅମାନ୍ୟ ଆନ୍ଦୋଳନ ଆୟୋଜନ କରିବା ଦରକାର। ଗାନ୍ଧିଜୀ ଯଥାର୍ଥରେ କହିଥିଲେ, "ବିନା ସହଯୋଗ, ଇଚ୍ଛା ବା ବଧ୍ୟବାଧକତା ବିନା କୌଣସି ବ୍ୟକ୍ତି ସମ୍ପତ୍ତି ଠୁଳ କରିପାରିବ ନାହିଁ।"

ଯଦି ଏହି ଧାରଣାକୁ ଗରିବଙ୍କ ମଧ୍ୟରେ ପ୍ରବେଶ ଓ ବିସ୍ତାର କରାଯାଏ, ତେବେ ସେମାନେ ଖୁବ୍ ବଳବାନ୍ ହୋଇପାରିବେ। ସେମାନଙ୍କୁ ଅନାହାର ମଧ୍ୟକୁ ଠେଲି ଦେଉଥିବା ଅସମାନତାକୁ ଚୂର୍ଣ୍ଣକରି ନିଜକୁ କିପରି ମୁକ୍ତ କରିପାରିବେ, ତାହା ସେମାନେ ଶିଖିବା ଆବଶ୍ୟକ। କିନ୍ତୁ ଏହି ଅବହେଳିତମାନେ ହିଂସାର ମାର୍ଗରେ ପରିଚାଳିତ ହେବା ଅନୁଚିତ। ଗାନ୍ଧିଜୀଙ୍କ ବିଚାରଧାରାରେ ସହଯୋଗ, ପ୍ରେମ ଓ ସେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିରେ ହିଂସାର କୌଣସି ସ୍ଥାନ ନାହିଁ। ହିଂସା ନୈତିକ ମୂଲ୍ୟବୋଧର ବିରୁଦ୍ଧାଚରଣ କରେ। ନୈତିକ ମୂଲ୍ୟବୋଧ ବିନା ନାଗରିକ ଅବ୍ୟବସ୍ଥିତ ହୋଇଯାଏ।

ଗାନ୍ଧିଜୀଙ୍କ ବିକାଶ ଚିନ୍ତାଧାରା ସାଧାରଣ ଜନତାଙ୍କ ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ। ସାଧାରଣ ଲୋକଙ୍କର ଆର୍ଥିକ ବିକାଶ ନିମନ୍ତେ ସେ ନଗର ଅପେକ୍ଷା ଗ୍ରାମରେ ବାସ କରିବାକୁ ଓ ଆମଦାନୀ ହେଉଥିବା ବୈଷୟିକ ଜ୍ଞାନ ଅପେକ୍ଷା ସ୍ୱଦେଶୀ ବା ଦେଶୀୟ ହସ୍ତକଳାକୁ ଅଧିକ ପସନ୍ଦ କରୁଥିଲେ। ସେ ବୃହତ ଶିଳ୍ପ ବଦଳରେ କୁଟୀର ଶିଳ୍ପ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ ଓ କେନ୍ଦ୍ରୀୟ ଅର୍ଥନୀତି ବଦଳରେ ବିକେନ୍ଦ୍ରୀକରଣ ଅର୍ଥନୀତିକୁ ସମର୍ଥନ କରୁଥିଲେ। ସେ ସମନ୍ୱିତ ଗ୍ରାମାଞ୍ଚଳ ବିକାଶର ଆବଶ୍ୟକତାକୁ ଅନୁଭବ କରିଥିଲେ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ବୃତ୍ତିର ଉପଯୁକ୍ତ ସମନ୍ୱୟରେ ବିଶ୍ୱାସ ରଖୁଥିଲେ। ସେ ଶିକ୍ଷା ଓ ପ୍ରଶିକ୍ଷଣର ଆବଶ୍ୟକତା ଅନୁଭବ କରିଥିଲେ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ବୃତ୍ତିର ଉପଯୁକ୍ତ ସମନ୍ୱୟରେ ବିଶ୍ୱାସ ରଖୁଥିଲେ। ସେ ଶିକ୍ଷା ଓ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସେ ଏହାକୁ ଗ୍ରାମଞ୍ଚଳ ପୁର୍ନଗଠନ ନିମନ୍ତେ "ନଇତାଲିମ୍" (Naitalim) ଅର୍ଥାତ୍ ନୂତନ ତାଲିମ ବୋଲି ଅଭିହିତ କରିଥିଲେ।

ଏଣୁ, ଗ୍ରାମାଞ୍ଚଳ ବିକାଶର ଗାନ୍ଧିବାଦୀ ତତ୍ତ୍ୱ ଗ୍ରାମ ସାଧାରଣତନ୍ତ୍ର ଗୁଡ଼ିକର ପୁର୍ନଗଠନ ନିମନ୍ତେ ପ୍ରୟାସ କଲେ। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ମୌଳିକ ଆବଶ୍ୟକତା ପରିପ୍ରେକ୍ଷୀରେ ଏହା ସଂପୂର୍ଣ୍ଣ ଭାବରେ ଅହିଂସା, ସ୍ୱାୟତ୍ତଶାସନ ଓ ଆତ୍ମ ନିର୍ଭରଶୀଳତା ଉପରେ ପର୍ଯ୍ୟବେସିତ। ନୂତନ ସାମାଜିକ ତଥା ନୈତିକ ବ୍ୟବସ୍ଥାଠାରୁ ଆରମ୍ଭ କରି ଏହା ସବୁବେଳେ ବ୍ୟକ୍ତିକୁ ପରିବର୍ତ୍ତନ କରିବାକୁ ଉଦ୍ୟମ କରେ। ନଚେତ୍ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ କ୍ଷଣସ୍ଥାୟୀ ହୋଇ ପଡ଼ିବ।

## ୨.୪ ବିକାଶର ସମାଜବାଦୀ ଢାଞ୍ଚା

"ସମାଜବାଦ" ଚିନ୍ତାଧାରାରୁ ବିକାଶର ସମାଜବାଦୀ ଢାଞ୍ଚାର ଆଭାସ ମିଳେ। ଅର୍ଥାତ୍ ଏହା ଏକ ମତବାଦ ବା ଚିନ୍ତାଧାରୀ ଯାହା ଜନସାଧାରଣଙ୍କ ସ୍ୱାର୍ଥ ନିମନ୍ତେ ସମସ୍ତ ରାଷ୍ଟ୍ର ନୀତିକୁ କାର୍ଯ୍ୟକାରୀ କରି ସମାଜର

ମଙ୍ଗଳ ନିମନ୍ତେ ଲକ୍ଷ୍ୟ ରଖିଥାଏ । ପୁଞ୍ଜିବାଦକୁ ଉଚ୍ଛେଦ କରି ସାମ୍ୟବାଦକୁ ଆପଣାଇ ଏହା ଜନମଙ୍ଗଳକାରୀ ରାଷ୍ଟ୍ର ଚିନ୍ତାଧାରାକୁ ଉଜ୍ଜୀବିତ କରିଛି । ପରିଶେଷରେ ଜାତି, ଧର୍ମ, ସମାଜ ଓ ସଂସ୍କୃତିର ସୀମା ସରହଦ ମଧ୍ୟରେ ସମାଜବାଦୀ ରାଷ୍ଟ୍ରର ସମାନତାରେ ବିଶ୍ୱାସ କରି ଏହା ସମାନତାବାଦ (Egalitarianism) ରେ ପରିଣତ ହୋଇଛି । ଏହି ଢାଞ୍ଚାର ବିକାଶ ନିମ୍ନ ପରିଲିଖିତ ନୀତି ଉପରେ ପର୍ଯ୍ୟବେସିତ ।

- ମୌଳିକ ବୌଦ୍ଧିକ ଉତ୍କର୍ଷ ବା ନୈତିକ ସ୍ଥିତି ଦୃଷ୍ଟିରୁ ସବୁ ମଣିଷ ସମାନ ।
- ଏହା ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ଉପରେ ପର୍ଯ୍ୟବେସିତ ।
- ଏଥିରେ ଅର୍ଥନୈତିକ ଅସମାନତା ନାହିଁ ।
- କ୍ଷମତାର ବିକେନ୍ଦ୍ରୀକରଣ ।
- ମିଶ୍ରିତ ଅର୍ଥନୀତି ଅର୍ଥାତ ସରକାରୀ ଓ ବେସରକାରୀ ମାଲିକାନାର ମିଶ୍ରଣକୁ ଉତ୍ପାଦନର ମାଧ୍ୟମ କରି ସମାଜର ବିକାଶ ।
- ଭାରତଭୂମିରୁ ଗଡ଼ଜାତ ରାଜ୍ୟ ମାନଙ୍କରୁ ଖାସ ତହବିଲ (Privy Purse) ର ଉଚ୍ଛେଦ ।
- ଭାରତୀୟ ସମ୍ବିଧାନର ୧୪ ଧାରାକୁ କାର୍ଯ୍ୟକାରୀ କରିବା - ଆଇନ୍ ଆଗରେ ସମସ୍ତେ ସମାନ ଓ ଆଇନର ସମାନ ସୁରକ୍ଷା ।
- ଭାରତୀୟ ସମ୍ବିଧାନର ଏକ ଗୁରୁତ୍ୱପୂର୍ଣ୍ଣ ମୌଳିକ ଅଧିକାର ହିସାବରେ "ମତବ୍ୟକ୍ତ କରିବାର ଅଧିକାର" ଉପରେ ଗୁରୁତ୍ୱ ।

ଆହୁରି ମଧ୍ୟ, ୧୯୪୬ ମସିହାର ଲିଙ୍ଗ ସମାନତା ଆଇନ୍ , ଛାଡ଼ପତ୍ର ଓ ସମ୍ପତ୍ତିଗତ ଅଧିକାର ସମେତ ସବୁ କ୍ଷେତ୍ରରେ ମହିଳାମାନଙ୍କୁ ପୁରୁଷମାନଙ୍କ ସହ ସମାନ ଅଧିକାର ପ୍ରଦାନ କରିଛି । ସରକାରୀ ଭାବରେ "ସମାନ କାମକୁ ସମାନ ଦରମା" ଘୋଷଣା କରାଯାଇଥିଲା ।

ବିକାଶର ଏହି ଢାଞ୍ଚା ଗଣତାନ୍ତ୍ରିକ ଉପାୟରେ ସାମାଜିକ ବା ସମାଜବାଦୀ ଲକ୍ଷ୍ୟ ହାସଲକୁ ସମର୍ଥନ କରେ । ଭାରତ ଓ ଆହୁରି ଅନେକ ତୃତୀୟ ବିଶ୍ୱ ରାଷ୍ଟ୍ରଗୁଡ଼ିକ ଏହି ଢାଞ୍ଚାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଲେ । ବାସ୍ତବିକ ଦ୍ରୁତ ଶିଳ୍ପାୟନ, ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ନିମନ୍ତେ ଏହି ରାଷ୍ଟ୍ରଗୁଡ଼ିକ ଗଣତାନ୍ତ୍ରିକ ସମାଜବାଦୀ ଢାଞ୍ଚା ସହିତ ଜନମଙ୍ଗଳକାରୀ ରାଷ୍ଟ୍ର ଢାଞ୍ଚାକୁ ଯୋଡ଼ିଦେଲେ । ଏମାନେ ସଂଗଠିତ ଯୋଜନା ଓ ରାଜନୀତିର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଗ୍ରହଣ କରିନେଲେ ।

ଯାହା ହେଉନା କାହିଁକି, ଦୃଢ଼ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବିକାଶ ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ଏହି ଧରଣର ବା ଢାଞ୍ଚାର ବିକାଶର ବାସ୍ତବ କାର୍ଯ୍ୟକାରିତା ପର୍ଯ୍ୟାପ୍ତ ନୁହେଁ ବୋଲି ପ୍ରମାଣିତ ହୋଇଛି । ଅମଲାତନ୍ତ୍ରିକ ଅଯୋଗ୍ୟ ପଣିଆ, ଦୁର୍ନୀତି, ତ୍ରୁଟିପୂର୍ଣ୍ଣ ଯୋଜନାକୁ ଅଗ୍ରାଧିକାର ଓ ଅଭିବୃଦ୍ଧିର ମନ୍ଥରତା ବିକାଶର ସମସ୍ତ କ୍ଷେତ୍ରରେ ସ୍ୱଳ୍ପ ସଫଳତା ପ୍ରଦାନ କରିଥାଏ ଯାହା ପର୍ଯ୍ୟାପ୍ତ ନୁହଁ ।

ବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ଏହି ଦେଶଗୁଡ଼ିକ ଉଦାରବାଦ, ବେସରକାରୀକରଣ, ପ୍ରତିଯୋଗିତା, ବଜାର ଅର୍ଥନୀତି ଓ ଜଗତୀକରଣ ଇତ୍ୟାଦିକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କଲେ । ନୂତନ ଢାଞ୍ଚାକୁ ବ୍ୟବହାର କରି ସେମାନେ କେତେକ ଦୃଢ଼ ବିକାଶକୁ ପଞ୍ଜିକରଣ କରିବା ଆରମ୍ଭ କଲେ । ଅତଏବ, ଏହି ଧରଣର ବା ଢାଞ୍ଚାର ବିକାଶ ବେସରକାରରୀକରଣ ଓ ଜଗତୀକରଣର କେତେକ ଦୋଷତ୍ରୁଟି ଓ ବିପଦକୁ ସାମ୍ନା କରିବା ଆରମ୍ଭ କଲାଣି ।

ଏହି ଧରଣର ବା ଢାଞ୍ଚାର ବିକାଶ ମାନବୀୟ ସମ୍ପର୍କର ବ୍ୟବସାୟକରଣ ଓ ଏପରିକି ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନ ଓ ସମାଜସେବା କ୍ଷେତ୍ରର ବ୍ୟବସାୟକରଣର ଏକ ଉତ୍ସ ହିସାବରେ କାର୍ଯ୍ୟ ଆରମ୍ଭ କଲାଣି । ନିର୍ଦ୍ଦିଷ୍ଟ ଭାବରେ ବିଶ୍ୱ ଅର୍ଥନୈତିକ ପ୍ରତିଗମନ ଯୋଗୁଁ ସୃଷ୍ଟି ହୋଇଥିବା ଚାପର ସମ୍ମୁଖୀନ ହେବା ନିମନ୍ତେ ଯେଉଁ ସଂସ୍କାର ଓ ପରିବର୍ତ୍ତନର ଚାହିଦା ରହିଛି, ବର୍ତ୍ତମାନ ପର ରୂପରେଖର ପ୍ରସ୍ତୁତି ଚାଲିଛି ।

## ୨.୫ ପରିପୋଷକ ବିକାଶଢାଞ୍ଚା

ପ୍ରାକୃତିକ ସମ୍ବଳ ଯଥା ବାୟୁ, ଜଳ ଓ ମୃତ୍ତିକାର ଅନୈତିକ ଓ ଅତ୍ୟଧିକ ଶୋଷଣ, ଶବ୍ଦ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ମଣିଷ ଜୀବନ ଉପରେ ଏହାର କୁପ୍ରଭାବ, ବିକିରଣର ସ୍ତର ବୃଦ୍ଧି, ଓଜନ ସ୍ତରରେ ହ୍ରାସ, ପରିବେଶରେ ଅସନ୍ତୁଳନତା ଓ ଏହା ଉପରେ ଚାପ ଇତ୍ୟାଦି ସ୍ପଷ୍ଟ ଭାବରେ ଏହି ସତ୍ୟତା ପ୍ରତିପାଦନ କରୁଛି ଯେ, ଅତୀତର ସାମାଜିକ ଓ ଅର୍ଥନୈତିକ ବିକାଶ ପ୍ରକୃତ ବିକାଶରେ ପରିଣତ ହୋଇପାରି ନାହିଁ ।

ଏହାର ମାନବୀୟ ମୂଲ୍ୟ ଅତ୍ୟଧିକ ହୋଇଛି । ଏହା ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ଅସନ୍ତୁଳନତା ଭଳି ପରିସ୍ଥିତି ସୃଷ୍ଟି କରିଛି । ଏହା ଆମକୁ ସାମାଜିକ ପରିପୋଷଣ, ଅର୍ଥନୈତିକ ପରିପୋଷଣ ଓ ପରିବେଶଗତ ପରିପୋଷଣ ବା ଗୋଟିଏ ଶବ୍ଦରେ କହିଲେ ପରିପୋଷକ ବିକାଶ ନିମନ୍ତେ କାର୍ଯ୍ୟ କରିବା ନିମନ୍ତେ ବାଧ କରିଛି । ବ୍ୟାପକ ସମନ୍ୱିତ ଉପାୟରେ ବିକାଶ ସାଧନ କରିବା ହେଉଛି ବର୍ତ୍ତମାନ ସମୟର ଆହ୍ୱାନ ଯାହା ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ଦୃଷ୍ଟିରୁ ସ୍ଥିର ଓ ସ୍ଥାୟୀଭାବରେ ପରିପୋଷକ ।

### ୨.୫.୧. ପରିପୋଷକ ବିକାଶ : ଏକ ପ୍ରବେଶ ପଥ

ପରିପୋଷକ ବିକାଶ ହେଉଛି ବିକାଶ ନିମନ୍ତେ ପ୍ରବେଶ ପଥ । ଏହା ଭବିଷ୍ୟତ ପିଢ଼ିଙ୍କର ଜୀବନ ଧାରଣର ମାନରେ କୌଣସି ପ୍ରକାର କ୍ଷତି ନ କରି ଓ ଏହିମାନଙ୍କୁ ସଙ୍କୁଚିତ ନ କରି ବର୍ତ୍ତମାନର ବିକାଶକୁ

ତ୍ୱରାନ୍ୱିତ କରିଥାଏ। ସରଳ ଭାବରେ କହିବାକୁ ଗଲେ ଏହି ପ୍ରକାର ବିକାଶ ଭବିଷ୍ୟତ ପିଢ଼ିଙ୍କର ସ୍ୱାର୍ଥର କୌଣସି ପ୍ରକାର କ୍ଷତି ସାଧନ ନକରି ବର୍ତ୍ତମାନ ପିଢ଼ିଙ୍କର ବିକାଶକୁ ଅଭିବୃଦ୍ଧି କରିଥାଏ। ଏକ ଆବଶ୍ୟକୀୟ, ସୁସ୍ଥ, ଉପାଦାନକ୍ଷମ ଓ ମାନବୀୟ ଚାହିଦା, ପ୍ରାକୃତିକ ସମ୍ପଦ ଏବଂ ପରିବେଶ ମଧ୍ୟରେ ସ୍ଥାୟୀ ପରିପୋଷକ ସନ୍ତୁଳନ ଉପରେ ଏହା ଗୁରୁତ୍ୱ ପ୍ରଦାନ କରିଥାଏ। ଏଗୁଡ଼ିକ ବିକଶିତ ହେବା ସହିତ ବଜାୟ ରଖିବା ଆବଶ୍ୟକ। ତେଣୁ ଭବିଷ୍ୟତ ପିଢ଼ି ମାନଙ୍କର ନିଜର ଆବଶ୍ୟକତା ପୂରଣ କରିବାର ଦକ୍ଷତାକୁ ନଷ୍ଟ ନକରି ବର୍ତ୍ତମାନର ପିଢ଼ିଙ୍କର ଆବଶ୍ୟକତା ପୂରଣ ହିଁ ପ୍ରକୃତ ବିକାଶ।

## ୨.୫.୨ ପରିପୋଷକ ବିକାଶର ମୁଖ୍ୟଦିଗ : ତତ୍ତ୍ୱ

ପରିପୋଷକ ବିକାଶ ପ୍ରସଙ୍ଗଟି ଖୁବ୍ ବ୍ୟାପକ। ଏହା ମଧ୍ୟରେ ବିକାଶର ଅନେକଗୁଡ଼ିଏ ଦିଗ ନିହିତ ଅଛି। ଏହାକୁ ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ଦୃଷ୍ଟିରୁ ହାସଲ କରିବାକୁ ହେବ। ପରିପୋଷକ ଜନସଂଖ୍ୟା ସ୍ତର, ଦାରିଦ୍ର୍ୟ ନିରାକରଣ, ସାମାଜିକ ଓ ଅର୍ଥନୈତିକ ନ୍ୟାୟ, ସାମାଜିକ ବିକାଶ, ଅର୍ଥନୈତିକ ବିକାଶ, ପରିବେଶ ସୁରକ୍ଷା, ପରିବେଶ ପ୍ରଦୂଷଣ ନିରାକରଣ, ନିୟନ୍ତ୍ରଣ ଓ ହ୍ରାସ, ପରିବେଶର ସନ୍ତୁଳନତା ରକ୍ଷା ଓ ଜୈବ ବିବିଧତା, ପ୍ରାକୃତିକ ସମ୍ବଳର ସୁରକ୍ଷା ଓ ବ୍ୟବସ୍ଥିତ ଉପଯୋଗ, ବିକାଶ ଓ ପରିବେଶକୁ ଖାପ ଖୁଆଇବା ଭଳି ବୈଷୟିକ ଜ୍ଞାନ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା ଗୁଡ଼ିକର ସମାଧାନ, ଭବିଷ୍ୟତ ପିଢ଼ିମାନଙ୍କର ଆବଶ୍ୟକତା ପୂରଣ କରିବାର ଦକ୍ଷତାକୁ ନଷ୍ଟ ନକରି ବର୍ତ୍ତମାନ ପିଢ଼ିଙ୍କର ବିକାଶ କରିବା ଇତ୍ୟାଦି ପ୍ରସଙ୍ଗ ଗୁଡ଼ିକ ପରିପୋଷକ ବିକାଶର ଅନ୍ତର୍ଭୁକ୍ତ। ଏହିସବୁ ପ୍ରସଙ୍ଗଗୁଡ଼ିକୁ ବହୁ ସଂଖ୍ୟକ ସମକାଳୀନ ସମର୍ଥକ ଗୁରୁତ୍ୱ ପ୍ରଦାନ କରିଛନ୍ତି।

## ଆତ୍ମ ପରୀକ୍ଷଣ ପ୍ରଶ୍ନ 'ଖ'

ଟିପ୍ପଣୀ : (କ) ନିମ୍ନରେ ଦିଆଯାଇଥିବା ଖାଲି ସ୍ଥାନରେ ଉତ୍ତର ଲେଖନ୍ତୁ।

(ଖ) ଏହି ଏକକର ଶେଷରେ ଦିଆଯାଇଥିବା ସାମ୍ଭାବ୍ୟ ଉତ୍ତର ସହିତ ନିଜ ଉତ୍ତରକୁ ମିଳାନ୍ତୁ।

ପ୍ରଶ୍ନ ୧. ବିକାଶର ଗାନ୍ଧିବାଦୀ ଢାଞ୍ଚାର ନୈତିକ ମୂଲ୍ୟବୋଧ ଗୁଡ଼ିକ କଣ ?

ଉତ୍ତର : ____________________

____________________

____________________

____________________

____________________

ପ୍ରଶ୍ନ ୨. ପରିପୋଷକ ବିକାଶର ମୁଖ୍ୟ ଦିଗ ଗୁଡ଼ିକ କଣ ?

ଉତ୍ତର : ______________________________________________

______________________________________________

______________________________________________

______________________________________________

______________________________________________

## ୨.୬ ସାରାଂଶ

ଏହି ଏକକରେ ଆମେ ବିକାଶର ବିଭିନ୍ନ ଢାଞ୍ଚା ବା ସ୍ୱରୂପ ବିଷୟରେ ଆଲୋଚନା କଲେ। କିନ୍ତୁ ବାସ୍ତବକଥାଟି ହେଲା – ଏ ସମସ୍ତ ମଧ୍ୟରୁ କୌଣସି ଗୋଟିଏ ବି ଢାଞ୍ଚା ସାର୍ବଜୀନନ ଭାବରେ ଗ୍ରହଣୀୟ ନୁହଁ। ତେଣୁ ଏ ସମସ୍ତ ମଧ୍ୟରୁ ଗ୍ରାମାଞ୍ଚଳ ବିକାଶର ଗାନ୍ଧିବାଦୀ ତତ୍ତ୍ୱ ବା ଢାଞ୍ଚାକୁ ଆଦର୍ଶବାଦୀ ବୋଲି ବିବେଚନା କରାଯାଇ ପାରିବ। ଏହା ଆଦର୍ଶଗ୍ରାମ, ବିକେନ୍ଦ୍ରୀ କରଣ, ଆତ୍ମ ନିର୍ଭରଶୀଳତା ବା ସ୍ୱାବଲମ୍ବୀ, ଶିଳ୍ପାୟନ ଓ ନ୍ୟାସ ବ୍ୟବସ୍ଥା ଭଳି କେତେକ ନୈତିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ। ବିକାଶର ସମାଜବାଦୀ ଢାଞ୍ଚା ଭଳି ଅନ୍ୟ କେତେକ ଢାଞ୍ଚା "ସମାଜବାଦ" ଦର୍ଶନରୁ ଆସିଛି। ସମାଜବାଦ ଏକ ଦର୍ଶନ ବା ବାଦ ଯାହା ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ସମସ୍ତ ରାଷ୍ଟ୍ରନୀତି ଗୁଡ଼ିକୁ କାର୍ଯ୍ୟକାରୀ କରି ସମାଜ ମଙ୍ଗଳ ଲକ୍ଷ୍ୟ ରଖିଥାଏ। ଏହା "ରାଷ୍ଟ୍ରନିୟାମକ ନୀତି" ଉପରେ ଆଧାରିତ। କିନ୍ତୁ ପରିପୋଷକ ବିକାଶ ଢାଞ୍ଚା ବିକାଶର ଏଭଳି ଏକ ନୀତି ଉପରେ ପର୍ଯ୍ୟବେସିତ ଯାହା ଭବିଷ୍ୟତ ପିଢ଼ିଙ୍କର ଜୀବନ ଧାରଣମାନକୁ ନଷ୍ଟ ଓ ସଙ୍କୁଚିତ ନ କରି ବର୍ତ୍ତମାନର ବିକାଶକୁ ତ୍ୱରାନ୍ୱିତ କରିଥାଏ। ଏକ ଆବଶ୍ୟକୀୟ ସୁସ୍ଥ, ଉତ୍ପାଦନକ୍ଷମ ଓ ମାନବୀୟ ଆବଶ୍ୟକତା, ପ୍ରାକୃତିକ ସମ୍ବଳ ଓ ଉତ୍ପାଦନ ତଥା ମାନବୀୟ ପରିବେଶ ସହିତ ସମ୍ପର୍କ ମଧ୍ୟରେ ଏହା ସ୍ଥାୟୀ ପରିପୋଷକ ସନ୍ତୁଳନ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ।

## ୨.୭ ପ୍ରମୁଖ ଶବ୍ଦାବଳୀ

- **ଶିଳ୍ପାୟନ :** ଏହା ସମୟ ସ୍ରୋତର ଏକ ସ୍ତର ଯେତେବେଳେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଏକ ମାନବ ଗୋଷ୍ଠୀକୁ କୃଷିଭିତ୍ତିକ ସମାଜରୁ ଶିଳ୍ପ ସମାଜରେ ପରିଣତ କରିଥାଏ। ଉତ୍ପାଦନ ଉଦ୍ଦେଶ୍ୟରେ ଏହା ଏକ ଅର୍ଥନୀତିର ବ୍ୟାପକ ପୁର୍ନଗଠନ କରିଥାଏ।

- **ନ୍ୟାସ ବ୍ୟବସ୍ଥା (Trusteeship) :** ଏହା ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଣୀତ ଏକ ସାମାଜିକ ଓ ଅର୍ଥନୈତିକ ଦର୍ଶନ । ଏହା ଏଭଳି ଏକ ସୁଯୋଗ ପ୍ରଦାନ କରେ ଯେଉଁଥିରେ ଧନୀ ଲୋକମାନେ ନ୍ୟାସ ର ନ୍ୟାସଧାରୀ ହୋଇ ସାଧାରଣ ଲୋକଙ୍କର ମଙ୍ଗଳ ନିମନ୍ତେ ଯତ୍ନବାନ ହୁଅନ୍ତି ।
- **ପରିପୋଷକ ବିକାଶ :** ଏହା ବିକାଶର ଏକ ଭିନ୍ନ ଧରଣର ଢାଞ୍ଚା । ଏହା ଭବିଷ୍ୟତ ପିଢିମାନଙ୍କର ଜୀବନ ଧାରଣର ମାନକୁ କୌଣସି ପ୍ରକାରେ ବ୍ୟାଘାତ ବା ସଙ୍କୁଚିତ ନ କରି ବର୍ତ୍ତମାନର ବିକାଶକୁ ତ୍ୱରାନ୍ୱିତ କରିଥାଏ ।

## ୨.୮ ସହାୟକ ଗ୍ରନ୍ଥସୂଚୀ


୧. ସତ୍ୟ ସୁନ୍ଦରମ୍ ଆଇ (୧୯୯୭) – Rural Development,Himalaya Publishing House, New Delhi.

୨. ବି.ଡି.ସିଂ (୧୯୯୨) – Planning for Rural Development and Poverty Alleviation, Mittal Publications, New Delhi.

୩. ଭେଙ୍କଟ ରେଡ୍ଡି କେ (୧୯୯୨) – Rural Development in India – Poverty and Development, Himalaya Publishing House, New Delhi,

୪. ସୁନ୍ଦରମ୍ କେ.ଭି. (୧୯୯୯) – Decentralised Multilevel Planning, Concept Publishing Company, New Delhi.

# ତୃତୀୟ ଏକକ :
# ଭାରତରେ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମାଞ୍ଚଳ ବିକାଶ

## ସୂଚୀପତ୍ର :


୩.୦ ପଠନର ଉଦ୍ଦେଶ୍ୟ

୩.୧ ଭାରତରେ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମାଞ୍ଚଳ ବିକାଶ - ପରିଚିତି

୩.୨ ପ୍ରଥମ ପଞ୍ଚବାର୍ଷିକ ଯୋଜନା (୧୯୫୧-୫୬)

୩.୩ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା (୧୯୫୬-୬୧)

୩.୪ ତୃତୀୟ ପଞ୍ଚବାର୍ଷିକ ଯୋଜନା (୧୯୬୧-୬୬)

୩.୫ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା (୧୯୬୯-୭୪)

୩.୬ ପଞ୍ଚମ ପଞ୍ଚବାର୍ଷିକ ଯୋଜନା (୧୯୭୪-୭୯)

୩.୭ ଷଷ୍ଠ ପଞ୍ଚବାର୍ଷିକ ଯୋଜନା (୧୯୮୦-୮୫)

୩.୮ ସପ୍ତମ ପଞ୍ଚବାର୍ଷିକ ଯୋଜନା (୧୯୮୫-୯୦)

୩.୯ ଅଷ୍ଟମ ପଞ୍ଚବାର୍ଷିକ ଯୋଜନା (୧୯୯୨-୯୭)

୩.୧୦ ନବମ ପଞ୍ଚବାର୍ଷିକ ଯୋଜନା (୧୯୯୭-୨୦୦୨)

୩.୧୧ ଦଶମ ପଞ୍ଚବାର୍ଷିକ ଯୋଜନା (୨୦୦୨-୨୦୦୭)

୩.୧୨ ଏକାଦଶ ପଞ୍ଚବାର୍ଷିକ ଯୋଜନା (୨୦୦୭-୨୦୧୨)

୩.୧୩ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା (୨୦୧୨-୨୦୧୭)

୩.୧୪ ସାରାଂଶ

୩.୧୫ ପ୍ରମୁଖ ଶବ୍ଦାବଳୀ

୩.୧୬ ସହାୟକ ଗ୍ରନ୍ଥସୂଚୀ

୩.୧୭ ଆତ୍ମ ପରୀକ୍ଷଣ ପ୍ରଶ୍ନର ସମ୍ଭାବ୍ୟ ଉତ୍ତରମାଳା ।

## ୩.୦ ପଠନର ଉଦ୍ଦେଶ୍ୟ

- ଜାତୀୟ ବିକାଶର ପରିସୀମା ମଧ୍ୟରେ ଗ୍ରାମାଞ୍ଚଳ ବିକାଶର ସଂଜ୍ଞା ନିରୂପଣ କରିବା।
- ଭାରତରେ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଥିବା ସମସ୍ୟା ଗୁଡ଼ିକୁ ଆଲୋଚନା କରିବା।
- ଭାରତରେ ପ୍ରତ୍ୟେକ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମାଞ୍ଚଳ ବିକାଶ ସମ୍ପର୍କରେ ବର୍ଣ୍ଣନା କରିବା।

## ୩.୧ ଭାରତରେ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମାଞ୍ଚଳ ବିକାଶ : ପରିଚିତି

୧୯୪୭ ମସିହାରେ ଭାରତ ଯେତେବେଳେ ଏକ ସ୍ୱାଧୀନ ରାଷ୍ଟ୍ର ଭାବରେ ଆବିର୍ଭାବ ହେଲା, ତାର ନିକଟ ଅତୀତରେ ଗ୍ରାମାଞ୍ଚଳ ବିକାଶର ଯେଉଁ ଧାରା ଚାଲୁ ରହିଥିଲା, ଏହା ତାକୁ ଅନୁସରଣ କଲା। ଖୁବ୍ ଅଳ୍ପ ସମୟ ମଧ୍ୟରେ ଏହା ବୈଷୟିକ ଜ୍ଞାନ ଓ ଏପରିକି ଗ୍ରାମାଞ୍ଚଳ ବିକାଶର ଭିତ୍ତିଭୂମିର କେନ୍ଦ୍ର ସ୍ଥଳରେ ପରିଣତ ହେଲା। ସ୍ୱାଧୀନତା ପ୍ରାପ୍ତିର ପ୍ରାରମ୍ଭରୁ ଏହା ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ପରିଣତ ହୋଇଛି ଓ ସମସ୍ତ ସରକାରୀ ଉଦ୍ୟମର ମୌଳିକ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କର ମଙ୍ଗଳ ଓ ବିକାଶ। ସ୍ୱାଧୀନତା ପ୍ରାପ୍ତିଠାରୁ ଯୋଜନା ଭାରତର ନୀତିର ଏକ ସ୍ତମ୍ଭରେ ପରିଣତ ହୋଇଛି ଓ ଏହି ଯୋଜନାର ସଫଳତାରୁ ଦେଶର ଶକ୍ତି ଉପଲବ୍ଧି ଲାଭ କରିଛି। ଦାରିଦ୍ର୍ୟ ନିରାକରଣର ଲକ୍ଷ୍ୟ ନେଇ ନୀତି ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛି। ଏହି ଦାରିଦ୍ର୍ୟ ନିରାକରଣ ଭାରତରେ ଯୋଜନାବଦ୍ଧ ବିକାଶର ମୌଳିକ ଲକ୍ଷ୍ୟରେ ପରିଣତ ହୋଇଛି।

ଦେଶର ସମ୍ବଳର ଉପଯୁକ୍ତ ବିନିଯୋଗ କରି ଲୋକଙ୍କର ଜୀବନଧାରଣର ମାନରେ ଦ୍ରୁତ ଅଭିବୃଦ୍ଧି, ଉତ୍ପାଦନ ବୃଦ୍ଧି ଓ ସମାଜର ହିତରେ ସମସ୍ତଙ୍କୁ ନିଯୁକ୍ତି ସୁଯୋଗ ଇତ୍ୟାଦି ସରକାରଙ୍କର ଘୋଷିତ ଲକ୍ଷ୍ୟ ପରିପ୍ରେକ୍ଷୀରେ ୧୯୫୦ ମସିହା ମାର୍ଚ୍ଚ ମାସରେ ଭାରତ ସରକାରଙ୍କର ଏକ ସଂକଳ୍ପ ବଳରେ ଯୋଜନା କମିଶନ ଗଠନ କରାଯାଇ ଥିଲା। ଦେଶର ସମସ୍ତ ସମ୍ବଳର ମୂଲ୍ୟାୟନ କରିବା, ଅଭାବ ଥିବା ସମ୍ବଳର ବୃଦ୍ଧି କରିବା, ସମ୍ବଳର ସର୍ବାଧିକ ପ୍ରଭାବଶାଳୀ ଓ ସନ୍ତୁଳିତ ଉପଯୋଗ ନିମନ୍ତେ ଯୋଜନା ପ୍ରଣୟନ ଓ ଏହାର ଅଗ୍ରାଧିକାର ନିର୍ଦ୍ଧାରଣର ଦାୟିତ୍ୱ ଯୋଜନା କମିଶନ୍ ହାତରେ ରହିଲା। ଜବାହାରଲାଲ ନେହେରୁ ଯୋଜନା କମିଶନର ପ୍ରଥମ ଅଧ୍ୟକ୍ଷ ଥିଲେ। ୧୯୫୧ ମସିହାରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହୋଇଥିଲା।

## ୩.୨ ପ୍ରଥମ ପଞ୍ଚବାର୍ଷିକ ଯୋଜନା (୧୯୫୧-୫୬)

ପ୍ରଥମ ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ସମୟରେ ମଧ୍ୟପ୍ରଦେଶର ସେବାଗ୍ରାମ, ମାଡ୍ରାସର ଫିର୍କା ବିକାଶ ଯୋଜନା, ବମ୍ବେର ସର୍ବୋଦୟ କେନ୍ଦ୍ର ଓ ଉତ୍ତର ପ୍ରଦେଶର ଏଟାଓ୍ୱା ଓ ଗୋରଖପୁର ତଥା ଅନ୍ୟ କେନ୍ଦ୍ର ଗୁଡ଼ିକରୁ ଯେଉଁ ଅନୁଭୂତି ହାସଲ କରାଯାଇଥିଲା ସେଗୁଡ଼ିକୁ ବିଚାରକୁ ନିଆଯାଇ ଥିଲା। କିନ୍ତୁ ଏଗୁଡ଼ିକ ବୋଧହୁଏ ଖୁବ୍ କମ୍ ଜଣାଶୁଣା ଥିଲା।

୧) ଯେତେବେଳେ ସରକାରଙ୍କର ବିଭିନ୍ନ ବିଭାଗ ନିଜ ବିଭାଗର କାର୍ଯ୍ୟ ନିମନ୍ତେ ଗ୍ରାମାଞ୍ଚଳ ଲୋକମାନଙ୍କ ନିକଟକୁ ଯାଆନ୍ତି, ସେତେବେଳେ ଲୋକମାନେ ବିଭ୍ରାନ୍ତକର ପରିସ୍ଥିତିରେ ପଡ଼ିଯାଆନ୍ତି ଓ ସେମାନଙ୍କ ମଧ୍ୟରେ କୌଣସି ସ୍ଥିର ବା ସ୍ଥାୟୀ ଧାରଣା ସୃଷ୍ଟି ହୋଇପାରେ ନାହିଁ । ପ୍ରସ୍ତୁତ ହୋଇଥିବା ସରକାରୀ କାର୍ଯ୍ୟକଳାପ ଦ୍ୱାରା କୃଷକମାନଙ୍କର ଜୀବନକୁ ବିଭିନ୍ନ ଭାଗରେ ବିଭକ୍ତ କରି ଦିଆଯାଏ । ତେଣୁ ଲୋକଙ୍କ ନିକଟରେ ପହଞ୍ଚୁଥିବା ବିଭିନ୍ନ ବିଭାଗୀୟ କାର୍ଯ୍ୟକଳାପ ମଧ୍ୟରେ ସମନ୍ୱୟ ରଖାଯିବା ଆବଶ୍ୟକ ଯାହା ମଣିଷର ସମଗ୍ର ଜୀବନକୁ ବ୍ୟାପକ ହୋଇପାରିବ । ଏକାଧିକ ବିଭାଗର ଅଧିକାରୀ ମାନଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦନ କରାନଯାଇ ଗ୍ରାମାଞ୍ଚଳ କାର୍ଯ୍ୟ ନିମନ୍ତେ ନିୟୋଜିତ ମୁଖ୍ୟ ବିଭାଗ ଗୁଡ଼ିକର ଜଣେ ପ୍ରତିନିଧିଙ୍କ ଦ୍ୱାରା ଏହିକାର୍ଯ୍ୟ ସମାହିତ ହେବା ଆବଶ୍ୟକ । ଏହି ଦୃଷ୍ଟିରୁ ବର୍ତ୍ତମାନ ଏହାକୁ ପାରମ୍ପରିକ ଭାବରେ ଗ୍ରାମ ସେବକ ହିସାବରେ ବର୍ଣ୍ଣନା କରାଯାଇଛି । ସେ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ସେବା ଯୋଗାଉଥିବା ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି ।

୨) ଲୋକମାନଙ୍କ ଉପରେ ବାଧକରି ଲଦି ଦିଆ ଯାଉଥିବା କାର୍ଯ୍ୟକ୍ରମ ଗୁଡ଼ିକ ଅପେକ୍ଷା ଯେଉଁ କାର୍ଯ୍ୟକ୍ରମ ଗୁଡ଼ିକ ସେମାନଙ୍କ ସହଯୋଗରେ ପ୍ରସ୍ତୁତ ହୋଇଥାଏ, ସେଥିରେ ସଫଳତାର ହାର ଅଧିକ ହୋଇଥାଏ ।

୩) ସରକାରୀ କଳ ଲୋକମାନଙ୍କୁ ମାର୍ଗଦର୍ଶନ ଓ ସହାୟତା ପ୍ରଦାନ କରିଥାଏ । କିନ୍ତୁ ନିଜ ଅବସ୍ଥାରେ ପ୍ରଗତି ଆଣିବାର ଦାୟିତ୍ୱ ଲୋକମାନଙ୍କ ହାତରେ ହିଁ ନ୍ୟସ୍ତ ଥାଏ । କାର୍ଯ୍ୟକ୍ରମଟି ତାଙ୍କ ନିଜର ଓ ନିଜର ମଙ୍ଗଳ ନିମନ୍ତେ ଏକ ବାସ୍ତବ ଅବଦାନ ବୋଲି ଯଦି ସେମାନେ ବିଚାର ନ କରନ୍ତି, ତେବେ ଏହାର କୌଣସି ସ୍ଥାୟୀ ସଫଳତା ମିଳିପାରିବ ନାହିଁ ।

୪) ଯେକୌଣସି କାର୍ଯ୍ୟକ୍ରମ ମୁଖ୍ୟତଃ ସରକାରଙ୍କ ବ୍ୟୟ ଉପରେ ନିର୍ଭର କରେ । ଏଥିରେ ଗ୍ରାମବାସୀଙ୍କର ସ୍ୱୟଂ ସହାୟତା ଓ ପାରସ୍ପରିକ ସହଯୋଗ ନିମିତ୍ତମାତ୍ର ଓ କ୍ଷଣସ୍ଥାୟୀ । ବୈଜ୍ଞାନିକ କୃଷି ଓ କୁଟୀର ଏବଂ କ୍ଷୁଦ୍ରଶିଳ୍ପ ମାଧ୍ୟମରେ ଦୀର୍ଘ ସ୍ଥାୟୀ ବେକାରୀ ହ୍ରାସ ଏହାର ପ୍ରମୁଖ ଲକ୍ଷ୍ୟ ରହିବା ଆବଶ୍ୟକ ।

୫) ବ୍ୟାବହାରିକ ଉପକରଣ ବିନା ଉପଦେଶ ଓ ନୀତିବାଣୀର କୌଣସି ମୂଲ୍ୟ ନ ଥାଏ । ଉଦାହରଣ ସ୍ୱରୂପ - କୃଷକମାନଙ୍କର ଆଶୁ ସମସ୍ୟା ସମାଧାନ କରିବା ନିମନ୍ତେ ବିହନ, ସାର, ଅର୍ଥ ଓ ବୈଷୟିକ ପରାମର୍ଶ ହିଁ ଆବଶ୍ୟକ । ଏହାଦ୍ୱାରା ସରକାରୀ କଳ ଲୋକମାନଙ୍କର ନିକଟବର୍ତ୍ତୀ ହୋଇଥାଏ ।

୬) ସରକାର ବିଭିନ୍ନ ପ୍ରକାର ଉଦ୍ୟମ କରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି । ଏହି ଉଦ୍ୟମର ମାଧ୍ୟମ ଯାହା ହେଉ ନା କାହିଁକି, ଯଦି କାର୍ଯ୍ୟକ୍ରମ ଗୁଡ଼ିକ ବ୍ୟାପକ ଭାବରେ କାର୍ଯ୍ୟକାରୀ ହୁଏ ଓ ବାସ୍ତବ ଦୃଷ୍ଟିରୁ ପ୍ରତ୍ୟେକ କୃଷକ ପରିବାରର ଗ୍ରାମ୍ୟ ସଙ୍ଗଠନ ମାଧ୍ୟମରେ କାର୍ଯ୍ୟ କରିବାର ଅବଦାନ ରହେ ତେବେ ଉତ୍ତମ ଫଳ ହାସଲ କରାଯାଇପାରିବ ।

୭) କୃଷକର ଅନୁଭୂତି ଓ ସମସ୍ୟାକୁ ଭିତ୍ତିକରି ଆଭିମୁଖ୍ୟ ଗ୍ରହଣ କରାଯିବ ଆବଶ୍ୟକ । ସରଳ ଉପାୟ ଆପଣାଇବା ନିମନ୍ତେ ଅଧିକ ଜ୍ଞାନକୌଶଳ ଓ ଯନ୍ତ୍ରପାତି ନିମନ୍ତେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ସେ ସେଗୁଡ଼ିକୁ ପରିହାର କରିବା ଆବଶ୍ୟକ ।

୮) ମହତ୍ ଉଦ୍ଦେଶ୍ୟ ନିମନ୍ତେ ଲୋକମାନଙ୍କର କର୍ମ ପ୍ରବଣତାକୁ ବୃଦ୍ଧି କରିବା ସହ ଏହାକୁ ବଜାୟ ରଖାଯାଇ ପାରିବ । ଏହି ଉଦ୍ଦେଶ୍ୟଟି ଲୋକ ମାନଙ୍କ ଦ୍ୱାରା ସ୍ଥିରିକୃତ ହେବ ଓ ଯେଉଁ ଲୋକମାନେ ସରକାରଙ୍କ ତରଫରୁ ସେମାନଙ୍କୁ ସହାୟତା କରନ୍ତି, ସେମାନେ ଅତ୍ୟନ୍ତ ଆବଶ୍ୟକୀୟ ମାନସିକତା ନେଇ କାମ କରିବେ । ଉଚ୍ଚଧରଣର ଜୀବନ ଧାରଣର ମାନ ବା ଭଲରେ ବସବାସ କରିବା ର ଆକାଙ୍କ୍ଷା ଗ୍ରାମାଞ୍ଚଳ ଲୋକମାନଙ୍କ ମଧ୍ୟରେ ସୃଷ୍ଟି କରାଯିବା ଆବଶ୍ୟକ ।

ଗୋଷ୍ଠୀ ବିକାଶ ଓ ଗ୍ରାମାଞ୍ଚଳ ସଂପ୍ରସାରଣ ଉପରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା ବିଶେଷ ଗୁରୁତ୍ୱ ପ୍ରଦାନ କରିଥିଲା ।

**ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ :** ପ୍ରତ୍ୟେକ ପ୍ରକଳ୍ପରେ ଏକକର ଆକାର ହାରାହାରି ୩୦୦ଟି ଗ୍ରାମଥିଲା ଓ ଏହାର ଆୟତନ ପ୍ରାୟ ୪୫୦ ରୁ ୫୦୦ ବର୍ଗ ମାଇଲ ଥିଲା । ଏଥିରେ ପ୍ରାୟ ୧୫,୦୦୦ ଏକର ଚାଷପୋଯୋଗୀ ଜମି ସହ ଏହାର ଜନସଂଖ୍ୟା ପ୍ରାୟ ୨,୦୦୦୦୦ ଥିଲା । ପ୍ରକଳ୍ପଟିକୁ ତିନୋଟି ବିକାଶ ବ୍ଲକ୍‌ରେ ବିଭକ୍ତ କରାଯାଇଥିଲା । ଏଥିରେ ପ୍ରାୟ ୧୦୦ଟି ଗ୍ରାମ ଓ ଜନସଂଖ୍ୟା ପ୍ରାୟ ୬୦,୦୦୦ ରୁ ୭୦,୦୦୦ ଥିଲା । ଏହି ବିକାଶ ବ୍ଲକ୍‌କୁ ୫ଟି ଲେଖାଏଁ ଗ୍ରାମକୁ ନେଇ ଗୋଟିଏ ଗୋଷ୍ଠୀରେ ଭାଗ କରାଯାଇଥିଲା । ପ୍ରତ୍ୟେକ ଗୋଷ୍ଠୀ ଦାୟିତ୍ୱରେ ଜଣେ ଲେଖାଏଁ ଗ୍ରାମ ସେବକ ରହିଲେ । ଗୋଷ୍ଠୀ ପ୍ରକଳ୍ପରେ ଯେଉଁସବୁ କାର୍ଯ୍ୟଗୁଡ଼ିକୁ ହାତକୁ ନିଆଯାଇ ଥିଲା, ତାକୁ ନିମ୍ନ ମତେ ଭାଗ କରାଯାଇ ପାରେ ।

**କୃଷି ଓ ଏହାର ସହାୟକ ବିଷୟ :** ପତିତ ଓ ଅବ୍ୟବହୃତ ଅବସ୍ଥାରେ ଥିବା ଜମିର ପୁନରୁଦ୍ଧାର, ରାସାୟନିକ ସାର ଓ ଉନ୍ନତ ବିହନ ଯୋଗାଣ, ଫଳ ଓ ପନିପରିବା ଚାଷର ଉନ୍ନତି, ଉନ୍ନତ କୃଷିପ୍ରଣାଳୀରେ ଜମିର ବ୍ୟବହାର, କୃଷି ସମ୍ପର୍କୀୟ ତଥ୍ୟ ଯୋଗାଣ, ଉନ୍ନତି କୃଷି ଯନ୍ତ୍ରପାତିର ବ୍ୟବହାର, ଉନ୍ନତ ବଜାର ଓ ସମବାୟ ସୁବିଧା, ଭୂମି ପରୀକ୍ଷଣ ଓ ସର୍ବେକ୍ଷଣ ସହ ମୃତ୍ତିକା କ୍ଷୟର ନିରାକରଣ, ପ୍ରାକୃତିକ ଓ କମ୍ପୋଷ୍ଟ ଖତର ବ୍ୟବହାର ନିମନ୍ତେ ପ୍ରୋତ୍ସାହନ ସହ ପଶୁ ସମ୍ପଦର ବିକାଶ ଇତ୍ୟାଦି ଏହି ପ୍ରସଙ୍ଗ ବା ବିଷୟର ଅନ୍ତର୍ଭୁକ୍ତ । ଯଦି ପଶୁ ସମ୍ପଦ ବିଷୟକୁ ଦେଖିବା, ଏଥିରେ ଉନ୍ନତ ପଶୁପାଳନ ନିମନ୍ତେ କେତେକ ନିର୍ଦ୍ଦିଷ୍ଟ ଗ୍ରାମକୁ ଚୟନ କରାଯାଇ ଥାଏ । ଏହି ପଶୁପାଳନ କେନ୍ଦ୍ରରୁ କୃତ୍ରିମ ଉପାୟରେ ଶୁକ୍ର ସଂଗ୍ରହ କରାଯାଇ ପଶୁ ସମ୍ପଦର ବିକାଶ ନିମନ୍ତେ ବିଭିନ୍ନ ପରାମର୍ଶ ପ୍ରଦାନ କରାଯାଇଥାଏ । ଏହି ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ପ୍ରତ୍ୟେକ ପାଞ୍ଚୋଟି ଗ୍ରାମ ନିମନ୍ତେ ବିଭିନ୍ନ ପରାମର୍ଶ ପ୍ରଦାନ କରାଯାଇଥାଏ । ଏହି ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ପ୍ରତ୍ୟେକ ପାଞ୍ଚୋଟି ଗ୍ରାମ ନିମନ୍ତେ ଜଣେ କୃଷି ସମ୍ପ୍ରସାରଣ କର୍ମଚାରୀ ରହି କୃଷି ସମ୍ପ୍ରସାରଣ ସେବା ପ୍ରଦାନର ବ୍ୟବସ୍ଥା କରାଗଲା ।

**ଜଳସେଚନ :** ଏହି କାର୍ଯ୍ୟକ୍ରମ କ୍ଷୁଦ୍ର ଜଳସେଚନ କାର୍ଯ୍ୟ ଯଥା – ପୋଖରୀ, କେନାଲ, ଖୋଲାକୂଅ, ନଳକୂପ ଇତ୍ୟାଦି ମାଧ୍ୟମରେ କୃଷିକୁ ଜଳଯୋଗାଣ ନିମନ୍ତେ ଲକ୍ଷ୍ୟ ରଖିଥାଏ । ଯଦି ସମ୍ଭବ ତେବେ ଅନ୍ତତଃ ଚାଷ ଜମିର ଅର୍ଦ୍ଧେକକୁ ଜଳସେଚନ ସୁବିଧା ଯୋଗାଣ ଏହାର ମୁଖ୍ୟ ଲକ୍ଷ୍ୟ ।

**ଗମନାଗମନ :** ପ୍ରକଳ୍ପ ଅଞ୍ଚଳରେ ପ୍ରତ୍ୟେକ ଗ୍ରାମକୁ ଅନ୍ୟ ଗ୍ରାମ ସହ ସଂଯୋଗ କରିବା ନିମନ୍ତେ ଗ୍ରାମଠାରୁ ସର୍ବାଧିକ ଅଧା ମାଇଲ ପର୍ଯ୍ୟନ୍ତ ଯୋଡ଼ିବା ନିମନ୍ତେ ଗ୍ରାମାଞ୍ଚଳର ଯାତାୟତ ବ୍ୟବସ୍ଥାର ବିକାଶ କରିବାକୁ ହେବ । ଉପରାସ୍ତା ଗୁଡ଼ିକ ଦ୍ୱାରା ସଂଯୋଗ ହେଉଥିବାରୁ ଅବଶିଷ୍ଟ ଦୂରତାକୁ ଗ୍ରାମବାସୀ ମାନଙ୍କର ନିଜର ସ୍ୱେଚ୍ଛାକୃତ ଶ୍ରମ ମାଧ୍ୟମରେ ବିକାଶ କରାଯିବ । କେବଳ ମୁଖ୍ୟ ରାସ୍ତା ଗୁଡ଼ିକୁ ସରକାର ବା ଅନ୍ୟ ସରକାରୀ ସଂସ୍ଥା ନିର୍ମାଣ କରିବେ ଓ ଏହାର ରକ୍ଷଣାବେକ୍ଷଣ କରିବେ ।

**ଶିକ୍ଷା :** ଉଭୟ ପୁରୁଷ ଓ ମହିଳା ମାନଙ୍କ ନିମନ୍ତେ ଏକ ଦୃଢ଼ ଶିକ୍ଷା ଭିତ୍ତିଭୂମି ବିନା କୌଣସି ସମାଜର ପୂର୍ଣ୍ଣ ବିକାଶ ସାଧନ ହୋଇ ପାରିବ ନାହିଁ ବୋଲି ହୃଦ୍‌ବୋଧ କରାଯାଇଛି । ସାମାଜିକ ଶିକ୍ଷା, ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ପ୍ରସାର ଓ ଉନ୍ନତି ତଥା କ୍ରମଶଃ ମୌଳିକ ସ୍ତରକୁ ଏହାକୁ ପରିବର୍ତ୍ତନ, ଶିଶୁ ଶ୍ରମିକ ମାନଙ୍କୁ ଶିକ୍ଷା ସୁବିଧା ପ୍ରଦାନ ଓ ଯୁବ କଲ୍ୟାଣରେ ଉନ୍ନତି ଆଣିବା ନିମନ୍ତେ ବିଭିନ୍ନ ସାମାଜିକ ପ୍ରକଳ୍ପ ଗୁଡ଼ିକର ଯୋଜନା ପ୍ରସ୍ତୁତ କରାଯାଇଛି । ଶିକ୍ଷା କାର୍ଯ୍ୟକ୍ରମର ସବୁ ସ୍ତରରେ ବୃତ୍ତିଗତ ଓ ବୈଷୟିକ ତାଲିମ୍ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ହସ୍ତଶିଳ୍ପ କାରଗର ମାନଙ୍କୁ ଉନ୍ନତ ଜ୍ଞାନ କୌଶଳ ପ୍ରଦାନ ନିମନ୍ତେ ତାଲିମ୍ ସୁବିଧା ସୁଯୋଗ ପ୍ରଦାନ କରାଯିବ । କୌଣସି ଅଞ୍ଚଳରେ ଥିବା ତାଲିମ କେନ୍ଦ୍ରଗୁଡ଼ିକୁ ସଶକ୍ତକରଣ ଓ ବିକାଶ କରାଯିବ । ଯେଉଁ ଅଞ୍ଚଳରେ ଏହି କେନ୍ଦ୍ର ନାହିଁ, ସେଠାରେ ପ୍ରକଳ୍ପ ଅଞ୍ଚଳର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ନୂତନ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା କରାଯିବ ।

**ସ୍ୱାସ୍ଥ୍ୟ :** ସମଗ୍ର ପ୍ରକଳ୍ପ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ, ଉନ୍ନତ ବ୍ଲକ୍ ଅଧୀନରେ ତିନୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରକଳ୍ପ ଅଞ୍ଚଳର ସଦର ମହକୁମାରେ ଗୋଟିଏ ଅତିରିକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଗୋଟିଏ ଡାକ୍ତରଖାନା ଓ ଗୋଟିଏ ଭ୍ରାମ୍ୟମାଣ ଚିକିତ୍ସାଳୟକୁ ନେଇ ସ୍ୱାସ୍ଥ୍ୟ ସଙ୍ଗଠନ ଗଠିତ ହେବ । ଜଳଯୋଗାଣ ବ୍ୟବସ୍ଥା ଓ ଏହାର ସୁରକ୍ଷା, ମଣିଷ ଓ ଜୀବଜନ୍ତୁ ମାନଙ୍କର ବର୍ଜ୍ୟବସ୍ତୁର ଉପଯୁକ୍ତ ହସ୍ତାନ୍ତର, ମ୍ୟାଲେରିଆ, କଲେରା, ମିଳିମିଳା, ଯକ୍ଷ୍ମା ଇତ୍ୟାଦି ମାରାତ୍ମକ ରୋଗର ନିୟନ୍ତ୍ରଣ, ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା ସହ ଚିକିତ୍ସା ସହାୟତା ପ୍ରଦାନ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଜୀବନଯାପନ ଓ ଉନ୍ନତ ପୁଷ୍ଟିକର ଖାଦ୍ୟ ନିମନ୍ତେ ସାଧାରଣ ଲୋକଙ୍କୁ ଶିକ୍ଷା ଇତ୍ୟାଦି ପରିବେଶଗତ ସ୍ୱାସ୍ଥ୍ୟରକ୍ଷାର ଉନ୍ନତି ନିମନ୍ତେ ଏହା ଲକ୍ଷ୍ୟ ରଖିଥାଏ ।

**ସହାୟକ ନିଯୁକ୍ତି :** ଗ୍ରାମାଞ୍ଚଳର ବେକାର ଓ ଅର୍ଦ୍ଧବେକାର ଲୋକମାନଙ୍କୁ ଯଥାସମ୍ଭବ ଲାଭଦାୟକ ନିଯୁକ୍ତି ପ୍ରଦାନ କରାଯିବ। କୁଟୀର ଓ କ୍ଷୁଦ୍ର ଶିଳ୍ପର ବିକାଶ, ଇଟାଭାଟି ଓ କରତ କଳ ନିର୍ମାଣ ଓ ଅର୍ଥନୀତିର ତୃତୀୟ କ୍ଷେତ୍ରରେ ଅଂଶ ଗ୍ରହଣ ମାଧମରେ ନିଯୁକ୍ତି ନିମନ୍ତେ ଉତ୍ସାହିତ କରିବା ଇତ୍ୟାଦି ଦ୍ୱାରା ଏହି ନିଯୁକ୍ତି ଲକ୍ଷ୍ୟ ହାସଲ କରାଯାଇ ପାରିବ।

**ଗୃହ ନିର୍ମାଣ :** ଗୋଷ୍ଠୀ ପ୍ରକଳ୍ପ ଗୁଡ଼ିକର କର୍ମଚାରୀ ମାନଙ୍କର ଗୃହନିର୍ମାଣ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଗୃହ ନିର୍ମାଣ ନିମନ୍ତେ ଉନ୍ନତ ଜ୍ଞାନକୌଶଳ ଓ ନକ୍ସା ପ୍ରସ୍ତୁତିରେ ନମୁନା ପ୍ରଦର୍ଶନ ଓ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ଯଥାସମ୍ଭବ ପଦକ୍ଷେପ ନିଆଯିବ। ଜନାକୀର୍ଣ୍ଣ ଗ୍ରାମଗୁଡ଼ିକରେ ଗୃହ ନିର୍ମାଣ ନିମନ୍ତେ ନୂତନ ସ୍ଥାନ ନିରୂପଣ, ଗ୍ରାମ୍ୟ ଉଦ୍ୟାନ ଓ ଖେଳ ପଡ଼ିଆ ନିର୍ମାଣ ତଥା ଗୃହ ନିର୍ମାଣ ନିମନ୍ତେ ଦରକାର ହେଉଥିବା ବିଭିନ୍ନ ପ୍ରକାର ଦ୍ରବ୍ୟର ଯୋଗାଣ ନିମନ୍ତେ ପଦକ୍ଷେପ ଆବଶ୍ୟକ।

**ପ୍ରଶିକ୍ଷଣ :** ଆମେରିକାର ଫର୍ଡ ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ ୩୦ଟି ପ୍ରଶିକ୍ଷଣ କେନ୍ଦ୍ରରେ ଗ୍ରାମସେବକ, ପ୍ରକଳ୍ପ ପରିଦର୍ଶକ ଓ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମର କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମ ଚାଲୁ ରହିବ। ପ୍ରତ୍ୟେକ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରାୟ ୭୦ ଜଣ ବ୍ୟକ୍ତିଙ୍କୁ ପ୍ରଶିକ୍ଷଣ ଦେବାର ସୁବିଧା ରହିବ। ପ୍ରତ୍ୟେକ ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ୍ ପ୍ରଦାନକାରୀ ମାନଙ୍କର ୨ଟି ଦଳ ରହିବେ। ଏହାଦ୍ୱାରା ତାଲିମ ଗ୍ରହଣକାରୀ ମାନଙ୍କୁ ଦୁଇଟି ଦଳରେ ବିଭକ୍ତି କରାଯାଇ ପାରିବ। ଗୋଟିଏ ଦଳ ବ୍ୟାବହାରିକ ଓ ପରିଦର୍ଶନ କାର୍ଯ୍ୟ ସମ୍ପର୍କୀୟ ତାଲିମ ଗ୍ରହଣ କରିବା ବେଳେ ଅନ୍ୟ ଗୋଷ୍ଠୀଟି ଶିକ୍ଷା ବା ତତ୍ତ୍ୱଜ୍ଞାନ ଓ ଏହାର ବାସ୍ତବ ପ୍ରୟୋଗ ଓ ଆଲୋଚନାରେ ଅଂଶଗ୍ରହଣ କରିବେ। ପ୍ରଶିକ୍ଷଣ ଗ୍ରହଣ କରିସାରିବା ପରେ ନୂତନ ପ୍ରକଳ୍ପ ଆରମ୍ଭ କରିବା ନିମନ୍ତେ ଲୋକମାନଙ୍କର ମାନସିକତାକୁ ଭିତ୍ତିକରି ତାଲିମ୍ କେନ୍ଦ୍ର ଗୁଡ଼ିକର ବହୁଳ ଚାହିଦା ରହିବ। ଏହାକୁ ଆଖି ଆଗରେ ରଖି ପ୍ରଥମ ସ୍ତରରେ ପ୍ରଶିକ୍ଷଣର ସମୟ ସୀମାକୁ ଛଅମାସ ମଧ୍ୟରେ ସୀମିତ କରିବାକୁ ହେବ। ଗ୍ରାମସେବକ ଓ ପ୍ରକଳ୍ପ ପରିଦର୍ଶକ ମାନଙ୍କ ସମେତ ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟ କରୁଥିବା କୃଷି ସମ୍ପ୍ରସାରଣ କ୍ଷେତ୍ର କର୍ମଚାରୀମାନେ କୃଷକ, ଗ୍ରାମପଞ୍ଚାୟତର ସଦସ୍ୟ ବା ପଞ୍ଚାୟତ ଓ ଗାଁ ମୁଖିଆ ମାନଙ୍କର ପ୍ରଶିକ୍ଷଣ ନିମନ୍ତେ ପଦକ୍ଷେପ ନେବେ।

**ଆର୍ଥିକ ବ୍ୟବସ୍ଥା :** ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଉପରେ ନିର୍ଭର କରନ୍ତି। ମୋଟାମୋଟି ଭାବରେ କହିବାକୁ ଗଲେ, ଅଣ-ପୌନଃ ପୁନିକ **(Non-recurring)** ଖର୍ଚ୍ଚର ଶତକଡ଼ା ୭୫ ଭାଗ କେନ୍ଦ୍ର ସରକାର ଓ ଶତକଡ଼ା ୨୫ ଭାଗ ରାଜ୍ୟ ସରକାର ବହନ କରିବା ନିମନ୍ତେ ଧାର୍ଯ୍ୟ କରାଯାଇଛି। ସେହିଭଳି ପୌନଃପୁନିକ ଖର୍ଚ୍ଚର ଶତକଡ଼ା ୫୦ ଭାଗ ଲେଖାଏଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବହନ କରିବାର ବ୍ୟବସ୍ଥା ହୋଇଛି। ଏହାକୁ ଆର୍ଥିକ ଅନୁଦାନ କୁହାଯାଏ। ସମୁଦାୟ କରଜ ପରିମାଣକୁ କେନ୍ଦ୍ର ସରକାର ପ୍ରଦାନ କରିଥାଆନ୍ତି। ତିନିବର୍ଷର ସମୟସୀମା ପୂରଣ ପରେ ଅଧିକ ଖାଦ୍ୟ ଉତ୍ପାଦନ ତଦନ୍ତ କମିଟି **(Grow More Food Enquiry Committee)** ର ପଞ୍ଚମ ଅଧ୍ୟାୟରେ କରିଥିବା

ସୁପାରିସ୍ ଅନୁସାରେ ଗୋଷ୍ଠୀ ପ୍ରକଳ୍ପ ଅଞ୍ଚଳ ଗୁଡ଼ିକ ବିକଶିତ ବ୍ଲକରେ ପରିଣତ ହୋଇ ପାରିବେ । ଗୋଷ୍ଠୀ ପ୍ରକଳ୍ପ ଅଞ୍ଚଳ ପରିପ୍ରେକ୍ଷୀରେ ଆଶା କରାଯାଏ ଯେ, ତୃତୀୟ ବର୍ଷ ପରିସମାପ୍ତିରେ ଏହି ବିକଶିତ ବ୍ଲକ ଗୁଡ଼ିକର ସମୁଦାୟ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ପ୍ରତ୍ୟେକ ପ୍ରକଳ୍ପର ମୁଖ୍ୟତଃ ପୌନଃପୁନିକ ଖର୍ଚ୍ଚ ପ୍ରାୟ ତିନି ଲକ୍ଷ ଟଙ୍କା ହେବ ।

## ୩.୩ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା (୧୯୫୬-୬୧)

ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ ନିମନ୍ତେ ଯୋଜନା ପ୍ରଣୟନ ଓ ଏଗୁଡ଼ିକର କାର୍ଯ୍ୟକାରିତା ନିମନ୍ତେ ଜିଲ୍ଲାକୁ ଏକ ଏକକ ହିସାବରେ ବିଚାର କରି ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ ହୋଇଥିଲା । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରିତା ପରିପ୍ରେକ୍ଷୀରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା ସମୟରେ ସୃଷ୍ଟି ହୋଇଥିବା ସମସ୍ୟା ଗୁଡ଼ିକରେ ତର୍ଜମା କରାଯାଇ ଥିଲା ଓ ଅନେକ ଗୁଡ଼ିଏ ସୁପାରିସ୍ କରାଯାଇଥିଲା । ପ୍ରଥମ ପଞ୍ଚବାର୍ଷିକ ଯୋଜନା ସମୟରେ ଯାହା ଦେଖାଗଲା, କର୍ମଚାରୀ ନିଯୁକ୍ତି ଓ ପ୍ରାଶାସନିକ ବ୍ୟବସ୍ଥାର କାର୍ଯ୍ୟକାରିତାଠାରୁ ଆରମ୍ଭ କରି ଗଣତାନ୍ତ୍ରିକ ସରକାର ବ୍ୟବସ୍ଥା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନକୁ ଯେଉଁ ଦାୟିତ୍ୱ ଦିଆଯାଇଥିଲା ତା ଅପେକ୍ଷା ନିମ୍ନରେ ଦିଆଯାଇ ଥିବା କାର୍ଯ୍ୟ ଅଧିକ ଗୁରୁତ୍ୱ ବହନ କରେ ଓ ଏହି କାର୍ଯ୍ୟ ଗୁଡ଼ିକୁ ସମ୍ପାଦନ କରିବା ନିମନ୍ତେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ସମୟରେ ଜିଲ୍ଲା ପ୍ରଶାସନକୁ ଦାୟିତ୍ୱ ଦିଆଯାଇଥିଲା ।

୧) ଗ୍ରାମସ୍ତରରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଏକ ସଠିକ୍ ସଂସ୍ଥା ପ୍ରତିଷ୍ଠା ହେବ ଓ ଏହି ସଂସ୍ଥା ଗ୍ରାମ୍ୟ ସମାଜ ଠାରୁ କ୍ଷମତା ପ୍ରାପ୍ତ ହେବ ।

୨) ଜିଲ୍ଲାର ବିଭିନ୍ନ ଉନ୍ନୟନ ବିଭାଗ ଗୁଡ଼ିକର କାର୍ଯ୍ୟକଳାପ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଓ ସାଧାରଣ ସଂପ୍ରସାରଣ ସଂସ୍ଥା ନିମନ୍ତେ ବ୍ୟବସ୍ଥା କରିବା ।

୩) ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକର ବିକାଶମୂଳକ କାର୍ଯ୍ୟକୁ ରାଜ୍ୟ ସରକାରଙ୍କର ପ୍ରଶାସନିକ ସଂସ୍ଥା ସହିତ ସଂଯୋଗ କରିବା ।

୪) ଜିଲ୍ଲାର ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ଆଞ୍ଚଳିକ ସମନ୍ୱୟ ଓ ତଦାରଖ ।

୫) ସାଧାରଣ ପ୍ରଶାସନିକ କଳକୁ ଶକ୍ତିଶାଳୀ କରିବା ।

**ଗ୍ରାମ୍ୟ ଯୋଜନା ଓ ଗ୍ରାମ ପଞ୍ଚାୟତ :** ରାଜ୍ୟ ଗୁଡ଼ିକରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତି ମୁଖ୍ୟତଃ ରାଜ୍ୟ ସଦରମହକୁମାରେ ହୋଇଥିଲା । ପରବର୍ତ୍ତୀ ସମୟରେ ରାଜ୍ୟ ଯୋଜନାକୁ ଭାଗଭାଗ କରି ଜିଲ୍ଲା ଯୋଜନାରେ ପରିଣତ କରିବା ପାଇଁ ଉଦ୍ୟମ କରାଯାଇ ଥିଲା । ଏକଥା ମଧ୍ୟ ସ୍ୱୀକାର କରାଯାଇଛି ଯେ, ଯେ ପର୍ଯ୍ୟନ୍ତ

ଗ୍ରାମାଞ୍ଚଳ ଲୋକମାନଙ୍କର ଚାହିଦାକୁ ବିଚାରକୁ ନେଇ ଗ୍ରାମ୍ୟ ଯୋଜନାକୁ ବ୍ୟାପକ କରା ନ ଯାଇଛି, ଗ୍ରାମାଞ୍ଚଳର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ ଯଥା : - କ୍ଷୁଦ୍ର କୃଷକ, ଭାଗ ଚାଷୀ, ଭୂମିହୀନ କୃଷକ ଓ ହସ୍ତଶିଳ୍ପ କରିଗରମାନେ ସରକାର ପ୍ରଦାନ କରୁଥିବା ସହାୟତାର ଯଥେଷ୍ଟ ସୁଫଳ ପାଇ ପାରିବେ ନାହିଁ। ଗ୍ରାମାଞ୍ଚଳର ବିକାଶ ସମ୍ପୂର୍ଣ୍ଣ ଭାବରେ ଗ୍ରାମର ଏକ ସକ୍ରିୟ ସଙ୍ଗଠନର ସ୍ଥିତି ଉପରେ ନିର୍ଭର କରେ। ଏହା ଦୁର୍ବଳ ଶ୍ରେଣୀର ଲୋକଙ୍କ ସମେତ ସବୁ ବର୍ଗର ଲୋକମାନଙ୍କୁ ପ୍ରଶାସନ ସହାୟତାରେ ସାଧାରଣ କାର୍ଯ୍ୟକ୍ରମରେ ସାମିଲ କରିପାରିବ। ଦ୍ୱିତ୍ୱୀୟ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତି ସମୟରେ ଏହି ସବୁ ବିଷୟକୁ ବିଚାରକୁ ନିଆଯାଇଥିଲା। ୧୯୫୪ ମସିହାର ପ୍ରାରମ୍ଭରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ପୃଥକ ପୃଥକ୍ ଭାବରେ ଗ୍ରାମ ଓ ଗ୍ରାମସଙ୍ଗଠନ ଯଥା, ତହସିଲ୍, ତାଲୁକ ବା ବ୍ଲକ୍ ଭିତ୍ତିରେ ଯୋଜନା ପ୍ରସ୍ତୁତି ପାଇଁ ମଧ୍ୟ କୁହାଯାଇଥିଲା। ଯୋଜନା ପ୍ରଣୟନରେ ସ୍ଥାନୀୟ ଉଦ୍ୟମ ଓ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ସ୍ଥାନୀୟ ପ୍ରୟାସ ଓ ସ ମ୍ବଳକୁ ଯଥା ସମ୍ଭବ ଉତ୍ସାହିତ କରିବା ଆବଶ୍ୟକତା ଥିଲା। ଏହା ସ୍ଥାନୀୟ ଆବଶ୍ୟକତା ଓ ଅବସ୍ଥାକୁ ଯୋଜନା ସହିତ ଯୋଡ଼ିବ। ଏହାଦ୍ୱାରା ସାଧାରଣ ଲୋକଙ୍କ ସହଭାଗିତା ଓ ସ୍ୱେଚ୍ଛାକୃତ ଉଦ୍ୟମ ଏବଂ ଅବ ଦାନ ହାସଲ କରିବା ସହଜ ହେବ। ଗ୍ରାମ୍ୟ ଯୋଜନା ମୌଳିକ ଭାବରେ କୃଷି ଉତ୍ପାଦନ ଓ ସମବାୟ, ଗ୍ରାମ୍ୟଶିଳ୍ପ ଓ ଗମନାଗମନ ଓ କେତେକ ସ୍ଥାନୀୟ କାର୍ଯ୍ୟ ସହିତ ସଂଶ୍ଳିଷ୍ଟ ଥିଲା। ଏହି ସବୁ ପ୍ରସ୍ତାବ ଗୁଡ଼ିକୁ ଅନୁସରଣ କରାଯାଇଥିଲା ଓ ସବୁ ରାଜ୍ୟରେ ଗ୍ରାମ୍ୟ ଯୋଜନା ଓ ଜିଲ୍ଲା ଯୋଜନା ପ୍ରସ୍ତୁତ କରାଯାଇଥିଲା।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ନିମନ୍ତେ ଯେଉଁ ପଦ୍ଧତି ଅନୁସରଣ କରାଯାଇଥିଲା, ସେଥିରେ ଉଭୟ ଗ୍ରାମାଞ୍ଚଳର ଲୋକ ଓ ବିକାଶ ସହିତ ଜଡ଼ିତ ଗ୍ରାମାଞ୍ଚଳ ଅଧିକାରୀ ମାନଙ୍କୁ ଦରକାରୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଦେଖାଗଲା ଯେ, ଯଦି ଗ୍ରାମ୍ୟ ଅନୁଷ୍ଠାନ ଗୁଡ଼ିକୁ ଗୁରୁତ୍ୱ ଦିଆ ନ ଯାଏ ଅଥବା ସ୍ଥାନୀୟ କାର୍ଯ୍ୟକ୍ରମ ଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ତାଙ୍କୁ ଅଧିକ ଦାୟିତ୍ୱ ଦିଆ ନ ଯାଏ, ତେବେ ଜାତୀୟ ସମ୍ପ୍ରସାରଣ ଓ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ ଅସଂପୂର୍ଣ୍ଣ ହୋଇ ରହିବ। କାରଣ ଜିଲ୍ଲା ପ୍ରଶାସନ ସ୍ଥାନୀୟ ଅନୁଷ୍ଠାନ ଗୁଡ଼ିକର ବିନା ସହାୟତାରେ ଏହାକୁ ତ୍ୱରାନ୍ୱିତ କରିପାରିବ ନାହିଁ। ବିକାଶମୂଳକ କାର୍ଯ୍ୟକ୍ରମ ଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଗଠିତ ହୋଇଥିବା ଅସ୍ଥାୟୀ ସଙ୍ଗଠନ ଗୁଡ଼ିକ ମଧ୍ୟ ଏହି ମତରେ ପହଞ୍ଚିଥିଲେ। ଗ୍ରାମ ପଞ୍ଚାୟତ ଗୁଡ଼ିକର ସଠିକ୍ ଢଙ୍ଗରେ ବିକାଶ ବିଭିନ୍ନ କାରଣ ପାଇଁ ଗୁରୁତ୍ୱ ବହନ କରେ। ଜନସଂଖ୍ୟା ବୃଦ୍ଧି, ଭୂ ସଂସ୍କାର, ସହରୀକରଣ, ଶିକ୍ଷାର ପ୍ରସାର, ଉତ୍ପାଦନ ବୃଦ୍ଧି ଓ ଯାତାୟତରେ ଅଗ୍ରଗତି ସମେତ ଅନେକ ନୂତନ ଧରଣର ବିକାଶର ପ୍ରଭାବରେ ଗ୍ରାମ୍ୟ ସମାଜ ଦ୍ରୁତ ପରିବର୍ତ୍ତନଶୀଳ ଅବସ୍ଥାରେ ଅଛି। ମୋଟାମୋଟି ଭାବରେ ସମାଜର ସ୍ୱାର୍ଥ ଉପରେ ଓ ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ ବର୍ତ୍ତମାନ ଯେଉଁମାନେ ବିକଳାଙ୍ଗ ସେହି ବର୍ଗର ଲୋକମାନଙ୍କର ଚାହିଦା ଓ ଆବଶ୍ୟକତା ଉପରେ ବିଭିନ୍ନ ଉପାୟରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ସମବାୟ ଗୁଡ଼ିକର ସହାୟତାରେ ଗ୍ରାମ ପଞ୍ଚାୟତଗୁଡ଼ିକ ଗ୍ରାମାଞ୍ଚଳରେ ଅଧିକ ଉପଯୁକ୍ତ ଓ ସାମାଜିକ ସମନ୍ୱିତ ସଙ୍ଗଠନ ପ୍ରତିଷ୍ଠା କରିବାରେ ଓ ଗ୍ରାମାଞ୍ଚଳରେ ନେତୃତ୍ୱ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ଗ୍ରାମପଞ୍ଚାୟତ ଗୁଡ଼ିକୁ ଶକ୍ତିଶାଳୀ କରିବା ନିମନ୍ତେ ସୁପାରିଶ୍ କରାଯାଇଥିଲା । ଆହୁରି ମଧ୍ୟ ଗ୍ରାମ୍ୟ ଉତ୍ପାଦନ କାର୍ଯ୍ୟକ୍ରମ, ଗ୍ରାମର ଜମି ଓ ସମ୍ବଳର ବିକାଶ ଭଳି ଦାୟିତ୍ୱ ଗ୍ରାମପଞ୍ଚାୟତ ଗୁଡ଼ିକୁ ପ୍ରଦାନ କରିବା ନିମନ୍ତେ ଉପଯୁକ୍ତ ଆଇନ୍ ପ୍ରଣୟନ କରିବା ପାଇଁ ମଧ୍ୟ ସୁପାରିସ କରାଯାଇଥିଲା । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ଏହି ପ୍ରସ୍ତାବକୁ ଆଉଥରେ ପରୀକ୍ଷା କରାଯାଇଥିଲା । ଗ୍ରାମ ପଞ୍ଚାୟତର କାର୍ଯ୍ୟାବଳୀକୁ ମୋଟାମୋଟି ଭାବରେ ଦୁଇଭାଗରେ ବିଭକ୍ତ କରାଗଲା । ଯଥା – ପ୍ରଶାସନିକ ଓ ନ୍ୟାୟିକ । ପ୍ରଶାସନିକ କାର୍ଯ୍ୟକୁ ପୁଣି ଚାରିଭାଗରେ ବିଭକ୍ତ କରାଗଲା । ସେଗୁଡ଼ିକ ହେଉଛି – (୧) ସାଧାରଣ (୨) ବିକାଶ (୩) ଭୂପରିଚାଳନା (୪) ଭୂସଂସ୍କାର । ସାଧାରଣ କାର୍ଯ୍ୟାବଳୀ ବିଭିନ୍ନ ରାଜ୍ୟରେ ଊଣା ଅଧିକେ ସମାନ ଥିଲା । ଗ୍ରାମ୍ୟ ପରିମଳ, ଜନ୍ମ- ମୃତ୍ୟୁ ପଞ୍ଜିକରଣ, ଗ୍ରାମର ଜଗାରଖା, ନିର୍ମାଣ, ରକ୍ଷଣାବେକ୍ଷଣ ଓ ଗ୍ରାମ୍ୟ ରାସ୍ତାରେ ଆଲୋକ ବ୍ୟବସ୍ଥା ଇତ୍ୟାଦି ସାଧାରଣ କାର୍ଯ୍ୟର ଅନ୍ତର୍ଭୁକ୍ତ ଥିଲା ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ବିକାଶମୂଳକ କାର୍ଯ୍ୟ ପରିପ୍ରେକ୍ଷୀରେ ନିମ୍ନଲିଖିତ କାର୍ଯ୍ୟାବଳୀ ସ୍ଥିର କରାଯାଇଥିଲା ।

୧) ଗ୍ରାମରେ ଉତ୍ପାଦନ କାର୍ଯ୍ୟକ୍ରମ ସ୍ଥିର କରିବା ।

୨) ସମବାୟର ସହାୟତାରେ ଆବଶ୍ୟକ ଚାହିଦାର ଯୋଗାଣ ନିମନ୍ତେ ଅଟକଳ ପ୍ରସ୍ତୁତ କରିବା ଓ କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରିତା ନିମନ୍ତେ ଅର୍ଥ ବରାଦ ।

୩) ଗ୍ରାମରେ ଅଧିକରୁ ଅଧିକ ସରକାରୀ ସହାୟତା ପହଞ୍ଚାଇବାରେ ମାଧ୍ୟମ ହିସାବରେ କାର୍ଯ୍ୟ କରିବା ।

୪) ମୃତ୍ତିକା ସଂରକ୍ଷଣ ନିମନ୍ତେ ପଦକ୍ଷେପ ସମେତ ସର୍ବସାଧାରଣ ଜାଗା ଯଥା - ପତିତ ଜମି, ଜଙ୍ଗଲ, ପୋଖରୀ ଇତ୍ୟାଦିର ବିକାଶ କରିବା ।

୫) ଗ୍ରାମର ସର୍ବସାଧାରଣ ଘର, କୂଅ, ପୋଖରୀ, ରାସ୍ତା ଇତ୍ୟାଦିର ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ ।

୬) ସମବାୟ ସମିତି ଗୁଡ଼ିକର ବିକାଶ ।

୭) ଗ୍ରାମର ବିକାଶ ନିମନ୍ତେ ପାରସ୍ପରିକ ସହାୟତା ଓ ମିଳିତ ଉଦ୍ୟମ ଆୟୋଜନ କରିବା ।

୮) ଗୋଷ୍ଠୀ ଉନ୍ନୟନ କାର୍ଯ୍ୟନିମନ୍ତେ ସ୍ୱେଚ୍ଛାକୃତ ଶ୍ରମଦାନ ଆୟୋଜନ ।

୯) କ୍ଷୁଦ୍ର ସଞ୍ଚୟର ବିକାଶ କରିବା ।

୧୦) ପ୍ରାଣୀଧନର ବିକାଶ କରିବା ।

ଜମି ପରିଚାଳନା ସଂକ୍ରାନ୍ତରେ ପଞ୍ଚାୟତ ଗୁଡ଼ିକ ନିମନ୍ତେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ସ୍ଥିର କରାଯାଇଥିଲା ।

୧) ସର୍ବସାଧାରଣ ଜାଗା ଯଥା ପତିତ ଜମି, ଜଙ୍ଗଲ, ଜବରଦଖଲ ଜାଗା ଓ ପୋଖରୀ ଇତ୍ୟାଦିର ବ୍ୟବହାରକୁ ନିୟନ୍ତ୍ରିତ କରିବା ।

୨) ଗ୍ରାମ୍ୟ ସମାଜର ଉପକାର ନିମନ୍ତେ ବିକ୍ଷିପ୍ତ ଭାବରେ ଥିବା ଜମିଗୁଡ଼ିକର ଏକତ୍ରୀକରଣ ।

୩) ଉତ୍ତମମାନର ପରିଚାଳନା ଓ ସ୍ଥାନୀୟ ପରିବେଶ ଓ ଜଳବାୟୁକୁ ଆଧାର କରି କୃଷିକାର୍ଯ୍ୟ ।

୪) ଜମି ରେକର୍ଡ଼ ପରିଚାଳନା କାର୍ଯ୍ୟରେ ସହଯୋଗ ।

୫) ବ୍ୟକ୍ତିଗତ ଭାବରେ ଚାଷବାସ ନିମନ୍ତେ ପୁନଃଦଖଲ ଅଧିକାର ସାବ୍ୟସ୍ତ ଆଧାରରେ ମାଲିକ ଓ ଭାଗଚାଷୀ ମାନଙ୍କ ମଧ୍ୟରେ ଜମି ବଣ୍ଟନ ନିର୍ଦ୍ଧାରଣ କରିବା ।

୬) ଚାଷଜମିର ସର୍ବୋଚ୍ଚ ସୀମା ନିୟମକୁ ପ୍ରୟୋଗ କରି ଉଦ୍‌ବୃତ୍ତ ଜମି ନିର୍ଦ୍ଧାରଣ ।

୭) ଜମିର ସର୍ବୋଚ୍ଚ ସୀମା ନିୟମ କାର୍ଯ୍ୟକାରିତାରୁ ଉପଲବ୍ଧ ଉଦ୍‌ବୃତ୍ତ ଜମିର ପୁନର୍ବଣ୍ଟନ ।

ଦ୍ୱିତୀୟ ଯୋଜନା କାଳରେ ପଞ୍ଚାୟତ ଗୁଡ଼ିକୁ ନିମ୍ନଲିଖିତ ନ୍ୟାୟିକ କ୍ଷମତା ପ୍ରଦାନ ନିମନ୍ତେ ସ୍ଥିର କରାଯାଇ ଥିଲା ।

୧) ଦେଓ୍ୱାନୀ ଓ ଫୌଜଦାରୀ ନ୍ୟାୟ ପରିଚାଳନା ।

୨) କୃଷି ଶ୍ରମିକମାନଙ୍କ ନିମନ୍ତେ ସର୍ବନିମ୍ନ ମଜୁରୀ ନିୟମକୁ କାର୍ଯ୍ୟକାରୀ କରିବା ।

୩) ଜମିଜମା ସମ୍ପର୍କୀୟ ସାଧାରଣ ବିବାଦ ଗୁଡ଼ିକର ସମାଧାନ ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ରୂପରେଖ ପ୍ରସ୍ତୁତି ସମୟରେ ରାଜ୍ୟ ସରକାର ବା ରାଜ୍ୟରେ ଥିବା ସରକାରୀ କର୍ତ୍ତୃପକ୍ଷ ଯଥା ସ୍ଥାନୀୟ ସଙ୍ଗଠନ ବା ରାଜ୍ୟରେ ପ୍ରତିଷ୍ଠିତ ସ୍ୱତନ୍ତ୍ର ବୋର୍ଡ଼ ଗୁଡ଼ିକ କାର୍ଯ୍ୟକାରୀ କରିବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକୁ ଯଥା ସମ୍ଭବ ରାଜ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ସହମତି ପ୍ରକାଶ ପାଇଥିଲା । ଏହି ପ୍ରସ୍ତାବକୁ ଏଇଥିପାଇଁ ଗ୍ରହଣ କରାଯାଇଥିଲା ଯେ, ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ରାଜ୍ୟଠାରୁ ନିମ୍ନରେ ଥିବା ବିଭିନ୍ନ ସ୍ତରରେ ଯଥା ଗ୍ରାମ, ସହର, ତାଲୁକ ତହସିଲ ବା ସଂପ୍ରସାରିତ ବ୍ଲକ ଓ ଜିଲ୍ଲା ସ୍ତରରେ ଯୋଜନା ପ୍ରସ୍ତୁତ ହୋଇଥିଲା । ଉଭୟ ଜିଲ୍ଲା ଓ ରାଜ୍ୟସ୍ତରରୁ ତିନିପ୍ରକାର କାର୍ଯ୍ୟକ୍ରମ ନିମନ୍ତେ ସୁପାରିସ ପ୍ରଦାନ କରାଯାଇଥିଲା । ଯଥା –

(କ) ତାଲୁକ, ଜିଲ୍ଲା ଓ ରାଜ୍ୟସ୍ତରରୁ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରସ୍ତାବ ଆସିଥିଲା ।

(ଖ) ନିମ୍ନ ସ୍ତରର ପ୍ରାୟୋଜିତ କାର୍ଯ୍ୟକ୍ରମ ତାଲୁକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପହଞ୍ଚିଲା । ଅର୍ଥାତ୍ କାର୍ଯ୍ୟକ୍ରମର ଗତି ଊର୍ଦ୍ଧ୍ୱମୁଖୀ ଥିଲା ।

(ଗ) ଉପର ସ୍ତରରେ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରସ୍ତାବ ଆସି ନିମ୍ନ ସ୍ତରରେ ପହଞ୍ଚିବ । ଉଦାହରଣ ସ୍ୱରୂପ, କେନ୍ଦ୍ର ସରକାରଙ୍କର ପ୍ରାୟୋଜିତ କାର୍ଯ୍ୟକ୍ରମ, କିନ୍ତୁ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବ । ଠିକ୍ ସେହିଭଳି ରାଜ୍ୟ ସରକାରଙ୍କର ପ୍ରୟୋଜିତ କାର୍ଯ୍ୟକ୍ରମ ବା ଯୋଜନା, କିନ୍ତୁ ଜିଲ୍ଲାସ୍ତରୀୟ ଶାସନ କଳ ମାଧ୍ୟମରେ କାର୍ଯ୍ୟକାରୀ ହେବ ।

## ୩.୪ ତୃତୀୟ ପଞ୍ଚବାର୍ଷିକ ଯୋଜନା : (୧୯୬୧-୬୬)

ତୃତୀୟ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଗୁରୁତ୍ୱ ଥିଲା ଗୃହ ନିର୍ମାଣ ଓ ଗ୍ରାମାଞ୍ଚଳ ଯୋଜନା ।

ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ଅବସ୍ଥାରେ ଉନ୍ନତି ଆଣିବା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଥିଲା । ଜୀବନଧାରଣର ସ୍ତର ବୃଦ୍ଧି, କାମ କରିବା ନିମନ୍ତେ ଯଥେଷ୍ଟ ସୁଯୋଗ ସୃଷ୍ଟି ଓ ଗ୍ରାମୀଣ ଜୀବନରେ ପରିବର୍ତ୍ତନ ଏହାର ମୁଖ୍ୟ ଲକ୍ଷ୍ୟ । ନାନାବିଧ ସମସ୍ୟା ଓ ଅସୁବିଧା ସତ୍ତ୍ୱେ ମଧ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ଅବସ୍ଥାରେ ଉନ୍ନତି ଆଣିବାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଥିଲା । ଏହା ଏକ ପୃଥକ ଲକ୍ଷ୍ୟ ନୁହଁ । ଏହା ଗ୍ରାମାଞ୍ଚଳ ବିକାଶ ନିମନ୍ତେ ବୃହତ୍ ଯୋଜନାର ଏକ ଅଂଶ ଥିଲା ।

ଫଳତଃ, ଗ୍ରାମାଞ୍ଚଳ ଗୃହ ନିର୍ମାଣ ଗୋଷ୍ଠୀ ବିକାଶ ଓ ଗ୍ରାମ୍ୟ ଯୋଜନାର ଏକ ଅଂଶ ବିଶେଷ । ଗ୍ରାମାଞ୍ଚଳ ଗୃହ ନିର୍ମାଣ ନିମନ୍ତେ ଏହିଭଳି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଗୁଡ଼ିକ ବ୍ଲକ୍ ଓ ଗ୍ରାମ ସ୍ତରରେ ହେଉଥିବା ଗୋଷ୍ଠୀ ବିକାଶ ଆନ୍ଦୋଳନକୁ ପରିପୁଷ୍ଟ କରିଥାଏ । ବୈଷୟିକ ପରାମର୍ଶ, ପ୍ରଦର୍ଶନୀ, ଉନ୍ନତ ରୂପରେଖ ଓ ନକ୍ସା ପ୍ରଦାନ, ସ୍ଥାନୀୟ ଗୃହନିର୍ମାଣ ସରଞ୍ଜାମର ଉପଯୋଗ, ଅର୍ଥରାଶି ପ୍ରଦାନ ଇତ୍ୟାଦି ମାଧ୍ୟମରେ ବିଭିନ୍ନ ପ୍ରକାର ସହାୟତାର ବ୍ୟବସ୍ଥା କରାଯାଇଥିଲା । ଗ୍ରାମାଞ୍ଚଳର ସବୁ ବର୍ଗର ଲୋକଙ୍କ ନିମନ୍ତେ ସୁସ୍ଥ ପରିବେଶ ସୃଷ୍ଟି କରିବାରେ ସହାୟକ ହେବା ଏ ସବୁର ମୂଳଲକ୍ଷ୍ୟ ଥିଲା । ସର୍ବୋପରି ଗ୍ରାମୀଣ ଜୀବନର ସନ୍ତୁଳିତ ବିକାଶ ନିମନ୍ତେ ଏହା ଉଦ୍ଦିଷ୍ଟ ଥିଲା । ୧୯୫୭ ମସିହାରେ ପ୍ରଚଳିତ ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାର କାର୍ଯ୍ୟକାରିତାକୁ ପର୍ଯ୍ୟାଲୋଚନା କରାଯାଇଥିଲା । ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାରେ ଦଳଗତ ଭାବରେ ୪ରୁ୬ଟି ଗ୍ରାମକୁ ଚୟନ କରାଯିବାର ବ୍ୟବସ୍ଥା ରହିଲା । ପ୍ରାକୃତିକ, ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ କରାଯିବା ପରେ ଏହି ଗ୍ରାମ ଗୁଡ଼ିକର ନକ୍ସା ପ୍ରସ୍ତୁତ କରାଯାଇଥିଲା । ପ୍ରସ୍ତୁତ ନକ୍ସା ଗୁଡ଼ିକର ଯୋଜନା ଓ ଘର ଗୁଡ଼ିକର ପୁନଃ ନିର୍ମାଣ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଥିଲା । ଏହାଦ୍ୱାରା ୮ରୁ ୧୦ ବର୍ଷ ମଧ୍ୟରେ ସମଗ୍ର ଗ୍ରାମଟିର ପୁନଃନିର୍ମାଣ ବା ନବକଳେବର ହୋଇ ଯାଇଥିଲା । ବିଭିନ୍ନ ପ୍ରକାର ନିର୍ମାଣ ଉପକରଣର ଉତ୍ପାଦନ ନିମନ୍ତେ ସମବାୟ ପ୍ରତିଷ୍ଠା କରାଯାଇଥିଲା ।

ନିର୍ମାଣ ଖର୍ଚ୍ଚର ଶତକଡ଼ା ୬୬ ଭାଗ ଅର୍ଥାତ୍ ଦୁଇ ତୃତୀୟାଂଶ ଋଣ ଆକାରରେ ପ୍ରଦାନ କରାଯାଉଥିଲା ଓ ପ୍ରତ୍ୟେକ ଘର ପାଇଁ ଏହି ରାଶି ସର୍ବାଧିକ ୨୦୦୦ ଟଙ୍କା ଥିଲା । ରାଜ୍ୟ ସରକାର ନିର୍ଦ୍ଧାରଣ କରିଥିବା ମାନ ଅନୁସାରେ ପୁରୁଣା ଘର ଗୁଡ଼ିକର ନବୀକରଣ ନିମନ୍ତେ ମଧ୍ୟ ଋଣ ପ୍ରଦାନ କରାଯାଉଥିଲା । ରାସ୍ତାଘାଟ ନିର୍ମାଣ, ଗୋଷ୍ଠୀ କେନ୍ଦ୍ର, ଜନଗହଳିକୁ ହ୍ରାସ କରିବା ନିମନ୍ତେ ନୂତନ ବସତି ସ୍ଥାପନ ପାଇଁ ଜମି ଅଧିଗ୍ରହଣ ବ୍ୟବସ୍ଥା କରାଯାଇଥିଲା । ସ୍ଥାନୀୟ ନିର୍ମାଣ ଉପକରଣ ଓ ନିର୍ମାଣରେ ଉନ୍ନତି ଆଣିବା ନିମନ୍ତେ ଗବେଷଣା କୌଶଳ ଓ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆବଶ୍ୟକୀୟ କର୍ମଚାରୀ ମାନଙ୍କର ପ୍ରଶିକ୍ଷଣ ନିମନ୍ତେ ୬ଟି ସ୍ଥାନରେ ଗବେଷଣା ତଥା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଗୃହ ନିର୍ମାଣ ନିମନ୍ତେ ନକ୍ସା ଓ ଆଧୁନିକ ରୂପରେଖ ପ୍ରସ୍ତୁତି ନିମନ୍ତେ ରାଜ୍ୟରେ ପ୍ରତିଷ୍ଠିତ ଗୃହ ନିର୍ମାଣ କକ୍ଷ ଗୁଡ଼ିକୁ ଶକ୍ତିଶାଳୀ କରଯାଇଥିଲା । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ସମୟରେ ୩,୭୦୦ଟି ଗ୍ରାମକୁ ଚୟନ କରାଯାଇଥିଲା ଓ ୨୦୦ଟି ଗ୍ରାମର ସାମାଜିକ, ଅର୍ଥନୈତିକ ଓ ପ୍ରାକୃତିକ ସର୍ବେକ୍ଷଣ କାର୍ଯ୍ୟ ଶେଷ କରାଯାଇଥିଲା । ୧୬୦୦ଟି ଗ୍ରାମର ନକ୍ସା ପ୍ରସ୍ତୁତି ସହ ୧୫,୪୦୦ଟି ଗୃହ ନିମନ୍ତେ ୩ରୁ ୬ କୋଟି ଟଙ୍କାର ଋଣ ମଞ୍ଜୁର କରଯାଇଥିଲା । ଏହି ସମୟ ମଧ୍ୟରେ ୩୦୦ଟି ଗୃହର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ଓ ଅବଶିଷ୍ଟ ଗୃହଗୁଡ଼ିକ ନିର୍ମାଣର ବିଭିନ୍ନ ସ୍ତରରେ ଥିଲା ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା ଦଳଗତ ଭାବେ ଗ୍ରାମ ଗୁଡ଼ିକରେ କାର୍ଯ୍ୟକାରୀ ନ ହୋଇ ବିଚ୍ଛିନ୍ନ ହୋଇ ରହିଥିବା ଗ୍ରାମ ଗୁଡ଼ିକରେ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେଉଥିବାର ଦେଖାଗଲା । କିନ୍ତୁ ଯୋଜନାରେ ଦଳଗତ ଗ୍ରାମ ଗୁଡ଼ିକରେ କାର୍ଯ୍ୟକାରୀ ହେବାର ବିଧି ରହିଥିଲା । ଯଦିଦଳଗତଭାବେ କେତୋଟି ଗ୍ରାମକୁ ନିଆଯାଏ, ତେବେ ସମବାୟ ସୂତ୍ରରେ ଗୋଟିଏ ଇଟାଭାଟି ସ୍ଥାପନ ବା ନିର୍ମାଣ ଉପକରଣ ଯୋଗାଣ ସୁଗମ ହୋଇଥାଏ । ଯଦି ଦଳଗତ ଭାବେ ଗ୍ରାମଗୁଡ଼ିକରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାନଯାଏ, ତେବେ ବ୍ୟବସ୍ଥାରେ ଲକ୍ଷ୍ୟ ଥିବା କର୍ମ ନିଯୁକ୍ତି ବୃଦ୍ଧି ଓ ପରିବେଶଗତ ଅବସ୍ଥାରେ ଉନ୍ନତିକୁ ହାସଲ କରାଯାଇ ପାରିବ ନାହିଁ । ବଛା ବଛା ଗ୍ରାମ ଗୁଡ଼ିକ ନିମନ୍ତେ ନକ୍ସା ପ୍ରସ୍ତୁତ ହୋଇଥାଏ । ଏଥିରେ ଭବିଷ୍ୟତରେ ଗ୍ରାମର ଆକାର ବୃଦ୍ଧି, ଉନ୍ନତ ଗ୍ରାମ୍ୟରାସ୍ତା ଓ ଡ୍ରେନ ବ୍ୟବସ୍ଥା, ଗ୍ରାମ୍ୟ ବିଦ୍ୟାଳୟ ଭଳି ସର୍ବସାଧାରଣ ସୁବିଧା ସୁଯୋଗ ନିମନ୍ତେ ଜମି, ବିଦ୍ୟାଳୟ ପିଲାମାନଙ୍କ ନିମନ୍ତେ ଖେଳପଡ଼ିଆ ଓ ପଞ୍ଚାୟତ ଗୃହ ଇତ୍ୟାଦି ନିମନ୍ତେ ବ୍ୟବସ୍ଥା କରାଯାଇଥାଏ । କିନ୍ତୁ ଏ ଦିଗରେ ବିଶେଷ କିଛି କରାଯାଇ ନଥିଲା । ଯେଉଁ ଅର୍ଥରାଶି ଉପଲବ୍ଧ ହୋଇଥିଲା ତାକୁ ମୁଖ୍ୟତଃ ଅଳ୍ପ କେତେ ସଂଖ୍ୟକ ଗୃହର ନିର୍ମାଣ ଓ ନବୀକରଣରେ ଖର୍ଚ୍ଚ କରାଯାଇଥିଲା । ଗ୍ରାମ୍ୟ ସଂପ୍ରସାରଣ ନିମନ୍ତେ ଜମି ଉପଲବ୍ଧ ହେବା ହେଉଛି ଉନ୍ନତ ଗୃହ ନିର୍ମାଣର ଚାବିକାଠି । କୃଷି ଶ୍ରମିକ ଓ ହରିଜନମାନଙ୍କୁ ଗୃହ ଉପଯୋଗୀ ଜାଗା ଯୋଗାଇ ଦେବା ନିମନ୍ତେ ଜମି ଅଧିଗ୍ରହଣରେ ଗୋଷ୍ଠୀକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ଆବଶ୍ୟକ । ଗ୍ରାମ୍ୟ ଗୃହ ନିର୍ମାଣରେ ଉନ୍ନତି କାର୍ଯ୍ୟକ୍ରମରେ ହରିଜନ, କୃଷି ଶ୍ରମିକ ଓ ସମାଜରେ ଦୟନୀୟ ସ୍ଥିତିରେ ଥିବା ଘରେ ବସବାସ କରୁଥିବା ଶ୍ରେଣୀର ଲୋକମାନଙ୍କୁ ଅଗ୍ରାଧିକାର ଦିଆଯିବା ଆବଶ୍ୟକ ।

ନିର୍ଦ୍ଦିଷ୍ଟ ଭାବରେ ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗ ନିମନ୍ତେ ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା ଅଧୀନରେ ମିଳୁଥିବା ଅର୍ଥରାଶି ବାଦ୍ ପଛୁଆବର୍ଗ ବିକାଶ ଯୋଜନା ଅଧିନରେ ରିହାତି ମାଧ୍ୟମରେ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି । ଏହି ଦୁଇଟିଯାକ ଯୋଜନାରୁ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗ ସମନ୍ୱୟ ରକ୍ଷାକରି ଉପଯୋଗ କରାଯିବା ଆବଶ୍ୟକ । ରାଜ୍ୟଗୁଡ଼ିକରେ ପ୍ରତିଷ୍ଠିତ ହୋଇଥିବା ଗ୍ରାମ୍ୟ ଗୃହନିର୍ମାଣ କକ୍ଷ ଓ ଗବେଷଣା-ତଥା-ତାଲିମ୍ କେନ୍ଦ୍ର ଗୁଡ଼ିକ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ଗୃହ ନିର୍ମାଣ ସାମଗ୍ରୀକୁ ଆଖିଆଗରେ ରଖି ଦେଶର ବିଭିନ୍ନ ଅଞ୍ଚଳରେ ଗୃହର ନକ୍ସା ଓ ରୂପରେଖ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି । ଏହି ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ ହେବା ଆବଶ୍ୟକ । ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ଉପକରଣକୁ ବ୍ୟବହାର ନ କରି ଇଟା ଓ ସିମେଣ୍ଟରେ ସହରାଞ୍ଚଳ ଢାଞ୍ଚାରେ ଗୃହ ନିର୍ମାଣ ନିମନ୍ତେ ମନଭିତରେ ଆଗ୍ରହ ଥାଏ । ରାସ୍ତା ଓ ନାଳବ୍ୟବସ୍ଥାରେ ଉନ୍ନତି, ଗ୍ରାମର ସଂପ୍ରସାରଣ ନିମନ୍ତେ ଜମିଦାନ ଓ ଉନ୍ନତ ଗୃହ ନିର୍ମାଣରେ ଆଗ୍ରହର ଅଭାବ ପରିଲକ୍ଷିତ ହୁଏ । ଗ୍ରାମାଞ୍ଚଳ ଗୃହ ନିର୍ମାଣ ସମସ୍ୟା ଏତେ ତୀବ୍ର ଓ ବ୍ୟାପକ ଯେ, ଏଥି ନିମନ୍ତେ ଅତିରିକ୍ତ ଅର୍ଥରାଶିର ଆବଶ୍ୟକତା ପଡ଼ିଥାଏ ।

ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାକୁ ଗ୍ରାମ୍ୟ ବିକାଶର ଅନ୍ୟାନ୍ୟ ଯୋଜନା ସହିତ ଦକ୍ଷତାର ସହ ସମନ୍ୱୟ ରକ୍ଷା କରିବା ଆବଶ୍ୟକ । ଏହାଦ୍ୱାରା ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା ମାଧ୍ୟମରେ ଚୟନ କରାଯାଇଥିବା ଗ୍ରାମ ଗୁଡ଼ିକ ଉପଲବ୍ଧ ହେଉଥିବା ସୀମିତ ସମ୍ବଳରେ ଅଧିକ ସୁଫଳ ପାଇପାରିବେ । ଉଦାହରଣ ସ୍ୱରୂପ, ତଫସିଲଭୁକ୍ତ ଜାତି ଓ ଉପଜାତି ଗୁଡ଼ିକର ଜୀବନଧାରଣ ମାନରେ ଉନ୍ନତି ଆଣିବା ନିମନ୍ତେ ଏହି ଯୋଜନାରେ ଦିଆଯାଉଥିବା ରିହାତି ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଚୟନ କରାଯାଇଥିବା ଗ୍ରାମ ଗୁଡ଼ିକରେ ବାସ କରୁଥିବା ଏହି ବର୍ଗର ଲୋକମାନଙ୍କୁ ମିଳିଥାଏ । ଇଟାଭାଟି ସ୍ଥାପନ ଓ ଗୃହ ନିର୍ମାଣ ଉପକରଣର ସ୍ଥାନୀୟ ଉତ୍ପାଦନ ଯଥା – କବାଟ, ଝରକା ଇତ୍ୟାଦିର ଯୋଗାଣ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଆବଶ୍ୟକ । ଏଥି ନିମନ୍ତେ ସମବାୟ ସ୍ଥାପନ ସହ ସେଗୁଡ଼ିକୁ ବୈଷୟିକ ସହାୟତା ଓ କାଠ ଏବଂ କୋଇଲାଗୁଣ୍ଡ ଭଳି ଉପକରଣ ପ୍ରଦାନ କରାଯିବା ଦରକାର ।

ଗ୍ରାମ୍ୟଗୃହ ନିର୍ମାଣ ଯୋଜନାରେ ସାମିଲ ହେବା ନିମନ୍ତେ ଗ୍ରାମଗୁଡ଼ିକୁ ଚୟନ କରିବା ପାଇଁ କେତେକ ମାନଦଣ୍ଡ ସ୍ଥିର କରାଯାଇଥିଲା । ସେଗୁଡ଼ିକ ହେଲା – (୧) ବନ୍ୟାପ୍ଲାବିତ ଅଞ୍ଚଳରେ ଥିବା ଗ୍ରାମ (୨) ଅଧିକ ପରିମାଣରେ ପଛୁଆବର୍ଗ ଓ କୃଷି ଶ୍ରମିକ ବସବାସ କରୁଥିବା ଗ୍ରାମ (୩) ଜମି ଅଧିଗ୍ରହଣ ସମାପ୍ତ ହୋଇଥିବା ଗ୍ରାମ ବା କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ହୋଇଥିବା ଗ୍ରାମ (୪) ବୃହତ୍ ବିକାଶ ପ୍ରକଳ୍ପ ନିର୍ମାଣ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବିସ୍ଥାପିତ ହୋଇଥିବା ଲୋକମାନଙ୍କର ଗ୍ରାମ । ଏହା ବ୍ୟତୀତ, ହସ୍ତଶିଳ୍ପ ପ୍ରାଧାନ୍ୟ ଗ୍ରାମଗୁଡ଼ିକୁ ମଧ୍ୟ ଅଗ୍ରାଧିକାର ଦିଆ ଯାଇଥାଏ । ଗ୍ରାମ୍ୟ ଗୃହନିର୍ମାଣ ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଉପଯୁକ୍ତ ଗ୍ରାମ ଚୟନ କରିବା ସମୟରେ ସ୍ୱୟଂ ସହାୟକ ସମବାୟ, ଗ୍ରାମର ସଂପ୍ରସାରଣ ନିମନ୍ତେ ଜମିଦାନ ପାଇଁ ଗ୍ରାମ୍ୟ ସମାଜର ଆଗ୍ରହ ଓ ହରିଜନ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକଙ୍କ ନିମନ୍ତେ ଗୃହନିର୍ମାଣ ଉପରେ ଅଗ୍ରାଧିକାର ଇତ୍ୟାଦି ମଧ୍ୟ ବିଚାରକୁ ନିଆଯାଇଥାଏ । ଯେଉଁ ବଛା ବଛା

ଗ୍ରାମ ଗୁଡ଼ିକ ଏହି ସର୍ତ୍ତକୁ ପୂରଣ କରନ୍ତି, ସେଠାରେ ଏହି ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗ୍ରାମ୍ୟରାସ୍ତା ଓ ଡ୍ରେନ୍ ବ୍ୟବସ୍ଥାର ଉନ୍ନତି ନିମନ୍ତେ ଗ୍ରାମ ପଞ୍ଚାୟତ ଗୁଡ଼ିକୁ ଅନୁଦାନ ଆକାରରେ ସୀମିତ ପରିମାଣର ସହାୟତା ଯୋଗାଇ ଦିଆଯାଇଥାଏ ।

## ୩.୫ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା (୧୯୬୯-୭୪)

ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର କେନ୍ଦ୍ରବିନ୍ଦୁ ଥିଲା ସମବାୟ ଓ ଗୋଷ୍ଠୀ ବିକାଶ । ୧୯୬୦-୬୧ ରେ କୃଷି ନିମନ୍ତେ ସମବାୟ ଋଣ (ଉଭୟ ସ୍ୱଳ୍ପ ଓ ଦୀର୍ଘ ମିଆଦି)ର ପରିମାଣ ୨୦୩ କୋଟି ଟଙ୍କା ଥିବାବେଳେ ୧୯୬୭-୬୮ରେ ଏହି ପରିମାଣ ୪୨୯ କୋଟିକୁ ବୃଦ୍ଧି ପାଇଥିଲା । ୧୯୬୮-୬୯ ରେ ଏହି ପରିମାଣ ୪୯୦ କୋଟିରେ ପହଞ୍ଚି ଥିଲା । ୧୯୬୦- ୬୧ ରେ ଦୀର୍ଘ ମିଆଦୀ ଋଣର ପରିମାଣର ୧୨କୋଟି ଟଙ୍କା ଥିବାବେଳେ ୧୯୬୮-୬୯ ରେ ଏହା ୧୨୦ କୋଟିକୁ ବୃଦ୍ଧି ପାଇଥିଲା ।

ସମବାୟ ସୂତ୍ରରେ ପ୍ରତିଷ୍ଠିତ କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ କ୍ଷେତ୍ରରେ ପ୍ରଂଶସନୀୟ ଅଗ୍ରଗତି ହାସଲ କରାଯାଇଥିଲା । ଏହା ମୁଖ୍ୟତଃ ଚିନିକଳ କ୍ଷେତ୍ରରେ ଘଟିଥିଲା ଯାହା ବର୍ତ୍ତମାନ ସମୁଦାୟ ଚିନି ଉତ୍ପାଦନର ପ୍ରାୟ ଏକ ତୃତୀୟାଂଶ । ୧୯୬୦-୬୧ରେ ସମବାୟ ମାଧ୍ୟମରେ ବଣ୍ଟନ ହୋଇଥିବା କୃଷି ସହାୟତାର ପରିମାଣ ୩୬କୋଟି ଥିବା ବେଳେ ୧୯୬୮-୬୯ ରେ ଏହା ୨୫୦ କୋଟିକୁ ବୃଦ୍ଧି ପାଇଥିଲା । ସମଗ୍ର ସହାୟତା ମଧ୍ୟରୁ ସବୁଠାରୁ ବଡ଼ ସହାୟତା ଉପାଦାନ ଥିଲା ସାର । ୧୯୬୦-୬୧ ରେ ସାର ନିମନ୍ତେ ବଣ୍ଟନ ହୋଇଥିବା ଅର୍ଥର ପରିମାଣ ୨୮ କୋଟି ହୋଇଥିବା ବେଳେ ୧୯୬୮-୬୯ ରେ ଏହି ପରିମାଣ ୨୦୦ କୋଟିକୁ ବୃଦ୍ଧିପାଇ ଥିଲା । ଏହା ସମଗ୍ର ଦେଶରେ ବ୍ୟବହୃତ ସାରର ୬୦% ଭାଗ ଥିଲା । ୧୯୬୦-୬୧ ରେ ସମବାୟ ଦ୍ୱାରା ବିପଣନ ଓ ପ୍ରକ୍ରିୟାକରଣ ସମବାୟ ଦ୍ୱାରା କାରବାର ହୋଇଥିବା କୃଷିଜାତ ଦ୍ରବ୍ୟର ପରିମାଣ ୧୭୪ କୋଟି ଥିବା ବେଳେ ୧୯୬୮-୬୯ ରେ ଏହା ୫୮୩ କୋଟିକୁ ବୃଦ୍ଧି ପାଇଥିଲା ।

୧୯୬୦-୬୧ ରେ ଗ୍ରାମାଞ୍ଚଳରେ ସମବାୟ ମାଧ୍ୟମରେ ୧୭୫ କୋଟି ଟଙ୍କାର ପାଇକାରୀ ବ୍ୟବସାୟ ହୋଇଥିବା ବେଳେ ୧୯୬୮-୬୯ ବେଳକୁ ଏହା ୨୭୫କୋଟିକୁ ବୃଦ୍ଧି ପାଇଥିଲା । ଠିକ୍ ସେହିପରି ୧୯୬୦-୬୧ରେ ସହରାଞ୍ଚଳରେ ଏହି ପରିମାଣ ୪୦ କୋଟିଥିବା ବେଳେ ୧୯୬୮-୬୯ ରେ ଏହି ପରିମାଣ ୨୭୦ କୋଟି ହୋଇଥିଲା ।

ଏହି ସମୟ ମଧ୍ୟରେ ପରିମାଣାତ୍ମକ ଅଭିବୃଦ୍ଧିଠାରୁ ଆରମ୍ଭ କରି ଅନେକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ଅଭିବୃଦ୍ଧି ଘଟିଥିଲା । ଏଗୁଡ଼ିକ ମଧ୍ୟରୁ ଜାତୀୟ ସମବାୟ ଫେଡେରେସନର ଉନ୍ମେଷ ଅନ୍ୟତମ ଥିଲା । ଜାତୀୟ ଫେଡ଼େରେସନର ସୃଷ୍ଟି ଓ ଶୀର୍ଷ ସ୍ତରରେ ଜାତୀୟ ସମବାୟ ସଙ୍ଗଠନ **(National Co-operative Federation of India)** ର ପୁନର୍ଗଠନ ସମବାୟ ସଙ୍ଗଠନର କଳେବର ବୃଦ୍ଧି କଲା । ଅନ୍ୟଏକ

ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଥିଲା ସମବାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପୁନର୍ଗଠନ। ଏହାର ଦୁଇଟି ମୁଖ୍ୟ ଦିଗ ଥିଲା । ବ୍ୟବସାୟ ପରିଚାଳନା ଉପରେ ଶିକ୍ଷା ପ୍ରଦାନ ନିମନ୍ତେ ନୂତନ ଭାବରେ ଗୁରୁତ୍ୱ ପ୍ରଦାନ କରାଗଲା। ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ୧୯୬୪ ରେ ବମ୍ବେଠାରେ ଏକ କେନ୍ଦ୍ରୀୟ ପ୍ରତିଷ୍ଠାନ ପ୍ରତିଷ୍ଠା କରାଗଲା। ଖାଉଟି ସମବାୟ କ୍ଷେତ୍ରରେ ନିଯୁକ୍ତ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କୁ ବ୍ୟବସାୟ ପରିଚାଳନା ବିଷୟରେ ପ୍ରଶିକ୍ଷଣ ଦେବା ନିମନ୍ତେ ଏହା ପ୍ରତିଷ୍ଠା ହୋଇଥିଲା। ଏହି ପ୍ରତିଷ୍ଠାନର ୧୯୬୭ ମସିହାରେ ଜାତୀୟ ସମବାୟ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନ, ପୁନେ ସହିତ ମିଶ୍ରଣ ଘଟିଲା। ଏହାପରେ ବଇମୁଖ ମେହେଟା ଜାତୀୟ ସମବାୟ ପରିଚାଳନା ପ୍ରତିଷ୍ଠାନ ପ୍ରତିଷ୍ଠିତ ହେଲା। ଦ୍ୱିତୀୟତଃ, ସମବାୟ ପ୍ରଶିକ୍ଷଣ ଉପରେ ଗବେଷଣା (୧୯୬୧) କରୁଥିବା ଗୋଷ୍ଠୀର ସୁପାରିସ୍ କ୍ରମେ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକରେ ପରିଚାଳନା ଦାୟିତ୍ୱକୁ ଉଭୟ ଜାତୀୟ ଓ ରାଜ୍ୟ ସ୍ତରରେ ଥିବା ସମବାୟ ୟୁନିୟନ ଗୁଡ଼ିକୁ ହସ୍ତାନ୍ତର କରିବା ନିମନ୍ତେ ଏକ ନିଷ୍ପତ୍ତି ନିଆଗଲା। ଭାରତୀୟ ଜାତୀୟ ସମବାୟ ୟୁନିୟନ ସମବାୟ ପ୍ରଶିକ୍ଷଣ କମିଟି ନାମକ ଏକ ସ୍ୱତନ୍ତ୍ର କମିଟି ଗଠନ କଲା। ଏହି କମିଟିକୁ ଜାତୀୟ ପ୍ରତିଷ୍ଠାନ ଓ ସମବାୟ ପ୍ରଶିକ୍ଷଣ କଲେଜ ଗୁଡ଼ିକର ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରାଗଲା। ଅନେକ କ୍ଷେତ୍ରରେ ରାଜ୍ୟ ସରକାରମାନେ ସେମାନଙ୍କର ସମବାୟ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକର ଦାୟିତ୍ୱ ରାଜ୍ୟ ସମବାୟ ୟୁନିୟନ୍‌କୁ ହସ୍ତାନ୍ତର କଲେ।

**ସମବାୟ ବିକାଶର ଦିଗ :**

ସ୍ଥିରତା ସହିତ ବିକାଶ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ କେନ୍ଦ୍ରବିନ୍ଦୁ ହୋଇଥିଲେ ମଧ୍ୟ ସମବାୟ ବିକାଶ ଯୋଜନାରେ ଗୋଟିଏ ପକ୍ଷରେ କୃଷିଭିତ୍ତିକ ସମବାୟ ଓ ଅନ୍ୟ ପକ୍ଷରେ ଖାଉଟି ସମବାୟ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲେ। କୃଷିର ବିକାଶ ମୁଖ୍ୟତଃ ବ୍ୟାପକ କୃଷି ଉପରେ ନିର୍ଭରକରେ ଓ ଏହା ଋଣ, ଉତ୍ପାଦନ ଲାଗି ନିୟୋଜିତ ଯନ୍ତ୍ରପାତି ଓ ସେବାର ବ୍ୟାପକ ବୃଦ୍ଧି ସହିତ ଜଡ଼ିତ।

କୃଷକମାନେ ଆବଶ୍ୟକ କରୁଥିବା ସେବା ଓ ସୁବିଧାକୁ ଯଥା ସମ୍ଭବ ଆନୁଷ୍ଠାନିକ କରଣ କରିବାର ଲକ୍ଷ୍ୟକୁ ସୁନିଶ୍ଚିତ କରାଯିବା ଦରକାର। ଏହି ଆନୁଷ୍ଠାନିକକରଣ ପ୍ରକ୍ରିୟାରେ ସମବାୟ ଢାଞ୍ଚାର ସଙ୍ଗଠନ କେବଳ ପ୍ରସାରିତ ନ ହୋଇ ନିଜକୁ ନିର୍ଭରଯୋଗ୍ୟ ଓ ଦକ୍ଷ ବୋଲି ପ୍ରତିପାଦିତ କରିବା ଆବଶ୍ୟକ। ସମବାୟ ଗୁଡ଼ିକ ପାଖରେ ଯେଉଁ ସୁବିଧା ସୁଯୋଗ ଅଛି ତାହା ଖୁବ୍ ବ୍ୟାପକ ଓ ବହୁଧା ଓ ସେମାନେ ଏହାକୁ ଦକ୍ଷତାର ସହିତ ଉପଯୋଗ କରି ପାରିବେ ବୋଲି ସୁନିଶ୍ଚିତ କରିବା ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ନୀତିର ଏକ ଅଂଶ ବିଶେଷ ଥିଲା। ସମବାୟ ଗୁଡ଼ିକ ନିଜେ ନିଜେ ଉଦ୍ୟମ କରିବେ ଓ ଦକ୍ଷତା ବୃଦ୍ଧି କରିବେ ଯେପରି ସେମାନେ ସେମାନଙ୍କ ଭଳି ସେବା ପ୍ରଦାନ କରୁଥିବା ସଙ୍ଗଠନ ଗୁଡ଼ିକ ସହିତ ପ୍ରତିଯୋଗିତା କରିପାରିବେ। ସରକାର ତାଙ୍କ ସ୍ତରରେ ସମବାୟ ଗୁଡ଼ିକୁ ଆବଶ୍ୟକୀୟ ଅର୍ଥରାଶି, ସଙ୍ଗଠନ ଓ ପ୍ରଶିକ୍ଷିତ କର୍ମଚାରୀ ଯୋଗାଣ ମାଧ୍ୟମରେ ସହାୟତା ପ୍ରଦାନ କରିବେ। କୃଷି ଭିତ୍ତିକ ଶିଳ୍ପ ପରିପ୍ରେକ୍ଷୀରେ, ଲାଇସେନ୍ସ ଓ ଆନୁଷ୍ଠାନିକ ଅର୍ଥରାଶି କ୍ଷେତ୍ରରେ ସମବାୟ ଗୁଡ଼ିକ ଅଗ୍ରାଧିକାର ପ୍ରଦାନ କରିବା ବଳବତ୍ତର ରହିବ।

କ୍ଷୁଦ୍ର କୃଷକମାନଙ୍କୁ ଋଣ ସମବାୟ ଓ ଭୂଉନ୍ନୟନ ବ୍ୟାଙ୍କ ଗୁଡ଼ିକର ନୀତି ଓ ବିଧିବ୍ୟବସ୍ଥା ସମ୍ପର୍କରେ ପରିଚିତ କରାଇବା ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ପ୍ରୟାସ ଥିଲା । ଅଖିଳ ଭାରତ ଗ୍ରାମାଞ୍ଚଳ ଋଣ ପର୍ଯ୍ୟାଲୋଚନା କମିଟି ଏ ଦିଗରେ ଅନେକ ଗୁଡ଼ିଏ ସୁପାରିସ କରିଥିଲା । ଏହି ସୁପାରିସକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରୟାସ କରାଯାଇଥିଲା । କିନ୍ତୁ ଏଥିରେ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଥିଲା । ସେଗୁଡ଼ିକ ହେଲା :-

୧) ଏକ ନିର୍ଦ୍ଦିଷ୍ଟ ସମିତିରେ ଉପଲବ୍ଧ ହେଉଥିବା ସମ୍ବଳ ଯଦି ତାର ସମସ୍ତ ସଦସ୍ୟ ମାନଙ୍କର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଯଥେଷ୍ଟ ନ ହୁଏ, ତେବେ କ୍ଷୁଦ୍ର କୃଷକ ମାନଙ୍କର ଚାହିଦାକୁ ଅଗ୍ରାଧିକାର ଭିତ୍ତିରେ ଯଥେଷ୍ଟ ପରିମାଣରେ ପୂରଣ କରିବାକୁ ସୁନିଶ୍ଚିତ କରିବା ନିମନ୍ତେ ଏହା ପ୍ରୟାସ କରିବ ।

୨) ବଡ଼ବଡ଼ କୃଷକମାନଙ୍କୁ ତାଙ୍କ ଅଂଶଧନ ବାବଦରେ ଅଧିକ ପୈଠ କରିବା ନିମନ୍ତେ ଆହ୍ୱାନ କରାଯିବ । ଅନ୍ୟ ପକ୍ଷରେ କ୍ଷୁଦ୍ର କୃଷକମାନଙ୍କୁ କିସ୍ତି ଆକାରରେ ସେମାନଙ୍କର ଅଂଶଧନକୁ ପରିଶୋଧ କରିବା ନିମନ୍ତେ ସୁଯୋଗ ପ୍ରଦାନ କରାଯିବ ।

୩) ଶସ୍ୟ ଋଣ ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । କ୍ଷୁଦ୍ରକୃଷକଙ୍କୁ ଯଥେଷ୍ଟ ଧ୍ୟାନ ଦିଆଯାଉଛି କି ନାହିଁ; ତାକୁ ମଧ୍ୟ ଅନୁଧ୍ୟାନ କରିବାକୁ ହେବ । କ୍ଷୁଦ୍ର କୃଷକ ଓ ଅନ୍ୟମାନଙ୍କୁ ଚିହ୍ନଟ କରି ଋଣ ପରିମାଣକୁ ଅଲଗା ଅଲଗା କରିବାକୁ ହେବ ।

୪) ଭୂ ଉନ୍ନୟନ ବ୍ୟାଙ୍କ ଗୁଡ଼ିକର ଋଣନୀତିକୁ ସରଳୀକରଣ କରାଯିବ । ଅର୍ଥାତ୍ ବନ୍ଧକ ଦିଆଯାଉଥିବା ଭୂସଂପତ୍ତିର ମୂଲ୍ୟାୟନ କ୍ଷେତ୍ରରେ ଉଦାରୀକରଣ, କ୍ଷୁଦ୍ର କୃଷକ ଗୋଷ୍ଠୀକୁ ମିଳିତ ଋଣ ପ୍ରଦାନ, ପ୍ରସ୍ତାବିତ ନିବେଶର କାର୍ଯ୍ୟକାରିତା ଓ ଆର୍ଥିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଓ କ୍ଷୁଦ୍ର କୃଷକ ମାନଙ୍କ ଦକ୍ଷତା ବା ସକ୍ଷମତା ଅନୁସାରେ ଋଣ ପରିଶୋଧ କରିବାର ବ୍ୟବସ୍ଥା ସୃଷ୍ଟି କରିବା ।

୫) ସ୍ୱଳ୍ପ ସମୟ ମଧ୍ୟରେ ଋଣ ପରିଶୋଧ କରିପାରୁଥିବା ବଡ଼ ବଡ଼ କୃଷକ ମାନଙ୍କୁ ମଧ୍ୟବର୍ତ୍ତୀକାଳୀନ ଋଣ ନେବା ନିମନ୍ତେ ଉତ୍ସାହିତ କରାଯିବ । ଏହାଦ୍ୱାରା କ୍ଷୁଦ୍ର କୃଷକମାନେ ଭୂ-ଉନ୍ନୟନ ବ୍ୟାଙ୍କ୍ ଗୁଡ଼ିକରୁ ଦୀର୍ଘ ମିଆଦୀ ଋଣ ପାଇପାରିବେ ।

**ଗ୍ରାମାଞ୍ଚଳ ବିଦ୍ୟୁତ୍ ସମବାୟ :**

ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ବିକାଶ ସହିତ ଜଡ଼ିତ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଗ୍ରାମାଞ୍ଚଳ ବିଦ୍ୟୁତ୍କରଣ କାର୍ଯ୍ୟକ୍ରମରେ ସମବାୟ ଢାଞ୍ଚାରେ ଗଠିତ ଗୋଷ୍ଠୀଗୁଡ଼ିକର ଅଂଶ ଗ୍ରହଣ । ପାଞ୍ଚୋଟି ରାଜ୍ୟରେ ଅଗ୍ରଣୀ ଗ୍ରାମାଞ୍ଚଳ ବିଦ୍ୟୁତ୍ ସମବାୟ ପ୍ରତିଷ୍ଠିତ ହୋଇଥିଲା । ଗ୍ରାମାଞ୍ଚଳ ବିଦ୍ୟୁତ୍କରଣ ନିଗମକୁ ଅନୁମତି ପ୍ରଦାନ

କରିବାର କ୍ଷମତା ଏହି ସମବାୟ ଗୁଡ଼ିକୁ ଅର୍ପଣ କରାଯାଇଥିଲା । କୃଷି ଓ କୃଷି-ଭିତ୍ତିକ ଶିଳ୍ପ ଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ଏବଂ ବିଦ୍ୟୁତ୍ ଯୋଗାଣ ଉପରେ କିଛି ପରିମାଣର ନିୟନ୍ତ୍ରଣ କ୍ଷମତା ପ୍ରଦାନକରି ଲୋକମାନଙ୍କ ସକ୍ରିୟ ଅଂଶ ଗ୍ରହଣକୁ ଉତ୍ସାହିତ କରିବା ଏହି ସମବାୟ ଗୁଡ଼ିକର ଲକ୍ଷ୍ୟ ଥିଲା ।

**ଗୋଷ୍ଠୀ ବିକାଶ ଓ ପଞ୍ଚାୟତିରାଜ :** ୧୯୫୨ ମସିହାରେ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହା ସମଗ୍ର ଦେଶକୁ ପରିବ୍ୟାପ୍ତ ହୋଇଛି । ଲୋକମାନଙ୍କର ସହଭାଗିତା ଓ ଉଦ୍ୟମରେ ଗ୍ରାମାଞ୍ଚଳର ବିକାଶ ସାଧନ କରିବା ଏହାର ଲକ୍ଷ୍ୟ । ସରକାରଙ୍କଠାରୁ ମିଳୁଥିବା ଆର୍ଥିକ ସହାୟତା ଓ ଉପଲବ୍ଧ ହେଉଥିବା ସମ୍ବଳକୁ ଭିତ୍ତିକରି ବ୍ଲକ ନିମନ୍ତେ ବଜେଟ୍‌ର ଆକାର ପ୍ରସ୍ତୁତ ହୋଇଥାଏ ଓ ଜଣେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧିନରେ ସଂପ୍ରସାରଣ କର୍ମଚାରୀମାନଙ୍କର ଗୋଟିଏ ଗୋଷ୍ଠୀ କାର୍ଯ୍ୟ କରିଥାଏ । ସଂପ୍ରସାରଣ କର୍ମଚାରୀମାନେ ବ୍ଲକ୍‌ର ସମସ୍ତ ଉନ୍ନୟନ ଯୋଜନା ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି । ସମନ୍ୱିତ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରତି ପାଂଚବର୍ଷ ସ୍ତରରେ ବିଭକ୍ତ କରାଯାଏ । ଏଗୁଡ଼ିକ ମଧ୍ୟରୁ କୃଷି ବିକାଶ ପ୍ରଥମ ସ୍ଥାନ ଅଧିକାର କରେ । ଏହି ଯୋଜନା କାଳରେ ପଂଚାୟତିରାଜ ଓ ଗୋଷ୍ଠୀ ବିକାଶକୁ ପରସ୍ପର ସହିତ ଯୋଡ଼ିବାକୁ ପ୍ରୟାସ ହୋଇଥିଲା । ଯୋଜନା ପ୍ରକଳ୍ପ ନିମନ୍ତେ ଗଠିତ କମିଟି (ବଳବନ୍ତ ରାଓ ମେହେଟା)ର ସୁପାରିଶକୁ ଗ୍ରହଣ କରିବାପରେ ଏହି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା ଓ ବିଭିନ୍ନ ରାଜ୍ୟରେ ଏହାର କେତେକ ପରିବର୍ତ୍ତନ ସହିତ ସ୍ଥାନୀୟ ବିକାଶ ପ୍ରଶାସନର ଢାଂଚା ପ୍ରସ୍ତୁତ ହୋଇଥିଲା । ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥାରେ ପ୍ରତ୍ୟେକ ସ୍ତର ଅର୍ଥାତ ଗ୍ରାମ, ବ୍ଲକ୍ ଓ ଜିଲ୍ଲା ସ୍ତରରେ ପ୍ରଶାସନିକ ଦଳ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ ହେଲା ।

**ନୂତନ ଦିଗ (NEW DIMENSIONS) :**

ସମସ୍ତ ପ୍ରକାର ଦୋଷତ୍ରୁଟି ଓ ପ୍ରତିବନ୍ଧକ ସତ୍ତ୍ୱେ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଓ ପଂଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଗ୍ରାମାଂଚଳ ବିକାଶ ନିମନ୍ତେ ନୂତନ ଦିଶା ଦେଖାଇଥିଲେ । ଜିଲ୍ଲା ପ୍ରଶାସନ ଉପରେ ଉପଯୁକ୍ତ ଗୁରୁତ୍ୱ ପ୍ରଦାନ କରି ଏହାର ସାଂଗଠନିକ ପରିବର୍ତ୍ତନ ଆରମ୍ଭ କରିଥିଲା । ସୀମିତ ସମ୍ବଳ ମଧ୍ୟରେ ଏହି ଯୋଜନାରେ ଯେଉଁଭଳି ଉଦ୍ୟମ କରାଯାଇଥିଲା, ତାହା ପୂର୍ବରୁ କେତେକ କ୍ଷେତ୍ରରେ ଆଦୌ କରାଯାଇନଥିଲା । ଏହି ଯୋଜନା କାଳରେ କୃଷିର ଉନ୍ନତି ସର୍ବାଗ୍ର ସ୍ଥାନରେ ରହିଥିଲା । କୃଷିର ବିକାଶ ନିମନ୍ତେ ବ୍ଲକରୁ ଉପଲବ୍ଧ ହେଉଥିବା ଅର୍ଥରାଶିର ବିନିଯୋଗ ପରିମାଣ ଅନ୍ୟାନ୍ୟ ସବୁକ୍ଷେତ୍ରରେ ବିନିଯୋଗ ହେଉଥିବା ଅର୍ଥରାଶିର ପରିମାଣ ସହିତ ପ୍ରାୟତଃ ସମାନ ଥିଲା ।

ଅନେକ ରାଜ୍ୟରେ ବ୍ଲକ ସଂଗଠନ ହିଁ ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକୁ ଆଗେଇ ନେବାର ଏକମାତ୍ର ସଂସ୍ଥା ଥିଲା । ଏହି ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକରେ ସ୍ଥାନୀୟ ଗୋଷ୍ଠୀ ବା ସଂଗଠନ ଗୁଡ଼ିକର ଯଥେଷ୍ଟ ଅବଦାନ ଥିଲା । ସଂଗଠନ, କାର୍ଯ୍ୟକ୍ରମ ଗୁଡ଼ିକର ରୂପରେଖ ଓ ସମ୍ବଳର ପରିମାଣକୁ ଆଖି ଆଗରେ ରଖି ସେଥିରେ ଆବଶ୍ୟକୀୟ ପରିବର୍ତ୍ତନ ବ୍ୟବସ୍ଥା ଥିଲା । କୃଷି ଓ ପରିବାର ନିୟନ୍ତ୍ରଣ ଯୋଜନା ଇତ୍ୟାଦି

ଉପରେ ଅଗ୍ରାଧିକାର ଭିତ୍ତିରେ ନିରବଛିନ୍ନ ଗୁରୁତ୍ୱ ପ୍ରଦାନ ଜାରି ରହିଲା । ସେହି ଅନୁସାରେ ରାଜ୍ୟ ଯୋଜନା ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ନିମନ୍ତେ ୮୪.୬୯ କୋଟି ଟଙ୍କାର ଅର୍ଥରାଶି ପ୍ରଦାନ କଲା । ଠିକ୍ ସେହି ଏକା ସମୟରେ ରାଜ୍ୟମାନେ କାର୍ଯ୍ୟକ୍ରମ ଓ ସମ୍ବଳ ଗୁଡ଼ିକର ହସ୍ତାନ୍ତର କଲେ ।

**ବିକାଶ କେନ୍ଦ୍ର ଉପରେ ଅଗ୍ରାଧିକାର ଅନୁଶୀଳନ :**

ଅଂଚଳ ଭିତ୍ତିକ ଯୋଜନା ସମ୍ପର୍କରେ ଅନୁଶୀଳନର ଏକ ଅଂଶ ବିଶେଷ ସ୍ୱରୂପ ବିକାଶ କେନ୍ଦ୍ର ଗୁଡ଼ିକର ଅଗ୍ରାଧିକାର ଭିତ୍ତିରେ ଗବେଷଣା ପ୍ରକଳ୍ପ ନାମକ ଏକ କେନ୍ଦ୍ର ପ୍ରାୟୋଜିତ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ନୂତନ ଭାବେ ପ୍ରତିଷ୍ଠିତ ବିକାଶ କେନ୍ଦ୍ର ଗୁଡ଼ିକୁ ଚିହ୍ନଟ କରିବା ନିମନ୍ତେ ବ୍ୟାପକ ଗବେଷଣା କୌଶଳ ଓ ଢାଞ୍ଚା ତିଆରି କରିବା ଏହି ପାଇଲଟ୍ ପ୍ରକଳ୍ପର ଲକ୍ଷ୍ୟ ଥିଲା । ଏତଦ୍ ବ୍ୟତୀତ ବ୍ୟାପକଭାବେ ଓ ବୈଜ୍ଞାନିକ ଅନୁଶୀଳନ ମାଧ୍ୟମରେ ସାମଗ୍ରିକ ବିକାଶ ଚାହିଦାକୁ ପୂରଣ କରିବା ନିମନ୍ତେ ଏହି କେନ୍ଦ୍ର ଗୁଡ଼ିକର ଦକ୍ଷତାକୁ କିପରି ବୃଦ୍ଧି କରାଯାଇପାରିବ, ତାର କୌଶଳ ବାହାର କରିବା ନିମନ୍ତେ ଏହି ପାଇଲଟ୍ ପ୍ରକଳ୍ପ ଲକ୍ଷ୍ୟ ରଖିଥିଲା । ଏହି କେନ୍ଦ୍ର ଗୁଡ଼ିକୁ କିପରି ସଫଳତାର ସହିତ ଜିଲ୍ଲା ଯୋଜନା ସହିତ ଯୋଡ଼ାଯାଇ ପାରିବ ଓ ନିମ୍ନ ସ୍ତରରୁ ଯୋଜନା ପ୍ରକ୍ରିୟାକୁ ସହାୟକ ହୋଇପାରିବ ତାର ଉପାୟ ବାହାର କରିବା ଏହି ପାଇଲଟ୍ ଅନୁଶୀଳନର ଅନ୍ୟତମ ଲକ୍ଷ୍ୟ ଥିଲା । ଏଣୁ ଏହି ଯୋଜନାକୁ ସମନ୍ୱିତ ଅଞ୍ଚଳ ବିକାଶ ଯୋଜନାର ପରିସରଭୁକ୍ତ କରାଗଲା । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ବିଭିନ୍ନ ଅଞ୍ଚଳରେ ଅନେକ ସଂଖ୍ୟକ ପ୍ରକଳ୍ପ ହାତକୁ ନିଆଗଲା । ଯୋଜନା ଢାଞ୍ଚାରେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଗୁଡ଼ିକରେ ଅଳ୍ପ କେତେକ ପ୍ରକଳ୍ପକୁ ସ୍ଥାନିତ କରାଗଲା । ଜିଲ୍ଲା ଯୋଜନା ସହିତ ବିକାଶ କେନ୍ଦ୍ର ଗୁଡ଼ିକୁ ଯୋଡ଼ିବା ପ୍ରକ୍ରିୟାକୁ ସୁଗମ କରିବା ନିମନ୍ତେ ଏଗୁଡ଼ିକୁ ଜିଲ୍ଲା ମାନଙ୍କରେ ପ୍ରତିଷ୍ଠା କରାଗଲା । ଏଗୁଡ଼ିକ ନିମନ୍ତେ ନିୟମାବଳୀ ଓ ବିଧି ବ୍ୟବସ୍ଥା ବା ସବିଶେଷ ଯୋଜନା ଯୋଜନା କମିଶନ୍ ଦ୍ୱାରା ନିର୍ଦ୍ଧାରିତ ହେଲା ।

## ୩.୬ ପଞ୍ଚମ ପଞ୍ଚବାର୍ଷିକ ଯୋଜନା (୧୯୭୪-୭୯)

ପଞ୍ଚମ ପଞ୍ଚ ବାର୍ଷିକ ଯୋଜନା କାଳରେ ପ୍ରଧାନମନ୍ତ୍ରୀ ୧୯୭୫ ମସିହା ଜୁଲାଇ ୧ ତାରିଖରେ ବିଂଶ ସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମ ଘୋଷଣା କରିଥିଲେ । ଏହା ଏହି ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ବିଶେଷତ୍ୱ ଥିଲା । ଏହି ବିଂଶ ସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ହେବାକୁ ଥିବା କ୍ଷେତ୍ର ଗୁଡ଼ିକୁ ଚିହ୍ନଟ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅଧୀନରେ ଥିବା ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ଅଗ୍ରାଧିକାର ପ୍ରଦାନ କରାଯାଇଥିଲା ।

**କ୍ଷୁଦ୍ର ଜଳସେଚନ :** ଏହି ପଞ୍ଚବାର୍ଷିକ ଯୋଜନାର ପ୍ରଥମ ତିନି ବର୍ଷରେ ୩. କୋଟି ୪ ନିୟୁତ ହେକ୍ଟର ଜମିରେ ଜଳସେଚନ ସୁବିଧା ନିମନ୍ତେ ରାଜ୍ୟମାନଙ୍କୁ ପାଣି ଯୋଗାଇ ଦିଆଯାଇଥିଲା । ପୁଣି ଶେଷ ଦୁଇବର୍ଷରେ ପ୍ରଥମ ତିନିବର୍ଷ ସହିତ ସମାନ ପରିମାଣର ପାଣି ଯୋଗାଇ ଦିଆଯାଇଥିଲା ।

**ମୃତ୍ତିକା ଓ ଜଳ ସଂରକ୍ଷଣ :** ବଡ଼ ବଡ଼ ଜଳଭଣ୍ଡାର ସୃଷ୍ଟି କରିଥିବା ନଦୀ ଉପତ୍ୟକା ଗୁଡ଼ିକର ବିକାଶ ନିମନ୍ତେ ହୋଇଥିବା କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ଟିକିଏ ବିଳମ୍ବରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏହି ପଞ୍ଚବାର୍ଷିକ ଯୋଜନାର ଶେଷ ଦୁଇ ବର୍ଷରେ ଆବଶ୍ୟକୀୟ ପୁଞ୍ଜି ବ୍ୟବସ୍ଥା କରାଯାଇଥିଲା। କେତେକ ରାଜ୍ୟରେ ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ଗୁଡ଼ିକ ଆନୁଷ୍ଠାନିକ ଋଣ ସହାୟତାରେ କାର୍ଯ୍ୟକାରୀ କରାଯାଇଥିଲା ଓ ଏହି ଧାର୍ଯ୍ୟ ଲକ୍ଷ୍ୟ ପ୍ରାୟତଃ ହାସଲ କରାଯାଇ ପାରିଥିଲା।

**ଅଞ୍ଚଳ ବିକାଶ :** ଜଳସେଚନର ବ୍ୟବହାରକୁ ବୃଦ୍ଧି କରିବା ଓ ବଛା ବଛା ବୃହତ୍ ଜଳସେଚନ କାର୍ଯ୍ୟ ନିମନ୍ତେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ଆରମ୍ଭ କରାଯିବାକୁ ଅନେକ ସମୟ ଲାଗିଥିଲା। ପ୍ରସ୍ତାବିତ ଅଞ୍ଚଳ ବିକାଶ କର୍ତ୍ତୃପକ୍ଷ **(Command Area Development Authority)** ପ୍ରତିଷ୍ଠା ସହ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ବୃଦ୍ଧି କରାଗଲା। ଏଣୁ ପ୍ରଥମ ତିନିବର୍ଷରେ କେନ୍ଦ୍ରୀୟ କ୍ଷେତ୍ରରେ ଯେତିକି ପୁଞ୍ଜି ବିନିଯୋଗର ବ୍ୟବସ୍ଥା କରାଯାଇଥିଲା ଶେଷ ଦୁଇବର୍ଷରେ ତାଠାରୁ ୨ ୨ ପ୍ରତିଶତ ଅଧିକ ପୁଞ୍ଜି ବିନିଯୋଗର ବ୍ୟବସ୍ଥା କରାଯାଇଥିଲା। ସଂପୃକ୍ତ ରାଜ୍ୟମାନଙ୍କରେ ଯେଉଁ ବ୍ୟବସ୍ଥା କରାଯାଇଥିଲା, ତାହା କେନ୍ଦ୍ର କ୍ଷେତ୍ରରେ କରାଯାଇଥିବା ବ୍ୟବସ୍ଥା ସହିତ ଖାପଖାଇଥିଲା।

**ବନୀକରଣ :** କାଠ ଓ ଜାଳେଣୀର ଉତ୍ସ ଓ ପ୍ରାକୃତିକ ପରିବେଶର ସନ୍ତୁଳନତାକୁ ବିଚାରକୁ ନେଇ ଜଙ୍ଗଲ ବିକାଶକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ଓ ସାମାଜିକ ବନୀକରଣ ତଥା ବୃକ୍ଷ ରୋପଣକୁ ଅଗ୍ରାଧିକାର ଦିଆଯାଇଥିଲା। ଏହାକୁ ଆଖି ଆଗରେ ରଖି ପ୍ରଥମ ତିନି ବର୍ଷରେ ଯେତିକି ପୁଞ୍ଜି ବିନିଯୋଗ କରାଯାଇଥିଲା, ଶେଷ ଦୁଇ ବର୍ଷରେ ତାର ଦୁଇଗୁଣ ବିନିଯୋଗ କରାଯାଇଥିଲା। ବ୍ୟାଘ୍ର ପ୍ରକଳ୍ପ, ଜାତୀୟ ଉଦ୍ୟାନ ବିକାଶ ଓ ଜଙ୍ଗଲ କ୍ଷେତ୍ରରେ ଗବେଷଣା କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ନିମନ୍ତେ ମଧ୍ୟ ଯଥେଷ୍ଟ ବ୍ୟବସ୍ଥା କରାଯାଇଥିଲା।

**ପଶୁ ପାଳନ ଓ ଦୁଗ୍ଧ ଚାଷ :** କ୍ଷୁଦ୍ର ଓ ନାମମାତ୍ର କୃଷକ ତଥା କୃଷି ଶ୍ରମିକ ମାନଙ୍କ ମାଧ୍ୟମରେ ସ୍ୱତନ୍ତ୍ର ପଶୁ ସମ୍ପଦ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିବାରେ କିଛିଟା ବିଳମ୍ବ ହୋଇଥିଲା। ମୋଟା ମୋଟି ଭାବରେ ଉତ୍ପାଦନ ଭିତ୍ତିକ ପ୍ରକଳ୍ପ ଯଥା ବ୍ୟାପକଭାବରେ ଗୋ- ମହିଷାଦି ବିକାଶ ପ୍ରକଳ୍ପ, ବ୍ୟାପକ କୁକୁଡ଼ା ଉତ୍ପାଦନ ତଥା ବିପଣନ କେନ୍ଦ୍ର, ମେଣ୍ଢା ଓ ପଶମ ସଂପ୍ରସାରଣ କେନ୍ଦ୍ର ଓ ତରଳ ଦୁଗ୍ଧ ପ୍ଲାଣ୍ଟ ତଥା ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନ କାରଖାନା ଇତ୍ୟାଦି ଲକ୍ଷ୍ୟ ଗୁଡ଼ିକ ପୁରାମାତ୍ରାରେ ପୂରଣ ହେବା ଆଶା କରାଯାଉଥିଲା। ୧୪୮ ଟି ଜିଲ୍ଲାରେ କ୍ଷୁଦ୍ର ଓ ନାମମାତ୍ର କୃଷକ ତଥା କୃଷି ଶ୍ରମିକ ମାନଙ୍କ ମାଧ୍ୟମରେ ଶଙ୍କର ଜାତୀୟ ଗୋରୁପାଳନ ନିମନ୍ତେ ୮୫ଟି ସରକାରୀ ସାହାଯ୍ୟ ପ୍ରାପ୍ତ ବା ଛାଡ଼ ପ୍ରକଳ୍ପ, ୫୭ଟି କୁକୁଡ଼ା ଉତ୍ପାଦନ ପ୍ରକଳ୍ପ, ୪୫ଟି ଘୁଷୁରୀ ଉତ୍ପାଦନ ପ୍ରକଳ୍ପ ଓ ୩୮ ଟି ମେଣ୍ଢା ଉତ୍ପାଦନ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା। ଦୁଗ୍ଧ ବନ୍ୟା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ହିସାବରେ ମେଘାଳୟ, ଆସାମ୍, ସିକିମ୍, ହିମାଚଳ ପ୍ରଦେଶ,ଜାମ୍ମୁ ଓ କାଶ୍ମୀର, ଓଡ଼ିଶା ଏବଂ କେରଳ ରାଜ୍ୟ ମାନଙ୍କରେ ସମନ୍ୱିତ ଦୁଗ୍ଧ ଉତ୍ପାଦନ – ତଥା ବିପଣନ ପ୍ରକଳ୍ପ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା କରାଯାଇଥିଲା। ବିଦେଶାନୀତ ଗୋ –

ମହିଷାଦି ପାଳନ ଫାର୍ମ ପ୍ରତିଷ୍ଠା ଓ ବ୍ୟାପକ ଭାବରେ କୃତ୍ରିମ ପ୍ରଜନନ ପଦ୍ଧତିରେ ଶଙ୍କର ଜାତୀୟ ଗୋରୁମାନଙ୍କର ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯିବାର ବ୍ୟବସ୍ଥା କରାଗଲା । ବୈଜ୍ଞାନିକ ପଦ୍ଧତିରେ କୁକୁଡ଼ା ଉତ୍ପାଦନ କାର୍ଯ୍ୟକ୍ରମ ଉପରେ ନିର୍ଦ୍ଦିଷ୍ଟ ଭାବରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଗୋ- ବସନ୍ତ ଓ ଫାଟୁଆ ରୋଗର ନିୟନ୍ତ୍ରଣ ନିମନ୍ତେ କାର୍ଯ୍ୟକ୍ରମ ଜାରି ରଖିବାକୁ ବ୍ୟବସ୍ଥା କରାଯାଇଥିଲା ।

ମତ୍ସ୍ୟଚାଷ : ଅଳ୍ପ କେତେକ ପ୍ରକଳ୍ପ ଆରମ୍ଭ କରିବାରେ କିଛିଟା ବିଳମ୍ବ ହୋଇଥିଲା । କିନ୍ତୁ ବୋଟ୍‌ଗୁଡ଼ିକୁ ଯନ୍ତ୍ରଚାଳିତ କରିବା, ମାଛ ବିହନ ଉତ୍ପାଦନ ଓ ମାଛଧରା ବନ୍ଦରର ବିକାଶ ଇତ୍ୟାଦିର ଯେଉଁ ଲକ୍ଷ୍ୟ ଥିଲା, ତାକୁ ପୁରାମାତ୍ରାରେ ହାସଲ କରିବା ଆଶା କରାଯାଇଥିଲା । ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ କ୍ଷୁଦ୍ର ଉଦ୍ୟୋଗୀ ଓ ସମବାୟ ଗୁଡ଼ିକ ସମୁଦ୍ର ତଟରୁ ମାଛ ଧରିବା ନିମନ୍ତେ ଟ୍ରଲର କ୍ରୟ କରିବା ପାଇଁ ସାହାଯ୍ୟ କରିବାକୁ ଏକ ସ୍ୱତନ୍ତ୍ର ଟ୍ରଲର ବିକାଶ ପାଣ୍ଠି ସୃଷ୍ଟି କରାଯିବାର ଯୋଜନା କରାଗଲା । ଗ୍ରାମାଞ୍ଚଳ ଭୂଭାଗରେ ମତ୍ସ୍ୟ ଉତ୍ପାଦନକୁ ବୃଦ୍ଧି କରିବା ଓ ମତ୍ସ୍ୟ ଚାଷ ନିମନ୍ତେ ଜଳଭାଗକୁ ବ୍ୟବହାର କରିବା ନିମନ୍ତେ ରାଜ୍ୟମାନଙ୍କରେ ମତ୍ସ୍ୟଚାଷୀ ବିକାଶ କର୍ତ୍ତୃପକ୍ଷ ଆରମ୍ଭ କରାଗଲା ।

**ଗବେଷଣା ଓ ଶିକ୍ଷା :** ଶସ୍ୟ ଉତ୍ପାଦନ ଓ ପଶୁପାଳନ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ନୂଆନୂଆ ଜ୍ଞାନ କୌଶଳ ଆବିଷ୍କାର କରି ଉତ୍ପାଦନ ବୃଦ୍ଧି ନିମନ୍ତେ ଗବେଷଣା ଉପରେ ଅଗ୍ରାଧିକାର ପ୍ରଦାନ କରାଯାଇଥିଲା । ସମନ୍ୱିତ ଗବେଷଣା କାର୍ଯ୍ୟକ୍ରମ ଗୁଡ଼ିକୁ ବିଭିନ୍ନ ରାଜ୍ୟର କୃଷି ବିଶ୍ୱବିଦ୍ୟାଳୟ ଗୁଡ଼ିକର ସକ୍ରିୟ ସହଯୋଗରେ ଉପଯୁକ୍ତ ଭାବରେ ଶକ୍ତିଶାଳୀ କରାଯାଇଥିଲା । ଉତ୍ତର ପୂର୍ବାଞ୍ଚଳରେ ଏକ ନୂତନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ତୁଳା ଗବେଷଣାକୁ ଶକ୍ତିଶାଳୀ କରିବା ଓ କୃଷି ଯନ୍ତ୍ରପାତି ଉପରେ ଗବେଷଣା କାର୍ଯ୍ୟକ୍ରମର ବିକାଶ ନିମନ୍ତେ କେତେକ ନୂତନ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଇଥିଲା । ମିଳିତ ଜାତିସଂଘର ବିଭିନ୍ନ ସଂସ୍ଥା ମାନଙ୍କର ମିଳିତ ଉଦ୍ୟମରେ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା । ନୂତନ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ଶିକ୍ଷା କାର୍ଯ୍ୟକ୍ରମକୁ ଅଧିକ ଶକ୍ତିଶାଳୀ କରାଯାଇଛି । ୧୬ଟି ରାଜ୍ୟରେ ଏହି ବିଶ୍ୱବିଦ୍ୟାଳୟମାନଙ୍କର ସଂଖ୍ୟା ୨୧ରେ ପହଞ୍ଚିଛି ।

## ୩.୭ ଷଷ୍ଠ ପଞ୍ଚବାର୍ଷିକ ଯୋଜନା (୧୯୮୦-୮୫)

ଗ୍ରାମାଞ୍ଚଳରେ ବିକାଶର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ନିରାକରଣ କରିବା ଓ ଆଞ୍ଚଳିକ ବୈଷମ୍ୟ ହ୍ରାସ କରିବା ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଲକ୍ଷ୍ୟଥିଲା । ଏହି ଯୋଜନା କାଳରେ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଓ କୌଶଳ ଗ୍ରହଣ କରାଯାଇଥିଲା । ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ନିଯୁକ୍ତି ଓ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ, ସ୍ୱତନ୍ତ୍ର ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ ଓ ଗ୍ରାମାଞ୍ଚଳ ବିକାଶ ନିମନ୍ତେ ଆନୁଷ୍ଠାନିକ ଉଦ୍ୟମ ଇତ୍ୟାଦି ଏହି ନିର୍ଦ୍ଦିଷ୍ଟ ଯୋଜନାର ମୁଖ୍ୟ ପ୍ରୟାସ ଥିଲା ।

**ଷଷ୍ଠ ପଞ୍ଚବାର୍ଷିକ ଯୋଜନା ନିମନ୍ତେ କୌଶଳ :** ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ହ୍ରାସ ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଲକ୍ଷ୍ୟଥିଲା । ଗ୍ରାମାଞ୍ଚଳ ଅର୍ଥନୀତିର ଉତ୍ପାଦନ କ୍ଷମତା ବୃଦ୍ଧି ହିଁ ଗ୍ରାମାଞ୍ଚଳ ଦାରିଦ୍ର୍ୟ ସମସ୍ୟାର ସଫଳ ସମାଧାନର ମାର୍ଗଥିଲା । ଏକ ସମୟରେ ଉଚ୍ଚ ଅଭିବୃଦ୍ଧି ହାରର ପରିସରକୁ ସୀମିତ କରୁଥିବା ପ୍ରତିବନ୍ଧକକୁ ଚିହ୍ନଟ କରିବା ଓ ଅନ୍ୟପକ୍ଷରେ ଦାରିଦ୍ର୍ୟ ଏବଂ ଅଭାବଗ୍ରସ୍ତତାକୁ ହ୍ରାସ କରିବାର ମାଧ୍ୟମକୁ ଉପଯୋଗ କରିବାର ଆବଶ୍ୟକତା ଥିଲା । ଗ୍ରାମାଞ୍ଚଳରେ ଦାରିଦ୍ର୍ୟର କଷାଘାତକୁ ଖୋଜିବାହାର କରିବା କଥାଟି ସମସ୍ତଙ୍କୁ ଜଣାଥିଲା । ଅତି ଦରିଦ୍ର ବର୍ଗ ଲୋକମାନେ ଭୂମିହୀନ ଶ୍ରମିକ ପରିବାର, କ୍ଷୁଦ୍ର ଓ ନାମମାତ୍ର କୃଷକ, ଗ୍ରାମାଞ୍ଚଳ ହସ୍ତଶିଳ୍ପ କରିଗର, ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତି ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ପଛୁଆ ବର୍ଗର ଅନ୍ତର୍ଭୁକ୍ତ ଥିଲେ । ଦାରିଦ୍ର୍ୟ ସୀମାରେଖା ତଳେଥିବା ପରିବାର ଗୁଡ଼ିକୁ ଉପଯୁକ୍ତ ଜ୍ଞାନ କୌଶଳ ଓ ସେବା ଏବଂ ସମ୍ପତ୍ତି ହସ୍ତାନ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ସହାୟତା ପ୍ରଦାନ କରାଯାଉଥିଲା । ଗ୍ରାମାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ନିମ୍ନଲିଖିତ କୌଶଳ ଓ ପଦ୍ଧତି ଅନୁସରଣ କରାଯାଇଥିଲା ।

୧) କୃଷି ଓ ଏହାର ସହାୟକ କ୍ଷେତ୍ରରେ ଉତ୍ପାଦନ ଓ ଉତ୍ପାଦିକା ବୃଦ୍ଧି ।

୨) ପ୍ରାଥମିକ, ମାଧ୍ୟମିକ ଓ ତୃତୀୟସ୍ତରଭୁକ୍ତ କ୍ଷେତ୍ରଗୁଡ଼ିକର ବିକାଶ ମାଧ୍ୟମରେ ଗ୍ରାମାଞ୍ଚଳର ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ସମ୍ବଳ ଓ ଆୟ ବୃଦ୍ଧି ।

୩) ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଆତ୍ମ ନିଯୁକ୍ତି ଓ ମଜୁରୀ ଭିତ୍ତିକ ନିଯୁକ୍ତି ବୃଦ୍ଧି ନିମନ୍ତେ ଦକ୍ଷତା ସୃଷ୍ଟି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ।

୪) ଗ୍ରାମାଞ୍ଚଳ ଲୋକଙ୍କ ନିମନ୍ତେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରିତା ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଋଣ ସୁବିଧା ଯୋଗାଣ ।

୫) ଉତ୍ପାଦନ ଭିତ୍ତିକ କାର୍ଯ୍ୟକ୍ରମ ଗୁଡ଼ିକୁ ସୁଗମ କରିବା ନିମନ୍ତେ ବିପଣନ ବ୍ୟବସ୍ଥାରେ ଉନ୍ନତି ଆଣିବା ଓ ଗ୍ରାମାଞ୍ଚଳ ଲୋକମାନଙ୍କୁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ବିପଣନ ସମୟରେ ଶୋଷଣରୁ ମୁକ୍ତ କରିବା ।

୬) ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ **National Rural Employment Programme (NREP)** ମାଧ୍ୟମରେ ଅଣ-କୃଷି ଋତୁରେ ଗ୍ରାମାଞ୍ଚଳ ଲୋକମାନଙ୍କୁ ଲାଭଦାୟକ ନିଯୁକ୍ତି ପ୍ରଦାନକରି ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ।

୭) ଅତ୍ୟାବଶ୍ୟକୀୟ ମୌଳିକ ଚାହିଦା ଯୋଗାଣ ।

୮) ଉଭୟ ଆତ୍ମନିଯୁକ୍ତି ଓ ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ **(NREP)** ଏବଂ ସ୍ଥାନୀୟ ସମ୍ବଳର ବୈଜ୍ଞାନିକ ଉପଯୋଗିତା ନିମନ୍ତେ କୌଶଳ ନିର୍ଦ୍ଧାରଣ ପାଇଁ ବିଶ୍ୱବିଦ୍ୟାଳୟ ତଥା ଗବେଷଣା ଓ ବୈଷୟିକ ପ୍ରତିଷ୍ଠାନ ଗୁଡ଼ିକୁ ପ୍ରକଳ୍ପ ପ୍ରସ୍ତୁତି କାର୍ଯ୍ୟରେ ସଂଶ୍ଳିଷ୍ଟ କରିବା ।

ଏହାର ତିନୋଟି ବୃହତ୍ କାର୍ଯ୍ୟକ୍ରମ ହେଉଛି :-

୧) ଗ୍ରାମାଞ୍ଚଳ ଦରିଦ୍ର ଲୋକଙ୍କ ନିମନ୍ତେ ସମ୍ବଳ ଓ ରୋଜଗାର ବିକାଶ କାର୍ଯ୍ୟକ୍ରମ।

୨) ସ୍ୱତନ୍ତ୍ର ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ।

୩) ଏହି ଯୋଜନା କାଳରେ ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଶ୍ରମ ଭିତ୍ତିକ କାର୍ଯ୍ୟକ୍ରମ **(PROGRAMME)** ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଗୁଡ଼ିକ ସିଧାସଳଖ ଭାବରେ ଗ୍ରାମାଞ୍ଚଳର ଦରିଦ୍ର ଲୋକମାନଙ୍କୁ ଲକ୍ଷ୍ୟକରି ତିଆରି କରାଯାଇଥିଲା। ଏଣୁ ଗ୍ରାମାଞ୍ଚଳର ଦରିଦ୍ର ଲୋକମାନେ ହିଁ ଏହି କାର୍ଯ୍ୟକ୍ରମର ଧାର୍ଯ୍ୟ ଗୋଷ୍ଠୀଥିଲେ। ଏହି କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟ ମୁଖ୍ୟ ଆନୁଷ୍ଠାନିକ ଅସ୍ତ୍ର ରୂପେ ବିବେଚିତ ହୋଇଥିଲା।

**ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ (Integrated Rural Development Programme (IRDP) :**

ଏକାଧିକ ସଂସ୍ଥା ମାଧ୍ୟମରେ ଗ୍ରାମାଞ୍ଚଳ ଲୋକମାନଙ୍କ ନିମନ୍ତେ ଏକାଧିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଇବାର ଅନ୍ତଘଟାଇ ଏହା ବଦଳରେ ସମଗ୍ର ଦେଶରେ ଗୋଟିଏ ମାତ୍ର ସମନ୍ୱିତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଇବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମନ୍ୱିତ ଗ୍ରାମ୍ୟବିକାଶ କାର୍ଯ୍ୟକ୍ରମ **(IRDP)** କୁହାଗଲା। ଦେଶର ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ୩୫୦ ନିୟୁତ ଲୋକଙ୍କ ମଧ୍ୟରୁ ପ୍ରାୟ ୩୦୦ ନିୟୁତ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି। ଏମାନେ ହେଉଛନ୍ତି ମୁଖ୍ୟତଃ ଭୂମିହୀନ ଶ୍ରମିକ, କ୍ଷୁଦ୍ର ଓ ନାମମାତ୍ର କୃଷକ, ଗ୍ରାମୀଣ ହସ୍ତଶିଳ୍ପ କାରୀଗର ଓ ଅନ୍ୟାନ୍ୟ ଶ୍ରମିକ ବର୍ଗର। ଏମାନଙ୍କ ମଧ୍ୟରୁ ନାମମାତ୍ର କୃଷକ, କୃଷି ଶ୍ରମିକ (ଭୂମିହୀନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ) ହେଉଛନ୍ତି ଅତି ଗରୀବ। ଗ୍ରାମାଞ୍ଚଳ ଶ୍ରମ ଶକ୍ତିର ଏକ ତୃତୀୟାଂଶ ହେଉଛନ୍ତି ଗ୍ରାମାଞ୍ଚଳ ହସ୍ତଶିଳ୍ପ କାରିଗର ଓ ମତ୍ସ୍ୟଜୀବୀ। ସେମାନଙ୍କର ସମ୍ପତ୍ତି ବୋଲି କିଛି ନାହିଁ ଅଥବା ସେମାନଙ୍କ ପାଖରେ ପ୍ରାୟ କୌଣସି ମୂଲ୍ୟବାନ୍ ସମ୍ପତ୍ତି ନଥାଏ। ଉତ୍ପାଦନ କ୍ଷମ ଜିନିଷ ବା ଉପଯୁକ୍ତ ଜ୍ଞାନ କୌଶଳ ହାସଲ କରିବା ନିମନ୍ତେ ସେମାନଙ୍କୁ ସକ୍ଷମ କରାଯିବା ଦରକାର। ସେମାନଙ୍କର ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ନିମନ୍ତେ ମଧ୍ୟ ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ। ଏହି ଉଦ୍ଦେଶ୍ୟରେ ଏକ ସମନ୍ୱିତ କୌଶଳ ସୃଷ୍ଟି କରିବା ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମର ଲକ୍ଷ୍ୟଥିଲା। ଏକ ପକ୍ଷରେ ଜମି, ଜଳ ଓ ସୂର୍ଯ୍ୟକିରଣର ସଠିକ୍ ବିନିଯୋଗ କରି କୃଷି ଓ ଏହାର ସହାୟକ କ୍ଷେତ୍ରରେ ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ଓ ଅନ୍ୟପକ୍ଷରେ ଦେଶର ସବୁ ବ୍ଲକ୍‌ରେ ଥିବା ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ସମ୍ବଳ ଓ ରୋଜଗାର ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟଥିଲା। ଗ୍ରାମାଞ୍ଚଳ ଗରିବ ଲୋକଙ୍କ ମଧ୍ୟରୁ ସିଂହଭାଗ ଭୂମିହୀନ ବା ନାମମାତ୍ର କୃଷକ ହୋଇଥିବାରୁ ସେମାନଙ୍କ ଉପକାର ନିମନ୍ତେ ଯେଉଁସବୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିଲା ତାର ଏକ ବୃହତ୍ ଅଂଶ ଅଣ-କୃଷି କ୍ଷେତ୍ରକୁ ପ୍ରଦାନ କରାଯାଉଥିଲା।

### ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ **Drought Prone Area Programme (DPAP) :**

ଦେଶର ୭୪ଟିରୁ ଅଧିକ ଜିଲ୍ଲାର ୫୫୭ ଟି ବ୍ଲକ୍‌ରେ ଏହି ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ **(DPAP)** କାର୍ଯ୍ୟକାରୀ ହୋଇଥିଲା । କୃଷି କ୍ଷେତ୍ର ନିମନ୍ତେ ଏହା ଏକ ସମନ୍ୱିତ ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ ଥିଲା । ଜମି, ଜଳ ଓ ପଶୁ ସମ୍ପଦର ସର୍ବାଧିକ ଉପଯୋଗ, ଜୈବ ସନ୍ତୁଳନତାର ସୁରକ୍ଷା ଓ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ଆୟ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା । ଏହି କାର୍ଯ୍ୟକ୍ରମର କେତେକ ଗୁରୁତ୍ୱ ପୂର୍ଣ୍ଣ ଉପାଦାନ ହେଉଛି –

୧) ଜଳସମ୍ପଦର ବିକାଶ ଓ ପରିଚାଳନା ।

୨) ମୃତ୍ତିକା ଓ ଆଦ୍ରତାର ସୁରକ୍ଷା ନିମନ୍ତେ ପଦକ୍ଷେପ ।

୩) ସାମାଜିକ ଓ କୃଷି ବନୀକରଣ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରି ଜଙ୍ଗଲ ସୃଷ୍ଟି ।

୪) ଚାରଣ ଭୂମିର ବିକାଶ ଓ ମେଷପାଳନର ବିକାଶ ସହିତ ଅଞ୍ଚଳ ପରିଚାଳନା ।

୫) ପଶୁ ସମ୍ପଦର ବିକାଶ ସହ ଦୁଗ୍ଧ ବିକାଶ ।

୬) ଶସ୍ୟ ଅମଳର ଢ଼ାଞ୍ଚା ଓ କୃଷିକାର୍ଯ୍ୟ ଶୈଳୀରେ ପରିବର୍ତ୍ତନ ।

୭) ସହାୟକ ବୃତ୍ତିର ବିକାଶ ।

### ମରୁଭୂମି ବିକାଶ କାର୍ଯ୍ୟକ୍ରମ **Desert Development Programme (DDP) :**

ମରୁଭୂମି ଅଞ୍ଚଳ ଅଧିକ ମରୁଭୂମି ଅଞ୍ଚଳରେ ପରିଣତ ହେବାକୁ ନିୟନ୍ତ୍ରଣ କରିବା ଓ ସ୍ଥାନୀୟ ଅଧିବାସୀମାନଙ୍କର ଆୟ ଓ ନିଯୁକ୍ତି ସ୍ତରକୁ ବୃଦ୍ଧି କରିବା ନିମନ୍ତେ ସ୍ଥାନୀୟ ସମ୍ବଳର ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ଏହି ମରୁଭୂମି ବିକାଶ କାର୍ଯ୍ୟକ୍ରମର ଲକ୍ଷ୍ୟଥିଲା । ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ଏହି କାର୍ଯ୍ୟକ୍ରମ ଦେଶର ଉଭୟ ଉଷ୍ମ ଓ ଥଣ୍ଡା ଶୁଷ୍କ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥିଲା । ପରିବେଶଗତ ସନ୍ତୁଳନତାକୁ ବଜାୟ ରଖିବା, ବାଲୁକା ସ୍ତୁପ ଗୁଡ଼ିକୁ ସ୍ଥିର ରଖିବା ଓ ମୃତ୍ତିକା ଏବଂ ଜଳ ସଂରକ୍ଷଣ ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ମରୁଭୂମି କରଣକୁ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଆଶ୍ରୟସ୍ଥଳ ଅଞ୍ଚଳରେ ବୃକ୍ଷ ରୋପଣ, ଜଳଅମଳ କୌଶଳର କାର୍ଯ୍ୟକାରିତା ଓ ପଶୁ ସମ୍ପଦ ଭିତ୍ତିକ ଅର୍ଥନୀତିକୁ ସମୃଦ୍ଧି କରିବା ନିମନ୍ତେ ଚାରଣ ଭୂମିର ବିକାଶ ନିମନ୍ତେ ଏଥିରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହି ଅଞ୍ଚଳ ଗୁଡ଼ିକର ପ୍ରାକୃତିକ ସମ୍ବଳର ବ୍ୟବହାରକୁ ଏହି ସମ୍ବଳ ଗୁଡ଼ିକର ଭରଣା ସହିତ ଅଙ୍ଗାଅଙ୍ଗୀ ଭାବେ ଯୋଡ଼ା ଯାଇଥିଲା । ଗୋଖାଦ୍ୟ ଉତ୍ପାଦନ, ଚାରଣ ଭୂମି ଓ ଜାଳେଣୀ ଏବଂ ଗୋଖାଦ୍ୟ ରୂପେ ବ୍ୟବହୃତ ତୃଣ ଚାଷ ନିମନ୍ତେ ଜମିକୁ ପରିବର୍ତ୍ତନ ଢାଞ୍ଚାରେ ବ୍ୟବହାରଏହି ବିବିଧ କୌଶଳ ଓ କାର୍ଯ୍ୟକ୍ରମ ଧୀରେଧୀରେ ମରୁଭୂମି

ଅଞ୍ଚଳର ଅର୍ଥନୀତିକୁ ସମୃଦ୍ଧ କରିବା ସହ ଏହି ଅଞ୍ଚଳର ପରିବେଶଗତ ଆବଶ୍ୟକତାକୁ ପୂରଣ କରିପାରିବ ବୋଲି ଆଶା କରାଯାଇ ଥିଲା । ଲଦାଖ୍ ଓ ସ୍ପିତି **(Ladakh and Spiti)** ର ଥଣ୍ଡା ଶୁଷ୍କ ଅଞ୍ଚଳରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସେଚ କୃଷି ଓ ଉନ୍ନତ ଧରଣର ପଶୁ ପାଳନ ନିମନ୍ତେ ଉତ୍ସାହିତ କରାଯାଇଥିଲା ।

## ୩.୮ ସପ୍ତମ ପଞ୍ଚବାର୍ଷିକ ଯୋଜନା (୧୯୮୫-୯୦)

ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ଭାରତର ଯୋଜନା ବଦ୍ଧ ବିକାଶର ମୌଳିକ ଲକ୍ଷ୍ୟ ମଧ୍ୟରୁ ଅନ୍ୟତମ । ପଞ୍ଚବାର୍ଷିକ ଯୋଜନାଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ଏହି ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ଅନେକ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ କାର୍ଯ୍ୟକାରୀ କରାଯାଉଅଛି । ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ଗ୍ରାମାଞ୍ଚଳ ଦାରିଦ୍ର୍ୟ ସମସ୍ୟାକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଅଭିବୃଦ୍ଧି ପ୍ରକ୍ରିୟାରେ ଉତ୍ପାଦନଭିତ୍ତିକ ନିଯୁକ୍ତିକୁ ବୃଦ୍ଧି କରିବାର ଆବଶ୍ୟକତାକୁ ହୃଦ୍‌ବୋଧ କରାଯାଇଥିଲା । ଏଣୁ ଉତ୍ପାଦନଭିତ୍ତିକ ନିଯୁକ୍ତି ଆଧାରରେ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଏକ ନିରନ୍ତର କୌଶଳ ବାହାର କରିବାର ଆବଶ୍ୟକତାକୁ ଉପଲବ୍ଧି କରାଯାଇଥିଲା । ବିକାଶ ପ୍ରକ୍ରିୟାର ପରିସର ମଧ୍ୟରୁ କେତେକ ଶ୍ରେଣୀର ଲୋକଙ୍କୁ ବାଦ୍ ଦିଆଯାଇଥିଲା । ଗ୍ରାମାଞ୍ଚଳ ଲୋକଙ୍କ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସର୍ବନିମ୍ନ ସ୍ତରର ରୋଜଗାର ବା ଆୟ ସୃଷ୍ଟି କରିବା ନିମନ୍ତେ ନିର୍ଦ୍ଦିଷ୍ଟ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରିବାର ଆବଶ୍ୟକତା ପଡ଼ିଥିଲା । ଏହି ପ୍ରସଙ୍ଗକୁ ବିଚାରକୁ ନେଇ ୭ମ ପଞ୍ଚବାର୍ଷିକ ଯୋଜନା ପ୍ରଣୟନ କରାଯାଇଥିଲା ।

### ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ (Integrated Rural Development Programme (IRDP) :

୬ଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଏହି ଯୋଜନା ଆରମ୍ଭ ହୋଇଥିଲା । ୬ଷ୍ଠ ଯୋଜନାର ଶେଷ ଭାଗରେ ଏହାର ମୂଲ୍ୟାଙ୍କନରୁ ଏଥିରେ ଅନେକ ଦୋଷ ତ୍ରୁଟି ଥିବାର ଜଣାପଡ଼ିଥିଲା । ଏହାକୁ ଆଖି ଆଗରେ ରଖି ଓ ରାଜ୍ୟ ସରକାର ମାନଙ୍କର ମତାମତ ଓ ପ୍ରସ୍ତାବକୁ ଗ୍ରହଣ କରି ନୀତି ନିୟମରେ ଆବଶ୍ୟକୀୟ ପରିବର୍ତ୍ତନ କରି ୭ମ ପଞ୍ଚବାର୍ଷିକ ଯୋଜନାରେ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଥିଲା । ବାର୍ଷିକ ଆୟ ୬,୪୦୦ ଟଙ୍କାରେ ଦାରିଦ୍ର୍ୟ ସୀମାରେଖା ସ୍ଥିର କରାଯାଇଥିଲା । କିନ୍ତୁ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଅଧୀନରେ ସହାୟତା ପାଇବା ନିମନ୍ତେ ଯୋଗ୍ୟ ହେବାକୁ ବାର୍ଷିକ ହାରାହାରି ୪,୮୦୦ ଟଙ୍କାରୁ ୬,୪୦୦ ଟଙ୍କା ମଧ୍ୟରେ ଥିଲା । ସେମାନେ ବିକାଶ ପ୍ରକ୍ରିୟାରେ ନିଜେ ଦାରିଦ୍ର୍ୟ ସୀମାରେଖା ଉପରକୁ ଯାଇ ପାରିବେ ବୋଲି ଆକଳନ କରାଯାଇଥିଲା । ୭ମ ଯୋଜନା କାଳରେ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ୨୦ ନିୟୁତ ପରିବାରକୁ ସହାୟତା ପ୍ରଦାନ କରାଯାଇପାରିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ଏହା ମଧ୍ୟରୁ ୧୦ ନିୟୁତ ନୂତନ ପରିବାର ହୋଇଥିବା ବେଳେ ଅନ୍ୟ ୧୦ ନିୟୁତ ଦାରିଦ୍ର୍ୟ ସୀମାରେଖାକୁ ଅତିକ୍ରମ କରିପାରୁ ନଥିବା ଓ ଦ୍ୱିତୀୟ

ପର୍ଯ୍ୟାୟ ସହାୟତା ଆବଶ୍ୟକ କରୁଥିବା ପୁରୁଣା ହିତାଧିକାରୀ। ୭ମ ଯୋଜନା କାଳରେ ସମନ୍ୱିତ ଗ୍ରାମ୍ୟବିକାଶ କାର୍ଯ୍ୟକ୍ରମ ଅଧୀନରେ ସରକାରୀ ଛାଡ଼ ପରିମାଣ ୩,୩୧୬ କୋଟି ହୋଇଥିବା ବେଳେ ଏଥି ନିମନ୍ତେ ଧାର୍ଯ୍ୟଲକ୍ଷ୍ୟ ପରିମାଣ ଥିଲା ୩୦୦୦ କୋଟି। ଏଣୁ ଏହି ଯୋଜନା ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଯଥେଷ୍ଟ ଅଧିକ ବ୍ୟୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ନିମନ୍ତେ ଆନୁଷ୍ଠାନିକ ଋଣ ସମେତ ମୋଟ ୮୬୮୮ କୋଟି ଟଙ୍କା ବିନିଯୋଗ ହୋଇଥିଲା। ପରିମାଣାତ୍ମକ ଦୃଷ୍ଟିରୁ ଦେଖିଲେ ପ୍ରାୟ ୧୮ ନିୟୁତ ପରିବାରଙ୍କ ନିକଟରେ ଏହି କାର୍ଯ୍ୟକ୍ରମର ସୁଫଳ ପହଞ୍ଚି ପାରିଥିଲା। ତେଣୁ ଧାର୍ଯ୍ୟ ଲକ୍ଷ୍ୟ ସଂଖ୍ୟା ୨୦ ନିୟୁତ ପରିବାର ଠାରୁ ଏହା କମ୍‌ଥିଲା। ଅନ୍ୟପକ୍ଷରେ ଏହା କ୍ରମବର୍ଦ୍ଧନଶୀଳ ଧାର୍ଯ୍ୟ ଲକ୍ଷ୍ୟଥିବା ୧୬ ନିୟୁତ ପରିବାରର ସଂଖ୍ୟାକୁ ଅତିକ୍ରମ କରିଯାଇଥିଲା। ଗାଣିତିକ ହିସାବରୁ ଜଣାଯାଏ ଯେ, ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଚୟନ କରାଯାଇଥିବା ସମସ୍ତ ଯୋଜନା ମଧ୍ୟରୁ ୪୪ ପ୍ରତିଶତ ପ୍ରାଥମିକ କ୍ଷେତ୍ରରେ, ୧୮.୫ ପ୍ରତିଶତ ମାଧ୍ୟମିକ କ୍ଷେତ୍ରରେ ଓ ୩୭.୫ ପ୍ରତିଶତ ତୃତୀୟକ କ୍ଷେତ୍ର ଅଧୀନରେ ଥିଲା। ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମର ମୂଲ୍ୟାୟନ ନିମନ୍ତେ ଏକ ପୁନଃ ପୌନିକ ମୂଲ୍ୟାୟନ ବ୍ୟବସ୍ଥା ପ୍ରଚଳନ କରାଯାଇଥିଲା। ଏହି ବ୍ୟବସ୍ଥା ମାଧ୍ୟମରେ ନିରପେକ୍ଷ ଗବେଷଣା ପ୍ରତିଷ୍ଠାନ ମାନଙ୍କ ଦ୍ୱାରା ସମଗ୍ର ଦେଶରୁ ନମୁନା ହିସାବରେ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ରାଜ୍ୟ ଅନୁସାରେ ବା ରାଜ୍ୟ ଭିତ୍ତିକ ତଥ୍ୟ ଉପଲବ୍ଧ ହୋଇଛି। ମିଳିଥିବା ତଥ୍ୟରୁ ଦେଖାଯାଇଛି ଯେ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଗରିବ ପରିବାରଗୁଡ଼ିକୁ ବର୍ଦ୍ଧିତ ରୋଜଗାର ପ୍ରଦାନ କରିବାରେ ସଂପୂର୍ଣ୍ଣ ସଫଳ ହୋଇଛି। ଅବଶ୍ୟ ଦାରିଦ୍ର୍ୟ ସୀମାରେଖା ଅତିକ୍ରମ କରିଥିବା ପରିବାର ସଂଖ୍ୟା ଆପାତତଃ କମ୍। ପ୍ରାରମ୍ଭିକ ଅବସ୍ଥାରେ ନିବେଶର ପରିମାଣର ସ୍ୱଳ୍ପତା ଏହାର ଆଂଶିକ କାରଣ ହୋଇପାରେ।

**ଗ୍ରାମାଞ୍ଚଳ ଯୁବକମାନଙ୍କ ନିମନ୍ତେ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ Training of Rural Youth for Self Employment (TRYSEM) :**

ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ପରିବାରର ଯୁବକ ମାନଙ୍କୁ ବୈଷୟିକ ଦକ୍ଷତା ପ୍ରଦାନ କରିବା ଓ ପାରମ୍ପରିକ ଦକ୍ଷତାର ବିକାଶ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଥିଲା। ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଅଧୀନରେ ସେମାନଙ୍କୁ ସହାୟତା ପ୍ରଦାନକରି ବିଭିନ୍ନ କ୍ଷେତ୍ରରେ ଆତ୍ମ ନିଯୁକ୍ତି ନିମନ୍ତେ ସେମାନଙ୍କୁ ଯୋଗ୍ୟ କରିବା ଏହାର ଲକ୍ଷ୍ୟଥିଲା।

ସପ୍ତମ ଯୋଜନା କାଳରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୧୦ ଲକ୍ଷ ଯୁବକ ଯୁବତୀ ପ୍ରଶିକ୍ଷିତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୪୭ ପ୍ରତିଶତ ଆତ୍ମ ନିଯୁକ୍ତି ଗ୍ରହଣ କରିଥିଲେ ଓ ୧୨ ପ୍ରତିଶତ ମଜୁରୀ ଭିତ୍ତିକ ନିଯୁକ୍ତି ଗ୍ରହଣ କରିଥିଲେ। ଅବଶିଷ୍ଟ ୪୧ ପ୍ରତିଶତ ଏ ଦୁଇଟି ମଧ୍ୟରୁ କୌଣସିଟିକୁ ବି ଗ୍ରହଣ କରିପାରି ନଥିଲେ। ଅନ୍ୟ ପକ୍ଷରେ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମର ହିତାଧିକାରୀମାନଙ୍କ ମଧ୍ୟରୁ ସିଂହଭାଗ ଯେଉଁମାନେ

ପ୍ରଶିକ୍ଷଣ ଆବଶ୍ୟକ କରୁଥିଲେ, ସେମାନେ ଏହି ପ୍ରଶିକ୍ଷଣ ଗ୍ରହଣ କରି ପାରିଲେ ନାହିଁ । ବାସ୍ତବରେ, ଏହି କାର୍ଯ୍ୟକ୍ରମ ଅଧୀନରେ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମର ହିତାଧିକାରୀମାନଙ୍କ ମଧ୍ୟରୁ ମାତ୍ର ୬ ରୁ ୭ ପ୍ରତିଶତ ପ୍ରଶିକ୍ଷିତ ହୋଇପାରିଲେ । ୧୯୯୦-୯୧ ବେଳକୁ ପ୍ରଶିକ୍ଷିତ ଯୁବକ ଯୁବତୀ ମାନଙ୍କର ସଂଖ୍ୟା ୨.୬ ଲକ୍ଷ ଥିଲା ଓ ଏଥିରୁ ୭୦ ପ୍ରତିଶତ ନିଯୁକ୍ତି ପାଇଥିଲେ ।

**ଗ୍ରାମାଞ୍ଚଳ ମହିଳା ଓ ଶିଶୁ ବିକାଶ Development of Women and Children in Rural Areas (DWCRA) :**

ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଅଧୀନରେ ମହିଳା ମାନଙ୍କ ନିମନ୍ତେ ଗ୍ରାମାଞ୍ଚଳ ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ଯୋଜନା ହିସାବରେ ଆରମ୍ଭ ହୋଇଥିଲା । ଏହା ଦେଶର ୫୦ଟି ଜିଲ୍ଲାରେ ପାଇଲଟ ପ୍ରକଳ୍ପ **(Pilot Project)** ହିସାବରେ ଆରମ୍ଭ ହୋଇଥିଲା । ୭ମ ଯୋଜନା କାଳରେ ଏହା ଅଧିକ ଜିଲ୍ଲାକୁ ସଂପ୍ରସାରିତ ହୋଇ ଏହି ଯୋଜନାର ଶେଷ ବେଳକୁ ଏହା ୧୬୧ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିଲା । ଏହି କାର୍ଯ୍ୟକ୍ରମ ଅଧୀନରେ କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ କାରବାର ନିମନ୍ତେ ଗୋଟିଏ ମହିଳା ଗୋଷ୍ଠୀକୁ ଏକ କାଳୀନ ୧୫,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା । ଏହି ଅର୍ଥରାଶିକୁ ବୃଦ୍ଧି କରିବା ନିମନ୍ତେ ଏହାକୁ ଉପଯୋଗ କରିବାର ବ୍ୟବସ୍ଥା କରାଯାଇଥିଲା । ସପ୍ତମ ଯୋଜନା କାଳରେ ୩୫,୦୦୦ଗୋଷ୍ଠୀ ଓ ୪.୬ ଲକ୍ଷ ରୁ ଅଧିକ ସଦସ୍ୟତା ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୨୮,୦୦୦ଗୋଷ୍ଠୀ ଗଠନ କରାଯାଇଥିଲା । ୧୯୯୧-୯୨ ଅର୍ଥବର୍ଷରେ ୭,୫୦୦ଟି ଗୋଷ୍ଠୀ ଧାର୍ଯ୍ୟ ଲକ୍ଷ୍ୟ ଥିବାବେଳେ ବାସ୍ତବରେ ୭, ୧୩୯ଟି ଗୋଷ୍ଠୀ ଗଠନ କରାଯାଇପାରିଥିଲା । ତତ୍ତ୍ୱ ଦୃଷ୍ଟିରୁ ଏହା ଏକ ଉତ୍ତମ ଯୋଜନା ଥିଲା । କିନ୍ତୁ କାର୍ଯ୍ୟକାରିତା ଦୃଷ୍ଟିରୁ ଏହାର ପ୍ରଭାବ ଖୁବ୍ ସ୍ୱଳ୍ପ ଥିଲା । ବୋଧହୁଏ ଗ୍ରାମାଞ୍ଚଳ ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଗଠିତ ମହିଳା ଗୋଷ୍ଠୀ ମାନଙ୍କ ମଧ୍ୟରେ ସଂଯୋଗର ଅଭାବ ହିଁ ଏହାର କାରଣ ହୋଇପାରେ । ଆଉ ମଧ୍ୟ ନିରନ୍ତର ଆୟ ସୃଷ୍ଟି କରିବା ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟକଳାପ ନିର୍ଦ୍ଧାରଣ କରିବାରେ ଏହି ମହିଳା ଗୋଷ୍ଠୀ ଗୁଡ଼ିକର ଅକ୍ଷମତା ଅନ୍ୟତମ କାରଣ ହୋଇପାରେ । ଏହି କ୍ଷେତ୍ରରେ ଗୋଷ୍ଠୀ ଭିତ୍ତିକ ଆର୍ଥିକ କାରବାର ନିମନ୍ତେ ମହିଳା ମାନଙ୍କୁ ସଙ୍ଗଠିତ କରିବାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅଞ୍ଚଳ ବିକାଶ ଯୋଜନା **(Area Development Plan)** ପରିପ୍ରେକ୍ଷୀରେ ଏହି ଆର୍ଥିକ କାରବାର ଖୁବ୍ ଗୁରୁତ୍ୱ ବହନ କରେ । ମହିଳାମାନଙ୍କର ମିତବ୍ୟୟତା ବା ବ୍ୟୟରେ ସାବଧାନତା ଓ ଋଣ ସମବାୟ ଗଠନ ନିମନ୍ତେ କେତେକ ରାଜ୍ୟରେ କରାଯାଇଥିବା ପରୀକ୍ଷା ଅର୍ଥନୈତିକ ପ୍ରଗତି ଆଣିବାରେ ସଫଳ ହୋଇଥିଲା ।

**ଗ୍ରାମାଞ୍ଚଳ ଭୂମିହୀନ ନିଶ୍ଚିତ କର୍ମନିଯୁକ୍ତି କାର୍ଯ୍ୟକ୍ରମ Rural Landless Employment Guarantee Programme (RLEGP) :**

ଏହା ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ଆର୍ଥିକ ସହାୟତା କାର୍ଯ୍ୟକ୍ରମ ଓ ଏହା ୧୯୮୩ ମସିହାରେ ଆରମ୍ଭ ହୋଇଥିଲା । ଏହି ଯୋଜନାର ଅଧିକାଂଶ ଲକ୍ଷ୍ୟ ଓ ସର୍ତ୍ତ ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି ଯୋଜନା **(NREP)** ସହିତ

ସମାନ ଥିଲା । ଏହି ଯୋଜନା କେବଳ ଭୂମିହୀନ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟଥିଲା । ଏଥିରେ ସେମାନଙ୍କ ପାଇଁ ବାର୍ଷିକ ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତିର ବ୍ୟବସ୍ଥା ଥିଲା । ଆହୁରି ମଧ୍ୟ ସ୍ପଷ୍ଟ ଭାବରେ ନିର୍ଦ୍ଦିଷ୍ଟ କାର୍ଯ୍ୟ କଳାପ ନିମନ୍ତେ ଅର୍ଥରାଶି ବ୍ୟବସ୍ଥା ଥିଲା । ଯଥା – ସାମାଜିକ ବନୀକରଣ ନିମନ୍ତେ ୨୫ ପ୍ରତିଶତ, କେବଳ ତଫସିଲ ଭୁକ୍ତ ଜାତି ଓ ତଫସିଲ୍‌ଭୁକ୍ତ ଉପଜାତି ଉପକୃତ ହେବା ନିମନ୍ତେ ପୂର୍ତ୍ତ ବିଭାଗ ପାଇଁ ୧୦ ପ୍ରତିଶତ, ଇନ୍ଦିରାଆବାସ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ ୨୦ ପ୍ରତିଶତ । ୭ମ ଯୋଜନା କାଳରେ ଏଥି ନିମନ୍ତେ ୨,୪୧୨ କୋଟି ଟଙ୍କା ବ୍ୟୟ ହୋଇ ୧୧୫ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇ ପାରିଥିଲା ଓ ପ୍ରତ୍ୟେକ ଶ୍ରମ ଦିବସ ନିମନ୍ତେ ହାରାହାରୀ ୨୧ ଟଙ୍କା ବ୍ୟୟ କରାଯାଇଥିଲା । ସାମାଜିକ ବନୀକରଣ ନିମନ୍ତେ ମୋଟ ଅର୍ଥରାଶିର ମାତ୍ର ୧୬ ପ୍ରତିଶତ ବ୍ୟୟ କରାଯାଇଥିଲା । କିନ୍ତୁ ଗୃହ ନିର୍ମାଣରେ ୨୨ ପ୍ରତିଶତ ବ୍ୟୟ କରାଯାଇଥିଲା । ଏଥିରେ ତଫସିଲଭୁକ୍ତ ଜାତି ଓ ତଫସିଲ୍ ଭୁକ୍ତ ଉପଜାତିମାନଙ୍କ ନିମନ୍ତେ ୫ ଲକ୍ଷରୁ ଅଧିକ ଗୃହ ନିର୍ମାଣ କରାଯାଇଥିଲା ଓ ଗୋତି ଶ୍ରମିକଙ୍କୁ ମୁକ୍ତ କରାଯାଇଥିଲା । ସମୁଦାୟ ବ୍ୟୟର ୨୨ ପ୍ରତିଶତ ଗ୍ରାମ୍ୟରାସ୍ତା ନିର୍ମାଣରେ ବ୍ୟୟ ହୋଇଥିବା ବେଳେ କ୍ଷୁଦ୍ରଜଳସେଚନ, ମୃତ୍ତିକା ସଂରକ୍ଷଣ ଇତ୍ୟାଦିର ଅଂଶଧନ ଖୁବ୍ କମ୍‌ଥିଲା ।

**ଜବାହର ରୋଜଗାର ଯୋଜନା Jawahar Rozagar Yojana (JRY) :**

୭ମ ଯୋଜନା କାଳରେ ଜବାହର ରୋଜଗାର ଯୋଜନା ଆରମ୍ଭ ହୋଇଥିଲା । ନିଯୁକ୍ତି ସୁଯୋଗ ପ୍ରଦାନ ନିମନ୍ତେ ୯୩୧ ନିୟୁତ ଶ୍ରମ ଦିବସ ସୃଷ୍ଟି କରିବା ପାଇଁ ମୋଟ ୨,୬୦୦ କୋଟି ଟଙ୍କାର ଅର୍ଥରାଶି ବ୍ୟବସ୍ଥା କରାଯାଇଥିଲା । ଉତ୍ପାଦନ କ୍ଷମ କାର୍ଯ୍ୟରେ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ଏହି ଯୋଜନାର ମୂଳ ଲକ୍ଷ୍ୟଥିଲା । ଏହା ଗରିବ ମାନଙ୍କୁ ନିରନ୍ତର ଉପକାର ପ୍ରଦାନ କରିପାରେ ବା ଗ୍ରାମାଞ୍ଚଳ ଭିତ୍ତିଭୂମି ସୃଷ୍ଟି କରିପାରେ । ଏହି ଯୋଜନାରେ କେନ୍ଦ୍ରର ଅଂଶଧନ ୮୦ ପ୍ରତିଶତ ଥିବାବେଳେ ରାଜ୍ୟର ଅଂଶଧନ ପରିମାଣ ଥିଲା ୨୦ ପ୍ରତିଶତ । ଏହି **JRY** ଦେଶର ସବୁ ଗ୍ରାମରେ କାର୍ଯ୍ୟକାରୀ ହୋଇଥିଲା । ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳର ଗ୍ରାମାଞ୍ଚଳ ଗରିବ ଓ ସମଗ୍ର ଦେଶର ଗ୍ରାମାଞ୍ଚଳ ଗରିବଙ୍କ ଅନୁପାତକୁ ଆଧାରକରି କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ସହାୟତା ପ୍ରଦାନର ବ୍ୟବସ୍ଥା ଥିଲା । ଅନଗ୍ରସରତାର ସଂଖ୍ୟାଗତ ପରିମାଣକୁ ଆଧାର କରି ରାଜ୍ୟରୁ ଜିଲ୍ଲା ମାନଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥାଏ । ଏହାକୁ ନିର୍ଦ୍ଧାରଣ କରିବା ନିମନ୍ତେ ନିମ୍ନଲିଖିତ ପଦ୍ଧତି ଅବଲମ୍ବନ କରାଯାଇଥାଏ ।

୧) ଗ୍ରାମାଞ୍ଚଳର ସମୁଦାୟ ଶ୍ରମିକ ମାନଙ୍କ ମଧ୍ୟରୁ କୃଷି ଶ୍ରମିକ ମାନଙ୍କୁ ଆନୁପାତିକ ୨୦ ପ୍ରତିଶତ ଗୁରୁତ୍ୱ ।

୨) ଗ୍ରାମାଞ୍ଚଳ ସମୁଦାୟ ଜନସଂଖ୍ୟା ମଧ୍ୟରୁ **SC** ଓ **ST** ମାନଙ୍କୁ ୬୦ ପ୍ରତିଶତ ଗୁରୁତ୍ୱ ।

୩) କୃଷି ଉତ୍ପାଦନର ବ୍ୟତିରେକକୁ ୨୦ ପ୍ରତିଶତ ଗୁରୁତ୍ୱ । ରାଜ୍ୟ ସ୍ତରରେ ବ୍ୟୟ ବରାଦ ହେଉଥିବା ମୋଟ ଅର୍ଥରାଶିର ୬ପ୍ରତିଶତ ଇନ୍ଦିରା ଆବାସ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ ଚିହ୍ନ ଦେଇ ପୃଥକ କରାଯାଇଥାଏ । ଏହି ଅର୍ଥରାଶିକୁ **SC/ST** ଓ ମୁକ୍ତ ଗୋତି ଶ୍ରମିକମାନଙ୍କ ମଧ୍ୟରେ ଆବଣ୍ଟିତ ହୋଇଥାଏ । ଏତଦ୍ ବ୍ୟତୀତ, ୨୦

ପ୍ରତିଶତ ନିଯୁତ କୂପ ଯୋଜନା ନିମନ୍ତେ ଚିହ୍ନଦେଇ ପୃଥକ୍ କରାଯାଇଥାଏ। ବାସ୍ତବରେ ଏହି ଯୋଜନା **NREP** (ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି ଯୋଜନା) ଓ **RLEGP** (ଗ୍ରାମାଞ୍ଚଳ ଭୂମିହୀନ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ର ମୁଖ୍ୟ ବୈଶିଷ୍ଟ୍ୟକୁ ଆଧାର କରି ୧୯୮୮-୮୯ରେ ଆରମ୍ଭ ହୋଇଥିଲା।

କ୍ଷୁଦ୍ର ଓ ନାମମାତ୍ର କୃଷକ ବର୍ଗରେ ସ୍ଥାନିତ ଗରିବ **SC/ST** କୃଷକ ଓ ମୁକ୍ତ ଗୋତି ଶ୍ରମିକ ମାନଙ୍କୁ ମାଗଣାରେ ଖୋଲା କୂପ ଯୋଗାଇ ଦେବା ଏହି ଯୋଜନାର ଲକ୍ଷ୍ୟଥିଲା। କିନ୍ତୁ, ଯେଉଁ ସ୍ଥାନରେ କୂପ ଖନନ ସମ୍ଭବ ନୁହଁ, ସେଠାରେ ବ୍ୟୟ ବରାଦ ହୋଇଥିବା ଅର୍ଥରାଶିକୁ ଜଳ ସେଚନର ଅନ୍ୟାନ୍ୟ ଯୋଜନା ଯଥା ଜଳସେଚନ ନିମନ୍ତେ ପୋଖରୀ, ଜଳ ଅମଳ ପ୍ରକଳ୍ପ ଅଥବା ଧାର୍ଯ୍ୟ ସୀମା ବହିର୍ଭୂତ ଜମି ଓ ଭୂଦାନ ଜମି ସମେତ **SC, ST** ଓ ମୁକ୍ତ ଗୋତି ଶ୍ରମିକ ମାନଙ୍କର ଜମିର ବିକାଶ ନିମନ୍ତେ ବ୍ୟୟ କରାଯାଇ ପାରିବ।

**ଭୂ ସଂସ୍କାର (Land Reforms) :**

ଏହି ଯୋଜନା କାଳରେ ଭୂ ସଂସ୍କାର ନିମନ୍ତେ ନିମ୍ନ ଲିଖିତ ପଦକ୍ଷେପ ନିଆଯାଇଥିଲା।

୧) ମଧ୍ୟ ସତ୍ତ୍ୱାଧିକାରୀ ଉଚ୍ଛେଦ **(Abolition of intermediaries)**

୨) ପ୍ରକୃତ କୃଷକଙ୍କୁ ନିରାପତ୍ତା ସହ ରୟତ ସ୍ୱତ୍ୱ ସଂସ୍କାର।

୩) ଉଦ୍‌ବୃତ୍ତ ଜମିର ପୁନଃ ବଣ୍ଟନ।

୪) ଜମିର ଏକତ୍ରୀକରଣ।

୫) ଜମି ରେକର୍ଡ଼ର ସଦ୍ୟକରଣ **(Updating of Land records)**

**ସ୍ୱେଚ୍ଛାସେବୀ କାର୍ଯ୍ୟ (Voluntary Action) :**

ସାମାଜିକ ଓ ଅର୍ଥନୈତିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସ୍ୱେଚ୍ଛାସେବୀ ସଂସ୍ଥା ଗୁଡ଼ିକର ଗୁରୁତ୍ୱ ପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ପ୍ରଦାନ ନିମନ୍ତେ ୭ମ ପଞ୍ଚବାର୍ଷିକ ଯୋଜନା ଗ୍ରାମାଞ୍ଚଳ ବିକାଶରେ ଲୋକମାନଙ୍କର ସହଭାଗୀତା ଓ ସ୍ୱେଚ୍ଛାସେବୀ କାର୍ଯ୍ୟକଳାପ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରିଥିଲା। ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକର ଭୂମିକାକୁ ସ୍ପଷ୍ଟଭାବରେ ଉଲ୍ଲେଖ କରାଯାଇଛି। ସମନ୍ୱିତ ବିକାଶ ନିମନ୍ତେ ସେମାନେ ନୂତନ ଦିଶା ଦେଖାଇଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମର ପ୍ରଭାବ ସମ୍ପର୍କରେ ସେମାନେ ମତ ସଂଗ୍ରହ କରିଥାଆନ୍ତି ଓ ସ୍ଥାନୀୟ ଗୋଷ୍ଠୀ ଓ ସଙ୍ଗଠନ ଏବଂ ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ ଦାରିଦ୍ର୍ୟ ସୀମାରେଖା ତଳେଥିବା ଲୋକମାନଙ୍କୁ ଏହି ସବୁ କାର୍ଯ୍ୟକ୍ରମରେ ସାମିଲ କରାଇଥାଆନ୍ତି। କ୍ୟାଡ଼ର ଭିତ୍ତିକ ପ୍ରଶିକ୍ଷିତ ଅନୁପ୍ରେରକ ଓ ସାମାଜିକ ସଙ୍ଗଠନ ମାନଙ୍କର ଆବଶ୍ୟକତାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡ଼ିକର ସହାୟତାରେ ଚିହ୍ନଟ ହୋଇଥିବା

ବଛା ବଛା ବ୍ୟକ୍ତି ବିଶେଷଙ୍କୁ ତାଲିମ୍ ପ୍ରଦାନ ନିମନ୍ତେ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା । ଆହୁରି ମଧ୍ୟ, ଦାରିଦ୍ର୍ୟ ଦୂରୀକରଣ ଯୋଜନାର ଉପଭୋକ୍ତା ମାନଙ୍କୁ ସଙ୍ଗଠିତ କରିବା ନିମନ୍ତେ ଏକ ଯୋଜନା ପ୍ରସ୍ତୁତ ହୋଇଥିଲା । ୧୯୮୬-୮୭ ମସିହାଠାରୁ ୨୪ ବର୍ଷ ନିମନ୍ତେ ଅଗ୍ରାଧିକାର ଭିତ୍ତିରେ - **(Pilot-basis)** ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ୭ମ ଯୋଜନା କାଳରେ ମଧ୍ୟ ଏହି ଯୋଜନା ଚାଲୁରହିଲା । ଦାରିଦ୍ର୍ୟ ଦୂରୀକରଣ ଯୋଜନାର ହିତାଧିକାରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସେମାନଙ୍କର ସ୍ଥିତି ସୁଦୃଢ଼ କରି ସେମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଯୋଜନାର ଯେପରି ସର୍ବାଧିକ ସୁଫଳ ପାଇ ପାରିବେ, ସେଥିରେ ସେମାନଙ୍କୁ ସହାୟତା ପ୍ରଦାନ ନିମନ୍ତେ ଏହି କାର୍ଯ୍ୟକ୍ରମ ଲକ୍ଷ୍ୟ ରଖିଥିଲା । ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡ଼ିକ ସହାୟତାରେ ଆୟୋଜିତ ସଚେତନତା ସୃଷ୍ଟି ସ୍ୱୀକାର ମାଧ୍ୟମରେ ଏହି କାର୍ଯ୍ୟ ସମାପନ ହେବାର ଥିଲା ।

## ୩.୯ ଅଷ୍ଟମ ପଞ୍ଚ ବାର୍ଷିକ ଯୋଜନା (୧୯୯୨-୯୭)

ଏହି ପଞ୍ଚବାର୍ଷିକ ଯୋଜନାରେ ଦାରିଦ୍ର୍ୟ ଦୂରୀକରଣ ବିକାଶମୂଳକ ଯୋଜନାର ମୁଖ୍ୟ ପ୍ରସଙ୍ଗ ହିସାବରେ ବଳବତ୍ତର ରହିଲା । ନିଯୁକ୍ତି ସୁଯୋଗର ସଂପ୍ରସାରଣ, ଉତ୍ପାଦିକା ବୃଦ୍ଧି ସହିତ ଉଭୟ ଅଣ ନିଯୁକ୍ତ ଓ ନିଯୁକ୍ତ ଗରିବ ଲୋକଙ୍କର ଆୟବୃଦ୍ଧି ଘଟାଇବା ଅଷ୍ଟମ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଲକ୍ଷ୍ୟଥିଲା । ଅଷ୍ଟମ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମାଞ୍ଚଳ ବିକାଶର ଭିତ୍ତିଭୂମିକୁ ପରିବର୍ଦ୍ଧିତ କରି ଗ୍ରାମାଞ୍ଚଳ ଭିତ୍ତିଭୂମି ନିର୍ମାଣ ନିମନ୍ତେ ସମ୍ବଳର ବିନିଯୋଗ କରାଯାଇଥିଲା । ଏହା ଅଧିକ ନିରନ୍ତର ନିଯୁକ୍ତି ଓ ବିକାଶ ନିମନ୍ତେ ମୌଳିକ ପ୍ରାକ୍ - ଆବଶ୍ୟକତା । ଏହି ଯୋଜନାରେ ସବୁଦିନିଆ ରାସ୍ତା ମୁଖ୍ୟତଃ ଆଦିବାସୀ ଅଞ୍ଚଳ, ପାର୍ବତ୍ୟ ଓ ମରୁଭୂମି ଅଞ୍ଚଳର ରାସ୍ତା ଉପରେ ଅଗ୍ରାଧିକାର ଦିଆଯାଇଥିଲା । କାରଣ ଏହି ଅଞ୍ଚଳ ଗୁଡ଼ିକରେ ବଜାର ବ୍ୟବସ୍ଥା, ତଥ୍ୟପ୍ରାପ୍ତି ବ୍ୟବସ୍ଥା ଓ ମତାମତ ପ୍ରଦାନ ବ୍ୟବସ୍ଥାର ଘୋର ଅଭାବ ରହିଥିଲା । ବଳକା ଜଳର ସଂରକ୍ଷଣ ନିମନ୍ତେ କ୍ଷୁଦ୍ରଜଳସେଚନ କାର୍ଯ୍ୟ ଓ ଜଳ ଅମଳ ପ୍ରକଳ୍ପର ଅତ୍ୟନ୍ତ ଆବଶ୍ୟକତା ଥିଲା । ମୃତ୍ତିକା ସଂରକ୍ଷଣ ଓ ସାମାଜିକ ବନୀକରଣ ନିମନ୍ତେ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ ହୋଇଥିଲା । ଆବଶ୍ୟକୀୟ ସ୍ଥାନମାନଙ୍କରେ ବିଦ୍ୟାଳୟ ଗୃହ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପକେନ୍ଦ୍ର ନିର୍ମାଣକୁ ଦୀର୍ଘମିଆଦୀ ସୂତ୍ରରେ ଗ୍ରହଣ କରାଯାଇଥିଲା ।

**ଭୂ ସଂସ୍କାର (Land Reforms) :**

ଜମି ହେଉଛି ଗ୍ରାମାଞ୍ଚଳ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳ । ଯଦି ବର୍ତ୍ତମାନର କୃଷିଭିତ୍ତିକ ବୈଷୟିକ ଜ୍ଞାନକୁ ଦେଖିବା ତେବେ ଖଣ୍ଡିଏ କ୍ଷୁଦ୍ର କୃଷିକ୍ଷେତ୍ର ଉଭୟ ନିଯୁକ୍ତି ଓ ପରିବାରର ଆୟ ପ୍ରଦାନ କରିଥାଏ । ସ୍ୱାଧୀନତା ପ୍ରାପ୍ତି ସମୟରେ ଭୂ ସଂସ୍କାରର ଆବଶ୍ୟକତାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା ଏବଂ ପରବର୍ତ୍ତୀ ପଞ୍ଚବାର୍ଷିକ ଯୋଜନାରେ ଏହାକୁ ପୁନରାବୃତ୍ତି କରାଯାଇଥିଲା । ୭ମ ପଞ୍ଚବାର୍ଷିକ ଯୋଜନାରେ ଏହାକୁ ପୁନରାବୃତ୍ତି କରାଯାଇଥିଲା । ୭ମ ପଞ୍ଚବାର୍ଷିକ ଯୋଜନା ଭୂ ସଂସ୍କାରକୁ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ଚିତ୍ରଣ କରିଥିଲା । ଭୂ ସଂସ୍କାରର ଗୁରୁତ୍ୱ ଏବେ ମଧ୍ୟ ବଳବତ୍ତର ରହିଛି । ଏଥିରେ ଥିବା ମୁଖ୍ୟ ନୀତି ଗୁଡ଼ିକ ହେଉଛି, - ମଧ୍ୟ ସତ୍ତ୍ୱାଧିକାରୀ ଉଚ୍ଛେଦ, ଭାଗଚାଷୀ ମାନଙ୍କ ନିମନ୍ତେ

ସମୟର ନିରାପତ୍ତା, ଚାଷଜମିର ପରିମାଣ ଧାର୍ଯ୍ୟକରି ବଳକା ବା ଉଦ୍‌ବୃତ୍ତ ଜମିର ପୁନର୍ବଣ୍ଟନ, ଜମିର ଏକତ୍ରୀକରଣ ଓ ଜମିଜମା ରେକର୍ଡ଼ର ସଦ୍ୟକରଣ। ଭୂ ସଂସ୍କାର ନୀତିର ଲକ୍ଷ୍ୟ ହାସଲ ପଥରେ ଥିବା ପ୍ରତିବନ୍ଧକକୁ ଦୂର କରିବା ନିମନ୍ତେ ୮ମ ପଞ୍ଚବାର୍ଷିକ ଯୋଜନା ଘୋଷଣା କରିଥିଲା। ପ୍ରଥମତଃ ଏହା ଏକ ପରିବେଶ ସୃଷ୍ଟି କରିବାର ଲକ୍ଷ୍ୟ ରଖିଥିଲା, ଯେଉଁଠାରେ ପ୍ରକୃତ କୃଷକମାନେ ସେମାନଙ୍କର ଅଧିକାର ବିଷୟରେ ସଚେତନ ହୋଇପାରିବେ ଓ ନିଜର ହକ୍ ପାଇଁ ଦାବୀ ଉପସ୍ଥାପନ ନିମନ୍ତେ ଯୋଗ୍ୟ ହୋଇପାରିବେ।

ଦ୍ୱିତୀୟତଃ, ଉଦ୍‌ବୃତ୍ତ ଜମିକୁ ଖୁବ୍ ଶିଘ୍ର ଚିହ୍ନଟ କରିବା ନିମନ୍ତେ ପଦକ୍ଷେପ ନେବା ନିମନ୍ତେ ଉତ୍ସାହିତ କରିବା।

ତୃତୀୟତଃ, ନୂତନଭାବେ ଅଧିଗ୍ରହଣ କରାଯାଉଥିବା ଜମି ଲାଭଦାୟକ କୃଷିକାର୍ଯ୍ୟ ନିମନ୍ତେ ଉପଯୁକ୍ତ ବୋଲି ସୁନିଶ୍ଚିତ କରାଯିବା ଆବଶ୍ୟକ। ଏହାଦ୍ୱାରା ଦାରିଦ୍ର୍ୟ ଦୂରୀକରଣ ଓ ଉତ୍ପାଦନ ବୃଦ୍ଧି ଭଳି ଦୁଇଟି ଲକ୍ଷ୍ୟ ହାସଲ କରାଯାଇପାରିବ। ଜମିଜମା ରେକର୍ଡ଼ ଓ ଦକ୍ଷତା ପରିଚାଳନା ଏବଂ ନିମ୍ନସ୍ତରର ଥିବା ସରକାରୀ କଳର ଦକ୍ଷତାକୁ ଆବଶ୍ୟକୀୟ ସମ୍ବଳ ଯୋଗାଣ ସହ ଆଧୁନିକୀକରଣ କରାଯିବା ଆବଶ୍ୟକ। ଯଦ୍ୱାରା ସେମାନେ ଅନ୍ତରାୟ ସୃଷ୍ଟି କରିବା ବଦଳରେ ସମଭାବାପନ୍ନ କୃଷି ଭିତ୍ତିକ ବ୍ୟବସ୍ଥାର କ୍ରମ ବିକାଶରେ ସହାୟକ ହୋଇପାରିବେ। ନିମ୍ନଲିଖିତ ଲକ୍ଷ୍ୟଗୁଡ଼ିକୁ ଆଖି ଆଗରେ ରଖି ଭୂ ସଂସ୍କାର କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଥିଲା।

୧) କୃଷିଭିତ୍ତିକ ସାମାଜିକ ବ୍ୟବସ୍ଥା ହାସଲ ନିମନ୍ତେ କୃଷି ଭିତ୍ତିକ ସମ୍ପର୍କର ପୁର୍ନଗଠନ।

୨) ଜମିଜମା ସମ୍ପର୍କରେ ଶୋଷଣର ନିରାକରଣ।

୩) 'ଚାଷୀକୁ ଜମି', ଲକ୍ଷ୍ୟ ପୂରଣ।

୪) ଜମିର ଭିତ୍ତିଭୂମିକୁ ପ୍ରସାରିତ କରି ଗ୍ରାମାଞ୍ଚଳ ଦରିଦ୍ର ଲୋକଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାରେ ଉନ୍ନତି।

୫) କୃଷି ଉତ୍ପାଦିକା ଶକ୍ତି ଓ ଉତ୍ପାଦନ ବୃଦ୍ଧି।

୬) ଗ୍ରାମାଞ୍ଚଳ ଦରିଦ୍ର ଲୋକଙ୍କ ଜମି-ଭିତ୍ତିକ ବିକାଶକୁ ସୁଗମ କରିବା।

୭) ସ୍ଥାନୀୟ ଅନୁଷ୍ଠାନରେ ସମାନତାର ମୁଖ୍ୟ ପଦକ୍ଷେପର ପ୍ରବେଶ।

**ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ (Intergrated Rural Development Programme)**

ଅଷ୍ଟମ ପଞ୍ଚବାର୍ଷିକ ଯୋଜନା କାଳରେ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମରେ (ଉଭୟ କେନ୍ଦ୍ର ଓ ରାଜ୍ୟ) ମୋଟ ୫୦୪୮,୨୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। କିନ୍ତୁ ସମୁଦାୟ ଖର୍ଚ୍ଚ ୧୧,୫୪୧,୦୬ କୋଟିରେ ପହଞ୍ଚିଥିଲା। ପରିମାଣତ୍ମକ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଏହି ଯୋଜନାରେ ୧୦.୮୨ ନିୟୁତ ପରିବାରକୁ ସାମିଲ୍ କରାଯାଇ ପାରିଥିଲା। କିନ୍ତୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ସମଗ୍ର ଯୋଜନା କାଳରେ ୧୨.୬ ନିୟୁତ ପରିବାରକୁ ସାମିଲ କରିବା ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଯାହାହେଉ, ୧୯୯୫-

୯୬ ମସିହାଠାରୁ ଏହି ଯୋଜନାରେ ଥିବା ବାସ୍ତବ ଧାର୍ଯ୍ୟ ଲକ୍ଷ୍ୟକୁ ଉଚ୍ଛେଦ କରାଯାଇ ଆର୍ଥିକ ଧାର୍ଯ୍ୟ ଲକ୍ଷ୍ୟ ଓ ଗୁଣାତ୍ମକ ସଫଳତା ଉପରେ ଗୁରୁତ୍ୱ ପ୍ରଦାନ କରାଗଲା ।

ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପରିବାର ଗୁଡ଼ିକ ମଧ୍ୟରୁ ୫୦.୦୬ ପ୍ରତିଶତ ଥିଲେ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତି ଏବଂ ମହିଳା ମାନଙ୍କର ସଂଖ୍ୟାଥିଲା ୩୩.୫୯ ପ୍ରତିଶତ । ମହିଳା ମାନଙ୍କ ନିମନ୍ତେ ଥିବା ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟଠାରୁ ଏହା କମ୍‌ଥିଲା । **IRDP** ଯୋଜନାର ଗଭୀର ଅନୁଶୀଳନ ନିମନ୍ତେ ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟର ଅନୁରୋଧ କ୍ରମେ ଭାରତୀୟ ରିଜର୍ଭ ବ୍ୟାଙ୍କ ୧୯୯୩ ମସିହାରେ ଏହାର ଡେପୁଟି ଗଭର୍ଣ୍ଣର **Dr. D.R. Mehta** ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲା । ଏହି ଯୋଜନାର ଅଗ୍ରଗତି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ସୁପାରିଶ କରିବା ନିମନ୍ତେ ଏହି କମିଟିକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଉପଯୁକ୍ତ ଆୟ ସୃଷ୍ଟିକାରୀ ମାଧ୍ୟମ ଚୟନ,ଋଣ ବ୍ୟବସ୍ଥା, ଋଣ ପରିଶୋଧ, ଋଣ ପାଇବାର ମାଧ୍ୟମ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସାମ୍ପ୍ରତିକ ପ୍ରଶାସନିକ ଗଠନ ପ୍ରଣାଳୀର ଯଥାର୍ଥତା ସମ୍ପର୍କରେ ପର୍ଯ୍ୟାଲୋଚନା କରିବା ନିମନ୍ତେ ଏହି କମିଟିକୁ ଅନୁରୋଧ କରାଯାଇଥିଲା । ଏହି ଉଚ୍ଚସ୍ତରୀୟ କମିଟିର ସୁପାରିଶ ଅନୁସାରେ ଅଷ୍ଟମ ପଞ୍ଚବାର୍ଷିକ ଯୋଜନା କାଳରେ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଅଧୀନରେ ସରକାର କେତେକ ନୂତନ ଉଦ୍ୟମ ଆରମ୍ଭ କରିଥିଲେ ।

କ) ଦାରିଦ୍ର୍ୟ ସୀମାରେଖା ତଳେଥିବା ଶିକ୍ଷିତ ବେକାର ଯୁବକ ଯୁବତୀ ମାନଙ୍କୁ ୭,୫୦୦ ଟଙ୍କା ବା ପ୍ରକଳ୍ପ ଖର୍ଚ୍ଚର ୫୦ ପ୍ରତିଶତ ରିହାତି (ଯେଉଁଟି କମ୍) ପ୍ରଦାନ କରି ସେମାନଙ୍କୁ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମରେ ସାମିଲ୍ କରିବା ନିମନ୍ତେ ପ୍ରୟାସ କରାଯାଇଥିଲା ।

ଖ) ରିହାତି ପରିମାଣର ସୀମାକୁ ୧.୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରି କିମ୍ବା ପ୍ରକଳ୍ପ ଖର୍ଚ୍ଚର ପରିମାଣ ୫୦ ପ୍ରତିଶତ ବୃଦ୍ଧିକରି ସର୍ବ ନିମ୍ନ ୫ଜଣ ସଦସ୍ୟ ବିଶିଷ୍ଟ ଗୋଷ୍ଠୀର କାର୍ଯ୍ୟକଳାପକୁ ବୃଦ୍ଧି କରିବା ନିମନ୍ତେ ଉଦ୍ୟମ କରାଯାଇଥିଲା ।

ଗ) ରିହାତି ପରିଚାଳନାରେ ଗୁପ୍ତତଥ୍ୟର ପ୍ରକାଶକୁ ପ୍ରତିହତ କରିବା ନିମନ୍ତେ ରିହାତିର ପରିସମାପ୍ତି ।

ଘ) କାର୍ଯ୍ୟକ୍ରମ ଭିତ୍ତିଭୂମି ନିମନ୍ତେ ଥିବା ଅର୍ଥରାଶିର ସୀମାକୁ ସମସ୍ତ ରାଜ୍ୟ ଗୁଡ଼ିକରେ ୧୦ରୁ ୨୦ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା । କିନ୍ତୁ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମାନଙ୍କରେ ଏହା ୨୫ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା । ଅଷ୍ଟମ ପଞ୍ଚ ବାର୍ଷିକ ଯୋଜନା କାଳରେ ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନାର କାର୍ଯ୍ୟକଳାପ ଉଲ୍ଲେଖନୀୟ ଭାବରେ ବହୁମୁଖୀ ହୋଇପାରିଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଯୋଜନାର ଅର୍ଦ୍ଧାଧିକ ହିତାଧିକାରୀ ପ୍ରାଥମିକ କ୍ଷେତ୍ରର କାର୍ଯ୍ୟକଳାପକୁ ପସନ୍ଦ କରିଥିଲେ । ୧୯୮୦-୮୧ ରେ ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନାର ବିଭାଗୀୟ କାର୍ଯ୍ୟକଳାପ ଗୁଡ଼ିକ ପ୍ରାଥମିକ କ୍ଷେତ୍ର ଆଡ଼କୁ ଅଗ୍ରସର ହେଉଥିଲା । ପ୍ରାଥମିକ କ୍ଷେତ୍ର ନିମନ୍ତେ

୯୩.୫୬ % ଓ ମାଧ୍ୟମିକ କ୍ଷେତ୍ର ନିମନ୍ତେ ଅଂଶଧନ ୨.୩୨% ଥିବା ବେଳେ ତୃତୀୟକ କ୍ଷେତ୍ର ନିମନ୍ତେ ଏହା ୪.୧୨% ଭାଗଥିଲା ।

ବର୍ଷ ବର୍ଷ ଧରି ପ୍ରାଥମିକ ସ୍ତରର ଅଂଶଧନ ହ୍ରାସପାଇ ଏହା ବର୍ତ୍ତମାନ ୫୫%ରେ ପହଞ୍ଚିଛି । ଠିକ୍ ସେହିଭଳି ମାଧ୍ୟମିକ ଓ ତୃତୀୟକ କ୍ଷେତ୍ରରେ ଅଂଶଧନ ଆନୁପାତିକ ଭାବରେ ଯଥାକ୍ରମେ ୧୫% ଓ ୩୦% କୁ ବୃଦ୍ଧି ପାଇଛି ।

**ଗ୍ରାମାଞ୍ଚଳ ଯୁବକ ଯୁବତୀ ମାନଙ୍କ ଆତ୍ମନିଯୁକ୍ତି ପ୍ରଶିକ୍ଷଣ Training of Rural Youth for Self-Employment (TRYSEM) :**

ଏହି କାର୍ଯ୍ୟକ୍ରମକୁ ମଜଭୁତ କରିବା ନିମନ୍ତେ ୮ମ ଯୋଜନା କାଳରେ ଅନେକ ଉଦ୍ୟମ କରାଯାଇଥିଲା । ଯଥା – ବୃତ୍ତି **(Stipend)** ଓ ପାରିଶ୍ରମିକ ମୂଲ୍ୟରେ ବୃଦ୍ଧି, ଶିଳ୍ପ ତାଲିମ୍ କେନ୍ଦ୍ର, କମ୍ୟୁନିଟି ପଲିଟେକ୍‌ନିକ ଓ କୃଷି ବିଜ୍ଞାନ କେନ୍ଦ୍ର ଭଳି ପ୍ରତିଷ୍ଠିତ ଓ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନ ମାଧ୍ୟମରେ ବୃତ୍ତିଗତ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀ ମାନଙ୍କୁ ନେଇ ଉତ୍ପାଦିକା ଗୋଷ୍ଠୀ ଗଠନ କରି ବିଭିନ୍ନ ଆଧୁନିକ ଦ୍ରବ୍ୟ ଉତ୍ପାଦନ ନିମନ୍ତେ ଉତ୍ସାହିତ କରିବା, ଗ୍ରାମାଞ୍ଚଳ ଯୁବକ ଯୁବତୀ ମାନଙ୍କ ପାଇଁ ପ୍ରଶିକ୍ଷଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ବ୍ଲକ୍ ସ୍ତରରେ କ୍ଷୁଦ୍ର ଶିଳ୍ପ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା ଇତ୍ୟାଦି ।

**ଜବାହର ରୋଜଗାର ଯୋଜନା (JRY) :** ଅଷ୍ଟମ ପଞ୍ଚବାର୍ଷିକ ଯୋଜନା କାଳରେ ଜବାହର ରୋଜଗାର ଯୋଜନାକୁ ଆଉଥରେ ସକ୍ରିୟ କରାଯାଇଥିଲା । ପରିବର୍ତ୍ତିତ ଯୋଜନାନୁସାରେ ଜବାହର ରୋଜଗାର ଯୋଜନାର ପ୍ରଥମ ସୋପାନ ପୂର୍ବପରି ବଳବତ୍ତର ରହିଲା । କିନ୍ତୁ ଏହି ଯୋଜନାରେ ପୂର୍ବରୁ ଉପଯୋଜନାଥିବା ଇନ୍ଦିରା ଆବାସ ଯୋଜନା ଓ ନିୟୁତ କୂପ ଯୋଜନାକୁ ସ୍ୱାଧୀନ ଓ ସ୍ୱତନ୍ତ୍ର ଯୋଜନା ବା କାର୍ଯ୍ୟକ୍ରମରେ ପରିଣତ କରାଗଲା । ଦେଶର ୧୨୦ ଟି ପଛୁଆ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜବାହର ରୋଜଗାର ଯୋଜନାର ଦ୍ୱିତୀୟ ପରିଯୋଜନାକୁ ୧୯୯୩-୯୪ ମସିହାଠାରୁ ଦେଶର ବଛା ବଛା ୧୯୭୫ ଟି ପଛୁଆ ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ନିଯୁକ୍ତି ପ୍ରତିଶ୍ରୁତି ଯୋଜନା ସହିତ ମିଶାଇ ଦିଆଗଲା । କାରଣ ଉଭୟ ଯୋଜନାରେ ସାମଞ୍ଜସ୍ୟତା ଥିଲା । ଜବାହର ରୋଜଗାର ଯୋଜନାର ୩ୟ ପରିଯୋଜନା ନୂତନ ଭାବରେ ପ୍ରଚଳିତ ପ୍ରକଳ୍ପ ଉପରେ ଗୁରୁତ୍ୱ ପ୍ରଦାନ କରି ଚାଲୁ ରହିଲା । ଏହି ଭଳି ଭାବରେ ଜବାହର ରୋଜଗାର ଯୋଜନା ବର୍ତ୍ତମାନ ଦୁଇଟି ଭାଗରେ କାର୍ଯ୍ୟକାରୀ ହେଉଅଛି । ସେଗୁଡ଼ିକ ହେଲା – (୧) ଜବାହର ରୋଜଗାର ଯୋଜନା (ମୁଖ୍ୟ ଯୋଜନା) ଓ (୨) ସ୍ୱତନ୍ତ୍ର ଏବଂ ପରିବର୍ତ୍ତନଶୀଳ ପ୍ରକଳ୍ପ **(Special and Innovative Project)**।

**ନିଯୁକ୍ତି ପ୍ରତିଶ୍ରୁତି ଯୋଜନା :** ସାଧାରଣ ବଣ୍ଟନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିବା ମରୁଡ଼ି ପ୍ରବଣ ଅଞ୍ଚଳ, ମରୁଭୂମି, ଆଦିବାସୀ ଅଞ୍ଚଳ ଓ ପାର୍ବତ୍ୟ ଅଞ୍ଚଳରୁ ଚିହ୍ନଟ ହୋଇଥିବା ୧୭୭୫ ଟି ପଛୁଆ ବ୍ଲକ୍‌ରେ ୧୯୯୩ ମସିହା ଅକ୍ଟୋବର ୨ ତାରିଖରେ ନିଯୁକ୍ତି ପ୍ରତିଶ୍ରୁତି ଯୋଜନା ଆରମ୍ଭ କରାଯାଇଥିଲା । ପରବର୍ତ୍ତୀ ସମୟରେ,

ଏହି ଯୋଜନାକୁ ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ ବା ମରୁଭୂମି ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ନିମନ୍ତେ ଚିହ୍ନଟ ହୋଇଥିବା ବ୍ଲକ୍, ବହୁଳ ସଂଖ୍ୟାରେ ବସବାସ କରୁଥିବା ଆଦିବାସୀ ଅଞ୍ଚଳ ହିସାବରେ ପରିବର୍ତ୍ତିତ ଅଞ୍ଚଳ ବିକାଶ ନୀତି କାର୍ଯ୍ୟକାରୀ ହେବା ନିମନ୍ତେ ଚିହ୍ନଟ ହୋଇଥିବା ବ୍ଲକ ଓ ଉତ୍ତର ପ୍ରଦେଶ, ବିହାର, ଆସାମ ଓ ଜାମ୍ମୁ-କାଶ୍ମୀରର ବନ୍ୟା ପ୍ଲାବିତ ଅଞ୍ଚଳର ବ୍ଲକ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା । ଏହା ସହିତ ନିଯୁକ୍ତି ପ୍ରତିଶ୍ରୁତି ଯୋଜନା କାର୍ଯ୍ୟକାରୀ ହୋଇନଥିବା କିନ୍ତୁ ଜବାହର ରୋଜଗାର ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ ହୋଇଥିବା ୭୨୨ଟି ବ୍ଲକ୍‌କୁ ଏହି ଯୋଜନାରେ ସାମିଲ କରାଯାଇଥିଲା । ୧୯୯୭ ମସିହା ଏପ୍ରିଲ ୧ ତାରିଖଠାରୁ ଏହି ନିଯୁକ୍ତି ପ୍ରତିଶ୍ରୁତି କାର୍ଯ୍ୟକ୍ରମରେ ଦେଶର ସମସ୍ତ ଗ୍ରାମାଞ୍ଚଳ ବ୍ଲକ୍ ଗୁଡ଼ିକୁ ସାମିଲ କରାଯାଇଛି । ଅଣକୃଷି ଋତୁରେ ନିଯୁକ୍ତି ଓ ରୋଜଗାର ଚାହୁଁଥିବା ୧୮ ବର୍ଷରୁ ଊର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ୍ ବୟସର ସମସ୍ତ ବ୍ୟକ୍ତିମାନଙ୍କୁ ଶ୍ରମ ଭିତ୍ତିକ ସାମାଜିକ ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟରେ ୧୦୦ ଦିନର ଶ୍ରମଦିବସ ଯୋଗାଇ ଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ । ଜିଲ୍ଲାପାଳ ମାନେ ଏହି କାର୍ଯ୍ୟ ଗୁଡ଼ିକୁ ଚୟନ କରିବେ ଓ ବିଭିନ୍ନ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ନେବେ । ଏହା ଏଭଳି କାର୍ଯ୍ୟକାରୀ ହେବ ଯେପରି ମଜୁରୀ ଓ ଅଣ-ମଜୁରୀର ଅନୁପାତ ୬୦ : ୪୦ ହେବ । ଯେଉଁ ବିଭାଗ ବା କାର୍ଯ୍ୟ ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ ହୁଏ, ସେଗୁଡ଼ିକ ହେଉଛି - ଜଳ ବିଭାଜିକା ବିକାଶ (୫୦%), ମରୁଡ଼ି ପ୍ରବଣ ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିବା ବ୍ଲକ୍‌ରେ କୃଷି ତଥା ଉଦ୍ୟାନ କୃଷି, କ୍ଷୁଦ୍ର ଜଳସେଚନ କାର୍ଯ୍ୟ (୧୦%) ଏବଂ ବନୀକରଣ, କୃଷି ଏବଂ ଉଦ୍ୟାନ କୃଷି ଓ ଟସର ଚାଷ (୪୦%) ଏବଂ ମରୁଡ଼ି ପ୍ରବଣ ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉ ନଥିବା ବ୍ଲକ୍‌ରେ କ୍ଷୁଦ୍ର ଜଳସେଚନ କାର୍ଯ୍ୟରେ ୨୦% । ଏହା ସହିତ, ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ସଂଯୋଗୀକାରୀ ରାସ୍ତା ନିମନ୍ତେ ମଧ୍ୟ ନିର୍ଦ୍ଦିଷ୍ଟ ଅର୍ଥବ୍ୟୟ ବରାଦ ହୋଇଥାଏ, ଯାହାର ପରିମାଣ ହେଉଛି ୨୦% । ଜିଲ୍ଲାରେ ଗ୍ରାମାଞ୍ଚଳର ଆବଶ୍ୟକତା ଅନୁଭବ କରାଯାଉଥିବା ସାଧାରଣ ଗୋଷ୍ଠୀ କେନ୍ଦ୍ରର କୋଠାଘର ନିର୍ମାଣ ନିମନ୍ତେ ୨୦% । ନିଯୁକ୍ତି ସୁଯୋଗ ଦେବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କର ପଞ୍ଜୀକରଣ ନିମନ୍ତେ ଗ୍ରାମ ପଞ୍ଚାୟତ ଗୁଡ଼ିକୁ ସାମିଲ କରାଯାଇଥାଏ ଏବଂ ଏହି ପଞ୍ଚାୟତଗୁଡ଼ିକ ଏହି ରେଜିଷ୍ଟରକୁ ପରିଚାଳନା କରନ୍ତି । ଗ୍ରାମପଞ୍ଚାୟତ ଗୁଡ଼ିକ ମଧ୍ୟ ଏହି କାର୍ଯ୍ୟଗୁଡ଼ିକୁ ତଦାରଖ କରିବା ସହ ଏଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି । ଏହି ଯୋଜନାରେ ଗୋଟିଏ ପରିବାରର ସର୍ବାଧିକ ଦୁଇଜଣ ବ୍ୟକ୍ତିଙ୍କୁ ସାମିଲ କରାଯାଇଥାଏ । ଏହି ଯୋଜନାରେ ପଞ୍ଜିକୃତ ହୋଇଥିବା ଆବେଦନକାରୀଙ୍କୁ ଗୋଟିଏ ପରିବାର କାର୍ଡ଼ **(Family Card)** ପ୍ରଦାନ କରାଯାଇଥାଏ । ଏଥିରେ ନିଯୁକ୍ତି ପାଇଥିବା ଦିବସ ସଂଖ୍ୟା ଓ ସେମାନଙ୍କୁ ପ୍ରଦାନ କରାଯାଇଥିବା ନିଯୁକ୍ତିର ସମୟ ବା ତାରିଖକୁ ଲିପିବଦ୍ଧ କରାଯାଇଥାଏ ।

**ନିୟୁତ କୂପ ଯୋଜନା : Million Wells Scheme (MWS) :**

ଭାରତରେ ୨ ହେକ୍ଟରରୁ କମ୍ ଚାଷଜମି ଥିବା କୃଷକମାନଙ୍କର ସମୁଦାୟ ଚାଷଜମିର ପ୍ରାୟ ୭୮% ଅଂଶରେ ମାଲିକାନା ସତ୍ତ୍ୱ ରହିଛି । କିନ୍ତୁ ୧୯୯୦-୯୧ କୃଷି ଗଣନାନୁସାରେ ସେମାନେ ନିଜ ମାଲିକାନା

ସତ୍ତ୍ୱରେ ଥିବା ଚାଷଜମିର ପ୍ରାୟ ୩୨.୨% ଅଂଶରେ ଚାଷ କରିଥାନ୍ତି। ଏହାର ମୁଖ୍ୟ କାରଣ ହେଉଛି ଜଳ ସେଚନର ଅଭାବ। ଏହି ଚାଷଜମିର ଉତ୍ପାଦିକାଶକ୍ତି ବୃଦ୍ଧି କରିବା ନିମନ୍ତେ ସେମାନଙ୍କୁ ଜଳ ଯୋଗାଣର ଉତ୍ସକୁ ସୁନିଶ୍ଚିତ କରିବାକୁ ହେବ। ଗ୍ରାମାଞ୍ଚଳର ଦୁର୍ଗମ ଅଞ୍ଚଳରେ କୂପ ମାଧ୍ୟମରେ ଭୂତଳ ଜଳର ବ୍ୟବହାର ଜଳ ଯୋଗାଣର ମୁଖ୍ୟ ଉତ୍ସ। କାରଣ ଏହି ଅଞ୍ଚଳ ଗୁଡ଼ିକରେ କେନାଲ ବା ବଡ଼ ବଡ଼ ପୋଖରୀରେ ଜଳ ସଂରକ୍ଷିତ କରି ଜଳଯୋଗାଣ ସମ୍ଭବ ହୋଇନଥାଏ। ସେଚକୂପ ନିମନ୍ତେ ପୁଞ୍ଜି ବିନିଯୋଗର ପରିମାଣ ଯଥେଷ୍ଟ ଅଧିକ ହୋଇଥିଲେ ମଧ୍ୟ ଏହାର ଯଥେଷ୍ଟ ଉପକାରିତା ଥାଏ। ଯଥା- ଏହାକୁ ପରିଚାଳନା କରିବା ସହଜସାଧ୍ୟ, ଉତ୍ସ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ, ଜଳ ସେଚନର ସମୟ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ଓ ବ୍ୟବହାରିକ କ୍ଷତିର ସ୍ୱଳ୍ପତା।

ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି ଯୋଜନା **(NREP)** ଓ ଗ୍ରାମାଞ୍ଚଳ ଭୂମିହୀନ ନିଶ୍ଚିତ କର୍ମନିଯୁକ୍ତି ଯୋଜନା **(RLEGP)** ର ଏକ ଉପ-ଯୋଜନା ହିସାବରେ ୧୯୮୮-୮୯ ମସିହାରେ ଏହି ନିୟୁତ କୂପ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ୧୯୮୯ ମସିହାରେ ଜବାହର ରୋଜଗାର ଯୋଜନା ସହ ଏହି ଦୁଇଟି ଯୋଜନାର ମିଶ୍ରଣ ହେବାପରେ ନିୟୁତ କୂପ ଯୋଜନା ଜବାହର ରୋଜଗାର ଯୋଜନାର ଏକ ଉପଯୋଜନା ଭାବରେ ୧୯୯୫ ମସିହା ଡିସେମ୍ବର ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଲା। ପୁଣି ଏହାକୁ ଜବାହର ରୋଜଗାର ଯୋଜନା **(JRY)** ରୁ କାଢ଼ି ନିଆଯାଇ ୧.୧.୧୯୮୬ ଠାରୁ ଏକ ସ୍ୱତନ୍ତ୍ର ଯୋଜନା ଭାବେ କାର୍ଯ୍ୟକାରୀ କରାଗଲା।

ପ୍ରାରମ୍ଭକ ଅବସ୍ଥାରେ ଗରିବ, ତଫସିଲ୍‌ଭୁକ୍ତ ଜାତି, ତଫସିଲ୍‌ଭୁକ୍ତ ଉପଜାତି ଓ ମୁକ୍ତ ହୋଇଥିବା ଗୋତିଶ୍ରମିକ ମାନଙ୍କୁ ଜବାହର ରୋଜଗାର ଯୋଜନାର ୨୦% ଅର୍ଥରାଶିରେ ମାଗଣାରେ ସେଚକୂପ ଯୋଗାଇ ଦେବା ନିମନ୍ତେ ପରିକଳ୍ପନା କରାଯାଇଥିଲା। ନଳକୂପ କିମ୍ବା ଖନନ ଗଭୀର ନଳକୂପ **(Borewells)** କୁ ଏହି ଯୋଜନାରେ ଅନୁମତି ପ୍ରଦାନ କରାଯାଏ ନାହିଁ। ଭୌଗୋଳିକ କାରଣରୁ ଯେଉଁ ସ୍ଥାନଗୁଡ଼ିକରେ କୂପଖନନ ସମ୍ଭବ ହୋଇପାରେ ନାହିଁ, ସେଠାରେ ଜଳସେଚନ ନିମନ୍ତେ ପୋଖରୀ, ବାନ୍ଧ, ଜଳ ଅମଳ ପ୍ରକଳ୍ପ ଓ ଏପରିକି କ୍ଷୁଦ୍ର ଓ ନାମମାତ୍ର କୃଷକ ମାନଙ୍କର ଜମିର ବିକାଶ ଭଳି ଅନ୍ୟାନ୍ୟ କ୍ଷୁଦ୍ର ଜଳସେଚନ କାର୍ଯ୍ୟ ହାତକୁ ନିଆଯାଇଥାଏ। ୧୯୯୩-୯୪ ମସିହାଠାରୁ ଏହି ନିୟୁତ କୂପ ଯୋଜନାର ପରିସରକୁ ବ୍ୟାପକ କରାଯାଇ ଏଥିରେ ଅଣ -ତଫସିଲ୍‌ଭୁକ୍ତ ଜାତି ଓ ଉପଜାତିର ଦାରିଦ୍ର୍ୟ ସୀମାରେଖା ତଳେ ଥିବା କ୍ଷୁଦ୍ର ଓ ନାମମାତ୍ର କୃଷକ ମାନଙ୍କୁ ସାମିଲ କରାଗଲା ଓ ସେମାନଙ୍କୁ ଗ୍ରାମର ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ **(IRDP)** ର ପଞ୍ଜିକା ପୁସ୍ତକ **(Register)** ରେ ସଂଯୋଗ କରାଗଲା। ୧୯୯୩-୯୪ ଆର୍ଥିକ ବର୍ଷରେ ଅଣ- ତଫସିଲ୍‌ଭୁକ୍ତ ଜାତି ଓ ଉପଜାତି ମାନଙ୍କ ନିମନ୍ତେ ସମୁଦାୟ ବ୍ୟୟ ଅଟକଳର ଏକ-ତୃତୀୟାଂଶରୁ ଅଧିକ ଖର୍ଚ୍ଚ ହୋଇ ପାରିବ ନାହିଁ ବୋଲି ବ୍ୟବସ୍ଥା ହେଲା।

**ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ** National Social Assistance Programme : (NSAP)୧୯୯୫ ମସିହା ଅଗଷ୍ଟ ୧୫ ତାରିଖରୁ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଲା। ଭାରତୀୟ ସମ୍ବିଧାନର ରାଷ୍ଟ୍ର ନିୟାମକ ନୀତି ବା ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ଅନ୍ତର୍ଭୁକ୍ତ ଧାରା ୪୧

ଓ ୪୨ କୁ କାର୍ଯ୍ୟକାରୀ କରିବାରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା । ଏହି ଯୋଜନାରେ ଗରିବ ପରିବାରର ମୁଖ୍ୟଙ୍କ ବାର୍ଦ୍ଧକ୍ୟ ସମୟରେ, ପରିବାର ରୋଜଗାର କ୍ଷମ ବ୍ୟକ୍ତିଙ୍କ ମୃତ୍ୟୁରେ ଏବଂ ପ୍ରସୁତିକାଳୀନ ସାମାଜିକ ସହାୟତା ଘୋଷଣା କରାଯାଇଥିଲା । ଏହା କେନ୍ଦ୍ର ସରକାରଙ୍କର ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ଥିଲା । ଏହି ଯୋଜନାର କାର୍ଯ୍ୟକାରିତା ନିମନ୍ତେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡ଼ିକୁ ଶତ ପ୍ରତିଶତ ସହାୟତା କେନ୍ଦ୍ର ଯୋଗାଇ ଦେଇଥିଲା । -

ଏହି ଯୋଜନା ବା କାର୍ଯ୍ୟକ୍ରମର ତିନୋଟି ଦିଗଥିଲା । ଯଥା : -

୧) ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା **(NOAPS)**

୨) ଜାତୀୟ ପରିବାର ମଙ୍ଗଳ ଯୋଜନା **(NFBS)**

୩) ଜାତୀୟ ମାତୃ ମଙ୍ଗଳ ଯୋଜନା **(NMBS)**

ଏହି କାର୍ଯ୍ୟକ୍ରମ ଗୁଡ଼ିକ ଦାରିଦ୍ର୍ୟ ସୀମାରେଖା ତଳେ ବାସକରୁଥିବା ଲୋକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା । ୬୫ ବର୍ଷ ବା ତଦୁର୍ଦ୍ଧ୍ୱ ଅସହାୟ ବା ଅତିଗରିବ ଲୋକମାନଙ୍କୁ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ କରି ସେମାନଙ୍କୁ ମାସକୁ ୭୫ ଟଙ୍କାର ଭତ୍ତା ପ୍ରଦାନର ବ୍ୟବସ୍ଥା କରାଗଲା । ଯେକୌଣସି କାରଣରୁ ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଲେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଏହି ଶୋକ ସନ୍ତପ୍ତ ବା ବେସାହାରା ପରିବାରକୁ ସର୍ବମୋଟ ୧୦,୦୦୦ ଟଙ୍କାର ପରିବାର ସହାୟତା ପ୍ରଦାନ କରିବାର ବ୍ୟବସ୍ଥା ହୋଇଥିଲା । ୧୮ ରୁ ୬୪ ବର୍ଷ ବୟସ ମଧ୍ୟରେ ଯୋଗ୍ୟ ସମସ୍ତ ବ୍ୟକ୍ତିମାନଙ୍କୁ ଏହି ଯୋଜନାରେ ସାମିଲ୍ କରାଯାଇଥିଲା । ଗରିବ ପରିବାରର ଗର୍ଭବତୀ ମହିଳା ମାନଙ୍କର ପ୍ରସୂତି ପୂର୍ବବର୍ତ୍ତୀ ଓ ପ୍ରସୂତି ପରବର୍ତ୍ତୀ ଯତ୍ନ ନିମନ୍ତେ ପ୍ରତ୍ୟେକଙ୍କୁ ଜାତୀୟ ମାତୃମଙ୍ଗଳ ଯୋଜନାରେ ସାମିଲ୍ କରାଯାଇ ୫୦୦ ଟଙ୍କା ପ୍ରଦାନ କରିବା ନିମନ୍ତେ ବ୍ୟବସ୍ଥା କରାଗଲା । ଏହା କେବଳ ଦୁଇଥର ଜୀବନ୍ତ ଶିଶୁ ଜନ୍ମ ନିମନ୍ତେ ପ୍ରଜୁଜ୍ୟ ହୋଇଥିଲା । ୧୯ ବର୍ଷ କିମ୍ବା ତଦୁର୍ଦ୍ଧ ବୟସର ଯୋଗ୍ୟ ମହିଳା ମାନଙ୍କୁ ଏହି ସହାୟତା ଯୋଗାଇ ଦିଆଯାଉଥିଲା ।

## ୩.୧୦ ନବମ ପଞ୍ଚବାର୍ଷିକ ଯୋଜନା (୧୯୯୭-୨୦୦୨)

ଦାରଦ୍ର୍ୟ ନିରାକରଣ ପ୍ରତ୍ୟେକ ଯୋଜନାବଦ୍ଧ ବିକାଶର ଅନ୍ୟତମ ମୁଖ୍ୟଲକ୍ଷ୍ୟ । ଏହି ସମସ୍ୟାର ଆକାର ଏବେ ମଧ୍ୟ ସଂପୂର୍ଣ୍ଣ ଟଳମଳ ସ୍ଥିତିରେ ଅଛି । ୧୯୯୩-୯୪ ରେ ଭାରତର ସମୁଦାୟ ଜନ ସଂଖ୍ୟାର ୩୬% ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ହାସଲ ହୋଇଥିବା ତଥ୍ୟ ଅନୁସାରେ ଏମାନଙ୍କର ସଂଖ୍ୟା ୩୨୦ ନିୟୁତ ଥିଲା । ଏମାନଙ୍କ ମଧ୍ୟରୁ ୨୪୪ ନିୟୁତ (ଗ୍ରାମାଞ୍ଚଳ ଜନସଂଖ୍ୟାର ୩୭%) ଗ୍ରାମାଞ୍ଚଳରେ ବାସ କରୁଥିଲେ । ୧୯୭୩-୭୪ରେ ଦାରିଦ୍ର୍ୟ ପରିମାଣ ୫୪.୯% ଥିବା ବେଳେ ୧୯୯୩-୯୪ ବେଳକୁ ଏହା

୩୬% କୁ ହ୍ରାସ ପାଇଥିଲା । କିନ୍ତୁ ଏହି ୨୦ ବର୍ଷ ମଧ୍ୟରେ ଦରିଦ୍ର ମାନଙ୍କର ପ୍ରକୃତ ସଂଖ୍ୟା ହ୍ରାସ ପାଇନଥିଲା । ୧୯୭୩-୭୪ରେ ୩୨୧ ନିୟୁତ ଲୋକ ଗରିବ ଥିଲେ ଏବଂ ୧୯୯୩-୯୪ ରେ ଏହି ସଂଖ୍ୟା ଥିଲା ୩୨୦ ନିୟୁତ । ଗ୍ରାମାଞ୍ଚଳରେ ଏହି ସଂଖ୍ୟା ଯଥାକ୍ରମେ ୨୬୧ ନିୟୁତ ଓ ୨୪୪ ନିୟୁତ ଥିଲା ।

ଦାରିଦ୍ର୍ୟର ମୁଖ୍ୟ ନିର୍ଦ୍ଧାୟକକୁ ନିମ୍ନ ପ୍ରକାରେ ଚିହ୍ନଟ କରାଯାଇଥିଲା ।

୧) ଉତ୍ପାଦନକ୍ଷମ ନିଯୁକ୍ତି ଅଭାବରୁ ରୋଜଗାର ଓ କ୍ରୟ ଶକ୍ତିର ଅଭାବତା ଓ ବ୍ୟାପକ ଅଣନିଯୁକ୍ତି ।

୨) ଲଗାତାର ଭାବରେ ଖାଦ୍ୟ ଓ ମୁଖ୍ୟତଃ ଖାଦ୍ୟ ଶସ୍ୟର ଦରବୃଦ୍ଧି, ଯେଉଁଥିପାଇଁ ସମୁଦାୟ ବ୍ୟୟର ୭୦ ରୁ ୮୦ ପ୍ରତିଶତ ଖର୍ଚ୍ଚ କରାଯାଇଥାଏ ।

୩) ଲୋକମାନଙ୍କର ଜୀବନ ଧାରଣର ମାନ ଓ ସେମାନଙ୍କର କର୍ମନିଯୁକ୍ତି କ୍ଷମତାକୁ ପ୍ରଭାବିତ କରୁଥିବା ସାମାଜିକ ଭିତ୍ତିଭୂମିର ଅଭାବତା । ପ୍ରଗତିର ଭିତ୍ତିଭୂମି ଓ ଗ୍ରାମାଞ୍ଚଳ ବିକାଶର ସମସ୍ୟାକୁ ବିଚାରକୁ ନେଇ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରି ନବମ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରାଯାଇଥିଲା ।

ଗରିବ ଲୋକମାନଙ୍କର ଜୀବନଧାରଣର ମାନବୃଦ୍ଧି ନିମନ୍ତେ ରୋଜଗାରରେ ଉଚ୍ଚ ଅଭିବୃଦ୍ଧି ଯଥେଷ୍ଟ ନୁହଁ ବୋଲି ସରକାର ହୃଦ୍‌ବୋଧ କରିଥିଲେ । ଦେଶର ସବୁ ନାଗରିକ ଓ ଅତି ନିର୍ଦ୍ଦିଷ୍ଟ ଭାବରେ କହିଲେ ଗରିବ ଲୋକମାନଙ୍କୁ ଯେପର୍ଯ୍ୟନ୍ତ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦିଆନଯାଇଛି ସେ ପର୍ଯ୍ୟନ୍ତ ସେମାନଙ୍କର ଜୀବନ ଧାରଣର ଅବସ୍ଥାରେ ଉନ୍ନତି ଆସି ପାରିବ ନାହିଁ । ଅନ୍ୟାନ୍ୟ ସେବା ଯଥା ସ୍ୱାକ୍ଷରତା, ଶିକ୍ଷା, ମୌଳିକ ସ୍ୱାସ୍ଥ୍ୟର ଯତ୍ନ, ନିରାପଦ ପାନୀୟ ଜଳ ଓ ପୁଷ୍ଟିକର ଖାଦ୍ୟ ନିରାପତ୍ତା ଇତ୍ୟାଦି ସର୍ବନିମ୍ନ ସେବାର ଅନ୍ତର୍ଭୁକ୍ତ । ଏହି ମୌଳିକ ସର୍ବନିମ୍ନ ସେବାକୁ ଚିହ୍ନଟ କରିବା ନିମନ୍ତେ ସରକାର ରାଜ୍ୟ ମୁଖ୍ୟମନ୍ତ୍ରୀ ମାନଙ୍କର ଏକ ବୈଠକ ଆହ୍ୱାନ କରିଥିଲେ । ଏହି ବୈଠକରେ ୭ଟି ସେବାକୁ ସର୍ବସମ୍ମତି କ୍ରମେ ଅନୁମୋଦନ ମିଳିଥିଲା । ଏହି ୭ଟି ସେବା ହେଲା - ନିରାପଦ ପାନୀୟ ଜଳ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ସାର୍ବଜନୀନ ପ୍ରାଥମିକ ଶିକ୍ଷା, ବିଦ୍ୟାଳୟ ଓ ପ୍ରାକ୍ - ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ପୁଷ୍ଟିକର ଖାଦ୍ୟ, ଗରିବ ଲୋକମାନଙ୍କ ନିମନ୍ତେ ବାସଗୃହ, ସବୁ ଗ୍ରାମ ଓ ବସ୍ତିକୁ ସଂଯୋଗକାରୀ ରାସ୍ତା ଓ ଗରିବ ମାନଙ୍କ ଉପରେ ଅଗ୍ରାଧିକାର ପ୍ରଦାନ କରି ସାଧାରଣ ବଣ୍ଟନ ବ୍ୟବସ୍ଥା । ନବମ ପଞ୍ଚମବାର୍ଷିକ ଯୋଜନା ଏହି ସମସ୍ତ ସର୍ବନିମ୍ନ ମୌଳିକ ସେବା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରିଥିଲା । ରାଜ୍ୟ ସରକାର ଓ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ମିଳିତ ସହଯୋଗରେ ଏହି ସେବା ଯୋଗାଇ ସନ୍ତୋଷ ଲାଭ କରିବା ନିମନ୍ତେ ନବମ ପଞ୍ଚବାର୍ଷିକ ଯୋଜନା ସମସ୍ତ ଉଦ୍ୟମ କରିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା ।

ସିଧାସଳଖ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମକୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଗଲା । ନବମ ପଞ୍ଚବାର୍ଷିକ ଯୋଜନା କାଳରେ ଏହା ପରିବର୍ଦ୍ଧିତ ହାରରେ ବଳବତ୍ତର ରହିବା ନିମନ୍ତେ ଯୋଜନା କରାଯାଇଥିଲା । କିନ୍ତୁ ଏହି କାର୍ଯ୍ୟକ୍ରମ ଗୁଡ଼ିକ ଅର୍ଥନୀତିର ଉତ୍ପାଦିକା ଶକ୍ତିକୁ ମଜବୁତ କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା । ଅର୍ଥନୈତିକ ପ୍ରକ୍ରିୟାରେ ଗରିବ ଲୋକଙ୍କୁ ସଂଶ୍ଳିଷ୍ଟ କରିବା ନିମନ୍ତେ ସୁଯୋଗ ପ୍ରଦାନ ନିମନ୍ତେ ଏଥିରେ ପ୍ରୟାସ କରାଯାଇଥିଲା । ଅଧିକ ଭାବରେ କହିବାକୁ ଗଲେ, ଅତିରିକ୍ତ ନିଯୁକ୍ତି **(Supplementary Employment)** ମାଧ୍ୟମରେ ରୋଜଗାର ସୃଷ୍ଟି, ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଗରିବ ଲୋକମାନଙ୍କର ମଙ୍ଗଳ ଓ ଗରିବ ଲୋକମାନେ ପୈଠ କରିପାରିବା ଭଳି ଦରର ଖାଦ୍ୟଶସ୍ୟ ଯୋଗାଣ ନିମନ୍ତେ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନିମନ୍ତେ ଏହି ଯୋଜନାରେ ଅନେକ ବ୍ୟବସ୍ଥା କରାଯାଇଥିଲା ।

**୯ମ ପଞ୍ଚବାର୍ଷିକ ଯୋଜନା କାଳରେ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଅଧୀନରେ ନୂତନ ଉଦ୍ୟମ :**

୧) ଆତ୍ମ ନିଯୁକ୍ତିର ସମସ୍ତ ଦିଗ ତଥା ହିତାଧିକାରୀ ମାନଙ୍କର ସଙ୍ଗଠନ ଓ ସେମାନଙ୍କର ଦକ୍ଷତା ନିର୍ମାଣ, କାର୍ଯ୍ୟକ୍ରମ ପୁଞ୍ଜ ଗୁଡ଼ିକର ଯୋଜନା ପ୍ରସ୍ତୁତି, ଭିତ୍ତିଭୂମି, ବୈଷୟିକ ଜ୍ଞାନ, ଋଣ ଓ ବିପଣନ ଇତ୍ୟାଦିକୁ ସାମିଲ୍ କରି **IRDP** (ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ) କୁ ଏକ ସଠିକ୍ କାର୍ଯ୍ୟକ୍ରମରେ ପରିଣତ କରାଯାଇଥିଲା ।

୨) **TRYSEM, DWCRA, SITRA** ଓ **GKY** ର ପରିଯୋଜନା ଗୁଡ଼ିକ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ସହିତ ସାମିଲ ହେଲା ।

୩) ବ୍ୟକ୍ତିଗତ ହିତାଧିକାରୀ ତତ୍ତ୍ୱ ଅତି ପ୍ରଗତିଶୀଳ ଭାବରେ ଗୋଷ୍ଠୀ ବା ପୁଞ୍ଜ ତତ୍ତ୍ୱକୁ ପରିବର୍ତ୍ତିତ ହେଲା ।

୪) ଗୋଷ୍ଠୀ ଭିତ୍ତିକ ସ୍ୱାର୍ଥକୁ ସୁଗମ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ **(SHG)** ଗଠନ କରାଯାଇ ସେମାନଙ୍କୁ ପ୍ରତିପାଳନ କରିବା ନିମନ୍ତେ ପଦକ୍ଷେପ ନିଆଗଲା ।

୫) ସ୍ଥାନୀୟ ସମ୍ବଳ ଓ ଲୋକମାନଙ୍କ ବୃତ୍ତିଗତ କୌଶଳକୁ ଭିତ୍ତିକରି ପ୍ରତ୍ୟେକ ଜିଲ୍ଲାକୁ ପ୍ରତ୍ୟେକ ବ୍ଲକ୍‌ରେ ୪ ରୁ ୫ଟି କାର୍ଯ୍ୟଭିତ୍ତିକ ପୁଞ୍ଜ ଚିହ୍ନଟ କରିବାକୁ ପଡ଼ିବ ।

୬) ଯୋଜନା ପ୍ରଣୟନ ଓ ପ୍ରକଳ୍ପ ପ୍ରସ୍ତୁତି, କାର୍ଯ୍ୟଭିତ୍ତିକ ପୁଞ୍ଜ ଚିହ୍ନଟ । ଭିତ୍ତିଭୂମି ସମ୍ପର୍କରେ ଯୋଜନା ପ୍ରସ୍ତୁତି ତଥା ଦକ୍ଷତା ନିର୍ମାଣ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକର କାର୍ଯ୍ୟ ଚୟନରେ ବ୍ୟାଙ୍କ୍ ଗୁଡ଼ିକୁ ସାମିଲ୍ କରାଯିବ ।

୭) ଏକକାଳୀନ ଋଣ ପ୍ରଦାନ ବଦଳରେ ବହୁମୁଖୀ ଋଣର ବିକାଶ ।

### ଭୂ ସଂସ୍କାର :

ନବମ ପଞ୍ଚବାର୍ଷିକ ଯୋଜନାରେ କୃଷିଭିତ୍ତିକ ପୁର୍ନଗଠନ ପ୍ରସଙ୍ଗକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । କୃଷିକୁ ଅଧିକରୁ ଅଧିକ ଦକ୍ଷ କରିବା ନିମନ୍ତେ ରାଜ୍ୟ ଗୁଡ଼ିକ ଆବଶ୍ୟକୀୟ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିବେ ଓ ଏହାଦ୍ୱାରା ଉଭୟ କୃଷି ଉତ୍ପାଦନ ଓ ନିଯୁକ୍ତି ବୃଦ୍ଧି ପାଇବ ବୋଲି ଆଶା କରାଯାଇଥିଲା । ଏହି ପ୍ରକ୍ରିୟା ଦ୍ୱାରା ସାମାଜିକ ନ୍ୟାୟ ସହ ଉଚ୍ଚ ହାରରେ ଆର୍ଥିକ ବିକାଶ ହାସଲ କରାଯାଇପାରିଲା ।

ଧାର୍ଯ୍ୟ କରାଯାଇଥିବା ଜମିର ପରିମାଣ ଠାରୁ ଅଧିକ ଥିବା ଉଦ୍‌ବୃତ୍ତ ଜମି ଚିହ୍ନଟ ଓ ଏହି ଉଦ୍‌ବୃତ୍ତ ଜମିର ବଣ୍ଟନ, ପ୍ରଜାସତ୍ତ୍ୱ ସଂସ୍କାର ବାଦ୍ ଜମିର ଏକତ୍ରୀକରଣ, ସର୍ବସାଧାରଣ ଜମି ବା ପତିତ ଜମି ଉପରେ ଗରିବ ଲୋକଙ୍କୁ ଅଧିକାର ପ୍ରଦାନ, ଆଦିବାସୀ ମାନଙ୍କର ଜମି ଉଚ୍ଛେଦକରଣ ବନ୍ଦ କରିବା ଓ ମହିଳା ମାନଙ୍କୁ ଭୂ ସମ୍ପତ୍ତିଗତ ଅଧିକାର ପ୍ରଦାନ କରିବା ଏହି ଭୂ ସଂସ୍କାର ନୀତିର ମୁଖ୍ୟ ଲକ୍ଷ୍ୟଥିଲା ।

### ଜମିର ସର୍ବାଧିକ ସୀମାଧାର୍ଯ୍ୟ :

୧୯୭୨ ମସିହାରେ ଜମିର ସର୍ବାଧିକ ସୀମାଧାର୍ଯ୍ୟ ଆଇନ **(Land Ceiling Act)** ପ୍ରଚଳନ ହେବା ଯୋଗୁଁ ଉତ୍ତର ପୂର୍ବାଞ୍ଚଳର କେତେକ ରାଜ୍ୟକୁ ବାଦ୍‌ଦେଲେ ପ୍ରାୟ ସମସ୍ତ ରାଜ୍ୟ ମାନଙ୍କରେ ଜମିର ସର୍ବାଧିକ ସୀମାଧାର୍ଯ୍ୟ ଆଇନ ପ୍ରଚଳନ ହେଲା । ଅବଶ୍ୟ ଜମିର ମାନ ଅନୁସାରେ ଜମିର ସର୍ବାଧିକ ସୀମା ଧାର୍ଯ୍ୟରେ ବିବିଧତା ଦେଖାଦେଲା । ସୀମାଧାର୍ଯ୍ୟ ବାଦ୍ ରହିଥିବା ଉଦ୍‌ବୃତ୍ତ ବା ବଳକା ଜମିକୁ ଭୂମିହୀନ ଗରିବ ଲୋକଙ୍କ ମଧ୍ୟରେ ଆବଣ୍ଟିତ ହେବାର ଥିଲା । ଏହି ଉପାୟରେ, ଜମିର ମାଲିକାନା ସତ୍ତ୍ୱରେ ରହିଥବା ପାର୍ଥକ୍ୟକୁ ହ୍ରାସ କରିବା ନିମନ୍ତେ ଏହି ଜମି ସୀମାଧାର୍ଯ୍ୟକୁ ଏକ ବଡ଼ ଅସ୍ତ୍ରରୂପେ ବିବେଚନା କରାଯାଉଥିଲା । ଏତଦ୍ ବ୍ୟତୀତ ଅଧିକରୁ ଅଧିକ ଶ୍ରମିକ ବିନିଯୋଗ କରି ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ଏହା ମଧ୍ୟ ଏକ ମାଧ୍ୟମ ଥିଲା । ୧୯୯୬ ମସିହା ମିଳିତ ଜାତିସଂଘର ବିକାଶମୂଳକ କାର୍ଯ୍ୟକ୍ରମ ଅନ୍ତର୍ଗତ ମାନବ ବିକାଶ ରିପୋର୍ଟ ଅନୁସାରେ ବଡ଼ ଆକାରର ଜମିକୁ କ୍ଷୁଦ୍ର ଆକାରରେ ଆବଣ୍ଟିତ ହେବାରୁ ହେକ୍ଟର ପିଛା ପରିବାର ଶ୍ରମ କେବଳ ହଠାତ୍ ବୃଦ୍ଧି ପାଇବ ନାହିଁ । ସେହି ଅନୁସାରେ ଭଡ଼ା ସୂତ୍ରରେ ଶ୍ରମ ବା ମୂଲିଆ ମାନଙ୍କର ଶ୍ରମ ମଧ୍ୟ ବୃଦ୍ଧି ପାଇବ । ଏହି ଉଭୟ କାରଣ ଯୋଗୁଁ, ଭୂ ସଂସ୍କାର ପରେ ମଧ୍ୟ ଯେଉଁମାନେ ଭୂମିହୀନ ହୋଇ ରହିଯିବେ, ସେମାନଙ୍କର ନିଯୁକ୍ତି ଅବସ୍ଥା ମଧ୍ୟ ବଦଳିଯିବ । ଏହି ସଂସ୍କାର କାର୍ଯ୍ୟକ୍ରମରୁ ସ୍ପଷ୍ଟ ଜଣା ପଡୁଛି ଯେ, ଏହି କୃଷି ନୀତି ବୃହତ ଜମି ଅପେକ୍ଷା କ୍ଷୁଦ୍ର ଆକାରର ଜମି ମଧ୍ୟକୁ ଧୀରେ ଧୀରେ ପ୍ରବେଶ କଲା ଓ ଏକାଦିକ୍ରମେ କୃଷି କ୍ଷେତ୍ରରେ ବିନିଯୋଗ ହେଉଥିବା ଅଞ୍ଚଳର ସାମାଜିକ ଦକ୍ଷତାକୁ ବୃଦ୍ଧି କରିବା ସହ ନିଯୁକ୍ତି ସୃଷ୍ଟି ମାଧ୍ୟମରେ ସାମାଜିକ ସମତା ବୃଦ୍ଧି କରିବାରେ ସହାୟକ ହୋଇଥିଲା । ଏତଦ୍ ବ୍ୟତୀତ କ୍ଷୁଦ୍ର ଆକାର ଚାଷଜମିରୁ ସୃଷ୍ଟି ହେଉଥିବା ଆୟର ସମାନ ବଣ୍ଟନ ବ୍ୟବସ୍ଥା ସୃଷ୍ଟି କରିଥିଲା ।

**ଆଦିବାସୀ ଜମିର ସୁରକ୍ଷା :**

ଆଦିବାସୀ ମାନଙ୍କର ଜମି ଆଦିବାସୀ ମାନଙ୍କ ପାଖରେ ରହିବାର ପ୍ରତିଶ୍ରୁତି ସତ୍ତ୍ୱେ କେତେକ ଆଇନ୍‌ଗତ ବାଧ୍ୟବାଧକତା ଓ ପ୍ରଶାସନିକ ତ୍ରୁଟି ଯୋଗୁଁ ବ୍ୟାପକଭାବରେ ଆଦିବାସୀ ମାନଙ୍କୁ ସେମାନଙ୍କ ଜମିରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି । ତେଣୁ, ୯ମ ଯୋଜନା କାଳରେ ଆଦିବାସୀ ମାନଙ୍କର ଜମି ଉଚ୍ଛେଦକୁ ପ୍ରତିହତ କରିବା ନିମନ୍ତେ କେତେକ ଆଇନ୍‌ଗତ ବ୍ୟବସ୍ଥା କରାଯାଇଥିଲା । ଏହା କେବଳ ବିଜ୍ଞାପିତ ବା ଘୋଷିତ ତଫସିଲ୍‌ଭୁକ୍ତ ଉପଜାତି ଅଞ୍ଚଳରେ ସୀମିତ ନ ହୋଇ ଅନ୍ୟାନ୍ୟ ଅଞ୍ଚଳର ଆଦିବାସୀ ଜମି ନିମନ୍ତେ ଉଦ୍ଦିଷ୍ଟ ଥିଲା । ଆଦିବାସୀ ଜମିର ପୁନଃ ବିକ୍ରୟ ନିମନ୍ତେ ନିୟମକୁ ଯଥା ସମ୍ଭବ କଠୋର କରାଯାଇଥିଲା ।

**ଦାରିଦ୍ର୍ୟ ବିରୋଧୀ ଆଇନ୍ ଓ ନୀତି :** ବର୍ଷ ବର୍ଷ ଧରି ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ହେଉଥିବା ବ୍ୟୟ ଅହେତୁକ ଭାବେ ବୃଦ୍ଧି ପାଇଛି । ଏକଥା ସତ୍ୟ ଯେ କୃଷି ଋତୁ ସମୟରେ ଅତିରିକ୍ତ ନିଯୁକ୍ତି ଓ ରୋଜଗାର ସୃଷ୍ଟି ଦ୍ୱାରା ଗରିବ ଲୋକମାନଙ୍କ ସୁରକ୍ଷା ଓ ବଞ୍ଚିବାର ସାମର୍ଥ୍ୟକୁ ସୁନିଶ୍ଚିତ କରିବାରେ ଏହି ସବୁ ଯୋଜନା ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଗରିବ ଲୋକମାନଙ୍କର ଅବସ୍ଥାରେ ସୁଧାର ଆଣିବା ନିମନ୍ତେ ଅର୍ଥବ୍ୟୟ ଏକମାତ୍ର ପନ୍ଥା ନୁହଁ ବୋଲି ଅଧିକରୁ ଅଧିକ ପରିମାଣରେ ସ୍ପଷ୍ଟ ହେବାରେ ଲାଗିଛି । ସାଧାରଣ ଲୋକ, ମୁଖ୍ୟତଃ ଗରିବ ଲୋକମାନଙ୍କର ଜୀବନକୁ ପ୍ରଭାବିତ କରୁଥିବା ଅଣ- ଆର୍ଥିକ ନୀତି ଓ ଆନୁଷ୍ଠାନିକ ବ୍ୟବସ୍ଥା ତଥା ଆୟୋଜନର ଭୂମିକା ଉପରେ ନାମକୁ ମାତ୍ର ଗୁରୁତ୍ୱ ପ୍ରଦାନ କରାଯାଉଅଛି । ଅନେକ ଗୁଡ଼ିଏ ଦରିଦ୍ର ବିରୋଧୀ ନିୟମ ଓ ନୀତି ରହିଛି । ନବମ ପଞ୍ଚବାର୍ଷିକ ଯୋଜନା କାଳରେ ଏହିଭଳି କେତେକ ନିୟମ ଓ ନୀତିକୁ ଦଲିଲ୍‌ଗତ ପ୍ରମାଣିତ କରିବାପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ରାଜ୍ୟ ଭିତ୍ତିରେ ଏହି ସବୁ ନିୟମ ଓ ନୀତି ଗୁଡ଼ିକୁ ନୀତି ନିର୍ଦ୍ଧାରକ, ସ୍ଥାନୀୟ ସରକାର ଓ ବେସରକାରୀ ସଙ୍ଗଠନ ଗୁଡ଼ିକର ଦୃଷ୍ଟିକୁ ଆଣିବାକୁ ବ୍ୟବସ୍ଥା କରାଯାଇଥିଲା । ଏହାଦ୍ୱାରା ଗରିବ ମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ଏଗୁଡ଼ିକରେ ଆବଶ୍ୟକୀୟ ପରିବର୍ତ୍ତନ ବା ସଂପୂର୍ଣ୍ଣ ସ୍ଥଗିତ କରାଯାଇପାରିବ ।

**କ୍ଷେତ୍ରୀୟ ଯୋଜନା ସହିତ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ମିଶ୍ରଣ :**

ବିଭିନ୍ନ ବିଭାଗ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକାରର ବିଭାଗୀୟ କାର୍ଯ୍ୟକ୍ରମ ଓ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ମଧ୍ୟରେ ଆଜିପର୍ଯ୍ୟନ୍ତ ସଂପୂର୍ଣ୍ଣ ପାର୍ଥକ୍ୟ ପରିଲକ୍ଷିତ ହୋଇଆସିଛି । ସରକାର ଏହି ପାର୍ଥକ୍ୟକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର ଏକାଭିମୁଖୀ ନିମନ୍ତେ ଯଥେଷ୍ଟ ଉଦ୍ୟମ କରାଯିବା ଆବଶ୍ୟକ । ଏହାର ଅୟମାରମ୍ଭ ସ୍ୱରୂପ ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ **(DPAP)** ଓ ମରୁଭୂମି ବିକାଶ କାର୍ଯ୍ୟକ୍ରମ **(DDP)**, ନିଯୁକ୍ତି ପ୍ରତିଶ୍ରୁତି ଯୋଜନା **(EAS)** ଓ ସମନ୍ୱିତ ପତିତଜମି ବିକାଶ କାର୍ଯ୍ୟକ୍ରମ **(IWDP)** ଗୁଡ଼ିକ ଗୋଟିଏ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି । ଡ୍ରେନ୍ ନିର୍ମାଣ, ଭୂ-ଉନ୍ନୟନ ଓ ଜମିର ସମତଳ କରଣ ଇତ୍ୟାଦି ସହାୟକ କାର୍ଯ୍ୟକୁ ନେଇ ଜଳ ବିଭାଜିକା ଗଠନ କରାଯିବ । ଠିକ୍

ସେହିଭଳି ବନୀକରଣ, କୃଷି ଓ ଉଦ୍ୟାନ କୃଷିର ବିକାଶ, ଚାରଣଭୂମିର ବିକାଶ, ନୂତନ କିସମର ଫସଲକୁ ଲୋକାଭିମୁଖୀ କରିବା ନିମନ୍ତେ ଫସଲ ପ୍ରଦର୍ଶନ ଓ ସାଧାରଣ ସମ୍ପତ୍ତି ଓ ସମ୍ବଳର ଉତ୍ସର ଉନ୍ନତି ଇତ୍ୟାଦିକୁ ଏହା ସହିତ ନିଆଯାଇଛି । ସ୍ପଷ୍ଟ ଭାବରେ କହିବାକୁଗଲେ, ମୃତ୍ତିକା ଓ ଜଳ ସଂରକ୍ଷଣର ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମ, ବନୀକରଣ, କ୍ଷୁଦ୍ର ଜଳସେଚନ, ପଶୁପାଳନ, କୃଷି ଓ ଜିଲ୍ଲା ସ୍ତରକୁ ଅର୍ଥରାଶି ଆସୁଥିବା ଅନ୍ୟାନ୍ୟ ବିଭାଗ ଗୁଡ଼ିକର ମିଶ୍ରଣ ନିମନ୍ତେ ସୁଯୋଗ ରହିଛି । ଥରେ ଅଞ୍ଚଳଭିତ୍ତିକ ଯୋଜନା ପ୍ରସ୍ତୁତ ହୋଇଗଲେ, ସେଥିରେ ପାଣ୍ଠି ପାଇବାରେ କୌଣସି ସମସ୍ୟା ସୃଷ୍ଟି ହେବନାହିଁ ।

**ଦାୟିତ୍ୱ ହସ୍ତାନ୍ତର ନିମନ୍ତେ ଆନୁଷ୍ଠାନିକ ବ୍ୟବସ୍ଥା :**

୭୩ ତମ ସମ୍ବିଧାନ ସଂଶୋଧନକୁ ଆଖିଆଗରେ ରଖି ରାଜ୍ୟ ସରକାର ଗୁଡ଼ିକ ଗ୍ରାମ୍ୟ, ବ୍ଲକ୍ ଓ ଜିଲ୍ଲା ସ୍ତରରେ ଥିବା ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକୁ ଦାୟତ୍ୱ ହସ୍ତାନ୍ତର ନିମନ୍ତେ ଆବଶ୍ୟକୀୟ ଆଇନ୍ ପ୍ରଣୟନ କଲେ । ବିହାରକୁ ବାଦ୍ ଦେଲେ, ପ୍ରାୟ ସମସ୍ତ ରାଜ୍ୟ ଗୁଡ଼ିକରେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଠିକ୍ ଭାବରେ ଗଠିତ ହୋଇଛି । ରାଜ୍ୟ ସରକାର ଗୁଡ଼ିକ ଏହି ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକୁ ଆବଶ୍ୟକୀୟ ଆର୍ଥିକ ଓ ପ୍ରଶାସନିକ କ୍ଷମତା ପ୍ରଦାନ କରିବା ଦରକାର ଯେପରି ସେଗୁଡ଼ିକ ସ୍ୱାୟତ୍ତ ଶାସନର ଅନୁଷ୍ଠାନ ଭାବରେ କାର୍ଯ୍ୟ କରିପାରିବେ । ଆର୍ଥିକ ବିକାଶ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ନିମନ୍ତେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଜିଲ୍ଲା ଯୋଜନା କମିଟିର ସହାୟତାରେ ଯୋଜନା ପ୍ରସ୍ତୁତି ଓ ସେଗୁଡ଼ିକର କାର୍ଯ୍ୟକାରିତା ନିମନ୍ତେ ଦାୟୀ ରହିବେ । ଅବଶ୍ୟ ରାଜ୍ୟ ଗୁଡ଼ିକ ସମ୍ବିଧାନ ସଂଶୋଧନର ଏକାଦଶ ଅନୁସୂଚୀରେ ଥିବା ବିଷୟଗୁଡ଼ିକ ଉପରେ ଯୋଜନା ପ୍ରସ୍ତୁତ କରିପାରିବେ । ଏହି ହସ୍ତାନ୍ତର ପ୍ରକ୍ରିୟା ଅଲଗା ଅଲଗା ରାଜ୍ୟମାନଙ୍କ ନିମନ୍ତେ ଯୋଜନା କାର୍ଯ୍ୟକାରିତା ବିଭିନ୍ନ ସ୍ତରରେ ସମ୍ପନ୍ନ ହେବ । ୯ମ ଯୋଜନା କାଳରେ ରାଜ୍ୟଗୁଡ଼ିକ ନିଜର ଗଚ୍ଛିତ ପାଣ୍ଠିରୁ ଓ କେନ୍ଦ୍ର ଯୋଜନା ନିମନ୍ତେ କେନ୍ଦ୍ର ଯୋଗାଇ ଦେଉଥିବା ପାଣ୍ଠିରୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ପାଣ୍ଠି ଯୋଗାଇ ଦେବେ ବୋଲି ଆଶା କରାଯାଉଥିଲା । ଏହା ସହିତ ରାଜ୍ୟ ଅର୍ଥକମିଶନଙ୍କ ସୁପାରିଶ୍ ଆଧାରରେ ପଞ୍ଚାୟତ ଗୁଡ଼ିକୁ ନିଜର ରାଜସ୍ୱ ବୃଦ୍ଧି ନିମନ୍ତେ କ୍ଷମତା ପ୍ରଦାନ କରାଯିବା ଆବଶ୍ୟକ । ଗ୍ରାମ ସଭାର ବୈଠକର ପ୍ରସ୍ତାବ ଅନୁସାରେ ଲୋକମାନେ ଅନୁଭବ କରୁଥିବା ଆବଶକ୍ୟକତା ଆଧାରରେ ଗ୍ରାମ୍ୟ ସ୍ତରର ଯୋଜନା ପ୍ରସ୍ତୁତ ହେବ ବୋଲି ଆଶା କରାଯାଉଥିଲା । ଏହି ଯୋଜନା ମଧ୍ୟମ ସ୍ତରର (ବ୍ଲକ) ଯୋଜନା ସହିତ ମିଶାଯାଇ ପରିଶେଷରେ ଜିଲ୍ଲା ଯୋଜନା ସହିତ ମିଶିଯିବ । ତାପରେ ଏହି ଜିଲ୍ଲା ଯୋଜନା ବିଭିନ୍ନ ବିଭାଗୀୟ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଓ ଅଞ୍ଚଳ ବିକାଶ ଯୋଜନାର ପାଣ୍ଠି ପାଇବାରେ ସକ୍ଷମ ହୋଇପାରିବ ।

## ୩.୧୧ ଦଶମ ପଞ୍ଚବାର୍ଷିକ ଯୋଜନା (୨୦୦୨-୨୦୦୭)

ନୂତନ ସହସ୍ରାବ୍ଦର ପ୍ରାରମ୍ଭରେ ଦେଶର ୨୬୦ ନିୟୁତ ଲୋକଙ୍କର ନିଜର ମୌଳିକ ଆବଶ୍ୟକତା ବା ଖାଦ୍ୟ ଥିଳି ପୂରଣ କରିବା ନିମନ୍ତେ ରୋଜଗାର ନଥିଲା । ଅର୍ଥାତ୍ ଦେଶର ପ୍ରାୟ ୨୬୦ ନିୟୁତ ଲୋକ ଦାରିଦ୍ର୍ୟ

ସୀମାରେଖା ତଳେ ବାସ କରୁଥିଲେ। ଏମାନଙ୍କ ମଧ୍ୟରୁ ୭୫% ଲୋକ ଗ୍ରାମାଞ୍ଚଳରେ ବାସ କରୁଥିଲେ। ପୃଥିବୀର ସମୁଦାୟ ଗରିବଙ୍କ ମଧ୍ୟରୁ ୨୨% ଭାରତରେ ବାସ କରନ୍ତି। ଏହାହିଁ ଭାରତରେ ଥିବା ଦାରିଦ୍ର୍ୟର ଏକ ବଳିଷ୍ଠ ପ୍ରମାଣ। ଏହି ବାସ୍ତବତାକୁ ଆଖି ଆଗରେ ରଖି ଦାରିଦ୍ର୍ୟ ଦୂରୀକରଣ ଭାରତର ବିକାଶମୂଳକ ଯୋଜନା ପ୍ରକିୟାର ମୁଖ୍ୟ ଲକ୍ଷ୍ୟରେ ପରିଣତ ହୋଇଛି। ଅବଶ୍ୟ, ଦାରିଦ୍ର୍ୟ ଏକ ବିଶ୍ୱ ପ୍ରସଙ୍ଗ। ଏହାର ନିରାକରଣକୁ ପରିପୋଷକ ବିକାଶ ନିମନ୍ତେ ମାନବ ସମାଜର ସାମୂହିକ ଉଦ୍ୟମ ବୋଲି କୁହାଯାଇଥାଏ। ଆନ୍ତର୍ଜାତୀୟ ଲକ୍ଷ୍ୟ ହାସଲ କରିବାକୁ ହେଲେ ଭାରତରେ ଦାରିଦ୍ର୍ୟ ହ୍ରାସ ଅତ୍ୟନ୍ତ ଜରୁରୀ।

ଭାରତରେ ଯୋଜନା ପ୍ରକିୟାରେ ଦାରିଦ୍ର୍ୟ ଦୂରୀକରଣ ଏକ ମାର୍ଗଦର୍ଶିକା ନୀତିରେ ପରିଣତ ହୋଇଛି। ଲୋକମାନଙ୍କୁ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନରେ ଆର୍ଥିକ ବିକାଶର ଭୂମିକାକୁ ସ୍ପଷ୍ଟ ଭାବରେ ସ୍ୱୀକୃତି ପ୍ରଦାନ କରାଯାଇଛି। ନିର୍ଦ୍ଦିଷ୍ଟ ବିଭାଗ ବା କ୍ଷେତ୍ର ଉପରେ ଗୁରୁତ୍ୱ - ଆରୋପ କରି ବିକାଶ ଭିତ୍ତିକ ନୀତିକୁ କ୍ରିୟାଶୀଳ କରାଯାଇଛି। ଏହା ଲୋକମାନଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ ହେବା ନିମନ୍ତେ ଅଧିକରୁ ଅଧିକ ସୁଯୋଗ ପ୍ରଦାନ କରିଥାଏ। ସ୍ୱାସ୍ଥ୍ୟ, ଶିକ୍ଷା ଓ ଅନ୍ୟାନ୍ୟ ମୌଳିକ ସେବା ସହିତ ସଂଶ୍ଳିଷ୍ଟ ଦାରିଦ୍ର୍ୟର ବିଭିନ୍ନଦିଗକୁ ଯୋଜନା ପ୍ରକିୟା ସହିତ ଜଡ଼ିତ କରାଯାଇଛି। ଗରିବ ଲୋକମାନଙ୍କର ଦକ୍ଷତା ନିର୍ମାଣ ଓ ବିକାଶ ବୃଦ୍ଧି କରୁଥିବା ଶିକ୍ଷା,ସ୍ୱାସ୍ଥ୍ୟ, ପରିମଳ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଗୁଡ଼ିକ ଲଗାତାର ଭାବରେ ପାଣ୍ଠିବୃଦ୍ଧି କରିଚାଲିଛନ୍ତି। କୃଷି, ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ ଓ ବନୀକରଣ କାର୍ଯ୍ୟକ୍ରମ ପୁଞ୍ଜି ବିନିଯୋଗ ନିଯୁକ୍ତି ଓ ଆୟର ସୁଯୋଗ ସୃଷ୍ଟି କରିଛି। ତଫସିଲଭୁକ୍ତ ଜାତି, ତଫସିଲ୍‌ଭୁକ୍ତ ଉପଜାତି,ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ଅବହେଳିତ ଗୋଷ୍ଠୀଙ୍କର ମଙ୍ଗଳ ନିମନ୍ତେ ଅନେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆତ୍ମନିଯୁକ୍ତି ନିମନ୍ତେ ଲୋକମାନଙ୍କୁ ସମ୍ବଳ ଓ ଦକ୍ଷତା ପ୍ରଦାନ କରୁଥିବା ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମ ସହିତ ସାଧାରଣ କାର୍ଯ୍ୟକ୍ରମ ଗୁଡ଼ିକ ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିଛି। ଲକ୍ଷ୍ୟଧାର୍ଯ୍ୟ ସାଧାରଣ ବଣ୍ଟନ ବ୍ୟବସ୍ଥା ଦରଦାମ୍ ବୃଦ୍ଧିର କୁପରିମାଣରୁ ଗରିବଲୋକମାନଙ୍କୁ ସୁରକ୍ଷାପ୍ରଦାନ କରିଛି ଓ ଦେୟ ମୂଲ୍ୟରେ ଖାଦ୍ୟ ଓ ପୁଷ୍ଟିର ସୁରକ୍ଷାକୁ ସୁନିଶ୍ଚିତ କରିଛି। ୧୦ମ ପଞ୍ଚବାର୍ଷିକ ଯୋଜନା ଦାରିଦ୍ର୍ୟ ହ୍ରାସ ଓ ଉଚ୍ଚ ଧରଣର ଲାଭଦାୟକ ନିଯୁକ୍ତି ସୃଷ୍ଟି ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଛି। ୨୦୦୨ ରୁ ୨୦୦୭ ମସିହା ମଧ୍ୟରେ ପରିକଳ୍ପିତ ଦେଶର ସାଧାରଣ ଦେଶୀୟ ଉତ୍ପାଦ **(GDP)** ହାର ୮%କୁ ଯଦି ହାସଲ କରାଯାଏ, ତେବେ ୨୦୦୭ ମସିହା ସୁଦ୍ଧା ଦାରିଦ୍ର୍ୟ ହାର ୫% ହୋଇପାରିବ ବୋଲି ଆକଳନ କରାଯାଇଥିଲା। ଯଦି ୧୯୯୯-୨୦୦୦ କୁ ତୁଳନା କରାଯାଏ, ତେବେ ୨୦୧୧-୧୨ ବେଳକୁ ଦାରିଦ୍ର୍ୟ ହାର ୧୫% କୁ ହ୍ରାସ ପାଇବ ବୋଲି ଆଶା କରାଯାଇଥିଲା। ଯୋଜନା ବଦ୍ଧ ଭାବେ ଦାରିଦ୍ର୍ୟ ହ୍ରାସ ନିମନ୍ତେ ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଅଧିକ ରୋଜଗାର ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ରାଜ୍ୟମାନଙ୍କ

ପାଇଁ ଏକ ମୁଖ୍ୟ ସମସ୍ୟା । ପରବର୍ତ୍ତୀ ପାଞ୍ଚବର୍ଷ ମଧ୍ୟରେ ଶ୍ରମଶକ୍ତିର ଅଧିକ ଯୋଗଦାନ ହେବବୋଲି ଆଶା କରାଯାଇଥିଲା । ଏଭଳି ପରିସ୍ଥିତିରେ ଆତ୍ମ ନିଯୁକ୍ତି ଓ ମଜୁରୀ ଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମର ସଂପ୍ରସାରଣ ଓ ସେ ଗୁଡ଼ିକର ସଫଳ କାର୍ଯ୍ୟକାରିତା ଆବଶ୍ୟକ ହୋଇପଡ଼େ ।

**ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମ (Self Employment Programmes) :**

ନବମ ପଞ୍ଚବାର୍ଷିକ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀ ମାନଙ୍କର ସଂଖ୍ୟା ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀ ମାନଙ୍କ ସଂଖ୍ୟାଠାରୁ ଆଶାତୀତ ଭାବେ କମ୍‌ଥିଲା । ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଯୋଗୁଁ ଦରିଦ୍ର ଲୋକମାନଙ୍କର ସଶକ୍ତିକରଣ ସହ ଆର୍ଥିକ ପ୍ରଗତି ହାସଲ କରାଯାଇପାରିଛି । ସେମାନଙ୍କର ସାମୁହିକ କ୍ରୟ ଶକ୍ତିର ସ୍ଥିତିରେ ଉନ୍ନତି ଆସିଛି । ଏହି ଗୋଷ୍ଠୀ ଗଠନ ସାମାଜିକ ପୁଞ୍ଜି ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ଓ ଅନ୍ୟ ସାମାଜିକ ଗୋଷ୍ଠୀ ସହିତ ସମ୍ପର୍କ ସ୍ଥାପନ ନିମନ୍ତେ ଗରିବ ଲୋକମାନଙ୍କୁ ସକ୍ଷମ କରିଥାଏ । ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନାରେ ଗୋଷ୍ଠୀ ଗଠନ ହିଁ କେନ୍ଦ୍ରବିନ୍ଦୁ ହୋଇଛି । ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ବିଭିନ୍ନ ସ୍ତର ଦେଇ ଗତି କରନ୍ତି । ଯଥା- ସାମାଜିକ ସଚେତନତା ଓ ଗୋଷ୍ଠୀ ଗଠନ (ପ୍ରାରମ୍ଭିକ ସ୍ତର), ସଞ୍ଚୟ ଓ ସଦସ୍ୟ ମାନଙ୍କ ମଧ୍ୟରେ ଅର୍ଥ ନେଣ ଦେଣ, ସରକାରଙ୍କ ଠାରୁ ଅନୁଦାନ ପାଣ୍ଠି ଗ୍ରହଣ କରି ନିଜର ପାଣ୍ଠି ବୃଦ୍ଧି ଓ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଋଣ ପ୍ରଦାନକାରୀ ସଂସ୍ଥା ସହ ସମ୍ପର୍କ ସ୍ଥାପନ (୨ୟ ସ୍ତର), ଅଣୁଅର୍ଥ ହାସଲ କରିବା (୩ୟ ସ୍ତର) ଓ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରିବା (୪ର୍ଥ ସ୍ତର ) । ଏହା ଏକ ଦୀର୍ଘ ମିଆଦୀ ପ୍ରକ୍ରିୟା ଓ ସଂଯୋଜକ ଏକକରେ ପରିଣତ ହେବା ନିମନ୍ତେ ସମୟ ଆବଶ୍ୟକ ହୋଇଥାଏ ।

ପ୍ରାରମ୍ଭିକ ଅବସ୍ଥାରେ ଥିବା ଆନୁଷ୍ଠାନିକ ଋଣ ଅନୁଷ୍ଠାନ ବା ସଂସ୍ଥାର ଅଭାବତାକୁ ବାଣିଜ୍ୟିକ ବ୍ୟାଙ୍କ୍ ସହିତ ସମ୍ପର୍କ ସ୍ଥାପନ ଦ୍ୱାରା ଦୂର କରାଯାଇପାରିଥିଲା । ବେସରକାରୀ ସଙ୍ଗଠନ ଗୁଡ଼ିକର ମଧ୍ୟସ୍ଥତା ଦ୍ୱାରା ଗରିବ ଲୋକମାନଙ୍କୁ ବାଣିଜ୍ୟିକ ବ୍ୟାଙ୍କ୍ ସେବା ସହିତ ଯୋଡ଼ିଦିଆଗଲା । ଗରିବ ଲୋକମାନଙ୍କୁ ଋଣ ଯୋଗାଣ ବାଣିଜ୍ୟିକ ବ୍ୟାଙ୍କ୍ ଗୁଡ଼ିକ ନିମନ୍ତେ ଏକ ବ୍ୟୟ ସାପେକ୍ଷ ବ୍ୟାପାର ହୋଇପାରିବ । କାରଣ ସ୍ୱଳ୍ପ ପରିମାଣର ନେଣ ଦେଣରେ ବ୍ୟାଙ୍କ୍ ଗୁଡ଼ିକ ଢେର ଅଧିକ ସଂଖ୍ୟକ କ୍ଷୁଦ୍ର ଋଣୀଙ୍କୁ ପାଇବେ । ଋଣ ଖିଲାପୀ ମାନଙ୍କର ଚିନ୍ତା ଖୁବ୍ କମ ହେବ । କାରଣ ହେଉଛି ଗୋଷ୍ଠୀର ଚାପ । ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବ୍ୟାଙ୍କ ସୁବିଧା ଯୋଗୁଁ ଋଣକାରୀ ମାନଙ୍କର ନେଣ ଦେଣ ଖର୍ଚ୍ଚ ହ୍ରାସ ହୋଇପାରିବ । ସ୍ୱର୍ଣ୍ଣ ଜୟନ୍ତୀ ସ୍ୱରୋଜଗାର ଯୋଜନାରେ ହେଉଥିବା ଋଣପ୍ରଦାନ ବ୍ୟବସ୍ଥାରେ ବେସରକାରୀ ସଙ୍ଗଠନ ଗୁଡ଼ିକର ଆର୍ଥିକ ମଧ୍ୟସ୍ଥତାକୁ ଉତ୍ସାହିତ କରାଯାଇଥାଏ । ଆତ୍ମ ନିଯୁକ୍ତ ମହିଳା ସଙ୍ଗଠନ **(SEWA)** ଓ ଅନ୍ୟାନ୍ୟ ସଙ୍ଗଠନ ଗୁଡ଼ିକର ଅନୁଭୂତିକୁ ବ୍ୟାପକ ଆକାରରେ ଦୋହରାଯାଇଥିଲା ।

**ମଜୁରୀ ଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ (Wage Employment Programmes) :**

ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ଏକମାତ୍ର ମଜୁରୀ ଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ ଥିଲା । ଏହି କାର୍ଯ୍ୟକ୍ରମ ନିମନ୍ତେ ଅର୍ଥବରାଦ ବୃଦ୍ଧି କରାଯିବା ଦରକାର । ନିଯୁକ୍ତି ଆଧାରିତ କ୍ଷେତ୍ର ସମୂହରେ ଉତ୍ପାଦନ ଭିତ୍ତିକ ନିଯୁକ୍ତି ପ୍ରଦାନ ନିମନ୍ତେ ଏହି କାର୍ଯ୍ୟକ୍ରମ ଆଗ୍ରହ ପ୍ରକାଶ କରିବା ଦରକାର । କୌଣସି ଏକ ଅଞ୍ଚଳର ସାମଗ୍ରିକ ବିକାଶ କାର୍ଯ୍ୟକ୍ରମକୁ ସୁହାଇଲା ଭଳି ପ୍ରକଳ୍ପ ତିଆରି କରି ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ରୋଜଗାର ଯୋଜନା ଅଧୀନରେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସରକାର ପ୍ରୟାସ କରିବା ଆବଶ୍ୟକ । ଲଗାତାର ଭାବରେ ବିଭିନ୍ନ ଯୋଜନା କାଳରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳରେ ଅନେକ ସଂଖ୍ୟକ ସୁବିଧା ସୁଯୋଗ ସୃଷ୍ଟି କରାଯାଇ ପାରିଛି । ପ୍ରାରମ୍ଭିକ ଅବସ୍ଥାରେ ଖସଡ଼ା ପ୍ରସ୍ତୁତି ଏବଂ ନିର୍ମାଣରେ ତ୍ରୁଟି ଯୋଗୁଁ ଅଥବା ରକ୍ଷଣାବେକ୍ଷଣର ଅଭାବତା ଯୋଗୁଁ ଏଗୁଡ଼ିକର ଅବକ୍ଷୟ ହୋଇପାରିଛି । ଏଣୁ, ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ରୋଜଗାର ଯୋଜନାରେ ହେଉଥିବା ବ୍ୟୟ ବରାଦର ଏକ ଅଂଶ ମୂଲ୍ୟବାନ ଜିନିଷ /ସମ୍ପତ୍ତିର ରକ୍ଷଣାବେକ୍ଷଣା ନିମନ୍ତେ ବ୍ୟବହାର କରାଯିବା ଆବଶ୍ୟକ । ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ରୋଜଗାର ଯୋଜନାରେ ଚାଲିଥିବା ମଜୁରୀ ଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ ଓ ପାଣ୍ଠି ବଣ୍ଟନର ଯୋଜନା ପ୍ରସ୍ତୁତି, ଏହାର କାର୍ଯ୍ୟକାରିତା ଓ ତଦାରଖ କରିବାରେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ପଞ୍ଚାୟତିରାଜ ଅନୁଷ୍ଠାନର ତିନୋଟିଯାକ ସ୍ତର ଯଥା ଗ୍ରାମ, ବ୍ଲକ୍ ଓ ଜିଲ୍ଲାର ବିକାଶ କ୍ଷେତ୍ରରେ ସନ୍ତୁଳନତା ରକ୍ଷାକରିବା ନିମନ୍ତେ ଉପଯୁକ୍ତ ଭାବରେ ବ୍ୟୟ ମଞ୍ଜୁର ହେବା ଆବଶ୍ୟକ ।

**ଗ୍ରାମାଞ୍ଚଳ ଗୃହ ନିର୍ମାଣ (Rural Housing) :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅନେକ ଯୋଜନା ମଧ୍ୟରେ ଇନ୍ଦିରା ଆବାସ ଯୋଜନା ହେଉଛି ଏକ ସଫଳ ଯୋଜନା । କିନ୍ତୁ ଏଥିରେ କେତେକ ଦୋଷ ଦୁର୍ବଳତା ଦେଖିବାକୁ ମିଳେ । ଏହି ଯୋଜନାରେ ମାଗଣାରେ ଗୃହ ଯୋଗାଣ ଯୋଗୁଁ ଅନ୍ୟାନ୍ୟ ଋଣ - ଭିତ୍ତିକ ଯୋଜନା ଗୁଡ଼ିକରେ ଅଗ୍ରଗତି କରିପାରିନାହିଁ । ଏହି ଯୋଜନାର ମଧ୍ୟ ଅପବ୍ୟବହାର ହୋଇଅଛି । ଅର୍ଥନୈତିକ କାର୍ଯ୍ୟକଳାପର ବିକାଶ ଓ ଅଭିବୃଦ୍ଧି ନିମନ୍ତେ ସର୍ବସାଧାରଣ ପାଣ୍ଠିର ଉପଯୋଗ ହେବା ଆବଶ୍ୟକ । ମାଗଣାରେ ଗୃହ ଯୋଗାଣ ଅପେକ୍ଷା ଉଭୟ ଆତ୍ମ ନିଯୁକ୍ତି ଓ ମଜୁରୀ ଭିତ୍ତିକ ନିଯୁକ୍ତି ଭଳି ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଅଧିକ ପ୍ରାଥମିକତା ଦିଆଯିବା ଆବଶ୍ୟକ ।

ଦଶମ ପଞ୍ଚ ବାର୍ଷିକ ଯୋଜନା କାଳରେ ତଫସିଲ୍‌ଭୁକ୍ତ ଜାତି ଓ ତଫସିଲ୍‌ଭୁକ୍ତ ଉପଜାତିର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ଇନ୍ଦିରା ଆବାସ ଯୋଜନାରେ ମାଗଣାରେ ଘର ଯୋଗାଇ ଦେବାର ବ୍ୟବସ୍ଥା ହୋଇଥିଲା । ଅନ୍ୟାନ୍ୟ ବିପିଏଲ୍ ପରିବାର ଗୁଡ଼ିକ ନିମନ୍ତେ ଏକ କ୍ରମଶଃ ଋଣ ଭିତ୍ତିକ ଗୃହ ନିର୍ମାଣ କାର୍ଯ୍ୟକ୍ରମକୁ ପରିବର୍ତ୍ତିତ କରାଯାଇଥିଲା । ଗ୍ରାମାଞ୍ଚଳ ଗୃହ ନିର୍ମାଣ କ୍ଷେତ୍ରରେ ଗୃହ ନିର୍ମାଣର ନକ୍ସା ପ୍ରସ୍ତୁତି, ଗୃହ ନିର୍ମାଣ ଉପକରଣ ଯୋଗାଣ ଓ ନିର୍ମାଣ ସଂକ୍ରାନ୍ତରେ ଅନୁଷ୍ଠାନଗତ ଦକ୍ଷତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଗୃହର ନକ୍ସା ଓ ରୂପରେଖ ପ୍ରସ୍ତୁତିରେ ଗ୍ରାମ୍ୟ ଗୋଷ୍ଠୀ ଗୁଡ଼ିକୁ ସାମିଲ୍ କରାଯିବା ଦରକାର । ଏହି ଗୃହ ଗୁଡ଼ିକର ବର୍ଷାଜଳ ଅମଳ, ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ରହିବା ଆବଶ୍ୟକ ।

**ସାମାଜିକ ନିରାପତ୍ତା ଯୋଜନା (Social Security Schemes) :**

ବୃଦ୍ଧ, ବୃଦ୍ଧା ଓ ମୃତ ବ୍ୟକ୍ତିଙ୍କ ଶୋକ ସନ୍ତପ୍ତ ପରିବାରକୁ ସହାୟତା ଆକାରରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ **(NSAP)** ଓ ରାଜ୍ୟସ୍ତରୀୟ ମଙ୍ଗଳ ଯୋଜନାରେ ଗରିବ ଲୋକମାନଙ୍କୁ କେତେକ ସହାୟତା ପ୍ରଦାନ କରାଯାଉଥିଲା । ସୀମିତ ସମ୍ବଳ ଯୋଗୁଁ ଅନେକ ଲୋକ ଏହି ଯୋଜନାରେ ସାମିଲ ହୋଇପାରି ନଥିଲେ । ସମସ୍ତ ହିତାଧିକାରୀମାନଙ୍କୁ ଏଥିରେ ସାମିଲ କରିବାପାଇଁ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ପରିସରକୁ ବୃଦ୍ଧି କରାଯାଇଥିଲା । ଗରିବ ଲୋକ ମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ ନିମନ୍ତେ ଏହି ଯୋଜନା କାଳରେ ସାମାଜିକ ବିକାଶ ଯୋଜନାର ପରିସରକୁ ବ୍ୟାପକ କରାଯିବାର ଥିଲା । ଉଭୟ କେନ୍ଦ୍ର ଓ ରାଜ୍ୟ କ୍ଷେତ୍ରରେ ଅତ୍ୟଧିକ ପରିମାଣର ସାମାଜିକ ଯୋଜନା କାର୍ଯ୍ୟକାରୀ ହେଉଥିଲା । ଜନ କଲ୍ୟାଣ ମୁଖ୍ୟତଃ ଏକ ରାଜ୍ୟ ପ୍ରସଙ୍ଗ ହୋଇଥିବାରୁ ଏହି ଯୋଜନା ଗୁଡ଼ିକ ରାଜ୍ୟମାନଙ୍କ ଦ୍ୱାରା ଅତି ଭଲଭାବରେ କାର୍ଯ୍ୟକାରୀ ହୋଇଥାଏ । ଦଶମ ଯୋଜନା ଗୁଡ଼ିକ ରାଜ୍ୟମାନଙ୍କ ଦ୍ୱାରା ଅତି ଭଲଭାବରେ କାର୍ଯ୍ୟକାରୀ ହୋଇଥାଏ । ଦଶମ ଯୋଜନା କାଳରେ ଜାତୀୟ ସାମାଜିକ ସହାୟତା ଯୋଜନାକୁ ନିର୍ଦ୍ଦିଷ୍ଟ ପାଣ୍ଠି ସହ ରାଜ୍ୟମାନଙ୍କୁ ହସ୍ତାନ୍ତର କରାଯାଇଥିଲା ।

**ଭୂ ସଂସ୍କାର (Land Reforms) :** ଭୂ ସଂସ୍କାର କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକ କୃଷି ଉତ୍ପାଦନ ନିମନ୍ତେ ଲଗାତାର ଭାବରେ ପଞ୍ଚବାର୍ଷିକ ଯୋଜନା ଗୁଡ଼ିକ ଜମି ଅଧିକାରର ସୁରକ୍ଷା ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି । ମଧ୍ୟସ୍ଥତା କରଣ ଉଚ୍ଛେଦ ଓ କୃଷକ ମାନଙ୍କୁ ମାଲିକାନା ସତ୍ତ୍ୱ ଅଧିକାର ପ୍ରଦାନ ନିମନ୍ତେ ଅନେକ ଭୂ ସଂସ୍କାର ଆଇନ୍ ପ୍ରଣୟନ କରାଯାଇଛି । ପ୍ରକୃତ କୃଷକମାନେ (ଯେଉଁ ମାନେ କୃଷି କ୍ଷେତ୍ରରେ ଚାଷ କରନ୍ତି) ରାଜ୍ୟର ପ୍ରତ୍ୟକ୍ଷ ସମ୍ପର୍କରେ ଆସିଲେ । ମଧ୍ୟସ୍ଥତା କରଣ ଉଚ୍ଛେଦ ପରେ ବହୁ ସଂଖ୍ୟକ କୃଷକଙ୍କୁ ଜମି ମାଲିକାନା ଅଧିକାର ପ୍ରଦାନ କରାଯାଇଥିଲା । ସବୁଜ ବିପ୍ଳବ କୌଶଳ ଆରମ୍ଭ ସହ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା **(IRDP)** ରେ ସମ୍ପତ୍ତି ହସ୍ତାନ୍ତର ହେବାଯୋଗୁଁ ଉଭୟ କୃଷି ଓ ପଶୁପାଳନ କ୍ଷେତ୍ରରେ ଅହେତୁକ ଭାବରେ ଆୟବୃଦ୍ଧି ପାଇଥିଲା । ଏହି ଯୋଜନା କାଳରେ ଅଳ୍ପ କେତୋଟି ଜଳ ଛାୟାରେ ଏହି ତତ୍ତ୍ୱକୁ ଉପଯୋଗ କରାଯାଇଥିଲା । ଜମିମାଲିକ ମାନେ ଜଳ ସେଚନ ନିମନ୍ତେ ପାଣି ପାଉଥିବା ବେଳେ, ଜମିମାଲିକାନା ନଥିବା ପରିବାର ଗୁଡ଼ିକ ଏଥିପାଇଁ ହେଉଥିବା ଉତ୍ପାଦନରୁ ଏକ ବଡ଼ ଅଂଶ ପାଇ ଥାଆନ୍ତି । ଏହି ଯୋଜନା ଦ୍ୱାରା ଅନେକ ପରିବାର ପଶୁ ପାଳନକୁ ଏକ ବୃତ୍ତି ହିସାବରେ ଗ୍ରହଣ କରିଛନ୍ତି । ଜଳସେଚନ ଯୋଗୁଁ ସୃଷ୍ଟି ହେଉଥିବା ସାଧାରଣ ସମ୍ପତ୍ତି ସମ୍ବଳ **Common Property Resources (CPR)** ରୁ ଏହି ପରିବାର ଗୁଡ଼ିକ ଗୋଖାଦ୍ୟ ଓ ଜାଳେଣୀ ପାଇଥାଆନ୍ତି । ଜଳଛାୟା ପ୍ରକଳ୍ପର ଏକ ଅଂଶ ବିଶେଷ ହିସାବରେ ପୋଖରୀ ଉପରେ ଅଧିକାର ହାସଲ କରାଯାଇଛି ଓ ଭୂମିହୀନ ପରିବାରର ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ଏହି ଅଧିକାର ପ୍ରଦାନ କରାଯାଇଛି । ଏହି ବ୍ୟବସ୍ଥା ଯୋଗୁଁ ଗରିବ ଲୋକମାନେ ଜମି ଓ ଜୀବନ ଜୀବିକାର ଅନ୍ୟାନ୍ୟ ସମ୍ବଳ ଉପରେ ହାସଲ କରିଥିବା ସୁବିଧା ସୁଯୋଗର ବୃଦ୍ଧି ଘଟିଥାଏ ଓ ଫଳତଃ ଜୀବନଧାରଣର ମାନବୃଦ୍ଧି ହୋଇଥାଏ ।

ଏହି ଯୋଜନା କାଳରେ ସଫଳ ପ୍ରକଳ୍ପ ଗୁଡ଼ିକ ଚାଷ ଜମିର ସ୍ୱରୂପ ପରିବର୍ତ୍ତନ କରିଦେଲା । ଅର୍ଥାତ୍ ଅନେକ ଅଣ-ସେଚିତ ଜମିକୁ ଜଳ ସେଚିତ ଜମିରେ ପରିବର୍ତ୍ତନ କଲା । ଏହି ସମୟରେ ରାଜ୍ୟମାନଙ୍କ ଜମିର ସର୍ବାଧିକ ଧାର୍ଯ୍ୟ ସୀମା ନିୟମ କାର୍ଯ୍ୟକାରୀ ହୋଇଥିଲା ଓ ଧାର୍ଯ୍ୟସୀମା ବାହାରେ ଥିବା ଜମିକୁ ଭୂମିହୀନ ଗରିବଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା ଅନ୍ୟପକ୍ଷରେ, ଜଳଛାୟା ବିକାଶ ପ୍ରକଳ୍ପରେ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇ ଗ୍ରାମ୍ୟ ଗୋଷ୍ଠୀ ଗୁଡ଼ିକୁ ଏହାର ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

**ହସ୍ତାନ୍ତରୀୟ ବ୍ୟବସ୍ଥା (Delivery Mechanism) :**

ସମ୍ବିଧାନର ୭୩ ଓ ୭୪ ତମ ସଂଶୋଧନ ପ୍ରସ୍ତାବ ଅନୁସାରେ ପଞ୍ଚାୟତିରାଜ ଅନୁଷ୍ଠାନ ଓ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତଶାସନ ସଂସ୍ଥା ଗୁଡ଼ିକୁ ବ୍ୟବସ୍ଥାସିଦ୍ଧ ପଦମର୍ଯ୍ୟାଦା ପ୍ରଦାନ କରାଗଲା । କେବଳ ଗଣତନ୍ତ୍ରିକ ବିକେନ୍ଦ୍ରୀକରଣ ଏହାର ଉଦ୍ଦେଶ୍ୟ ନ ଥିଲା । ଏହି ଅନୁଷ୍ଠାନ ଗୁଡ଼ିକ ସାମାଜିକ ପରିବର୍ତ୍ତନ ନିମନ୍ତେ ଲୋକମାନଙ୍କର ସହଜାତ ଦକ୍ଷତାକୁ ଉପଯୋଗ କରିବାର ଦେଖାଯାଇଥିଲା । ପ୍ରତ୍ୟେକଟି ବ୍ୟକ୍ତି ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ତାର ଉପଯୁକ୍ତ ସ୍ଥିତି ଯେପରି ଜାହିର କରିପାରିବ ସେଥି ନିମନ୍ତେ ଏହି ଅନୁଷ୍ଠାନ ଗୁଡ଼ିକ କାର୍ଯ୍ୟ କରିଥିଲେ ।

## ୩.୧୨ ଏକାଦଶ ପଞ୍ଚବାର୍ଷିକ ଯୋଜନା - (୨୦୦୭-୧୨)

ଭାରତ ଏଭଳି ଏକ ଦେଶ ଯେଉଁଠାରେ ୩୦୦ ନିୟୁତରୁ ଅଧିକ ଗରିବ ଲୋକ ବାସ କରନ୍ତି । ବିକାଶ ପ୍ରକ୍ରିୟାରେ ଗତ ତିନି ଦଶନ୍ଧି ମଧ୍ୟରେ ଏହି ସଂଖ୍ୟାରେ କିଛିଟା ହ୍ରାସ ଘଟିଛି । ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଦାରିଦ୍ର୍ୟର ସମ୍ମୁଖ ଭାଗରେ ଥିବା ଦରିଦ୍ର ଲୋକମାନଙ୍କର ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଗରିବ ଲୋକମାନଙ୍କର ସଂଖ୍ୟା ହ୍ରାସ ଓ ନିରନ୍ତର ଭାବରେ ଦାରିଦ୍ର୍ୟ ହ୍ରାସ ନିମନ୍ତେ ଦ୍ରୁତ ବିକାଶର ଅତ୍ୟନ୍ତ ଆବଶ୍ୟକତା ଅନୁଭବ କରାଯାଇଥିଲା । କିନ୍ତୁ ଗରିବ ଲୋକମାନଙ୍କର ଉନ୍ନତି ନିମନ୍ତେ ଏହା ଅଣ - ଆନୁପାତିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲା । ତେଣୁ ଏହି ସବୁ ଯୋଜନା ସିଧାସଳଖ ଭାବରେ ଦାରିଦ୍ର୍ୟ ହ୍ରାସ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଏଣୁ ଏହା ସ୍ପଷ୍ଟ ଭାବରେ କୁହାଯାଇ ପାରିବ ଯେ, ଦ୍ରୁତ ଦାରିଦ୍ର୍ୟ ହ୍ରାସ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ଥିଲା ।

**ଅନ୍ତର୍ନିବେଶୀ ବିକାଶ (Inclusive Growth) :** ଭାରତରେ ଦାରିଦ୍ର୍ୟର ସ୍ଥାୟିତ୍ୱ ଓ ବହୁମୁଖୀ ସ୍ୱରୂପ ବା ପ୍ରକୃତିକୁ ଦେଖିଲେ ଦାରିଦ୍ର୍ୟର ନିରାକରଣ ନିମନ୍ତେ ନିର୍ଦ୍ଧାରଣ କରାଯାଉଥିବା କାର୍ଯ୍ୟକ୍ରମ ଗୁଡ଼ିକ ବହୁମୁଖୀ ଓ ଦୀର୍ଘମିଆଦୀ ହେବା ଅତି ଆବଶ୍ୟକ । ପରବର୍ତ୍ତୀ ବିଶ୍ଳେଷଣରୁ ଦେଖାଯାଇଛି ଯେ ଦାରିଦ୍ର୍ୟର ଏକ ଭୌଗୋଳିକ ଦିଗ ରହିଛି । କେତେକ ନିର୍ଦ୍ଦିଷ୍ଟ ରାଜ୍ୟର ଗ୍ରାମାଂଚଳରେ ଦାରିଦ୍ର୍ୟ ସୀମାବଦ୍ଧ ହୋଇ ରହିଛି । ଆହୁରି ମଧ୍ୟ ଦେଖାଯାଉଛି ଯେ ଦାରିଦ୍ର୍ୟର ଏକ ସମାଜ ତତ୍ତ୍ୱ ରହିଛି । ଦାରିଦ୍ର୍ୟ କେତେକ ନିର୍ଦ୍ଦିଷ୍ଟ ସାମାଜିକ ଗୋଷ୍ଠୀ ଭିତରେ

ସୀମାବଦ୍ଧ ହୋଇ ରହିଛି । ଏତଦ୍ ବ୍ୟତୀତ ଦରିଦ୍ରମାନଙ୍କର ଏକ ନିର୍ଦ୍ଧିଷ୍ଟ ବୃତ୍ତିଗତ ବିଶେଷତ୍ୱ ରହିଛି । ଗ୍ରାମାଞ୍ଚଳରେ ଏମାନେ କୃଷି ଶ୍ରମିକ ଓ ହସ୍ତଶିଳ୍ପ କାରିଗର ଓ ସହରାଞ୍ଚଳରେ ସାମୟିକ ଶ୍ରମିକ ଭିତରେ ସୀମାବଦ୍ଧ ହୋଇ ରହିଛନ୍ତି । ସହରାଞ୍ଚଳର ଅନିୟମିତ ଶ୍ରମିକମାନେ ନିଶ୍ଚିତ ଭାବେ ରାଜ୍ୟର ଗ୍ରାମାଞ୍ଚଳରୁ ଦୁର୍ଦ୍ଦିନରେ ଦେଶାନ୍ତର ହୋଇ ଆସିଥାଆନ୍ତି । କାରଣ ଗ୍ରାମାଞ୍ଚଳରେ କୃଷି କ୍ଷେତ୍ରର କାମ କରୁଥିବା ଲୋକମାନଙ୍କର ଅନୁପାତ ଖୁବ କ୍ଷତିକାରକ । ସେଠାରେ ଉଭୟ ଭୂ ସଂସ୍କାର ଓ ଉତ୍ପାଦନ ବୃଦ୍ଧି ନିମନ୍ତେ ଆବଶ୍ୟକ ପଦକ୍ଷେପକୁ ବୃଦ୍ଧି କରିବା ନିମନ୍ତେ କୃଷିରୁ ହେଉଥିବା ଆୟର ଅଭିବୃଦ୍ଧି ହେଉନାହିଁ ।

ଏକାଦଶ ଯୋଜନାରେ ଅନ୍ତର୍ମୁଖୀ ବିକାଶ କୌଶଳ କେତେକ ନିର୍ଦ୍ଧିଷ୍ଟ ଦିଗ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲା । ପ୍ରଥମତଃ, ଦେଶର କେନ୍ଦ୍ର ଓ ପୂର୍ବାଞ୍ଚଳରେ ଶୁଷ୍କ, ଅନୁର୍ବର, ଅର୍ଦ୍ଧଶୁଷ୍କ ଓ ଉପ-ଆର୍ଦ୍ର ଅଞ୍ଚଳରେ ଜଙ୍ଗଲରେ ଦୀର୍ଘ ଦିନ ଧରି ଦାରିଦ୍ର୍ୟ ମଧ୍ୟରେ ବସବାସ କରୁଥିବା ଆଦିବାସୀ ମାନଙ୍କ ଉପରେ ଗୁରୁତ୍ୱ ଆରୋପ କରିଥିଲା । ଦ୍ୱିତୀୟତଃ, ଭାରତରେ ଭୌଗୋଳିକ ଅବସ୍ଥିତି ଦୃଷ୍ଟି କୋଣରୁ ଦରିଦ୍ର ବୋଲି ବିବେଚିତ ହେଉଥିବା ଗରିବମାନଙ୍କ ଉପରେ ଗୁରୁତ୍ୱ ଆରୋପ କରିଥିଲା । ଏହା ସାଧାରଣତଃ ଅତ୍ୟଧିକ ଜଳସେଚିତ ଅଞ୍ଚଳରେ ଦେଖିବାକୁ ମିଳେ । ଏହା ବୃଷ୍ଟିପାତ ଉପରେ କୃଷି ନିର୍ଭର କରୁଥିବା ଅଞ୍ଚଳରେ ଦେଖିବାକୁ ମିଳେନାହିଁ (ଏଠାରେ ମଣିଷ ଓ ଜମିର ଅନୁପାତ ଦେଶରେ ସବୁଠାରୁ କମ୍) । ଅନ୍ୟ ଅର୍ଥରେ କହିବାକୁ ଗଲେ, ଉପଯୁକ୍ତ ଭୂ ସଂସ୍କାର ଓ କୃଷିଭିତିକ ସେବା ବିନା ଏହି ଅଞ୍ଚଳ ଗୁଡ଼ିକ ଦାରିଦ୍ର୍ୟ ହ୍ରାସ କରିପାରିବେ ନାହିଁ । ତୃତୀୟତଃ, ବିକାଶ ପ୍ରକ୍ରିୟାରେ ଅନ୍ୟ ଗୋଷ୍ଠୀଟି ହେଉଛନ୍ତି ଅନିୟମିତ ଶ୍ରମିକ ବା ମୁଲିଆମାନଙ୍କ ଉପରେ ନିର୍ଭର କରୁଥିବା ବ୍ୟକ୍ତି ବିଶେଷ । ଭାରତର ସମୁଦାୟ ଜନସଂଖ୍ୟାର ଏକ ବୃହତ ଅଂଶ ଭଡ଼ାଟିଆ ଶ୍ରମିକ ହିସାବରେ କାମ କରୁଛନ୍ତି । ଏହି ଭଡ଼ାଟିଆ ଶ୍ରମିକ ମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗର । ଗ୍ରାମାଂଚଳ ଲୋକମାନଙ୍କ ମଧ୍ୟରୁ ପ୍ରାୟ ୧୮ ନିୟୁତ ଲୋକଙ୍କର ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନାହିଁ । ତେଣୁ ଅନ୍ତତଃ ଯେଉଁମାନେ ଗୃହଶୂନ୍ୟ, ସେମାନଙ୍କୁ ଜମି ଖଣ୍ଡିଏ ଯୋଗାଇ ଦେବା ଉପରେ ଗ୍ରାମାଞ୍ଚଳ ଗୃହ ନିର୍ମାଣ ଯୋଜନା ଗୁରୁତ୍ୱ ଦେବା ଦରକାର । ବାସୋପଯୋଗୀ ଜମି ସେମାନଙ୍କୁ କେବଳ ଗୃହ ନିର୍ମାଣ ନିମନ୍ତେ ଜାଗା ଦେବ ନାହିଁ । ଏତଦ୍ ବ୍ୟତୀତ ଏହାର କିଛି ଅଂଶକୁ ଛେଳି, ମେଣ୍ଢା ଓ କୁକୁଡ଼ା ପାଳନ ଓ ପରିବା ଚାଷ ନିମନ୍ତେ ବ୍ୟବହାର କରିପାରିବ । ଠିକ୍ ସେହିଭଳି, ଗ୍ରାମାଞ୍ଚଳରେ ବାସ କରୁଥିବା ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗମାନେ ସାମାଜିକ ସହାୟତା ଆବଶ୍ୟକ କରନ୍ତି ।

### ନିଶ୍ଚିତ ମଜୁରୀ ଭିତ୍ତିକ ନିଯୁକ୍ତି - ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (National Rural Employment Guarantee Act) :

ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ୍ **(NREGA)** ଅନ୍ତର୍ନିବେଶୀ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କେଉଁ ଆବହମାନ କାଳରୁ ଭାରତ ତଥା ଅନ୍ୟାନ୍ୟ ବିକାଶୋନ୍ମୁଖୀ ଦେଶମାନଙ୍କରେ

କର୍ମଭିତ୍ତିକ କାର୍ଯ୍ୟକ୍ରମ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହିସାବରେ ପରିଣତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମ ଗୁଡ଼ିକ ସରକାରୀ କାର୍ଯ୍ୟରେ ଅଣ-କୁଶଳୀ ଶ୍ରମିକ ମାନଙ୍କୁ ସ୍ୱଳ୍ପ ମିଆଦୀ ନିଯୁକ୍ତି ପ୍ରଦାନ କରିଥାଏ । ଯେତେବେଳେ ଏହି ଶ୍ରମିକମାନେ ନିଯୁକ୍ତି ସୁଯୋଗ ପାଇପାରନ୍ତି ନାହିଁ, ସେହି ସମୟରେ ଏହି କାର୍ଯ୍ୟକ୍ରମ ଗୁଡ଼ିକ ଗରିବ ପରିବାର ଗୁଡ଼ିକୁ ଆୟର ମାଧ୍ୟମ ଯୋଗାଇ ଥାଏ । ବେକାରୀ ଓ ଅର୍ଦ୍ଧବେକାରୀ ହାର ଅଧିକ ଥିବା ଅଞ୍ଚଳ ଗୁଡ଼ିକରେ ମୁଖ୍ୟତଃ ଅଣକୃଷି ଋତୁରେ କର୍ମଭିତ୍ତିକ କାର୍ଯକ୍ରମ ଗୁଡ଼ିକ ଦାରିଦ୍ର୍ୟକୁ ଜଟିଳ ହେବାକୁ ଦେଇ ନଥାଏ । ଗ୍ରାମାଞ୍ଚଳରେ ଅଣକୁଶଳୀ ଶ୍ରମିକମାନଙ୍କୁ ଗୋଟିଏ ଆର୍ଥିକ ବର୍ଷରେ ସର୍ବନିମ୍ନ ୧୦୦ ଦିନର ମଜୁରି ଭିତ୍ତିକ ନିଯୁକ୍ତି ଯୋଗାଇଦେବା ନରେଗା ଯୋଜନାର ମୂଳଲକ୍ଷ୍ୟ । ଏହା ଦ୍ୱାରା ଗ୍ରାମାଞ୍ଚଳର ଦରିଦ୍ର ଲୋକମାନଙ୍କର ଜୀବିକା ନିରାପତ୍ତା ବୃଦ୍ଧି ପାଇଥାଏ । ଏହି ଆଇନ୍ ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କର ଜୀବିକା ନିର୍ବାହର ସମ୍ବଳକୁ ସୁଦୃଢ଼ କରିଥାଏ । ମରୁଡ଼ି, ଜଙ୍ଗଲକ୍ଷୟ, ମୃତ୍ତିକାକ୍ଷୟ ଇତ୍ୟାଦି କାରଣରୁ ଗୁରୁତର ଦାରିଦ୍ର୍ୟ ଥିବା ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥାଏ । ଏହା ଦ୍ୱାରା ନିରନ୍ତର ଭାବରେ ନିଯୁକ୍ତି ସୃଷ୍ଟି ପ୍ରକ୍ରିୟା ଚାଲୁ ରହେ ।

**ଆତ୍ମ ନିଯୁକ୍ତି – ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (Swarnajayanti Gram Swarozgar Yojana) :**

ବିଭିନ୍ନ ପଞ୍ଚବାର୍ଷିକ ଯୋଜନା କାଳରେ ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ନିରବଚ୍ଛିନ୍ନ ଭାବରେ ଉଦ୍ୟମ କରି ଆସିଛନ୍ତି । ମୁଖ୍ୟତଃ କାର୍ଯ୍ୟକାରିତାର ମାନବୃଦ୍ଧି ଓ ଏହାର ସଫଳ କାର୍ଯ୍ୟକାରିତା ନିମନ୍ତେ ଅନେକ ନୂତନ ପ୍ରସଙ୍ଗକୁ ବିଭିନ୍ନ ସମୟରେ ସଂଯୋଗ କରାଯାଇଛି । ଗୋଷ୍ଠୀ ବା ପୁଞ୍ଜିତତ୍ତ୍ୱକୁ ଯୋଡ଼ିବାର ଆବଶ୍ୟକତାକୁ ଭିତ୍ତି କରି ଦକ୍ଷତା ନିର୍ମାଣ, କୌଶଳ ବିକାଶ, ବିପଣନ ସହ ଭିତ୍ତିଭୂମିର ବିକାଶ ଓ ବୈଷୟିକ ଜ୍ଞାନର ପ୍ରବେଶ ଇତ୍ୟାଦି ବିଗତ ବର୍ଷ ମାନଙ୍କରେ ଅନୁଭବ କରାଯାଇଥିଲା । ଅଣୁ ଉଦ୍ୟୋଗ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିବାର ଆବଶ୍ୟକତା ଥିଲା । ଏହାଦ୍ୱାରା ଅଗ୍ରଗାମୀ ସଂଯୋଗ ମାଧ୍ୟମରେ ପୁଞ୍ଜିନିବେଶର ସୁଫଳକୁ ସୁନିଶ୍ଚିତ କରାଯାଇ ପାରିବ ।

ଏହାକୁ ଆଖିଆଗରେ ରଖି ୧୯୯୯ ମସିହା ଏପ୍ରିଲ୍ ୧ ତାରିଖରେ ଭାରତରେ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା କାର୍ଯ୍ୟକାରୀ କରାଗଲା । ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଗରିବ ପରିବାର ଗୁଡ଼ିକୁ ସାହାଯ୍ୟ ପ୍ରଦାନ କରି ଦାରିଦ୍ର୍ୟ ସୀମାରେଖା ଉପରକୁ ଆଣିବା ଏହାର ଲକ୍ଷ୍ୟ ଥିଲା । ଗ୍ରାମାଞ୍ଚଳ ଦରିଦ୍ର ଲୋକମାନଙ୍କ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଏହି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଆକଳନ କରାଯାଇଥିଲା । ଏଥିପାଇଁ ସେମାନଙ୍କୁ ମନାଇ ସେମାନଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ନିର୍ମାଣ ତଥା ଆୟ ସୃଷ୍ଟିକାରୀ ସମ୍ବଳ ଯୋଗାଇବାର ଲକ୍ଷ୍ୟ ସ୍ଥିର କରାଯାଇଥିଲା । ସାମୁହିକ କାର୍ଯ୍ୟକଳାପ ମାଧ୍ୟମରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ତତ୍ତ୍ୱ ଗରିବଲୋକମାନଙ୍କର ଆତ୍ମ ବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଗୋଷ୍ଠୀଗତ ପ୍ରକ୍ରିୟା ଓ ସାମୁହିକ ନିଷ୍ପତ୍ତି ସେମାନଙ୍କର ଆବଶ୍ୟକତା ଓ ସମ୍ବଳକୁ ଚିହ୍ନଟ କରିବା ଓ ଅଗ୍ରାଧିକାର ପ୍ରଦାନ ନିମନ୍ତେ ସେମାନଙ୍କୁ

ସକ୍ଷମ କରାଇଥାଏ। ଏହି ପ୍ରକ୍ରିୟା ନିଶ୍ଚିତ ଭାବରେ ଗ୍ରାମାଞ୍ଚଳ ଦରିଦ୍ର ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ କରିବା ସହ ସେମାନଙ୍କର କ୍ରୟଶକ୍ତି ବୃଦ୍ଧି କରିବାରେ ସହାୟକ ହେବ। ଗତ କେତେବର୍ଷ ମଧ୍ୟରେ ସମଗ୍ର ଦେଶରେ ଆରମ୍ଭ ହୋଇଥିବା ସ୍ୱୟଂ ସହାୟକ ଆନ୍ଦୋଳନରୁ ମିଳିଥିବା ସୁଫଳକୁ ଗ୍ରହଣ କରିବା ଏକାଦଶ ଯୋଜନାର ଲକ୍ଷ୍ୟ ଥିଲା। ଏହି ସଫଳତାକୁ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ସହିତ ଯୋଡ଼ିବାର ପ୍ରୟାସ କରାଯାଇଥିଲା। ଏହି କ୍ରମରେ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନାର ଅଳ୍ପ କେତେକ ଦିଗ ଆବଶ୍ୟକୀୟ ଫଳାଫଳ ପ୍ରଦାନ କରିପାରି ନଥିଲା ଓ ଆବଶ୍ୟକ ସ୍ଥଳେ ଏଗୁଡ଼ିକୁ ବାତିଲ କରାଯାଇଥିଲା। ବିଭିନ୍ନ ବିକାଶମୂଳକ ପ୍ରକଳ୍ପରୁ ମିଳିଥିବା ଅନୁଭୂତି ଓ ଫଳାଫଳକୁ ବିଚାରକୁ ନେଇ ଏହି ଯୋଜନାରେ କେତେକ ପରିବର୍ତ୍ତନ କରାଯାଇଥିଲା। ସଦସ୍ୟ ମାନଙ୍କର ମାଲିକାନାରେ ଥିବା ଅନୁଷ୍ଠାନ, ସଦସ୍ୟମାନେ ନିୟନ୍ତ୍ରଣ କରୁଥିବା ଅନୁଷ୍ଠାନ ଓ ସଦସ୍ୟ ମାନଙ୍କ ପରିଚାଳିତ ଗରିବମାନଙ୍କର ଅନୁଷ୍ଠାନ ଗୁଡ଼ିକୁ ବିକଶିତ ଓ ସୁଦୃଢ଼ କରି ସେମାନଙ୍କୁ ନିରନ୍ତର ଭାବରେ ଜୀବିକା ନିର୍ବାହ ଓ ଉତ୍ତମ ଜୀବନଧାରଣର ମାନବୃଦ୍ଧି କରିବା ଏହି ସ୍ୱର୍ଣ୍ଣଜୟନ୍ତୀ ସ୍ୱରୋଜଗାର ଯୋଜନାର ଲକ୍ଷ୍ୟ ହେବା ଆବଶ୍ୟକ। ଏହି ଅନୁଷ୍ଠାନ ଗୁଡ଼ିକ ସେମାନଙ୍କ ସଦସ୍ୟ ମାନଙ୍କର ଚାହିଦା ମୁତାବକ ବ୍ୟାପକ ଧରଣର ସେବା ଯୋଗାଇବା ଆବଶ୍ୟକ। ଗରିବ ଲୋକମାନଙ୍କର ପରସ୍ପରକୁ ସାହାଯ୍ୟ କରିବାର ଯଥେଷ୍ଟ ଦକ୍ଷତା ରହିଛି ଓ ସେମାନଙ୍କୁ ସଙ୍ଗଠିତ କରି ପ୍ରତ୍ୟେକ ସଦସ୍ୟଙ୍କରଦକ୍ଷତାକୁ ବିନିଯୋଗ କରିବା ଆବଶ୍ୟକ। ସାମାଜିକ ସଚେତନତା ଏହି ଦରିଦ୍ର ଲୋକମାନଙ୍କୁ ନିଜ ଗୋଷ୍ଠୀ ଗଠନ ନିମନ୍ତେ ସହାୟତା ପ୍ରଦାନ କରିଥାଏ। ଏହି ଗୋଷ୍ଠୀରେ ସେମାନେ ସଂପୂର୍ଣ୍ଣ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରି ଦାରିଦ୍ର୍ୟ ଦୂରୀକରଣ ସମ୍ପର୍କିତ ସମସ୍ତ ବିଷୟ ଉପରେ ନିଷ୍ପତ୍ତି ଗ୍ରହଣ କରିଥାଆନ୍ତି।

## ୩.୧୩ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା (୨୦୧୨-୧୭)

ଭାରତର ଗ୍ରାମାଞ୍ଚଳରେ ପରିପୋଷକ ଓ ଅନ୍ତର୍ନିବେଶୀ ବିକାଶ କୌଶଳ ମାଧ୍ୟମରେ "ପରିପୋଷକ ଗ୍ରାମାଞ୍ଚଳ ବିକାଶ" ହାସଲ କରିବା ନିମନ୍ତେ ଏହି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ ହୋଇଛି। ଏହି କୌଶଳ ଗୁଡ଼ିକ ନିମ୍ନରେ ଦିଆଗଲା -

**ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) :**

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ହେଉଥିବା ଅଧିକାଂଶ କାର୍ଯ୍ୟ ଜଳ, ମୃତ୍ତିକା, ଜଳ ସଂରକ୍ଷଣ, ଭୂତଳ ଜଳର ବ୍ୟବହାର, ମୃତ୍ତିକା କ୍ଷୟ ହ୍ରାସ, ମୃତ୍ତିକାର ଉର୍ବରତା ବୃଦ୍ଧି, ଜୈବ ବିବିଧତାର ସଂରକ୍ଷଣ, ଅବକ୍ଷୟମୁଖୀ ଫସଲ ଓ ଚାରଣ ଭୂମିର ପୁନରୁଦ୍ଧାର, ଉନ୍ନତ ଧରଣର ପତ୍ରସାର, ଜାଳେଣି କାଠ, ଅଣ-କାଠ ଜଙ୍ଗଲ ଯାତ ଦ୍ରବ୍ୟ ଇତ୍ୟାଦି ପରିବେଶଗତ ସେବା ଯୋଗାଇ ଥାଏ।

**ସମନ୍ୱିତ ଜଳଛାୟା ବିକାଶ କାର୍ଯ୍ୟକ୍ରମ (IWDP) :**

ସମନ୍ୱିତ ଜଳଛାୟା ବିକାଶ କାର୍ଯ୍ୟକ୍ରମ ଜଳଛାୟା ମାଧ୍ୟମରେ ପରିବେଶଗତ ସନ୍ତୁଳନତା ରକ୍ଷା କରିବାର ଲକ୍ଷ୍ୟ ରଖିଥାଏ। ଅବକ୍ଷୟମୁଖୀ ପ୍ରାକୃତିକ ସମ୍ବଳ ଯଥା - ମୃତ୍ତିକା, ଜଳ ଓ ପୃଥିବୀର ସବୁଜ

ଆସ୍ତରଣର ଉପଯୋଗ, ସଂରକ୍ଷଣ ଓ ବିକାଶ କରି ଏହି ଲକ୍ଷ୍ୟ ପୂରଣ ପାଇଁ ଉଦ୍ୟମ କରିଥାଏ । ଏହାଦ୍ୱାରା ସ୍ଥାନୀୟ ଲୋକମାନଙ୍କୁ ନିରନ୍ତର ଭାବରେ ଜୀବନଜୀବିକା ଯୋଗାଇ ଦେବାରେ ଏହା ସହାୟକ ହେବ । ଭୂତଳଜଳ ଓ ମୃତ୍ତିକାର ଉର୍ବରତା ସମେତ ସବୁଜ ଗ୍ରାମ୍ୟ ଅର୍ଥନୀତି ହାସଲରେ ସହାୟକ ହେଉଥିବା କାର୍ଯ୍ୟକଳାପ ଓ ବ୍ୟାବହାରିକ ଢାଞ୍ଚାର ବ୍ୟବହାର ଆଧାର କରି ସବୁଜ ଉତ୍ପାଦନ ନିମନ୍ତେ ଏହି ଯୋଜନାର ସାମର୍ଥ୍ୟ ବା ଶକ୍ତି ରହିଛି ।

**ଜାତୀୟ ଗ୍ରାମୀଣ ଜୀବିକା ମିଶନ (NRLM) :**

ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଅଣ-କାଠ ଜଙ୍ଗଲ ଭିତ୍ତିକ ଜୀବିକା ମିଶନ୍‌ର ପରିକଳ୍ପନା କରାଯାଇଥିଲା । ମହିଳା କିଶାନ ସଶକ୍ତିକରଣ ପରିଯୋଜନାରେ ଅଣ-କାଠ ଜଙ୍ଗଲ ଭିତ୍ତିକ ଉତ୍ପାଦ ସୃଷ୍ଟି ଓ ଏହାର ପରିପୋଷକ ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଠିକ୍ ସେହିଭଳି, ଜୈବିକ ଓ ସ୍ୱଳ୍ପ ରାସାୟନିକ କୃଷି ଏବଂ କୃଷିଭିତ୍ତିକ ଜୀବିକା ବୃଦ୍ଧି ନିମନ୍ତେ ମୃତ୍ତିକାର ଅବସ୍ଥା ଓ ଉର୍ବରତା ବୃଦ୍ଧି କରିବା ମହିଳା କିଶାନ ସଶକ୍ତିକରଣ ପରିଯୋଜନାର ଏକ ଅଂଶ ବିଶେଷ ଥିଲା ।

**ଇନ୍ଦିରା ଆବାସ ଯୋଜନା (IAY) :**

ଇନ୍ଦିରା ଆବାସ ଯୋଜନାରେ ଜଳ, ଶକ୍ତି ଓ ନିର୍ମାଣରେ ବ୍ୟବହୃତ ବିଭିନ୍ନ ପ୍ରକାର ଉପକରଣ ଇତ୍ୟାଦି ସମ୍ବଳର ସଠିକ ଉପଯୋଗ ହୋଇଥାଏ । ଆହୁରି ମଧ୍ୟ, ଏହି ଯୋଜନା ନବୀକରଣ ଯୋଗ୍ୟ ଓ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ହେଉଥିବା ନିର୍ମାଣ ଉପକରଣ ଗୁଡ଼ିକର ବହୁଳ ବ୍ୟବହାରକୁ ଉତ୍ସାହିତ କରିଥାଏ । ଏଥିରେ ଜଳ ଓ ଶକ୍ତିର ବ୍ୟବହାରରେ ହ୍ରାସ ଘଟିଥାଏ ।

**ନିର୍ମଳ ଭାରତ ଅଭିଯାନ (NBA) :**

ପୂର୍ବର ସମ୍ପୂର୍ଣ୍ଣ ପରିମଳ ଅଭିଯାନ **(Total Sanitation Compaign)** ଏବେ ତାର ପରିସରକୁ ବୃଦ୍ଧି କରିଛି । ଗ୍ରାମାଞ୍ଚଳରେ ମୁକ୍ତ ମଳତ୍ୟାଗ ଯୋଜନାକୁ ସମ୍ପ୍ରସାରିତ କରି ବ୍ୟାପକ ପରିମଳରେ ପରିଣତ କରିଛି । ଏହି ପ୍ରକଳ୍ପ ପାଇଁ ବ୍ୟୟ ବରାଦ ହୋଇଥିବା ସମୁଦାୟ ପାଣ୍ଠିର ୧୦% କଠିନ ଓ ତରଳ ବର୍ଜ୍ୟବସ୍ତୁର ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ । ଏହି ନିର୍ମଳ ଭାରତ ଅଭିଯାନ କଠିନ ଓ ତରଳ ବର୍ଜ୍ୟବସ୍ତୁକୁ ନିରାପଦ ଯଥା ସ୍ଥାନରେ ନିକ୍ଷେପ କରିବାକୁ ସୁନିଶ୍ଚିତ କରିଥାଏ । ଏହା ସହିତ ଜଳ ଯୋଗାଣ ବ୍ୟବସ୍ଥା ମଧ୍ୟକୁ ଅଣ-ବିଶୋଧିତ ଜଳର ପ୍ରବେଶକୁ ଏହା ବାରଣ ବା ପ୍ରତିହତ କରିଥାଏ । ଏହା ଦ୍ୱାରା ଜଳରମାନ ଧୀରେ ଧିରେ ବୃଦ୍ଧି ଘଟିଥାଏ ।

**ଜାତୀୟ ଗ୍ରାମାଞ୍ଚଳ ପାନୀୟଜଳ କାର୍ଯ୍ୟକ୍ରମ (NRDWP) :**

ଜାତୀୟ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଜନା ଜଳଯୋଗାଣର ଉତ୍ସ ଓ ଜଳର ମାନ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ପଦୂଷିତ ଜଳ ବିଶୋଧନ ପରେ ନର୍ଦ୍ଦମା ବା ପଙ୍କର ନିରାପଦ ନିକ୍ଷେପ ଓ ଜଳ ଉଠାଣ ନିମନ୍ତେ ନବୀକରଣ ଯୋଗ୍ୟ ଶକ୍ତିର ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରେ ।

## ଆତ୍ମ ପରୀକ୍ଷଣ ପ୍ରଶ୍ନ 'ଗ'

ଟିପ୍ପଣୀ - (କ) ଉତ୍ତର ନିମନ୍ତେ ଉଦ୍ଦିଷ୍ଟ ଶୂନ୍ୟସ୍ଥାନକୁ ବ୍ୟବହାର କରନ୍ତୁ।
(ଖ) ଏହି ଏକକର ଶେଷରେ ଦିଆ ଯାଇଥିବା ସମ୍ଭାବ୍ୟ ଉତ୍ତର ସହିତ ନିଜ ଉତ୍ତରକୁ ମିଳାଇ ଦିଅନ୍ତୁ।

ପ୍ରଶ୍ନ ୧ - ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ବିକାଶମୂଳକ କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତ ଗୁଡ଼ିକର କାର୍ଯ୍ୟ କଣ ଥିଲା ?

ଉତ୍ତର :________________________________________

________________________________________

________________________________________

________________________________________

________________________________________

ପ୍ରଶ୍ନ ୨ - ନବମ ପଞ୍ଚବାର୍ଷିକ ଯୋଜନା କାଳରେ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମରେ ନିଆ ଯାଇଥିବା ବିଭିନ୍ନ ପଦକ୍ଷେପ ଗୁଡ଼ିକ ବର୍ଣ୍ଣନା କର ?

ଉତ୍ତର :________________________________________

________________________________________

________________________________________

________________________________________

________________________________________

## ୩.୧୪ ସାରାଂଶ

ଏହି ଏକକରେ ଗ୍ରାମାଞ୍ଚଳ ବିକାଶ ଓ ଏହାର ସହାୟକ କାର୍ଯ୍ୟକଳାପର କ୍ରମ ବିକାଶ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଲୋକମାନଙ୍କର ଜୀବନ ଧାରଣର ମାନରେ ଦ୍ରୁତ ଅଭିବୃଦ୍ଧି ହାସଲ ନିମନ୍ତେ ସରକାର ଘୋଷଣା କରିଥିବା ଲକ୍ଷ୍ୟ ଆଧାରରେ ୧୯୫୦ ମସିହା ମାର୍ଚ୍ଚ ମାସରେ ଭାରତ ସରକାର ଏକ ସଂକଳ୍ପ ବଳରେ ଯୋଜନା କମିଶନ ଗଠନ କରିଥିଲେ। ଦେଶର ସମ୍ବଳର ସଠିକ୍ ଉପଯୋଗ, ଉତ୍ପାଦନ ବୃଦ୍ଧି ଓ ସମସ୍ତଙ୍କୁ ନିଯୁକ୍ତି

ସୁଯୋଗ ପ୍ରଦାନ ନିମନ୍ତେ ଘୋଷଣା କରାଯାଇଥିଲା । ଦେଶର ସମସ୍ତ ସମ୍ବଳର ଆକଳନ, ଅଭାବ ରହିଥିବା ସମ୍ବଳର ବୃଦ୍ଧି, ସମ୍ବଳର ସଠିକ୍ ଓ ସନ୍ତୁଳିତ ଉପଯୋଗ ନିମନ୍ତେ ଯୋଜନା ପ୍ରଣୟନ ନିମନ୍ତେ ଏହି ଯୋଜନା କମିଶନକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ ଯୋଜନା କମିଶନର ପ୍ରଥମ ଅଧ୍ୟକ୍ଷ ଥିଲେ । ଏହି ଏକକରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା ଠାରୁ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପର୍ଯ୍ୟନ୍ତ ହାତକୁ ନିଆଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ବ୍ୟାପକ ଭାବରେ ବର୍ଣ୍ଣନା କରାଯାଇଛି ।

## ୩.୧୫ ପ୍ରମୁଖ ଶବ୍ଦାବଳୀ

**ମରୁଭୂମି ବିକାଶ କାର୍ଯ୍ୟକ୍ରମ (DDP) :** ମରୁଭୂମି ଅଞ୍ଚଳର ବ୍ୟାପକତାକୁ ନିୟନ୍ତ୍ରଣ କରିବା ଓ ସ୍ଥାନୀୟ ସମ୍ବଳର ଉତ୍ପାଦିକା ଶକ୍ତି ବୃଦ୍ଧି କରି ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କର ନିଯୁକ୍ତି ସ୍ତର ଓ ଆୟ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ଏହି କାର୍ଯ୍ୟକ୍ରମ ଦେଶର ଉଭୟ ଶୁଷ୍କ ଓ ଥଣ୍ଡା ଅଞ୍ଚଳର ଅନୁର୍ବର ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥିଲା ।

**ଆତ୍ମ ନିଯୁକ୍ତି ନିମନ୍ତେ ଗ୍ରାମାଞ୍ଚଳ ଯୁବକ ଯୁବତୀଙ୍କ ପ୍ରଶିକ୍ଷଣ (TRYSEM) :** ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗ୍ରାମାଞ୍ଚଳ ପରିବାରର ଯୁବକ ଯୁବତୀ ମାନଙ୍କୁ ବୈଷୟିକ କୌଶଳ ପ୍ରଦାନ ଓ ପାରମ୍ପରିକ କୌଶଳର ଅଭିବୃଦ୍ଧି ନିମନ୍ତେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ।

**ଗ୍ରାମାଞ୍ଚଳ ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ (DWCRA) :** ଏକ ଅଗ୍ରଣୀ ପ୍ରକଳ୍ପ ଭାବରେ ସମନ୍ୱିତ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଯୋଜନା ଅଧୀନରେ ଏହି କାର୍ଯ୍ୟକ୍ରମ ଭାରତର ୫୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିଲା । ୭ମ ଯୋଜନା କାଳରେ ଏହି କାର୍ଯ୍ୟକ୍ରମ ଅଧିକ ଜିଲ୍ଲାକୁ ସମ୍ପ୍ରସାରିତ ହୋଇଥିଲା ଓ ୭ମ ଯୋଜନାର ଶେଷ ବେଳକୁ ଏହା ୧୬୧ ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିଲା ।

**ସମନ୍ୱିତ ଜଳଛାୟା ବିକାଶ କାର୍ଯ୍ୟକ୍ରମ (IWDP) :** ଅବକ୍ଷୟ ମୁଖୀ ପ୍ରାକୃତିକ ସମ୍ବଳ ଯଥା ମୃତ୍ତିକା, ଜଳ ଓ ଭୂପୃଷ୍ଠର ଆବରଣର ବ୍ୟବହାର, ସଂରକ୍ଷଣ ଓ ବିକାଶ ମାଧ୍ୟମରେ ଜଳଛାୟା ଦ୍ୱାରା ପରିବେଶରେ ସନ୍ତୁଳନତା ରକ୍ଷାନିମନ୍ତେ ସମନ୍ୱିତ ଜଳଛାୟା ବିକାଶ କାର୍ଯ୍ୟକ୍ରମ ଲକ୍ଷ୍ୟ ରଖିଥାଏ । ଏହା ସ୍ଥାନୀୟ ଲୋକମାନଙ୍କୁ ପରିପୋଷକ ଜୀବିକା ପ୍ରଦାନରେ ସହାୟକ ହୋଇଥାଏ ।

**ନିର୍ମଳ ଭାରତ ଅଭିଯାନ (NBA) :** ପୂର୍ବର ସଂପୂର୍ଣ୍ଣ ପରିମଳ ଅଭିଯାନ ଏବେ ଏହାର ପରିସରକୁ ବ୍ୟାପକ କରି ନିର୍ମଳ ଭାରତ ଅଭିଯାନରେ ପରିଣତ ହୋଇଛି । ଏହା ଗ୍ରାମାଞ୍ଚଳରେ ଖୋଲା ମଳତ୍ୟାଗ ନିରାକରଣକୁ ବ୍ୟାପକ ପରିମଳରେ ପରିଣତ କରିଛି ।

## ୩.୧୬ ସହାୟକ ଗ୍ରନ୍ଥସୂଚୀ


୧. ସତ୍ୟ ସୁନ୍ଦରମ . ଆଇ (୧୯୬୭) (Rural Development, Himalaya Pulishing House, New Delhi

୨. ବି.ଡ଼ି. ସିଂ (୧୯୯୨) Planning for Rural Development and Poverty Alleviation, Mittal Publications, New Delhi.

୩. ଭେଙ୍କଟ ରେଡ୍ଡୀ କେ. (୧୯୯୨) Rural Development in India : Poverty and Development, Himalaya Pubishing House, New Delhi

୪. ସୁନ୍ଦରମ କେ.ଭି. (୧୯୯୯) Decentralised Multilevel Planning, Concept Publishing Company, New Delhi.

୫. ହୋସିଆର ସିଂ (୧୯୯୫) Administration of Rural Development in India, Sterling Publishers Private Ltd, New Delhi.

୬. ନାଗପାଲ ସି.ଏସ୍. (ମିତଲ) ଏ.ସି. (୧୯୯୩) Rural Development, Anmol Publications Pvt. Ltd, New Delhi.


## ୩.୧୭ ଆତ୍ମପରୀକ୍ଷଣ ପ୍ରଶ୍ନର ସମ୍ଭାବ୍ୟ ଉତ୍ତରମାଳା

### ଆତ୍ମପରୀକ୍ଷଣ ପ୍ରଶ୍ନ 'କ' ର ଉତ୍ତର :-

**୧.** ଗ୍ରାମାଞ୍ଚଳ ବିକାଶ ହେଉଛି ଏକ ଜାତୀୟ ଆବଶ୍ୟକତା । ଭାରତରେ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି । କାରଣ:-

୧) ଭାରତର ସମୁଦାୟ ଜନସଂଖ୍ୟାର ପ୍ରାୟ ତିନି ଚତୁର୍ଥାଂଶ ଗ୍ରାମାଞ୍ଚଳରେ ବାସ କରନ୍ତି । ତେଣୁ ଦେଶର ସାମଗ୍ରିକ ବିକାଶ ନିମନ୍ତେ ଗ୍ରାମାଞ୍ଚଳ ବିକାଶ ନିତାନ୍ତ ଆବଶ୍ୟକ ।

୨) ଦେଶର ଜାତୀୟ ଆୟର ପ୍ରାୟ ଅର୍ଦ୍ଧେକ କୃଷିରୁ ଆସିଥାଏ । ଏହା ହିଁ ଗ୍ରାମାଞ୍ଚଳ ଭାରତର ମୁଖ୍ୟ ବୃତ୍ତି ।

୩) ଭାରତର ସମୁଦାୟ ଜନସଂଖ୍ୟାର ପ୍ରାୟ ୭୦% ଲୋକ କୃଷି ମାଧ୍ୟମରେ ନିଯୁକ୍ତି ପାଇଥାଆନ୍ତି ।

୪) ଶିଳ୍ପ କ୍ଷେତ୍ରରେ ବ୍ୟବହୃତ କଞ୍ଚାମାଲର ସିଂହଭାଗ କୃଷି ଓ ଗ୍ରାମାଞ୍ଚଳ କ୍ଷେତ୍ରରୁ ଆସିଥାଏ ।

୫) ଗ୍ରାମାଞ୍ଚଳ ଲୋକମାନଙ୍କର ଆଗ୍ରହ ଓ ଶିଳ୍ପଜାତ ଦ୍ରବ୍ୟ କିଣିବା ନିମନ୍ତେ କ୍ରୟଶକ୍ତି ବୃଦ୍ଧି ଯୋଗୁଁ ଶିଳ୍ପ କଳକାରଖାନା ଅଞ୍ଚଳରେ ଲୋକସଂଖ୍ୟା ବୃଦ୍ଧି ପାଇଥାଏ।

୬) ସହରାଞ୍ଚଳର ମୁଷ୍ଟିମେୟ ଲୋକ ଓ ଗ୍ରାମାଞ୍ଚଳର ଦରିଦ୍ର ଲୋକମାନଙ୍କ ମଧ୍ୟରେ ପାର୍ଥକ୍ୟ ବୃଦ୍ଧି ଯୋଗୁଁ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଥାଏ।

**୨.** ୧) ମାନବ ସୃଷ୍ଟ ସମସ୍ୟା

୨) କୃଷି ସମସ୍ୟା

୩) ଭିତ୍ତିଭୂମି ସମସ୍ୟା

୪) ଆର୍ଥିକ ସମସ୍ୟା

୫) ସାମାଜିକ ଓ ସାଂସ୍କୃତିକ ସମସ୍ୟା

୬) ପ୍ରଶାସନିକ ସମସ୍ୟା

**୩.** ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ୧୯୫୨ ମସିହା ଅକ୍ଟୋବର ମାସରେ କାର୍ଯ୍ୟକାରୀ ହୋଇଥିବା ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଭାରତର ପ୍ରଥମ ବୃହତ୍ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଥିଲା। ନିମ୍ନଲିଖିତ ଲକ୍ଷ୍ୟ ନେଇ ଏହା କାର୍ଯ୍ୟକାରୀ ହୋଇଥିଲା।

(କ) ଗ୍ରାମାଞ୍ଚଳରେ ବସ୍ତୁଗତ ଓ ମାନବ ସମ୍ବଳର ସଂପୂର୍ଣ୍ଣ ବିକାଶ ସାଧନ କରିବା।

(ଖ) ସ୍ଥାନୀୟ ନେତୃତ୍ୱ ଓ ସ୍ୱାୟତ ଶାସନ ଅନୁଷ୍ଠାନ ଗୁଡ଼ିକର ବିକାଶ ସାଧନ କରିବା।

(ଗ) ଖାଦ୍ୟ ଓ କୃଷିଜାତ ଦ୍ରବ୍ୟର ଦ୍ରୁତ ବୃଦ୍ଧି ଦ୍ୱାରା ଗ୍ରାମାଞ୍ଚଳ ଲୋକ ମାନଙ୍କର ଜୀବନ ଧାରଣର ମାନ ବୃଦ୍ଧି କରିବା।

(ଘ) ଲୋକମାନଙ୍କର ମାନସିକତାରେ ପରିବର୍ତ୍ତନକୁ ସୁନିଶ୍ଚିତ କରିବା।

**୪.** ପଞ୍ଚାୟତିରାଜ ବ୍ୟବସ୍ଥାର ତିନୋଟିସ୍ତର ହେଲା :-

୧) ଗ୍ରାମ ପଞ୍ଚାୟତ

୨) ପଞ୍ଚାୟତ ସମିତି / ତାଲୁକ / ବ୍ଲକ ପଞ୍ଚାୟତ

୩) ଜିଲ୍ଲା ପରିଷଦ

## ଆତ୍ମପରୀକ୍ଷଣ ପ୍ରଶ୍ନ 'ଖ' ର ଉତ୍ତର

**୧.** ଗାନ୍ଧୀବାଦୀ ଢାଞ୍ଚାର ବିକାଶରେ ଥିବା ନୈତିକ ମୂଲ୍ୟବୋଧ :

୧) ଆଦର୍ଶ ଗ୍ରାମ

୨) ବିକେନ୍ଦ୍ରୀକରଣ

୩) ଆତ୍ମ -ନିର୍ଭରଶୀଳତା

୪) ଶିଳ୍ପାୟନ

୫) ନ୍ୟାସ ବ୍ୟବସ୍ଥା

**୨.** ପରିପୋଷକ ବିକାଶ ହେଉଛି ଏକ ବ୍ୟାପକ ପ୍ରସଙ୍ଗ । ଏଥିରେ ବିକାଶର ଅନେକ ଦିଗ ଦେଖିବାକୁ ମିଳେ । ଏହା ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ବିକାଶ ସାଧନ ନିମନ୍ତେ ଉଦ୍ଦିଷ୍ଟ । ନିରନ୍ତର ଭାବରେ ଜନସଂଖ୍ୟା ସ୍ତର ହ୍ରାସ, ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ଓ ଅର୍ଥନୈତିକ ନ୍ୟାୟ, ସାମାଜିକ ବିକାଶ, ଆର୍ଥିକ ବିକାଶ, ପରିବେଶ ସୁରକ୍ଷା, ପ୍ରଦୂଷଣ ନିରାକରଣ, ନିୟନ୍ତ୍ରଣ ଓ ପରିଚାଳନା, ସନ୍ତୁଳିତ ପରିବେଶ ବ୍ୟବସ୍ଥା ଓ ଜୈବ ବିବିଧତା ହାସଲ, ପ୍ରାକୃତିକ ସମ୍ବଳର ସଂରକ୍ଷଣ ଓ ଏହାର ବ୍ୟବସ୍ଥିତ ବ୍ୟବହାର, ପରିବେଶକୁ ସୁହାଇଲାଭଳି ଜ୍ଞାନ କୌଶଳର ବିକାଶ ଓ ଉପଯୋଗ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟାର ସମ୍ମୁଖୀନ ହେବା ଓ ଭବିଷ୍ୟତ ପିଢ଼ି ମାନଙ୍କର ଆବଶ୍ୟକତା ବ୍ୟାହତ ନହେବାକୁ ଆଖି ଆଗରେ ରଖି ବର୍ତ୍ତମାନ ପିଢ଼ିର ଚାହିଦା ପୂରଣ ଇତ୍ୟାଦି ପ୍ରସଙ୍ଗ ଗୁଡ଼ିକ ପରିପୋଷକ ବିକାଶର ଅନ୍ତର୍ଭୁକ୍ତ ।

## ଆତ୍ମପରୀକ୍ଷଣ ପ୍ରଶ୍ନ 'ଗ' ର ଉତ୍ତର

**୧.** ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ବିକାଶ ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳଗୁଡ଼ିକର କାର୍ଯ୍ୟାବଳୀ ନିର୍ଦ୍ଧାରଣ କରାଯାଇଥିଲା ।

୧) ଗ୍ରାମରେ ଉତ୍ପାଦନ କାର୍ଯ୍ୟକ୍ରମ ସ୍ଥିର କରିବା ।

୨) ସମବାୟର ମିଳିତ ସହଯୋଗରେ ଯୋଗାଣ ନିମନ୍ତେ ହେଉଥିବା ଆବଶ୍ୟକତା ଓ କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରିତା ନିମନ୍ତେ ଆବଶ୍ୟକ ହେଉଥିବା ଅର୍ଥର ବଜେଟ୍ ପ୍ରସ୍ତୁତି ।

୩) ସରକାରୀ ସହାୟତାର କ୍ରମବର୍ଦ୍ଧିଷ୍ଣୁ ଅଂଶକୁ ଗ୍ରାମରେ ପହଞ୍ଚାଇବାର ମାଧ୍ୟମ ହେବା ।

୪) ମୃତ୍ତିକା ସଂରକ୍ଷଣ ନିମନ୍ତେ ପଦକ୍ଷେପ ସମେତ ପତିତଜମି, ଜଙ୍ଗଲ, ପୁଷ୍କରିଣୀ ଇତ୍ୟାଦି ସର୍ବସାଧାରଣ ଜମିର ବିକାଶ ।

୫) ଗ୍ରାମର ସର୍ବସାଧାରଣ କୋଠାଘର, ନଳକୂଅ, ପୁଷ୍କରିଣୀ ଓ ରାସ୍ତାଘାଟ ଇତ୍ୟାଦିର ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ।

୬) ସହଯୋଗୀ ସହାୟତା ଓ ସମସ୍ତ କାର୍ଯ୍ୟ କଳାପରେ ମିଳିତ ଉଦ୍ୟମକୁ ସଙ୍ଗଠିତ କରିବା।

୭) ସମବାୟ ସମିତିର ବିକାଶ

୮) ସାମୁହିକ ବା ଗୋଷ୍ଠୀଭିତ୍ତିକ କାର୍ଯ୍ୟ ନିମନ୍ତେ ସ୍ୱେଚ୍ଛାକୃତ ଶ୍ରମ ଆୟୋଜନ।

୯) କ୍ଷୁଦ୍ର ସଞ୍ଚୟର ବିକାଶ କରିବା।

୧୦) ପ୍ରାଣୀଧନରେ ଉନ୍ନତି ଆଣିବା।

ଭୂପରିଚାଳନା କ୍ଷେତ୍ରରେ ପଂଚାୟତର କାର୍ଯ୍ୟ :-

୧) ପତିତଜମି, ଜଙ୍ଗଲ, ଆବାଦୀ ଜମି, ପୁଷ୍କରିଣୀ ଇତ୍ୟାଦି ସର୍ବସାଧାରଣ ଜମିର ବ୍ୟବହାର ନିମନ୍ତେ ଆଇନ୍ ପ୍ରଣୟନ।

୨) ଗ୍ରାମ୍ୟ ସମାଜର ଉପକାର ନିମନ୍ତେ ଜମି ଚାଷ।

୩) ସ୍ଥାନୀୟ ଅବସ୍ଥାକୁ ଆଖି ଆଗରେ ରଖି ଉତ୍ତମ ପରିଚାଳନା ଓ କୃଷିକାର୍ଯ୍ୟ ନିମନ୍ତେ ମାନ ନିର୍ଦ୍ଧାରଣ କରିବା।

୪) ଜମିଜମା ରେକର୍ଡ଼ ପରିଚାଳନା କାର୍ଯ୍ୟରେ ସହଯୋଗିତା।

୫) ଚାଷଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଆଇନ୍‌କୁ କାର୍ଯ୍ୟକାରୀ କରି ଉଦ୍‌ବୃତ୍ତ ଜମି ନିର୍ଦ୍ଧାରଣ କରିବା।

୬) ଜମିର ସର୍ବୋଚ୍ଚ ଧାର୍ଯ୍ୟ ସୀମା ନିୟମ ଲାଗୁ ପରେ ରହିଯାଇଥିବା ଉଦ୍‌ବୃତ୍ତ ଜମିର ପୁନର୍ବଣ୍ଟନ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ପଞ୍ଚାୟତ ଗୁଡ଼ିକୁ ନିମ୍ନଲିଖିତ ନ୍ୟାୟିକ କ୍ଷମତା ପ୍ରଦାନ କରାଯାଇଥିଲା।

୧) ଦେଓ୍ୱାନୀ ଓ ଫୌଜଦାରୀ ନ୍ୟାୟ ପରିଚାଳନା।

୨) କୃଷି ଶ୍ରମିକମାନଙ୍କ ନିମନ୍ତେ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ।

୩) ଜମିଜମାକୁ ନେଇ ହେଉଥିବା ଛୋଟଧରଣର ବିବାଦଗୁଡ଼ିକର ସମାଧାନ।

**୨.** ନବମ ପଞ୍ଚବାର୍ଷିକ ଯୋଜନାରେ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ଅଧୀନରେ ନିମ୍ନଲିଖିତ ପଦକ୍ଷେପ ନିମନ୍ତେ ଉଦ୍ୟମ କରାଯାଇଥିଲା।

୧) ହିତାଧିକାରୀ ସଙ୍ଗଠନ ଓ ସେମାନଙ୍କର ଦକ୍ଷତା ନିର୍ମାଣ, ସେମାନଙ୍କର ଗୋଷ୍ଠୀ ଭିତ୍ତିକ କାର୍ଯ୍ୟନିମନ୍ତେ ଯୋଜନା ପ୍ରସ୍ତୁତି, ଭିତ୍ତିଭୂମି, ବୈଷୟିକ ଜ୍ଞାନ, ଋଣ ଓ ବିପଣନ ଇତ୍ୟାଦି ଆତ୍ମନିଯୁକ୍ତିର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରି ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମକୁ ଏକ ସଫଳ କାର୍ଯ୍ୟକ୍ରମରେ ପରିଣତ କରାଯାଇଥିଲା ।

୨) ଆତ୍ମ ନିଯୁକ୍ତି ନିମନ୍ତେ ଗ୍ରାମାଞ୍ଚଳ ଯୁବକ ଯୁବତୀ ମାନଙ୍କର ପ୍ରଶିକ୍ଷଣ **(TRYSEM)**, ଗ୍ରାମାଞ୍ଚଳରେ ମହିଳା ଓ ଶିଶୁ ବିକାଶ **(DWCRA)**, **SITRA** ଓ **GKY** ଭଳି ପରିଯୋଜନା ଗୁଡ଼ିକର ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ସହିତ ମିଶ୍ରଣ ।

୩) ବ୍ୟକ୍ତିଗତ ହିତାଧିକାରୀ ତତ୍ତ୍ୱ ଗୋଷ୍ଠୀ ବା ପୁଞ୍ଜି ହିତାଧିକାରୀ ତତ୍ତ୍ୱ କୁ ଦ୍ରୁତଗତିରେ ପରିବର୍ତ୍ତିତ ହେଲା ।

୪) ଗୋଷ୍ଠୀଭିତ୍ତିକ ତତ୍ତ୍ୱ ସୁଗମ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେଗୁଡ଼ିକ ପରିପୁଷ୍ଟ କରିବା ନିମନ୍ତେ ପଦକ୍ଷେପ ନିଆଗଲା ।

୫) ଗୋଷ୍ଠୀ ବା ପୁଞ୍ଜିତତ୍ତ୍ୱ ନିମନ୍ତେ ପ୍ରତି ଜିଲ୍ଲାକୁ ପ୍ରତ୍ୟେକ ବ୍ଲକ୍‌ରୁ ୪ ରୁ ୫ଟି କାର୍ଯ୍ୟ ଗୋଷ୍ଠୀ ଚିହ୍ନଟ କରିବାକୁ ପଡ଼ିଲା । ସ୍ଥାନୀୟ ସମ୍ବଳ ଓ ଲୋକମାନଙ୍କର ବୃତ୍ତିଗତ ଦକ୍ଷତାକୁ ଆଧାର କରି ଏହି କାର୍ଯ୍ୟଗୋଷ୍ଠୀ ଚିହ୍ନଟ ହୋଇଥାଏ । ଚିହ୍ନଟ ହୋଇଥିବା କାର୍ଯ୍ୟକଳାପ ନିମନ୍ତେ ଆବଶ୍ୟକ ହେଉଥିବା ଭିତ୍ତିଭୂମିକୁ ପୁରାମାତ୍ରାରେ ପୂରଣ କରାଯାଇଥିଲା ।

୬) ପ୍ରକଳ୍ପ ନିମନ୍ତେ ଯୋଜନା ପ୍ରସ୍ତୁତି, କାର୍ଯ୍ୟାବଳୀ ଚିହ୍ନଟ, ଭିତ୍ତିଭୂମିର ଯୋଜନା ପ୍ରସ୍ତୁତି ତଥା ଦକ୍ଷତା ନିର୍ମାଣ ଓ ସ୍ୱୟଂସହାୟକ ଗୋଷ୍ଠୀ ଗୁଡ଼ିକର କାର୍ଯ୍ୟ ଚୟନରେ ବ୍ୟାଙ୍କ୍ ଗୁଡ଼ିକ ସଂଶ୍ଳିଷ୍ଟ ହୋଇଥିଲେ ।

୭) ଏକ କାଳୀନ ଋଣ ବ୍ୟବସ୍ଥା ବଦଳରେ ବହୁମୁଖୀ ଋଣ ବ୍ୟବସ୍ଥାର ପ୍ରଚଳନ ହୋଇଥିଲା ।

❑❑❑

ଟିପ୍ପଣୀ

ଟିପ୍ପଣୀ



ଟିପ୍ପଣୀ